ଜୈନ ଧର୍ମ

ପାଲି ଓ ପ୍ରାକୃତ ସାହିତ୍ୟ

ଡ଼ଃ ଅପର୍ଣ୍ଣା ପ୍ରଧାନ

ବିଷୟ ସୂଚୀ

॥ ପାଲି ସାହିତ୍ୟ ॥

୧. ଧର୍ମ ସାହିତ୍ୟ
୨. ତ୍ରିପିଟକେତର ପାଲି ସାହିତ୍ୟ

॥ ପ୍ରାକୃତ ସାହିତ୍ୟ ॥

୩. ଜୈନ ଆଗମ ସାହିତ୍ୟ
୪. ଆଗମେତର ଜୈନ ସାହିତ୍ୟ
୫. କାବ୍ୟ
୬. ନାଟ୍ୟସାହିତ୍ୟ

॥ ଅନୁକ୍ରମଣିକା ॥

ପାଲି ସାହିତ - ଲେଖକ ସୂଚୀ
- ଗ୍ରନ୍ଥ ସୂଚୀ

ପ୍ରାକୃତ - ଲେଖକ ସୂଚୀ
- ଗ୍ରନ୍ଥ ସୂଚୀ

ସହାୟକ ଗ୍ରନ୍ଥ ସୂଚୀ

୧. ଧର୍ମ ସାହିତ୍ୟ

ବୁଧ୍ଙ୍କ ସମସ୍ତ ଉପଦେଶ ମୌଖିକ । ସେଗୁଡ଼ିକ ତାଙ୍କ ଶିଷ୍ୟମାନେ ମନେ ରଖୁଥିଲେ । ଏହି ଉପଦେଶ ଗୁଡ଼ିକ ପରେ ସଂକଳନ କରାଯାଇ 'ତ୍ରିପିଟକ', (ସଂ.ତ୍ରିପିଟକ) ଭାବରେ ଖ୍ୟାତ । ତ୍ରିପିଟକ ଅର୍ଥାତ୍ "ତିନୋଟି ପରସ୍ତ ଥିବା ପେଟିକା", କାରଣ ଏହା ତିନୋଟି ଭାଗରେ ବିଭକ୍ତ ଯଥା : ସୁତ୍, ବିନୟ ଓ ଅଭିଧମ୍ମ ପିଟକ । ତ୍ରିପିଟକ ଶ୍ରୀଲଙ୍କାର ଥେର (ସ୍ଥବିର) ବାଦୀଙ୍କ ମୁଖ୍ୟ ଗ୍ରନ୍ଥ । ପରମ୍ପରାନୁସାରେ ଏହାର ସଂକଳନ ଓ ସଂଗାୟନ ଭଗବାନ ବୁଧ୍ଙ୍କ ମୃତ୍ୟୁ ପରେ ଖ୍ରୀ.ପୂ. ୪୮୩ରେ ରାଜଗୃହର ପ୍ରଥମ ସଂଗୀତି (ସଭା) ରେ ମହାକସ୍ସପ (ମହାକଶ୍ୟପ)ଙ୍କ ଅଭିଧାନକତ୍ୱରେ ହୋଇଥିଲା । ବୈଶାଳୀ ନିବାସୀ ବଜ୍ଜିପୁତ୍କ (ବୃଜି ପୁତ୍ର) ଭିକ୍ଷୁକମାନେ ବିନୟର ବିରୁଧ୍ୟାଚରଣ କଲେ । ଫଳତଃ ଏହାର ସୁବ୍ୟବସ୍ଥା ନିମିତ୍ ପ୍ରଥମ ସଂଗୀତିର ପ୍ରାୟ ଏକ ଶହ ବର୍ଷ ପରେ ବୈଶାଳୀ ନଗରୀରେ ଦ୍ୱିତୀୟ ସଂଗୀତି ଅନୁଷ୍ଠିତ ହେଲା । ଏଥିରେ ମହାସ୍ଥବିର ରେବତ ତଥା ସର୍ବକାମୀ ମୁଖ୍ୟ ଥିଲେ । ତୃତୀୟ ସଂଗୀତି ଅଶୋକ (ଖ୍ରୀ.ପୂ. ୨୬୪-୨୨୭) ଙ୍କ ପ୍ରେରଣାକ୍ରମେ ଅନୁଷ୍ଠିତ ହୋଇଥିଲା । ଏହି ସଂଗୀତିର ପିଟକ ଗୁଡ଼ିକର ଏକ ପ୍ରକାରର ପୂର୍ଣ୍ଣରୂପ ମିଳେ । ଏହି ସଂଗୀତିରେ ହିଁ 'ସ୍ୱତ୍ପିଟକ୍ର' ଉପଦିଷ୍ଟ ସିଧାନ୍ତ ଗୁଡ଼ିକର ଆଧାର ଉପରେ "ଅଭିଧମ ପିଟକ'ର ସୃଷ୍ଟି ଓ ଅଶୋକଙ୍କ ଗୁରୁ ମୋଗ୍‌ଗଲିପୁତ୍‌ତିସ୍‌ସ 'କଥାବତ୍ଥୁପ୍ପକରଣ'ର ସଂଗାୟନ କଲେ । ତିସ୍‌ସ ବୌଧ ସଂଘରେ ପ୍ରବିଷ୍ଟ ବହୁ ଭ୍ରାନ୍ତି ଧାରଣାର ନିରାକରଣ ମଧ କଲେ । ଏହାର ଅନ୍ୟ ଏକ ଉଲ୍ଲେଖଯୋଗ୍ୟ ଭୂମିକା ହେଉଛି ଏହି ସଂଗୀତିରେ ଗୃହୀତ ପ୍ରସ୍ତାବ ଅନୁସାରେ ବହୁ ପଡ଼ୋଶୀ ରାଜ୍ୟକୁ ବୌଧ୍ ଧର୍ମର ପ୍ରଚାର ନିମିତ୍ ଅନେକ ପ୍ରଚାରକଙ୍କୁ ପଠାଗଲା । ଏହି ପରଂପରାନୁଯାୟୀ ଅଶୋକଙ୍କ ପୁତ୍ର ମହିନ୍ଦ (ମହେନ୍ଦ୍ର)ଙ୍କୁ ଧର୍ମ ପ୍ରଚାରାର୍ଥେ ଶ୍ରୀଲଙ୍କା ଯିବାକୁ ପଡ଼ିଲା । ସେ ନିଜ ସହ ତ୍ରିପିଟକ ମଧ ନେଇଥିଲା ।

ଦୀର୍ଘକାଳ ଧରି ଶ୍ରୀଲଙ୍କାରେ ତ୍ରିପିଟକର ମୌଖି ପରମ୍ପରା ଚଳି ଆସୁଥିଲା । କିନ୍ତୁ ଦୀପର୍ବସ ତଥା ମହାର୍ବସଙ୍କ ଅନୁସାରେ ବଟ୍ଟଗମିନୀଙ୍କ ରାଜତ୍ୱକାଳ (ଖ୍ରୀ.ପୂ. ୨୯-୧) ରେ 'ଅଟ୍‌ଠ (ଅର୍ଥ) କଥା' ସହିତ ତାକୁ ଲିପିବଧ୍ କରାଗଲା । ସମସ୍ତ ତ୍ରିପିଟକର ମୂଳ ବୁଧ୍ ବଚନ, ଏଥିରେ ବିଦ୍ୱାନମାନଙ୍କ ମତଭେଦ ହୁଏ । ଏଥିରେ କେତେକ ଗାଥା ପ୍ରକ୍ଷିପ୍ତ ହେବା ବିଷୟ ପୁରୁଣା ଆଚାର୍ଯ୍ୟମାନେ ସ୍ୱୀକାର କରନ୍ତି । କିନ୍ତୁ ଏକଥା ନିଃସନ୍ଦେହରେ କୁହାଯାଇପାରେ ଯେ ଏଥିରେ ମୂଳ ବୁଧବଚନ ପୂର୍ଣ୍ଣରୂପରେ ସୁରକ୍ଷିତ । ସୂତ୍ର ଗୁଡ଼ିକର ଶୈଳୀ ଅତ୍ୟଧିକ ସଜୀବ ତଥା ସୂତ୍ରଗୁଡ଼ିକର ଆରମ୍ଭରେ ସେହି ସ୍ଥାନର ଉଲ୍ଲେଖ ରହିଛି ଯେଉଁଠାରେ ଭଗବାନ ବୁଧ୍ ନିଜେ ତାର ଉପଦେଶ ଦେଇଥିଲେ, ଉଦାହରଣ ସ୍ୱରୂପ, 'ଏକଂ ସମୟଂ ଭଗବାନ ସାବତ୍ଥିୟ ବିହରତି ଜେତବନେ ଅନାଥପିଣ୍ଡିକସ୍‌ସ ଆରେମ୍ ।' ଅର୍ଥାତ୍ ଏକ ସମୟରେ ଭଗବାନ ବୁଧ୍ ଶ୍ରୀବସ୍ତୀରେ ଅନାଥପିଣ୍ଡିଙ୍କ ଆରାମ, କେତବନରେ ବିହାର କରୁଥିଲେ । ଉପଦେଶ ଅବସରରେ ଯେଉଁ ପ୍ରଶ୍ନୋତ୍ର ହୋଇଥାଏ ତା' ସମ୍ବନ୍ଧରେ

ମଧ ସୂତ୍ରଗୁଡ଼ିକରେ ସୁନ୍ଦର ମିଳେ । ଯଥା - ଅଭିକନ୍ତଂ ଭୋ ଗୋତମ୍, ଅଭିକନ୍ତଂ ଭୋ ଗୋତମ, ସେଯ୍ୟ, ୟ-ଥାପି ଭୋ ଗୋତମ, ନିଜ୍‌କୁଜିତଂ ବା ଉକ୍‌କୁଜ୍ଜେୟ, ପଟିଚ୍ଛନ୍ନଂ ବା ବିବାରେୟ୍ୟ, ମୁଲହସ୍‌ସବା ମଗଗଂ ଆଚିକ୍‌ଖେୟ, ୟ, ଅନ୍ଧକାରେ ବା ତେଲପଜ୍ଜୋତଂ ଧାରେୟ, ୟ, ଚକ୍‌ଖୁମନ୍ତୀ ରୂପାନି ଦକଖନ୍ତୀତ ...... ।" ଅର୍ଥାତ୍ ହେ ଗୌତମ ! ଆପଣ ଭଲ କହିଲେ । ଯେପରି ଓଲଟାକୁ ସିଧା କରିଦେଲେ, ଆବୃତ୍‌କୁ ଆବରଣ ମୁକ୍ତ କଲେ, ପଥହରାକୁ ପଥ ପ୍ରଦର୍ଶନ କଲେ, ଅନ୍ଧକାରରେ ତେଲର ଦୀପାଳି ଜାଳିଲେ, ଯାହାଦ୍ୱାରା ଆଖିଥିବା ବ୍ୟକ୍ତି ରୂପକୁ ଦେଖି ପାରିଲେ ।

ସାଧାରଣତଃ ସବୁ ସୂତ୍ର ଗଦ୍ୟରେ ସବୁ ସୂତ୍ର ଗଦ୍ୟରେ ଲିଖିତ କିନ୍ତୁ ସ୍ଥଳ ବିଶେଷରେ ଗାଥା ଓ ପଦ୍ୟାକାରରେ ମଧ ଦେଖାଯାଏ । ଏ ଗୁଡ଼ିକର ଭାଷା ଓଜପୂର୍ଣ୍ଣ । 'ଧମ୍ମଚକ୍କ ପବତ୍‌ନ ସୁତ୍' ରେ ଭୋଗବାଦର ନିନ୍ଦା ପ୍ରସଙ୍ଗରେ ବୁଧ୍ କହନ୍ତି -

"...... ୟୋ ଚାୟଂ ଭିକ୍‌ଖବେ ! କାମେସୁ କାମସୁ ମୁଖଲ୍ଲିକାନୁୟୋଗୀ ହୀନୋ, ଗମ୍ମୀ, ପୋଥୁଜ୍ଜନିକୋ, ଅନରିୟୋ, ଅନତ୍‌ଥ ସଂହିତା.... ।" ଅର୍ଥାତ୍ - ଭିକ୍ଷୁମାନେ ।ଯେଉଁମାନେ "ଖାଅ-ପିଅ-ମଉଜ କର" ର ଅବଲମ୍ବୀ ସେମାନେ ବୁଝିବାକୁ ହେବ ଯେ ଏହା ଦୀନ, ଗ୍ରାମ୍ୟ, ଅନାର୍ଯ୍ୟ ଓ ଅନର୍ଥକର ମଧ ଅଟେ ...... ।

ସୁତ୍ ପିଟକ

ସୁତ୍ ପିଟକରେ କଥୋପକଥନ ମାଧମରେ ବୁଧ୍‌ଙ୍କ ପ୍ରଦତ୍ ଉପଦେଶାଦିର ସଂଗ୍ରହ ଦିଆଯାଉଛି । ଏଥିରେ ସାରାପୁତ ତଥା ମୋଗଗଲାନ ଆଦିଙ୍କ ଦ୍ୱାରା ଉପଦିଷ୍ଟ କେତେକ ସୂତ୍ର ସମ୍ମିଳିତ ଯାହାର ଅନୁମୋଦନ ଭଗବାନ ବୁଧ ଶେଷରେ କରନ୍ତି । ସୁତ୍‌ପିଟକ ୫ଟି ନିକାୟରେ ବିଭକ୍ତ ।ଯଥା - (୧) ଦୀର୍ଘନିକାୟ, (୨) ମଜ୍‌ଝିମ ନିକାୟ (୩) ସଂୟୁତ୍‌ନିକାୟ (୪) ଅଙ୍ଗୁତ୍‌ର ନିକାୟ ଓ (୫) ଖୁଦ୍ଦକ ନିକାୟ ।ଖୁଦ୍ଦକ ନିକାୟ ୧୨ଟି ଗ୍ରନ୍ଥରେ ବିଭକ୍ତ । ଯଥା : ଖୁଦ୍ଦକ ପାଠ, ଧମ୍ମପଦ, ଉଦାନ, ଇତିବୃତ୍‌କ, ସୁତ୍‌ନିପାତ, ବିମାନବତ୍‌ଥୁ, ପେତବତ୍‌ତୁ, ଥେରଗାଥା, ଥେରୀଗାଥା, ଜାତକ, ନିଦ୍ଦେଶ, ପଟିସମ୍ଭିଦାମଗ୍‌ଗ, ଅପଦାନ, ବୁଧ୍‌ବଂସ ଓ ଚରିୟାପିଟକ ।

ସୂତ୍ରଗୁଡ଼ିକର ଆକାର ଅନୁସାରେ ଏହାକୁ ୫ ଭାଗରେ ବିଭକ୍ତି କରାଯାଇଛି । ବଡ଼ ବଡ଼ ସୂତ୍ରଙ୍କ ସଂଗ୍ରହକୁ ଦୀର୍ଘନିକାୟ ରଖାଯାଇଛି ।ଦୀଘନିକାୟର ଉଧୃତି ବ୍ରହ୍ମଜାଲ ସୁତ୍ ଓ ସଯୁତ୍ ନିକାୟରେ ରହିଛି ।ପାଲିର ପ୍ରସିଧ୍ ବିଦ୍ୱାନ୍ ଆର.ଓ. ଫ୍ରାଙ୍କେଙ୍କ ମତରେ - D. is a homogeneously conceived literary work' (ଅର୍ଥାତ୍, ଦୀଘନିକାୟ ଏକ କ୍ରମବଧ୍ ସାହିତ୍ୟିକ ରଚନା) । କିନ୍ତୁ ଏହି ମତ ସହ ଅଧିକାଂଶ ସମାଲୋଚକ ଏକମତ ନୁହଁନ୍ତି ।ଏହି ନିକାୟର ଷୋଡ଼ଶ "ମହାପରିନିବ୍‌ବାନ (ମହାପରିନିର୍ବାଣ)" ସୁତ୍ ଅତ୍ୟଧିକ ମହତ୍ୱପୂର୍ଣ୍ଣ । ଏଥିରେ ବୁଧ୍‌ଦେବଙ୍କ ଜୀବନର ଶେଷ ସପ୍ତାହର

ଘଟଣାବଳୀ ବର୍ଣ୍ଣିତ । ଏଥିର ସୁତ୍ ସଂଖ୍ୟା ୩୪ ଓ ଏହା ନିମ୍ନୋକ୍ତ ତିନି ପ୍ରକାରରେ ବିଭକ୍ତ । ସୀଲକ୍‌ଖନ୍ଧ ବଗ୍‌ଗ (୧-୧୩), ମହାବଗ୍‌ଗ (୧୪-୨୩) ଓ ପାଟିକବଗ୍‌ଗ (୨୪-୩୪) ।

ମଜ୍‌ଝିମ-ନିକାୟରେ ମଧମ ଆକାରର ସୂତ୍ରାବଳୀ ରହିଛି । ଏଥିର ସୂତ୍ର ସଂଖ୍ୟା ୧୫୨ ଓ ଏହା ତିନି ଭାଗରେ ବିଭକ୍ତ । ପ୍ରତ୍ୟେକ ଭାଗ ୫୦ ସୂତ୍ରବିଶିଷ୍ଟ । ମୂଲପଣ୍ଣାସ (୧-୫୦) ମଜ୍‌ଝିମ ପଣ୍ଣାସର (୫୧-୧୦୦) ଓ ଉପରିପଣ୍ଣାସ (୧୦୧-୧୫୨) । ଏହାର କତିପୟ ସୂତ୍ର ଯଥା 'ରଟ୍‌ଠପାଲ' (୮୨ତମ), 'ମଖାଦେବ' (୮୩ତମ) ତଥା ଅସଲ୍ଲାୟଣ (୯୩ ତମ) ଅତ୍ୟନ୍ତ ସୁନ୍ଦର ।

ସଂଯୁତ୍ ତଥା ଅଂଗୁତ୍ତର ନିକାୟ ବସ୍ତୁତଃ ଅନ୍ୟ ନିକାୟଗୁଡ଼ିକର ପୂରକରୂପ ମାତ୍ର । ଏ ଦୁଇଟି ଉପରୋକ୍ତ ଦୁଇ ନିକାୟଠାରୁ ବଡ଼ ସଯୁତ୍ ନିକାୟରେ ଛୋଟ ବଡ଼ ୨ ପ୍ରକାରର ସୂତ୍ରରେ ସଂଗ୍ରହ କରାଯାଇଛି । ଏହା ୫ଟି ବଗ୍‌ଗ (ବର୍ଗ) ବିଶିଷ୍ଟ । ଯଥା : ସଗାଥବର୍ଗ, ନିଦାନବର୍ଗ, ସ୍କନ୍ଧବର୍ଗ, ଷଡ଼ାୟତନ ବର୍ଗ ଓ ମହାବର୍ଗ । ସଂଯୁତ୍ ନିକାୟର ସର୍ବାଧିକ ପ୍ରସିଧ୍ ସୁତ୍ "ଧମ୍ମଚକ୍‌କ ପବତ୍‌ନ" ସମ୍ୟକ୍ ସଯୁତ୍ ହେବା ପରେ ବୁଧ୍‌ଙ୍କ ପ୍ରଥମ ଉପଦେଶ ଏଥିରେ ବର୍ଣ୍ଣିତ । ଏଥିର ସଂଯୁକ୍ତ ଗୁଡ଼ଇକର ସଂଖ୍ୟା ୫୬ ଓ ସୁତ୍‌ଗୁଡ଼ିକର ସଂଖ୍ୟା ୨୮୨୯ ।

ଅଙ୍ଗୁତ୍ତର ନିକାୟରେ ଏକକ ନିପାତ, ଦ୍ୱିକ ନିପାତ, ତିକ ନିପାତ ଆଦି ଏଗାରଟି ନିପାତ ରହିଛି । ଏକ ଧର୍ମବୋଧକ ସୂତ୍ର ଏକକ ନିପାତ ଓ ଦ୍ୱିଧର୍ମ ବା ଉପଦେଶବୋଧକ ସୂତ୍ର ଦ୍ୱିକ ଭାବରେ ପରିଚିତ ।

ଖୁଦ୍ଦକ ନିକାୟ ସୂତ୍ର କ୍ଷୁଦ୍ର କ୍ଷୁଦ୍ର ସୂଚଙ୍କ ସମାହାର ମାତ୍ର । ଏଥିରେ ବିଭିନ୍ନ ପ୍ରକାରର ଗ୍ରନ୍ଥର ସମାବେଶ ରହିଛି । ଏହି ଗ୍ରନ୍ଥ ସମ୍ବନ୍ଧରେ ମଧ ଶ୍ରୀଲଙ୍କା, ବର୍ମା ତଥା ଶ୍ୟାମର ବୌଧ୍ ସମ୍ପ୍ରଦାୟ ଏକମତ ନୁହଁନ୍ତି । ଏହି ନିକାୟାନ୍ତର୍ଗତ ୧୫ଟି ଗ୍ରନ୍ଥର ସୂଚୀ ଶ୍ରୀଲଙ୍କାର ବୌଧ୍ ସମ୍ପ୍ରଦାୟଙ୍କ ଅନୁସାରେ ପ୍ରଦତ୍ ।

୧ ॥ **ଖୁଦ୍ଦକ ପାଠ** - ଏହା ନ'ଟି ସୂତ୍ର ବିଶିଷ୍ଟ । ଏହାକୁ ବୌଧ୍‌ମାନେ ପ୍ରତ୍ୟହ ପାଠ କରନ୍ତି । ଏହାର ପ□ମ, ଷଷ୍ଠ ତଥା ନବମ (ମଂଗଳ, ରତନ ତଥା ମେତ୍) ସୂତ୍ର 'ସୁତ୍‌ନିପାତ' ରେ ମିଳେ । ଏହାର ୭ମ ସୁତ୍ 'ତିରୋକୁଡ଼୍‌ଡ଼ ସୁତ୍' ପ୍ରେତଙ୍କ ସମ୍ବନ୍ଧୀୟ । ଏହି ପଦ ସିଂହଳ ଓ ବ୍ରହ୍ମଦେଶରେ ମୃତକ ଦାହ ସଂସ୍କାର କାଳରେ ପାଠ କରାଯାଏ ।

୨ ॥ **ଧମ୍ମପଦ** - ୪୨୩ ପ୍ରସିଧ୍ ଗାଥା ସଂଗ୍ରହ । ଏହା ବିଷୟାନୁସାରେ ୨୬ଟି ବର୍ଗରେ ବିଭକ୍ତ । ଗୀତା ପରି ବୌଧ୍ ଦେଶମାନଙ୍କରେ ଏହାର ପ୍ରାଧାନ୍ୟ ରହିଛି । ବିଶ୍ୱର ସମସ୍ତ ଭାଷାରେ ଏହା ଅନୁଦିତ । ଗାଥାଗୁଡ଼ିକ ମୁଖ୍ୟତଃ ବୁଧ୍‌ଙ୍କ ଜୀବନର କାର୍ଯ୍ୟାବଳୀ ସମ୍ବନ୍ଧୀୟ । ବୁଧ୍‌ଘୋଷଙ୍କ ଭାଷ୍ୟାନୁସାରେ ଏହି ଗାଥାଗୁଡ଼ିକ ଧର୍ମୋପଦେଶ ଭାବରେ ବୁଧ୍‌ଦେବ ନିଜେ ଶିଷ୍ୟବୃନ୍ଦ ଓ ଜନସମୁହଙ୍କ ସମକ୍ଷରେ ଉପସ୍ଥାପନ କରୁଥିଲେ ।

୩ ॥ **ଉଦାନ** - ଏହା ଭଗବାନ ବୁଧ୍ଙ୍କ ମୁଖନିଃସୃତ ଭାବାତିରେକରୁ ଉଧୃତ୍ ପ୍ରୀତିବାକ୍ୟର ସଂଗ୍ରହ ମାତ୍ର । ଏଗୁଡ଼ିକ ଗାଥା ରୂପରେ ଉଦ୍ଦିଷ୍ଟ । ଏଥିର ସୁତ୍ ସଂଖ୍ୟା ୮୦ ଓ ଏହା ୮ ଟି ବର୍ଗରେ ବିଭକ୍ତ ।

୪ ॥ **ଇତିବୃତ୍କ** - ଏହା ୧୧୨ଟି ସୁତ୍ ବିଶିଷ୍ଟ । ଏହା ଉଦାନ ଭଳି ଭଗବାନ୍ ବୁଧ୍ଙ୍କ ମୁଖନିଃସୃତ ପ୍ରୀତିବାକ୍ୟର ସଂଗ୍ରହବ ।

୫ ॥ **ସୁତ୍‌ନିପାତ** - ଏହା ପାଲି ସାହିତ୍ୟର ପ୍ରାଚୀନତମ ଗ୍ରନ୍ଥ । ଏହାର ପ୍ରଥମ ଚାରୋଟି ବର୍ଗ ୫୪ ସୁତ୍ ବିଶିଷ୍ଟ । ୫ମରେ "ପାରାୟଣ ବଗ୍‌ଗ'ରେ ପାଗଳ ବ୍ରାହ୍ମଣ ଭଗବାନ୍ ବୁଧ୍ଙ୍କ ଯେଉଁ ସବୁ ପ୍ରଶ୍ନ ପଚାରିଥିଲେ ତାର ଉତ୍ର ରହିଛି ।

୬ ॥ ବିମାନବତ୍‌ଥୁଓ ॥ ୭ ॥ ପେତବତ୍‌ଥୁ : ଏହାର ସଂକଳନ ତୃତୀୟ ସଂଗୀତି (ସଭା)ର କିଛିଦିନ ପୂର୍ବରୁ କରାଯାଇ ଥିଲା । ବିମାନବତ୍‌ଥୁରେ ୮୩ଟି କଥା ରହିଛି ଓ ଏଗୁଡ଼ିକ ୭ଟି ବର୍ଗରେ ବିଭକ୍ତ । ପେତବତ୍‌ଥୁରେ ୫୦ ଟି କଥା ରହିଛି ଓ ଏଗୁଡ଼ିକ ୪ଟି ବର୍ଗରେ ବିଭକ୍ତ । ପୂର୍ବଯୋନିରେ ଅଶୁଭ ତଥା ପାପକର୍ମ ଜନିତ ପ୍ରେତମାନଙ୍କୁ ଯେଉଁସବୁ ଯାତନା ଭୋଗ କରିବାକୁ ପଡ଼ିଥିଲା ତାର ବର୍ଣ୍ଣନା ରହିଛି ।

୮ ॥ ଥେର ଗାଥା ॥ ୯ ॥ ଥେରୀ ଗାଥା : ଏଥିର ଅଧିକାଂଶ ପଦ ଅତ୍ୟନ୍ତ ପ୍ରାଚୀନ । ଏଗୁଡ଼ିକ କୌଣସି ଜଣେ ବ୍ୟକ୍ତିର ରଚନା ନୁହେଁ, କାରଣ ଏଥିରେ ଏକ ରୂପତାର ଅଭାବ ରହିଛି । ଥେରଗାଥାରେ ୧୨୭୯ ତଥା ଥେରୀଗାଥାରେ ୫୨୨ଟି ଗାଥା ରହିଛି ।

୧୦ ॥ ଜାତକ - ଜାତକର ଅର୍ଥ ହେଉଛି ଜନ୍ମ ସମ୍ବନ୍ଧୀୟ । ସମ୍ୟକ୍ ସମ୍ବୃଧ୍ ହେବା ପୂର୍ବରୁ ଭଗବାନ ବୁଧ୍ ବୋଧିସତ୍ୱ ଥିଲେ । ବୋଧିସତ୍ୱର ଅର୍ଥ 'ବୁଧତ୍ୱ ନିମିତ୍ ପ୍ରୟନ୍‌ଶୀଳ ପ୍ରାଣୀ ।'

ଜାତକରେ ବୋଧିସତ୍ୱରେ ୫୪୭ ଜନ୍ମର ଉଲ୍ଲେଖ କରାଯାଇଛି । ତ୍ରିପିଟକରେ ଯେଉଁ ଜାତକର ସମାବେଶ ରହିଛି ତାହା କେବଳ ଗାଥା ସଂଗ୍ରହ । ଅଟ୍‌ଠକଥା ବ୍ୟତୀତ କେବଳ ଗାଥାରୁ ଜାତକର କଥାବୋଧ ହୁଏ ନାହିଁ । ଜାତକଟ୍‌ଠ କଥାରେ ଅଟ୍‌ଠ କତା ସହିତ ଜାତକ କଥାର ଆରମ୍ଭ ପୂର୍ବରୁ 'ନିଦାନ କଥା' ନାମକ ଏକ ସୁବିସ୍ତୃତ ଉପୋଦ୍‌ଘାତ ରହିଛି । ଏହି ନିଦାନ କଥାରେ ସିଧାର୍ଥ ଗୌତମ ବୁଧ୍ଙ୍କ ଜୀବନ ଚରିତ୍ର ସହ ତାଙ୍କ ପୂର୍ବରୁ ୨୭ ଜଣ ବୁଧ୍ଙ୍କର ଜୀବନ ଚରିତ ରହିଛି । ଏଥିରୁ ପ୍ରତୀତ ହୁଏ ଯେ ଏହା ବୁଧ୍‌ର୍ବସରୁ ଆନୀତ ।

ଜାତକର ଅଟ୍‌ଠ କଥା ତିନି ଭାଗରେ ବିଭକ୍ତ - (୧) ଦୁରେ ନିଦାନ (୨) ଅବିଦୂରେ ନିଦାନ (୩) ସନ୍ତିକେ ନିଦାନ । ବୋଧିସତ୍ୱ ଯେତେବେଳେ ସୁମେଧ ତପସ୍ୱୀର ଜନ୍ମ ଗ୍ରହଣ କରି ଭଗବାନ ଦୀଙ୍କରଙ୍କ ଚରଣରେ ଜୀବନ ସମର୍ପିତ କଲେ, ସେହି ସମୟଠାରୁ ଆରମ୍ଭ କରି 'ବେସ୍‌ସନ୍ତର' ଶରୀର ତ୍ୟାଗ, ତୁଷିତ ସ୍ୱର୍ଗଲୋକ ଉତ୍ପନ୍ନ ହେବା ପର୍ଯ୍ୟନ୍ତ କଥା 'ଦୂରେ

ନିଦାନ’ କୁହାଯାଏ । ତୁଷିତ ଲୋକରୁ ଚ୍ୟୁତ ହୋଇ ମହାମାୟା ଦେବୀଙ୍କ ଗର୍ଭରୁ ଉତ୍ପନ୍ନ ହୋଇ ବୋଧଗୟାରେ ବୁଧ୍‌ତ୍ୱ ପ୍ରାପ୍ତ କରିବା ପର୍ଯ୍ୟନ୍ତ କଥାକୁ ‘ଅବିଦୂରେ ନିଦାନ’ କୁହାଯାଏ ।

ଜାତକ କଥା ଦୁରେ ନିଦାନର ଅନ୍ତର୍ଗତ । ପ୍ରତ୍ୟେକ ଜାତକ କଥାର ଚାରି ଗୋଟି ବିଭାଗ ରହିଛି - (୧) ପ୍ରଚ୍‌ଚୁପନ୍ନ ବତ୍‌ଥୁ (୨) ଅତୀତବତ୍‌ଥୁ (୩) ଅତ୍‌ଥବଣ୍‌ଣନା ଓ (୪) ସମୋଧାନ । ପଚ୍ଚପନ୍ନବତ୍‌ଥରୁ ବୁଝାଯାଏ ଯେ ବର୍ତ୍ତମାନ କଥା ଅର୍ଥାତ୍ ଭଗବାନ ବୁଧ୍‌ଙ୍କ ଦ୍ୱାରା କଥିତ ପୁର୍ବଜନ୍ମ କଥା, ଅତ୍‌ଥ ବଣ୍‌ଣନାରେ ଏହି ଗାଥାର ବ୍ୟାଖ୍ୟା ବର୍ଣ୍ଣିତ । ଏଥିରେ ଗାଥା ଗୁଡ଼ଇକର ଶବ୍ଦାର୍ଥ ତଥା ବିସ୍ତୃତାର୍ଥ ରହିଛି । ସମୋଧନ ସଦୈବ ଶେଷକୁ ଆସେ ।

ଜାତକର ସମସ୍ତ ଗାଥା କୌଣସି ଜଣେ ବ୍ୟକ୍ତିର କୃତିରୂପେ ପ୍ରତୀତ ହୁଏ ନାହିଁ । (In the face of such diversity I cannot unhderstand how ‘the mass of the Jatake-Gathas as a whole amy be regarded as the personal Product of a single author’ ଗାଇଗର୍ -୨୧ ପୃଷ୍ଠା) ଏହାର ଭାଷା ଓ ଶୈଳୀ ଗଦ୍ୟ ପଦ୍ୟ ମିଶ୍ରିତ ।

୧୧ ॥ ନିଦ୍ଦେଶ - ଏହା ସୁତ୍‌ନିପାତର ଭାଷ୍ୟ ଯାହାର କର୍ତ୍ତା ହେଉଛନ୍ତି ସାରିପୁତ୍ ।

୧୨ ॥ ପଟିସମ୍ଭିଦାମଗ୍‌ଗ - ରେ ଅରହନ୍ତମାନଙ୍କ ଦ୍ୱାରା ଉପଲବ୍‌ଜ୍ଞାନର ଉଲ୍ଲେଖ ରହିଛି । ବିଷୟ ଦୃଷ୍ଟିରୁ ଏହା ଅଭିଧମ୍ମ ସାହିତ୍ୟର ବସ୍ତୁ ।

୧୩ ॥ ଅପଦାନ - ପଦ୍ୟବଧ୍ କଥାଗୁଡ଼ିକର ସଂଗ୍ରହ ଅଟେ । ଏଥିରେ ବୌଧ୍‌ସନ୍ଥ ମାନଙ୍କର ପୂର୍ବଜନ୍ମର ଶୁଭକର୍ମର ବର୍ଣ୍ଣନା କରାଯାଇଛି । ତ୍ରିପିଟକ - ସାହିତ୍ୟରେ ଏହା ସବୁଠାରୁ ପରବର୍ତ୍ତୀ କାଳର ରଚନା, କିନ୍ତୁ ସଂସ୍କୃତରେ ଲିଖିତ ବୌଧ୍ ଅବଦାନ ସାହିତ୍ୟଠାରୁ ଅତି ପ୍ରାଚୀନ ।

୧୪ ॥ ବୁଧ୍‌ବଂସ - ଏହା ୨୮ କାଣ୍ଡରେ ବିଭକ୍ତ ଏଥିରେ ୨୪ ଜଣ ଅତୀତ ବୁଧଙ୍କ କଥା ବର୍ଣ୍ଣିତ ।

୧୫ ॥ ଚରିୟା ପିଟକ - ପଦ୍ୟବଧ ୨୫ଟି ଜାତକର ସଂଗ୍ରହ ଅଟେ । ବୁଧ୍‌ତ୍ୱ ପ୍ରାପ୍ତ କରିବା ପୂର୍ବର, ବୋଧିସତ୍ୱାବସ୍ଥାରେ ବୁଧ୍ କେତେ ପ୍ରକାରର ଦଶଟି ପାରମିତାକୁ ପୂର୍ଣ୍ଣ କରିଥିଲେ, ଏଗୁଡ଼ିକ ବୁଧ୍‌ଙ୍କ ଦ୍ୱାରା କଥିତ । ଏଥିରେ କବିତ୍ୱର ଅଭାବ ସ୍ପଷ୍ଟ ପରିଲିକ୍ଷିତ । ଓ୍ୱି□ରନିଜ, ମହାଶୟଙ୍କ ମତାନୁସାରେ ଏହାର ରଚିୟତା କୌଣସି ପ୍ରବିର ହୋଇପାରନ୍ତି ।

ବିନୟ ପିଟକ

ବିନୟ ପିଟକରେ ସଂଘ ସଂଚାଳନ ସମ୍ବନ୍ଧୀୟ ନିୟମାବଳୀ ଓ ବୌଧ୍ ସନ୍ୟାସମାନଙ୍କ

ନୀତିନିୟମ ବର୍ଣ୍ଣିତ । ସଂକ୍ଷେପରେ ଏହାକୁ ସଂଘ ଶଶସନ ସମ୍ବନ୍ଧୀୟ, ନିୟମ କାନୁନର କୋଷ କହିଲେ ଅତ୍ୟୁକ୍ତି ହେବନାହିଁ । ବିନୟ ପିଟକର ନିମ୍ନଲିଖିତ ବିଭାଗ ରହିଛି -

୧। ସୁତ୍‌ବିଭଙ୍ଗ - (କ) ପାରାଜିକ (ଖ) ପାଚିତି୍ୟ

୨। ଖନ୍ଧକ - (କ) ମହାବଗ୍‌ଗ (ଖ) ଚୁଲ୍ଲବଗ୍‌ଙ୍କ

୩। ପରିବାର

୧. ସୁତ୍‌ବିଭଙ୍ଗ - ସୁତ୍‌ବିଭଙ୍ଗ ବସ୍ତୁତଃ 'ପାତିମୋକ୍‌ଖ ସୁତ୍' (ପ୍ରାତିମୋକ୍ଷ ସୂତ୍ର)ର ବ୍ୟାଖ୍ୟା ମାତ୍ର । ଏଥିରେ ଭିକ୍‌ଖୁପାତିମୋକ୍‌ଖ ତଥା ଭିକୁଖୁନୀ ପାତିମୋକ୍‌ଖର ଉଲ୍ଲେଖ କରାଯାଇଛି । ଏ ଦୁଇଟି ବିନୟ ପିଟକର ପ୍ରାମାଣିକ ଅଙ୍ଗ । ଉପୋସଥ, ଦିବସରେ ସଂଘର ଉପୋସଥାଗରରେ ଏକତ୍ରିତ ହୋଇ କୌଣସି ସ୍ଥାନ ବିଶେଷରେ ରହୁଥିବା ଭିକ୍ଷୁ ଓ ଭିକ୍ଷୁଣୀଙ୍କୁ ପାତିମୋକ୍‌ଖର ନିୟମ ଆବୃତି୍ କରିବା ଆବଶ୍ୟକ । ଏଥିରେ ଅପରାଧ ସ୍ୱୀକରଣ ସମ୍ବନ୍ଧୀୟ ନିୟମ ରହିଛି । ଅପରାଧ ମଧ ଗୁରୁତା ଅନୁସାରେ ବିଭକ୍ତ - ଯଥା : ପାରାଜିକଧମ୍ମ ଓ ଅନ୍ୟଟି ସଂଘାଦିସେସଧମ୍ମ । ସୁତ୍‌ବିଭାଙ୍ଗ ଦୁଇ ପ୍ରକାରର ଯଥା : ପାରାଜିକ ଓ ପାଚିତି୍ୟ । ଭିକ୍‌ଖୁପାତିମୋକ୍‌ଖ ତଥା ଭିକ୍‌ଖୁନୀ ପାତିମୋକ୍‌ଖରେ ଶିକ୍ଷାପଦର ସଂଖ୍ୟା ୨୨୭ ।

୨. ଖନ୍ଧକ - ବାସ୍ତବରେ ସୁତ୍‌ବିଭଙ୍ଗର ପୂରକ ଅଟେ । ଏଥିରେ ଭିକ୍ଷୁମାନଙ୍କର ଦୈନିକ ଜୀବନ ସମ୍ବନ୍ଧୀୟ ନିୟମାବଳୀ ଉଲ୍ଲେଖ କରାଯାଇଛି । ଖନ୍ଧକ ପୁଣି ଦୁଇ ଭାଗରେ ବିଭକ୍ତ ଯଥା : ମହାବଗ୍‌ଗ ଓ ଗୁଲ୍ଲବଗ୍‌ଗ । ମହାବଗ୍‌ଗରେ ୧୦ଟି ଖନ୍ଧକ (ସ୍କନ୍ଧକ) ରହିଛି । ପ୍ରଥମ ମହାସ୍କନ୍ଧକରେ ବୁଧଙ୍କ ବୁଧ୍‌ତ୍ୱ ଲାଭ, ଶିଷ୍ୟ ଉପାଧାୟର କର୍ତ୍ତବ୍ୟ ତଥା ଉପସମ୍ପଦାଦି ସମ୍ବନ୍ଧୀୟ ବିଚାର ବିମର୍ଷ ରହିଛି । ଦ୍ୱିତୀୟଟି : ଉପୋସଥ - ସ୍କନ୍ଧକରେ ଉପୋସଥ ଏବଂ ପ୍ରତିମୋକ୍ଷର ବିଧାନ ଏବଂ ଆବୃତି୍ ଆଦି ସମ୍ବନ୍ଧୀୟ ନିୟମ, ତୃତୀୟ 'ବର୍ଷୋପନାୟିକା ସ୍କନ୍ଧକ'ର ଭିକ୍ଷୁମାନଙ୍କ ବର୍ଷାବାସ ସମ୍ବନ୍ଧରେ, ଚତୁର୍ଥ 'ପ୍ରକାରରଣାରେ ସ୍ଥାନ, କାଳ ଓ ବ୍ୟକ୍ତି ସମ୍ବନ୍ଧୀୟ ନିୟମ,୫ମ 'ଧର୍ମ ସ୍କନ୍ଧକ'ର 'ଚରଣ ପାଦୁକା' ଜୋତା ପିନ୍ଧିବା ନିୟମ, ଷଷ୍ଠ 'ଭୈଷ୍‌ଜ ସ୍କନ୍ଧକ'ରେ ଔଷଧ ସମ୍ବନ୍ଧୀୟ, ସପ୍ତମ 'କଠିନ ସ୍କନ୍ଧକ'ରେ ବସ୍ତ୍ର ସମ୍ବନ୍ଧୀୟ ନିୟମ ବର୍ଣ୍ଣିତ । ବର୍ଷାବାସର ସମାପ୍ତି ପରେ ସମସ୍ତ ସଂଘର ସମ୍ମତିକୁ ସମ୍ମାନ ପ୍ରଦର୍ଶନ ନିମିତ୍ କୌଣସି ଭିକ୍ଷୁକୁ ଯେଉଁ ବସ୍ତ୍ର ଦିଆଯାଏ ତାକୁ 'କଠିନ' ଚୀବର' କହନ୍ତି । ଅଷ୍ଟମ 'ଚୀବନର ସ୍କନ୍ଧକ'ରେ କର୍ମ-ଅକର୍ମ ଏବଂ ନିୟମ ବିରୁଧ୍ ତଥା ନିୟମାନୁକୂଳ ଦଣ୍ଡ ସମ୍ବନ୍ଧୀୟ ବ୍ୟବସ୍ଥା ରହିଛି । ସଶମ 'କୌଶମ୍ବକ ସ୍କନ୍ଧକ'ର କୌଶାମ୍ବୀରେ, ଦେଷିତରାମ'ରେ ବିହାର କରୁଥିଲେ । ଏଥବରେ ଭିକ୍ଷୁ ସଂଘରେ କଳହ ତଥା ଧର୍ମବାଦୀ ଓ ଅଧର୍ମବାଦୀ ଆଦି ସମ୍ବନ୍ଧୀୟ ବିଚାର ରହିଛି ।

ମହାବଗ୍ଗ ପରେ ଏଥିରେ ଚୁଲ୍ଲବଗ୍ଗ ଆସେ । ଏଥିରେ ବି 'କର୍ମ, ପାରିବାସିକ, ସୁଚ୍ଚୟ, ଶମଥ କ୍ଷୁଦ୍ରକ ବସ୍ତୁ, ଶୟନ ଆସନ, ସଂଘଭେଦ, ବ୍ରତ, ପ୍ରତିମୋକ୍ଷ, ସ୍ଥାପନ ତଥା ଭିକ୍ଷୁଣୀ' ଆଦି ଦଶ ସ୍କନ୍ଧକ ରହିଛି । ବିନୟ ପିଟକରେ ଏଗାର ଓ ବାର ସ୍କନ୍ଧକରେ କ୍ରମଶଃ ରାଜଗୃହର ପ୍ରଥମ ସଂଗୀତି (ସଭା) ତଥା ବୈଶାଳୀରେ ଅନୁଷ୍ଠିତ ଦ୍ୱିତୀୟ ସଂଗୀତି ସମ୍ବନ୍ଧୀୟ ସଂଗୀତି ସମ୍ବନ୍ଧୀୟ ବିବରଣୀ ରହିଛି । ଉଇର ନିଜଙ୍କ ମତରେ - ଏହି ଦୁଇ ସ୍କନ୍ଧକ ବସ୍ତୁତଃ ବିନୟପିଟକରେ ପରେ ସମ୍ମିଳିତ ହୋଇଛି ଓ ଏକ ପ୍ରକାରର ଚୁଲ୍ଲବଗ୍ର ପରିଶିଷ୍ଟ ଅଟେ । ପରିବାର ବସ୍ତୁତଃ ବିନୟ ପିଟକର ମାତିକ୍ (ସୂଚୀ) । ଏହାର ରଚନା କାଦାଚିତ୍ ଶ୍ରୀଲଙ୍କାରେ ହୋଇଥିଲା ଓ ବହୁତ ପ୍ରାଚୀନତମ ରଚନା ।

ଅଭିଧର୍ମ ପିଟକ

ସୁତ୍ ପିଟକରେ ଉପଦିଷ୍ଟ ସିଧାନ୍ତରେ ଆଧାର ଉପରେ ହିଁ ବସ୍ତୁତଃ 'ଅଭିଧମ୍ମ ପିଟକ' ବିକାଶ ଲାଭ କରିଛି । ନିମ୍ନୋକ୍ତ ୭ଟି ଗ୍ରନ୍ଥ ଏହାର ଅନ୍ତର୍ଗତ :

(୧) ଧମ୍ମସଂଗିନୀ (୨) ବିଭଙ୍ଗ (୩) କଥାବତ୍ଥୁ (୪) ପୁଗ୍ଗଲପଞ୍ଚତି (୫) ଧାତୁକଥା ଅଥବା ଧାତୁକଥାପକରଣ ସମକ, (୭) ପଟ୍ଠାନପପାକରଣ ଅଟବା ମହାପଟଠାନ ।

ଏଗୁଡ଼ିକ ବୌଧ୍ଧର୍ମର ଦର୍ଶନଗ୍ରନ୍ଥ କୁହାଯାଏ । କିନ୍ତୁ ଏଗୁଡ଼ିକ ବ୍ରାହ୍ମଣ ଦର୍ଶନ ଗ୍ରନ୍ଥମାନଙ୍କ ଭଳି ନୁହଁନ୍ତି । ବୌଧ୍ଧର୍ମ "ଆତ୍ମା"ର ଅସ୍ତୀତ୍ୱକୁ ସ୍ୱୀକାର କରେ ନାହିଁ । ତଦନୁସାରେ ମନୁଷ୍ୟ ଚିତ୍ (mind) ଓ ଶରୀର (matter) ର ସଂଘାତ ମାତ୍ର । ଶରୀରକୁ ହିଁ ରୂପ କୁହାଯାଏ ଓ ଚିତ୍ର ଚାରୋଟି ଆକାର ରହିଛି, ଯଥା : ବେଦନା (feeling), ସଂଜ୍ଞା (conceptural knowledge), ସଂଖାର (synthetic mental states) ବିଜ୍ଞାନ୍ (consciounsness) । ଏହି ସଂଘାତର ଅବସ୍ଥାକୁ ଧମ୍ମ କୁହାଯାଏ । ଅଭିଧରୁ ପିଟକର ସର୍ବାଧିକ ପ୍ରାଚୀନ ଏବଂ ମହତ୍ୱପୂର୍ଣ୍ଣ ଗ୍ରନ୍ଥ । 'ଧମ୍ମସଂଗିନୀ' ରେ ଏହି ଧର୍ମର ପୂର୍ଣ୍ଣ ବିଶ୍ଳେଷଣ ଏବଂ ବିଭାଜନ କରାଯାଇଛି, ଯେପରି 'କୁସଲାଧମ୍ମା', 'ଅକୁସଲାଧମ୍ମା' ଆଦି । ଅଭିଧମ୍ମ ପିଟକର ଶେଷ ଛ'ଟି ଗ୍ରନ୍ଥରେ ଏହି ଧର୍ମର ସ୍ୱରୂପ ତଥା ପରସ୍ପର ସମ୍ବନ୍ଧ ଉପରେ ବିଚାର କରାଯାଇଛି । ଏହି ଧର୍ମର ବର୍ଗୀକରଣ ମଧ ଚାରି ଭାଗରେ କରାଯାଇଛି । ଏ ସଂପର୍କରେ ନିମ୍ନୋକ୍ତ ଗାଥା ଉଲ୍ଲେଖଯୋଗ୍ୟ -

"ତଥ୍ଥ ବୃତ୍ଭି ଚରୁଧା ପରତ୍ ଅତୋ ।
ଚିତ୍ ଚେତସିକଂ ରୁଫଂ ନିବ୍ବାସନମିତ ସବ୍ବଥା ।।"

ଅର୍ଥାତ୍, ପରମାର୍ଥର ଦୃଷ୍ଟିରେ ଅଭିଧର୍ମରେ ଚାରୋଟି ବିଷୟ ଉଧିଷ୍ଟ - ୧, (କୌଣସି ବସ୍ତୁକୁ ଜାଣିବା ଭଳି) ଚିତ୍ ୨. (ଚିତ୍ ସହ ସଂଯୁକ୍ତ ରହୁଥିବା) ଚୈତସିକ ୩. (ବିକାର ସ୍ୱଭାବ) ରୂପ ଓ ୪. (ତୃଷ୍ଣାରୁ ବିମୁକ୍ତ) ନିର୍ବାଣ ।

ଉପରେ ଅଭିଧମ୍ମ ପିଟକର ସାତୋଟି ଗ୍ରନ୍ଥରେ : କଥାବସ୍ତୁର ବି ନାମ ଉଲ୍ଲେଖ କରାଯାଇଛି । ପରସ୍ପରନୁସାରେ କଥାବସ୍ତୁର ସଂଗାୟନ ବୌଧ୍ ଧର୍ମର ତୃତୀୟ ସଂଗୀତିରେ ସମ୍ରାଟ ଅଶୋକଙ୍କ ଗୁରୁ ମୋଗଲିପୁତ୍ ତିସ୍ସ କରିଥିଲେ । ବୌଧ୍ ସଂଘରେ ଯେଉଁ ଅନେକ ଭ୍ରାନ୍ତଧାରଣ ପ୍ରଚଳିତ ହୋଇଥିଲା ତାର ନିରାକରଣ କରି ସେ 'ବିଭଜ୍ଜବାଦ'ର ସଂସ୍ଥାପନ କଲେ ।

ତ୍ରିପିଟକେତର ପାଲିସାହିତ୍ୟ

ପ୍ରଥମ ଯୁଗ : (ତ୍ରିପିଟକର ସମାପ୍ତିଠାରୁ ୫ମ ଶତାବ୍ଦୀ ପର୍ଯ୍ୟନ୍ତ - ଦ୍ୱିତୀୟ ଯୁଗ : (୫ମ ଶତାବ୍ଦୀଠାରୁ ଏକାଦଶ ଶତାବ୍ଦୀ ପର୍ଯ୍ୟନ୍ତ) - ତୃତୀୟ ଯୁଗ : (ଦ୍ୱାଦଶ ଶତାବ୍ଦୀରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ।

ପ୍ରଥମ ଯୁଗ

ଭାରତୀୟ ପରଂପରାନୁସାରେ ମହିନ୍ଦ (ମହେନ୍ଦ୍ର) ଆପଣାର ସିଂହଳ (ଶ୍ରୀଲଙ୍କା) ଯାତ୍ରାକାଳରେ ତ୍ରିପିଟକ ତଥା ଅଟ୍‌ଠ କଥା ସଙ୍ଗରେ ନେଇଥିଲେ । ଏହି ଅଟ୍‌ଠ କଥା ସାହିତ୍ୟର ଆଦାରରରେ ବୁଧ୍‌ଘୋଷ ଆପଣାର ଅଟ୍‌ଠ କଥା ଲେଖିଥିଲେ ଓ ଦୀପର୍ବସ ତଥା ଅନ୍ୟ ଇତିହାସ ସମ୍ବନ୍ଧୀୟ ଗ୍ରନ୍ଥର ଆଧାରଭୂତ ଏହି ଅଟ୍‌ଠ କଥା ଗୁଡ଼ିକ । ଏଗୁଡ଼ିକର ଦ୍ୱାଦଶ ଶତାବ୍ଦୀ ପର୍ଯ୍ରନ୍ତ ଶ୍ରୀଲଙ୍କାରେ ପ୍ରଚଳିତ ଥିବା କଥା ଅନୁମାନ କରାଯାଏ । ବିନୟପିଟକରେ ଅଟ୍‌ଠ କତା 'ସମନ୍ତ ପାସାଦିକା'ର ଆରମ୍ଭର ଗାଥାରେ ବୁଧଘୋଷ ଆପଣା ଏହି ଗ୍ରନ୍ଥର ଆଧାର ଅଟ୍‌ଠ କଥା ବୋଲି ଉଲ୍ଲେଖ କରିଛନ୍ତି । ବୁଧ୍ ଘୋଷଙ୍କ ଅନୁସାରେ ଏଗୁଡ଼ିକ ପ୍ରାଚୀନ ସିଂହର ଭାଷାରେ ଥିଲା । ବୁଧ୍‌ସ୍ରୀ (= ବୁଧ୍‌ଶ୍ରୀ) ଥେର (= ସ୍ଥବିର) ଙ୍କ ପ୍ରେରଣାରେ ସେ ଏହି ଅଟ୍‌ଠ କଥାଗୁଡ଼ିକ ସିଂହଳୀରୁ ପାଲିକୁ ଅନୁବାଦ କଲେ ।

ବୁଧ୍‌ଘୋଷଙ୍କ କୃତିରୁ ମୁଖ୍ୟ ଆଧାର ଥିଲା ମହା-ଅଟ୍‌ଠ କଥା । ଏତଦ୍‌ଭିନ୍ନ ସେ 'ମହାପଚ୍‌ଚରୀ' ତଥା କୁରାଣ୍ଡୀ ଅଟ୍‌ଠ କଥାରୁ ମଧ ସାହାଯ୍ୟ ନେଇଥିଲେ । 'ସଧ୍ମ ସଂଗ୍ରହ' (୧୫ ଶ ଶତାବ୍ଦୀ) ଅନୁସାରେ 'ସୁତ୍‌ପିଟକ'ର ମହା ଅଟ୍‌ଠ କଥା' ଅଭିଧମ୍ମର 'ମହାପଛରୀ ଅଟ୍‌ଠ କଥା ତଥା ବିନୟପିଟକର 'କୁରୁଣ୍ଡି ଅଟ୍‌ଠ କଥା' ଇତ୍ୟାଦିର ଭାଷ୍ୟ ଅଟେ । ଗନ୍ଧର୍ବସରେ ମଧ ଏଇ ତିନି ଅଟ୍‌ଠ କତାର ପ୍ରଣେତା । ପୋରାଣ (ପ୍ରାଚୀନ ଆର୍ଯ୍ୟଗଣ, ବୋଲି କୁହାଯାଏ । ଏଥିରୁ ସ୍ପଷ୍ଟ ଉପଲବ୍ଧ ଯେ ଶେଷ ଦୁଇଟି ଅଟ୍‌ଠ କଥା ପରବର୍ତ୍ତୀ ରଚନା । ବର୍ତ୍ତମାନ ପ୍ରାଚୀନ ସିଂହଳୀରେ ଲିଖିତ ଅଟ୍‌ଠ କଥାର ଉପଲବ୍‌ଧି ନାହିଁ ।

ବୁଧ୍ ଘୋଷଙ୍କ ପୂର୍ବରୁ ଦୁଇଟି ପୁସ୍ତକ - 'ନେତ୍ତିପ୍ପକରଣ' ଅଥବା 'ନେତ୍ତି' ଏବଂ "ଟେଟୀପଦେଶକୁ" ବର୍ମାରେ ତ୍ରିପିଟକାନ୍ତର୍ଗତ ବୋଲି ମାନନ୍ତି । ଏଗୁଡ଼ିକ ନାମରୁ ହିଁ ସ୍ପଷ୍ଟ ବୁଝାଯାଏ ଯେ ଏ ଦୁଇଟି ଗ୍ରନ୍ଥ ବସ୍ତୁତଃ ଶିକ୍ଷାର ଭୂମିକା ମାତ୍ର । ଏହାର ପ୍ରଣେତା ବୁଧ୍‌ଙ୍କ ପ୍ରସିଧ୍ ଶିଷ୍ୟ ମହାକଚ୍ଚାୟନ । କେତେକ ଏହାକୁ ଠିକ୍ ବୋଲି ଗ୍ରହଣ କରନ୍ତିନି । ସମ୍ଭବତଃ ଲେଖକଂକ ନାମ କଚ୍ଚାୟନ୍ ଯେହେତୁ ସେ ବୁଧ୍‌ଙ୍କ ପ୍ରସସିଧ୍ ଶିଷ୍ୟ ତେଣୁ କରି ସେ "ମହା କଚ୍ଚାୟନ" ନାମରେ ନାମିତ । E. Hardy ଏହି ନେତ୍ତିର କାଳନିର୍ଣ୍ଣୟନ ପ୍ରସଂଗରେ କହନ୍ତି 'ଏଗୁଡ଼ିକ ଖ୍ରୀଷ୍ଟାବ୍ଦର ପ୍ରଥମ ଭାଗରେ ରଚିତ' । 'ନେତ୍ତି' ତଥା 'ପେଟକ' ପ୍ରସଙ୍ଗରେ ସୁତ୍ ସଂଗ୍ରହର ଉଲେ୍ଖ ଆବଶ୍ୟକ । ସୁତ୍ ସଂଗହର ଲେଖକ ଓ ଏହାର କାଳ ନିର୍ଣ୍ଣୟ

ଅଦ୍ୟାବଧି ଅଜ୍ଞାତ । ଏହାର ଉଲ୍ଲେଖ ଏଠି କରାଗଲା କାରଣ ନେତି ଓ ପେଟକ ଏବଂ ମିଳିନ୍ଦପହ୍ନୋର ସମସାମୟିକ ବର୍ମାରେ ଏହି ଗ୍ରନ୍ଥକୁ 'ଖୁଦ୍ଦକନିକାୟ' ଅନ୍ତର୍ଗତ ବୋଲି କହନ୍ତି ।

ମିଲିନ୍ଦ ପଞ୍ଞଞହୋ - (ମିଲିନ୍ଦ ପ୍ରଶ୍ନପରେ ରାଜା ମିଲିନ୍ଦ ତଥା ଭିକ୍ଷୁ ନାଗସେନଙ୍କ ପ୍ରଶ୍ନୋତ୍ର ବର୍ଣ୍ଣିତ । ଏହା ପୂର୍ଣ୍ଣରୀତିରେ ସ୍ଥବିରବାଦୀ ଦୃଷ୍ଟିକୋଣରେ ପ୍ରତିନିଧି ଓ ବୌଧ୍ ସମାଜରେ ଏହାର ଖୁବ୍ ପ୍ରସାର ଦେଖାଯାଏ । ବୁଧଘୋଷ (୫ମ ଶତାବ୍ଦୀ) ପର୍ଯ୍ୟନ୍ତ ମିଲିନ୍ଦ ପ୍ରଶ୍ନ ଲୋକଙ୍କ ମଧରେ ପ୍ରର୍ଯ୍ୟାନ୍ତ ପ୍ରସିଧ୍ ଲାଭ କରିଥିଲାÏ । ସମ୍ଭବତଃ ଏହା ପ୍ରଥମ ଖ୍ରୀଷ୍ଟାବ୍ଦରେ ଲିଖିତ, କାରଣ ସେ ସମୟରେ ମିଲିନ୍ଦଙ୍କ ନାମ ଉତ୍ର ଭାତରରେ ସୁପରିଚିତ । ଏହାର ପ୍ରଣେତାଙ୍କ ନାମ ଅଦ୍ୟାବଧି ଅଜ୍ଞାତ । କେତେକ ବିଦ୍ୱାନଙ୍କ ମତରେ ଏହା ମୂଳତଃ ସଂସ୍କୃତ ଅଥିା ଅନ୍ୟ କୌଣସି ପ୍ରାକୃତରେ ଲେଖା ଯାଇଥିଲା । ଓ ପରେ ଏହାର ପାଲି ଅନୁବାଦ କରାଗଲା । ପାଲି ବ୍ୟତୀତ ମିଲିନ୍ଦ ପ୍ରଶ୍ନର ଏକ ଦ୍ୱିତୀୟ ସଂସ୍କରଣ - ଚୀନ ଭାଷାରେ ମିଳେ । ବହୁ ବିସ୍ତୃତ ବିବରଣୀରୁ ସ୍ପଷ୍ଟ ହୁଏ ଯେ ମିଲିନ୍ଦ ପ୍ରଶ୍ନ ସଂସ୍କୃତରେ ପ୍ରଥମେ ଲିଖିତ ଓ ପରେ ପାଲି ତଥା ଅନ୍ୟ ଚୀନ ଭାଷାରେ ଏହାର ଅନୁବାଦ କରାଗଲା । ମିଲିନ୍ଦ ପ୍ରଶ୍ନ ଛ' ଭାଗରେ ବିଭକ୍ତ : (୧) ପୂର୍ବୟୋଗ (୨) ମିଲିନ୍ଦ ପ୍ରଶ୍ନ (୩) ଲକ୍ଷଣ ପ୍ରଶ୍ନ (୪) ମେଣ୍ଡକ ପ୍ରଶ୍ନ (୫) ଅନୁମାନ ପ୍ରଶ୍ନ ଓ (୬) ଉପମା କଥା ପ୍ରଶ୍ନ । ପୁଣି ମିଲିନ୍ଦ ପ୍ରଶ୍ନର ଦୁଇଟି ଭାଗ ରହିଛି ଯଥା : ଲକ୍ଷଣ ଓ ବିମତିଚ୍ଛେଦନ ଓ ମେଣ୍ଡକ ପ୍ରଶ୍ନର ମହାବର୍ଗ ଓ ଯୋଗୀ କଥା ।

ବୁଧ୍ ଘୋଷର ବହୁପୂର୍ବରୁ ହିଁ ଦୀପର୍ବସର ରଚନା ସରିଥିଲା । ବସ୍ତୁତଃ ଏହା ମହାସେନଙ୍କ କେତ୍ୱକାଳ (ଖ୍ରୀ. ୩୨୫-୩୫୨ ପର୍ଯ୍ୟନ୍ତ)ର ଶ୍ରୀଲଙ୍କାର ଇତିହାସ ଅଟେ । ଯେହେତୁ ବୁଧଘୋଷ ଏହାକୁ ଜାଣିଥିଲେ ତେଣୁ ଏହାର ରଚନାକାଳ ଖ୍ରୀ ୩୫୦-୪୫୦ ମଧରେ ହୋଇପାରେ । ସାହିତ୍ୟିକ ଦୃଷ୍ଟିକୋଣରୁ ଏହାର କୌଣସି ମହତ୍ୱ ନାହିଁ କିନ୍ତୁ ଐତିହାସିକ ଦୃଷ୍ଟିକୋଣରୁ ଏହାର ମହତ୍ୱ ଖୁବ୍ ଉଲ୍ଲେଖଯୋଗ୍ୟ । ଏହାର ପ୍ରଣେତା ଅଟ୍ସକଥାରୁ କଥା ସାମଗ୍ରୀ ଉଧ୍ାର କରି ଏହି ରଚନା କରିଛନ୍ତି ।

ପ୍ରାଚୀନ ଭାରତୀୟ ପରଂପରା ସଂପର୍କୀୟ ବହୁ ତଥ୍ୟ ରହିଥିବା ଯୋଗୁଁ ଏହାକୁ ଗାଇଗର - The vehicle of an old historical tradition' ବୋଲି ମତ ଦିଅନ୍ତି ।

ଦ୍ୱିତୀୟ ଯୁଗ

ପାଲି ସାହିତ୍ୟର ଦ୍ୱିତୀୟ ଯୁଗର ପ୍ରାରମ୍ଭ ତ୍ରିପିଟକର ଅଟ୍ଠ କଥା ଠାରୁ ଆରମ୍ଭ ହୁଏ । ପାଲି ଅଟ୍ କଥାର ଆଧାରରେ ପ୍ରାଚୀନ ସଂହଳୀରେ ଲିଖିତ ଅଟ୍ଠକଥାରହିଛି । ଏହି ଅଟ୍ଠ କଥାର ପ୍ରଣେତା ଆଚାର୍ଯ୍ୟ ବୁଧ୍ଘୋଷ । ଶ୍ରୀଲଙ୍କାର ରାଜା ମହାନାମ (୪୫୮-୪୮୦)ଙ୍କ ଶାସନକାଳରେ ଭାରତରୁ ସେ ସିଂହଳ ଯାତ୍ରା କଲେ । ଅନୁରାଧାପୁରର ମହାବିହାରର

ସେ ତ୍ରିପିଟକ ତଥା ତାର ଅଟ୍‌ଠ କଥାଗୁଡ଼ିକର ଗମ୍ଭୀର ତାତ୍ତ୍ୱି - ଅଧ୍ୟୟନ କଲେ ଓ ପରେ ପାଲି ଅଟ୍‌ଠ କଥାଗୁଡ଼ିକର ପ୍ରଣୟନ ପାଇଁ ପ୍ରବୃତ୍ ହେଲେ । ସେ ନିମ୍ନୋକ୍ତ ଅଟ୍‌ଠ କଥା ଲେଖକ :

୧. ବିନୟ ପିଟକ - (୧) ସମନ୍ତ ପାସାଦିକା ବିନୟ ପିଟକର ଅଟ୍‌ଠକଥା ।
(୨) କଂଖାବିତରଣୀ - ପାତିଭୋକ୍‌ଖର ଅଟ୍‌ଠ କଥା ।

୨. ସ୍ୱତ୍‌ପିଟକ - (୩) ସୁମଙ୍ଗଲ ବିଲାସିନୀ - ଦୀର୍ଘନିକାୟର ଅଟ୍‌ଠ କଥା ।
(୪) ପଞ୍ଚଞ୍ଚ ସୁଜନୀ-ମଜଟ୍ ମନିକାୟର ଅଟ୍‌ଠ କଥା ।
(୫) ସାରତ୍‌ଥପକାସିନୀ - ସଂଯୁକ୍ତ ନିକାୟାର ଅଟ୍‌ଠ କଥା ।
(୬) ମନୋରଥ ପୂରଣୀ - ଅଙ୍ଗୁତ୍ତିର ନିକାୟର ଅଟ୍‌ଠ କଥା ।
(୭) ପରମତ୍‌ଥଜୋତିକା - ଖୁଦ୍ଦକନିକାୟର 'ଖୁଦ୍ଦକପାଠ' ତଥା ସୁତ୍ ନିପତ୍ର ଅଟ୍‌ଠ କଥା ।

୩. ଅଭିଧମ୍ମ ପିଟକ (୮) ଅଟ୍‌ଠ ସାଲିନୀ - ଧମ୍ମସଂଗିନୀର ଅଟ୍‌ଠ କଥା ।
(୯) ସମ୍ମୋହ ବିଦୋଦନୀ - ବିଭଙ୍ଗର ଅଟ୍‌ଠ କଥା ।
(୧୦) ପଞ୍ଚପ୍‌ପକରଣ ଅଟ୍‌ଠ କଥା - ଅଭିଧମ୍ମ ପିଟକର "ଧାତୁକଥା", "ପୁଗ୍‌ଗଲପିଞ୍ଚତ୍ତି", "ପଟ୍‌ଠାନାପପ୍‌କରଣ" ଅଟ୍‌ଠ କଥା ।

ଅଭିଧମ୍ମ ପିଟକର ଅଟ୍‌ଠକଥା ସାମାନ୍ୟ ରୂପରେ 'ପରାମତ୍‌ଥ କଥା' ନାମରେ ଅଭିହିତ କରାଯାଏ । ଏତଦ୍ ବ୍ୟତୀତ ଜାତକ, ଧମ୍ମପଦ ତଥା ଅପାଦାନର ଅଟ୍‌ଠ କଥାର ପ୍ରଣେତା ବୁଧ୍‌ଘୋଷ ବୋଲି କୁହାଯାଏ । କଥିତ ଅଛି ଯେ ସିଂହଳ ଯିବା ପୂର୍ବରୁ ସେ "ଜ୍ଞାଣୋଦୟ' 'ଅଟ୍‌ଠ ସାଲୀନି'ର ପ୍ରଣୟନ ଭାର ନେଇଥିଲେ ।

ଅଟ୍‌ଠ କଥା ପରିବର୍ତ୍ତେ ବୁଧ୍‌ଘୋଷଙ୍କ ସବୁଠାରୁ ପ୍ରସିଧ୍ କୃତି "ବି ସୁଧି ମଗ୍‌ଗ (ବିଶୁଧ୍ ମାର୍ଗ), ଅଟେ । ଏଥିରେ ବୌଧ୍ ଧର୍ମର ସିଧାନ୍ତଗୁଡ଼ିକର ସ୍ପଷ୍ଟୀକରଣ କରାଯାଇଛି । ଏ ଗ୍ରନ୍ଥର ଆରମ୍ଭ ଅତ୍ୟନ୍ତ ରୋଚକପୂର୍ଣ୍ଣ । ଶ୍ରୀବସ୍ତୀରେ ବିହାର କାଳରେ ଭାଗବାନ ବୁଧ୍‌ଙ୍କ ସମୀପରେ ଦେବସୂତ କୌଣସି ରାତିରେ ଆସି ଆପଣା ଭୟ ମିଟାଇବା ପାଇଁ ନିମ୍ନୋକ୍ତ ପ୍ରଶ୍ନ ପଚାରିଥିଲେ ।

ଅନ୍ତୋ ଜଟାବହି ଜଟା ଜଟାୟ ଜଟିତା ପଜା ।

ନଂତଂ ଗୋତମ ପୁଚ୍ଛାମି କୋଇମେ ବି ଜଟୟେ ଜଟନ୍ତି ।।

ଏହାର ସଂକ୍ଷିପ୍ତ ଅର୍ଥ ହେଲା - ଭିତରେ ଓ ବାହାରେ ଥିବା ଜଟାରେ ଅର୍ଥାତ୍ ଓ ପରାତ୍ମଭାବରେ ତଥା ଆଧାତ୍ମିକତା ଓ ବହିଃଆୟତରେ) ପ୍ରଜାମାନେ ଜଡ଼ିତ । 'ହେ ଗୌତମ ! ହେ ବୁଧ୍ ! ଏଇଥି ପାଇଁ ମୁଁ ଆପଣଙ୍କୁ ପଚାରୁଛି କି କିଏ ଏହି ଜଟାକୁ ବିକଟିତ କରେ ?

ଏ ପ୍ରଶ୍ନର ଉତ୍ତରରେ ସର୍ବଧର୍ମରେ ଅପ୍ରତିହତ ଜ୍ଞାନୀ ଦେବଙ୍କ ଦେବ, ଇନ୍ଦ୍ରମାନଙ୍କ ଇନ୍ଦ୍ର, ବ୍ରାହ୍ମାଙ୍କ ବ୍ରହ୍ମା, ଚତୁଃବିଶାରଦମାନଙ୍କ ମଧରେ ଭଗବାନ ବୁଧ୍ କହିଲେ -

ସୀଲେ ପତିଟ୍ଠାୟ ନରୋ ସପଞ୍ଞୋ
ଚିତ୍ତଂ ଭାବୟଂ
ଆତାପୀ ନିପକୋ ବ୍ଖୁ
ସୋଇମେ ବିଜଟୟେ ଜଟନ୍ତି ।

ଅର୍ଥାତ୍, ଶୀଳରେ ପ୍ରତିଷ୍ଠିତ ହୋଇ ସମାଧି ତଥା ବିଦର୍ଶନାର ଭାବନା କରୁଥିବା ବୀର୍ଯ୍ୟମାନ ତଥା ପ୍ରଜ୍ଞାବାନ୍ ଭିକ୍ଷୁ । ଏହି ଜଟାକୁ ବିଜଟିତ କରିବାରେ ସମର୍ଥ ।

ଶୀଳ, ସମାଧି ଓ ପ୍ରଜ୍ଞା ଏହି ତିନି ଭାଗରେ ହିଁ ବିଶୁଧ୍ ବିଶୁଧ୍ ମରାଗ ବିଭକ୍ତ । ଏହି ଗ୍ରନ୍ଥ ସଂସ୍କୃତରେ ଶାସ୍ତ୍ରୀୟ ଶୈଳୀରେ ପାଲି ଭାଷାରେ ଲିଖିତ ।

ଜାତକ ଓ ଜାତକଟ୍ଠ କଥା :

ତ୍ରିପିଟକରେ ଯେଉଁ ଜାତକ (ଗ୍ରନ୍ଥ) ଉଦ୍ଦିଷ୍ଟ ତାହା କେବଳ ଗାଥା ସଂଗ୍ରହ ମାତ୍ର । ଯେପରି ଧମ୍ମପଦ୍ ଓ ଧମ୍ମପଦ ଅଟ୍ଠ ଗାଥା ଦୁଇଟି ଭିନ୍ନ ରଚନା ଠିକ୍ ସେହିପରି ଜାତକ ଓ ଜାତକଟ୍ଠକଥା ପୃଥକ୍ ରଚନା । ଧମ୍ମପଦର ଅର୍ଥ ଯେପରି ଧମ୍ମପଦ ଅଟ୍ଠକଥା ବ୍ୟତୀତ ଅସଂପୂର୍ଣ୍ଣ ବୋଧହୁଏ ଠିକ୍ ସେହିପରି ଜାତକଟ୍ଠ କତା ବିନା ଜାତକର ମୂଲ୍ୟ ଅସଂପୂର୍ଣ୍ଣ ।

ଜାତକରେ କେବଳ ଭଗବାନ ବୁଧ୍ଙ୍କ ପୂର୍ବଜନ୍ମ ସମ୍ବନ୍ଧୀୟ ଗାଥା ଭରପୁର । 'ଜାକଟ୍ଠକଥା'ରେ ଅଟ୍ଠକଥା ସହିତ ପ୍ରକୃତ ଜାତକ କଥା ଆରମ୍ଭ ହେବା ପୂର୍ବରୁ ନିଦାନ କଥା ନାମକ ଏକ ଲମ୍ବା ଉଗୋଦ୍ଘାତ ରହିଛି । ଏଥିରେ ସିଧାର୍ଥ ଗୌତମ ବୁଧ୍ଙ୍କ ଜୀବନ ଚରିତ ସହ ତାଙ୍କ ପୂର୍ବର ୨୭ ବୁଧ୍ଙ୍କ ଜୀବନ ଚରିତ ରହିଛି । ଏହା ବୁଧ୍ବଂସରୁ ଉଧୃତ୍ କରାଗଲା ପରି ପ୍ରତୀତ ହୁଏ ।

ଜାତକଟ୍ଠକଥା ତିନି ଭାଗରେ ବିଭକ୍ତି, ଯଥା : ୧. ଦୂରେ ନିଦାନ, ୨. ଅବିଦୂରେ ନିଦାନ ଓ ୩. ସନ୍ତିକେ ନିଦାନ । ବୋଧିସତ୍ୱ ଯେତେବେଳେ ସୁଭୋଧ ତପସ୍ୱୀଙ୍କ ରୂପରେ ଜନ୍ମଗ୍ରହଣ କରି ଦୀପଙ୍କରଙ୍କ ଚରଣରେ ଜୀବନ ସମର୍ପଣ କଲେ । ସେ ସମୟରୁ ବେସ୍ସତ୍ରଙ୍କ ଶରୀରତ୍ୟାଗ, ତୁଷିତ ସ୍ୱର୍ଗଲୋକରେ ଉତ୍ପନ୍ନ ହେବା ପର୍ଯ୍ୟନ୍ତ 'ଦୂରେ ନିଦାନ' କୁହାଯାଏ । ତୁଷିତ ଲୋକରୁ ଚ୍ୟୁତ ହୋଇ ମହାମାୟୀ ଦେବୀଙ୍କ ଗର୍ଭରେ ଉତ୍ପନ୍ନ ହୋଇ ବୋଧିଗୟାରେ ବୁଧତ୍ୱ ପ୍ରାପ୍ତ ପର୍ଯ୍ୟନ୍ତ 'ଅବିଦୂରେ ନିଦାନ' ଭାବେ ପରିଚିତ । ଯେଉଁଠି ଭଗବାନ ବୁଧ୍ ବିହାର କାଳରେ ଜାତକ କଥା କହିଲେ ସେ ସ୍ଥଳରେ ଯେଉଁ ଉଲ୍ଲେଖ ରହିଛି ତାହା ସନ୍ତିକେ ନିଦାନ ଅଟେ ।

ଯେତେ ସବୁ ଜାତକ କଥା ରହିଛି ସେଗୁଡ଼ିକ 'ଦୂରେ ନିଦାନ' ଅନ୍ତର୍ଗତ । ପ୍ରତ୍ୟେକ

ଜାତକ କଥା ଚାରି ଭାଗରେ ବିଭକ୍ତ । ପଚ୍ଚୁପନ୍ନବତ୍‌ଥୁ, ଅତୀତବତ୍‌ଥୁ, ଅଟ୍‌ଠବଣ୍ଣନା ଓ ସମୋଧନ ।

ଜାତକ କଥା ବସ୍ତୁତଃ ଭାରତର ପ୍ରାଚୀନତମ କଥା । ଏଥିରେ ଅଧିକାଂଶର ମୌଖିକ ପରମ୍ପରା ପ୍ରାଚୀନ କାଳରୁ ପରିଚିତ । ଏଣୁ ଏଥିରେ ବୌଧ୍ ଓ ଅବୌଧ୍ ସଂପ୍ରଦାୟର ସମାନ ଅଧିକାର ରହିଛି । ଭଦନ୍ତ ଆନନ୍ଦ କୋସଲ୍ୟାୟନଙ୍କ ମତରେ - "ପ୍ରାଚୀନ କାଳର କଥା ସହିତ୍ୟ ଆଜିକାଲିକା ଭଳି ବୌଧ୍ ଓ ଅବୌଧ୍ ବିଭାଗରେ ବିଭକ୍ତ ହୋଇଥିଲା । ସେ ସମୟରେ ଗୋଟିଏ କଥା ବୌଧ୍ ସଂପ୍ରଦାୟ ହାତରେ ବୌଧ୍ ରୂପ ଓ ଅବୌଧ୍ କଳାକାରଙ୍କ ହାତରେ ଅବୌଧ୍ ରୂପ ଧାରଣ କରିଥିଲା ।

ଏହି ଜାତକଟ୍‌ଠଥିର ରଚୟିତା ଅଥବା ସଂଗ୍ରହାକର୍ତ୍ତା କିଏ ? ଗାଇଗରଙ୍କ ଅନୁମାନ - ଏହାର ପ୍ରଣେତା ଶ୍ରୀଲଙ୍କାର କୌଣସି ସ୍ଥବିର ହୋଇଥାଇ ପାରନ୍ତି । ସମ୍ଭବତଃ ସେହି ଲେଖକ ବୁଧ୍‌ଘୋଷ ଅଥବା ତାଙ୍କ ସମସାମୟିକ କୌଣସି ବ୍ୟକ୍ତିଙ୍କ ମଧ୍ୟରୁ ଅନ୍ୟ କିଏ ହୋଇ ପାରନ୍ତି ।

ଧମ୍ମପଦଟ୍‌ଠକଥା- ବସ୍ତୁତଃ ଜାତକକଥା ପରବର୍ତ୍ତୀ ରଚନା । ଏହାର ପ୍ରଥମଗାଥାରୁ ସ୍ପଷ୍ଟ ପ୍ରମାଣିତ ଯେ ଏହାର ମୂଲ୍ୟ ସିଂହଳୀ ଅଟ୍‌ଠକଥାରୁ ହିଁ ପାଲି ଭାଷାରେ ଅନୁଦିତ । କତିପୟ ବିଦ୍ୱାନଙ୍କ ମତ ଏହିକି ବୁଧ୍‌ଘୋଷ ଏହାର ପ୍ରଣେତା ନୁହଁନ୍ତି, କିନ୍ତୁ ଖୁବ୍ ସମ୍ଭବ କୌଣସି ପୁରାତନ ଅଟ୍‌ଠକଥାର ଆଧାରରେ ଏହି ଲିଖିତ । ଧମ୍ମପଦଟ୍‌କଥାରେ ପ୍ରତ୍ୟେକ ଗାଥା ଅଥବା ଗାଥାସମୂହର ରଚନା ସ୍ଥାନ ତଥା ଅବସର ଆଦିର ନିର୍ଦ୍ଦେଶ ମିଳେ । ପ୍ରଥମେ ଧର୍ମଦେସନା (ଧର୍ମୋପଦେଶ) ରୂପରେ ବୁଧ୍ କାହାଣୀ କୁହନ୍ତି ଓ ଶେଷରେ ଗାଥାରୂପେର କୁହନ୍ତି । ଧମ୍ମପଦଟ୍‌ଠକଥା ଜାତକଟ୍‌ଠକଥାର ପୂରକ ଅଟେ । ଏହାର କାହାଣୀ ମଧ୍ୟରେ ବୌଧ୍‌ଧର୍ମ ସମ୍ବନ୍ଧୀୟ ଭାବନା ଅନ୍ତର୍ନିହିତ । ଏଥିରେ କିସା ଗୌତମୀ କଥା ରହିଛି । ଏଥିରେ ସ୍ଥଳବିଶେଷରେ ଜାତକ, ନିକାୟ, ବିମାବତ୍‌ଥୁ, ପେତବଗ୍‌ଥୁ, ସୁତ୍‌ନିପାତ ତଥା ବିନୟ ପିଟକର ଉଧରଣ ମିଳେ ।

ବୁଧ୍‌ଦତ୍ ବୁଧ୍‌ଘୋଷଙ୍କ ସମାକାଳୀନ। ବୁଧ୍‌ର୍ବସ ସହାୟତାରେ "ମଧୁରଥବିଲାସିନୀ" ଅଥବା "ମଧୁରତ୍‌ଥପକାମିନୀ" ନାମକ ଅଟ୍‌ଠକଥାର ରଚନା କରିଥିଲେ । ଏହାଙ୍କ ଅନ୍ୟାନ୍ୟ କୃତି ମଧ୍ୟରେ ବିନୟ ବିନିଛୟ, ଉତ୍ତର ବିନିଛୟ, ଅଭିଧମ୍ମାବତାର ତଥା ଜିନାଳଂକାର ଅନ୍ୟତମ । ଏଥି ମଧ୍ୟରେ 'ବିନୟ ବିନିଛୟା' ଓ 'ଉତ୍ତରା ବିନିଛୟ' ବିନୟୁ ପିଟକ ସମ୍ବନ୍ଧୀୟ ରଚନା ସେହିପରି ଅଭିଧମ୍ମାବତାର ଅଭିଧମ୍ମପିଟକ ସମ୍ବନ୍ଧୀୟ । ବୁଧ୍ ଦତ୍ତଙ୍କ ପରେ ଆନନ୍ଦଙ୍କ ନାମ ଆସେ । ସେ ମୂଳଟୀକା ଅଥବା ଅଭିଧମ୍ମ ମୂଳଟୀକର ରଚୟିତା । ଏହା ଅଭିଧମ୍ମର ଅଟ୍‌ଠକଥା ଉପରେ ବର୍ଣ୍ଣିତ ସବୁଠାରୁ ପ୍ରାଚୀନମଟୀକା । କୁହାଯାଏ ଯେ ବୁଧ୍‌ମିତ୍ତଙ୍କ ପ୍ରେରଣଶରେ ବୁଧ୍‌ଦତ୍ ଏହି ଟୀକା ରଚନା କଲେ । ଆନନ୍ଦ ବୁଧ୍‌ଘୋଷଙ୍କ ସମକାଳୀନ

ଅଟନ୍ତି ।

ଖୁଦ୍ଦନିକାୟରେ କତିପୟ ଗ୍ରନ୍ଥ ଉଦାନ, ଇତିବୁତ୍ତକ ବିମାନ ଓ ପତେବତ୍ଥୁ, ଥେର ତଥା ଥେରୀଗାଥା ଏବଂ ଚରିୟା ପିଟକ ସମ୍ବନ୍ଧୀୟ କୌଣସି ଟୀକା ବୁଧ୍ଘୋଷ ଲେଖି ନାହାନ୍ତି । ଅତଏବ ଧମ୍ମପାଳ ଏହା ସମ୍ପର୍କରେ "ପରମତ୍ଥଦୀପନୀ" ଟୀକା ଲେଖିଥିଲେ । ନିମ୍ନୋକ୍ତ କେତେକ ରଚନା ଧମ୍ମପାଳଙ୍କ କୃତି -

୧. ମହାଟୀକା ଅଥବା ପରାମତ୍ଥ ମଂଜୁସା - ବିସୁଧ୍ ମଗ୍‌ଗର ଟୀକା ।

୨. ନେତ୍ତିପ୍ପକର ସାସ ଅତ୍ଥ ବର୍ଣ୍ଣନା - ଏହା ନେତ୍ତିର ଟୀକା ।

୩. ଲୀନାତ୍ଥ ବର୍ଣ୍ଣାନା ।

୪. ଲୀନାତ୍ଥ ପକାସିନୀ - ଏହା ଚାରି ନିକାୟ ଯଥା : ଦୀଘ, ମଜଝିମ, ସଂୟୁତ୍ ଓ ଅଙ୍ଗୁତ୍ତରର ଅଟ୍ଠକଥା ଉପରେ ଟୀକା ।

୫. ଜାତକଟ୍ଠକଥା ।

୬. ବୁଧ୍ଦତ୍ତଙ୍କ ଅଟ୍ଠକଥାର ଅନୁଟୀକା । ଧମ୍ମପାଳ ବୁଧ୍ଘୋଷଙ୍କ ପରେ ପାଲି ସାହିତ୍ୟର ସର୍ବାଧିକ ପ୍ରସିଧ୍ ଟୀକାକାର ।

ପାଲି ସାହିତ୍ୟର ପ୍ରାଚୀନ ଟୀକାକାରଙ୍କ ସଂକ୍ଷିପ୍ତ ସୂଚନା ନିମ୍ନରେ ପ୍ରଦତ୍ତ :

୧. ଚୁଲ୍ଲଧମ୍ମପାଲ - ଆନନ୍ଦଙ୍କ ଶିଷ୍ୟ ଓ 'ସଚ୍ଚସଂଖେପ' (Elements of Truths) ର ଲେଖକ ।

୨. ଉପସେନ - 'ନିଦ୍ଦେଶ' ଉପରେ ଲିଖିତ 'ସଧମ୍ମପ୍ପଜୋତିକା' ବା 'ସଧମ୍ମଟ୍ଠିତିକା' ଟୀକାର ଲେଖକ ।

୩. ମହାନାମ - "ପଟିସମ୍ଭିଦାମଗ୍ଗ"ର ଟୀକା "ସଧମ୍ମପ୍ପକାସିନୀ"ର ରଚୟିତା ।

୪. କସ୍ସପ - ମୋହବିଚ୍ଛେଦନୀ" ତଥା "ବମତିଚ୍ଛେଦନୀ"ର ରଚୟିତା ।

୫. ବଜିରବୁଧ୍ - "ସମନ୍ତପାସାଦିକା" ଉପରେ "ବଜିରବୁଧି" ଟୀକାର ରଚନା କରିଥିଲେ ।

୬. ଖେମ - "ଖେମପ୍ପକରଣ"ର ପ୍ରଣେତା ।

୭. ଅନୁରୁଧ୍ - "ଅଭିଧମ୍ମତ୍ଥ ସଂଗ୍ରହ"ର ଲେଖକ । ଅଭିଧମ୍ମ ଉପରେ ଲିଖିତ ଏହି ଗ୍ରନ୍ଥ ପ୍ରସିଧ୍ ଏବଂ ପ୍ରଚଳିତ । ଦ୍ୱାଦା ଶତାବ୍ଦୀର କେତୋଟି ପ୍ରସିଧ୍ ସ୍ଥବିର, ଏହାର ଟୀକା କରିଛନ୍ତି । ଅନୁରୁଧ୍ ଅଭିଧମ୍ମ ସମ୍ବନ୍ଧୀୟ ଆଉ ଦୁଇଟି ଗ୍ରନ୍ଥ

"ପରମତ୍ଥବିନଚ୍ଛୟ୍" ଓ 'ନାମରୂପ ପରିଚ୍ଛେଦ' ର ମଧ ରଚନା କରିଥିଲେ ।

ବିନୟ ପିଟକ ସମ୍ବନ୍ଧୀୟ ଦୁଇଟି ଗ୍ରନ୍ଥର ଉଲ୍ଲେଖ ଆବଶ୍ୟକ । ସେଗୁଡ଼ିକ ହେଲା ଧମ୍ମସିରିକୃତ 'ଖୁଧ୍ସକ୍‌ଖା' ତଥା ମହାସାମିନଙ୍କ ରଚିତ 'ମୁଲମିକ୍‌ଖା' । ଏଗୁଡ଼ିକରେ ଭିକ୍ଷୁମାନଙ୍କର ସଂଘ ସମ୍ବନ୍ଧୀୟ ନିୟମ କାନୁନ୍‌ର ବର୍ଣ୍ଣନା ରହିଛି ଓ ଘୋଷ ଘୋଷି ମନ ରଖିବାର ସୁବିଧା ପାଇଁ ଏଗୁଡ଼ିକ ପଦ୍ୟ ବଧ୍ କରାଯାଇଛି । ସିଂହଳୀ ଭାଷାରେ ଏଗୁଡ଼ିକ ଅନୁବାହ କରାଯାଇଛି ଓ ଏଗୁଡ଼ିକ ଉପରେ ଟୀକା ମଧ ଲେଖା ଯାଇଛି । ରାଜ ପରକ୍‌କମା ବାହୁ ପ୍ରଥମଙ୍କ ବୋଲୋନ୍ନରୁଅର ଗଲ ବିହାରରେ ଦ୍ୱାଦଶ ଶତାବ୍ଦୀର ମଧ ଭାଗରେ ଏକ ଶିଳାଲେଖରେ ଏହି ଗ୍ରନ୍ଥର ଉଲ୍ଲେଖ ରହିଛି । ଅତଏବ ଦ୍ୱାଦଶ ଶତାବ୍ଦୀ ପୂର୍ବରୁ ଏଗୁଡ଼ିକର ଲେଖା ସରିଲାଣି । ଏଣୁ ଏହା ଏକାଦଶ ଶତାବ୍ଦୀର ଶେଷ ଭାଗର ରଚନା ।

ପାଲି ସାହିତ୍ୟର 'ଦୀପବଂସ' ତଥା 'ମହାବଂସ' ଇତିହାସ ସମ୍ବନ୍ଧୀୟ ଦୁଇଟି ଗ୍ରନ୍ଥ । ଏଥିରେ ସିଂହଳ ଦେଶର ଇତିହାସ ବର୍ଣ୍ଣିତ । ମହାବଂସ, ଦୀପବଂସର ପରବର୍ତ୍ତୀ ରଚନା । ଏଗୁଡ଼ିକର ଭାବ, ବିଷୟ ପ୍ରାୟ ସବୁ ସମାନ । ଏଣୁ ଏଗୁଡ଼ିକର ରଚନା କୌଣସି ତୃତୀୟ ରଚନାବଳୀର ତଥାତପି ଦଳୀ ଭାଷାରେ ଲିଖିତ ଅଟ୍‌ଠକତାର ଅନୁକରଣ କରେ । ମହାବଂସର ଟୀକାରେ ଏହାର ଉଲ୍ଲେଖ ନିମ୍ନୋକ୍ତ ପ୍ରକାରେ -

"ଅୟଂହି ଆଚରିୟେ ଏତଥ୍ ପୋରାୀକମହିସୀହଲ ଅଟ୍‌ଠକଥା ମହାବଂସେ ଅତିବିତ୍ଥାର ପୁରନରୁଦତ୍ ଦୋସରାଦପୟାହଂତଂ ସୁଖଗ୍‌ଗଣାଦି ପ୍ରୟୋଜନଂ ସହିତଂ କରତ୍ୱା କୟେସି (ମହାବଂଶକାଟୀ - ପୃ-୨୫) - ଅର୍ଥାତ୍ 'ଆଚାର୍ଯ୍ୟ ପୁରାତନ ସିଂହଳ ଅଟ୍‌ଠ କତାରେ ଅତି ବିସ୍ତାର ତଥା ପୁନରୁକ୍ତି ଦୋଷକୁ ବାଦ୍‌ଦେଇ ସରଳ ବୋଧଗମ୍ୟ ହେବାଭଳି ମହାବଂଶ' ଲେଖିଲେ ।

ଦୀପବଂସ କାବ୍ୟ ଦୃଷ୍ଟିରୁ ନିତାନ୍ତ ଶୁଷ୍କ କିନ୍ତୁ ମହାବଂସ ଏକ ସୁରସ ଓ ଶ୍ରେଷ୍ଠ ମହାକାବ୍ୟ । ଏହା ମହାନଲୋକଙ୍କ ବଂଶର ପରିଚୟ ଦେଇଥିବାରୁ ଏହା ସ୍ୱୟଂ ହିଁ ମାହାନ ।

ଦୀପବଂସର ଲେଖକ କିଏ ତାହା ଅଦ୍ୟାବଧି ଅଜ୍ଞାତ, କିନ୍ତୁ ମହାବଂସର ଟୀକାକାରଙ୍କ ଅନୁସାରେ ଏହାର ପ୍ରଣେତାଙ୍କ ନାମ ମହାନାମ ସ୍ଥବିର ଥିଲା । ସେ ସ୍ଥବିର ଦୀଘସନ୍ଦଙ୍କ ଦ୍ୱାରା ନିର୍ମିତ ବିହାରରେ ରହୁଥିଲେ । ଦୀଘସନ୍ଦ ସେନାପତି ରାଜା ଦେବାନଂ ପିୟ ତିସ୍‌ସ (ଖ୍ରୀ.ପୂ. ୨୪୭-୨୦୭ ପର୍ଯ୍ୟନ୍ତ)ର ସେନାପତି ଥିଲେ । ବସ୍ତୁତଃ ତିସ୍‌ସ ତଥା ଦୁଟ୍‌ଠଗାମଣୀ (ଖ୍ରୀ.ପୂ. ୧୦୧-୭୭) ଆଦି ଏହି ଦୁଇ ରାଜାଙ୍କ ବର୍ଣ୍ଣନା ମହାବଂସରେ ବିଶେଷରୂପରେ ବର୍ଣ୍ଣିତ । ମୂଳବଂସ ସପ୍ତତିଂସ ପରିଚ୍ଛେଦର ପଚାସତମ ଗାଥାରେ ସମାପ୍ତ । ଗାଇଗରଙ୍କ ଅନୁସାରେ ଏହାର ରଚନା ଷଷ୍ଠଶତାବ୍ଦୀର ପ୍ରାରମ୍ଭରେ ରାଜା ଧାତୁସେନଙ୍କ ରାଜତ୍ୱ କାଳରେ ହୋଇଥିଲା । ଏହା ପରେ ବି ମହାବଂସର ଲେଖିବା ପରଂପରା ଖ୍ରୀଷ୍ଟାବ୍ଦ ୧୯୩୭ ପର୍ଯ୍ୟନ୍ତ

ଜାରୀ ହୋଇ ସମାପ୍ତ ହୋଇଥିଲା ।

ବୈୟାକରଣ କଚ୍ଚାୟନ ବୁଧ୍‌ଘୋଷଙ୍କ ପରବର୍ତ୍ତୀ ତାଙ୍କଲିଖିତ "କଚ୍ଚାୟତ ବ୍ୟାକରଣ" ଅଥବା "କଚ୍ଚାୟନ ଗନ୍ଧ" ପାଲି ଭାଷାର ପ୍ରାଚୀନତମ ବ୍ୟାକରଣ । R.O. Franke ଙ୍କ ଅନୁସାରେ ବୁଧ୍‌ଘୋଷ ଓ ଧମ୍ମପାଲଙ୍କ ପୂର୍ବରୁ ମଧ ବ୍ୟାକରଣ (ପାଲି ସାହିତ୍ୟରେ) ଥିଲା । ଏହି ବ୍ୟାକରଣ ଲେଖାର ପ୍ରଣାଳୀ କଚ୍ଚାୟନଙ୍କ ଠାରୁ ଢ଼େର ଭିନ୍ନ ଓ ବୋଧିସତ୍ୱଙ୍କ ବ୍ୟାକରଣ ଉପରେ ଆଧାରିତ ହୋଇଥାଇପାରେ । କଚ୍ଚାୟନ ବ୍ୟାକରଣର ସବୁଠାରୁ ବଡ଼ ତୃଟି ହେଉଛି ଯେ ସେ ସଂସ୍କୃତ ଓ ପାଲିର ଐତିହାସିକ ସମ୍ବନ୍ଧୀୟ ବିଷୟ ବର୍ଣ୍ଣନା କରିନାହାନ୍ତି । ଏହି କଚ୍ଚାୟନ ବୁଧ୍‌ଙ୍କ ଶିଷ୍ୟ ମହାକଚ୍ଚୟନଙ୍କ ଠାରୁ ଭିନ୍ନ କିମ୍ବା ପାଣିନିୟ ବ୍ୟାକରଣର ବାର୍ତ୍ତିକକାର କାତ୍ୟାୟନଙ୍କ ଠାରୁ ଭିନ୍ନ । ନେତି ତଥା ପେଟକର ପ୍ରଣେତା କଚ୍ଚାୟନ ଠାରୁ ମଧ ଏ ଜଣକ ଭିନ୍ନ । କଚ୍ଚାୟନ ଆପଣା ବ୍ୟାକରଣ ରଚନାରେ କାନ୍ତନ୍ତ୍ର ତଥା ପାଣିନିକ ବ୍ୟାକରଣ ବ୍ୟତୀତ କାଶିକାଙ୍କ ବ୍ୟାକାରଣର ମଧ ବ୍ୟବହାର କରିଛନ୍ତି । କାଶିକାଙ୍କ ରଚନାବଳୀ ସପ୍ତମ ଶତାବ୍ଦୀର । ଏହି ମହାବ୍ୟାକରଣ ବ୍ୟତୀତ କଚ୍ଚାୟନ 'ମହାନିରୁତ୍‌ଗନ୍ଧ' ତଥା 'ଚୁଲନିରୁତ୍‌ଗନ୍ଧ' ର ରଚୟିତା ଅଟନ୍ତି । କଳାୟନ ବ୍ୟାକରଣ ସମ୍ବନ୍ଧୀୟ ଗୁଡ଼ିକ ଟୀକା ଲେଖବ ପାଇଛନ୍ତି । ଏଥି ମଧରୁ ବିମଲବୁଧିକୃତ 'ନ୍ୟାସ' ଅନ୍ୟତମ । ଏହାର ଅନ୍ୟନାମଟି ମୁଖ୍ୟ ମଉଦୀପନୀ । ଦ୍ୱାଦଶ ଶତାବ୍ଦୀର ଶେଷ ଭାଗରେ ଏହା ଉପରେ ଛ'ପଦ 'ନ୍ୟାସରେ ପ୍ରଦୀପ' ନାମ ଟୀକା ଲେଖିଥିଲେ ।

ତୃତୀୟ ଯୁଗ

ସିଂହଳ ରାଜା ପ୍ରଥମ ପରକ୍ କମବାହୁ (୧୧୩୫-୧୧୮୬)ଙ୍କ ରାଜୁତି କାଳକୁ ପାଲି ସାହିତ୍ୟର ସ୍ୱର୍ଣ୍ଣଯୁଗ କୁହାଯାଏ । ଏହାଙ୍କ ତତ୍ୱାବଧାରେ ମହାକସ୍‌ସପ ଥେର ବୁଧଘୋଷ କୃତ ମାଗଧୀ ଭାଷାରେ ଲିଖିତ ଅଟ୍‌ଠକଥାର ଟୀକାର ପ୍ରସ୍ତୁତ କରିବା ସଂଗେ ସଂଗେ ଗୋଟିଏ ସଂଗୀତ (ସଭା)ର ଆୟୋଜନ କରିଥିଲେ । ସେହି ଟୀକାଗୁଡ଼ିକ ହେଲା -

୧. ସାରତ୍‌ଥଦୀପନୀ - ବିନୟ ପିଟକର ଅଟ୍‌ଠକଥା, ସମନ୍ତ ପାସାଦିକାର ଟୀକା ।

୨. ପଠମ-ସାରତ୍‌ଥମଂକୁସା - ଦୀଘନିକାୟର ଅଟ୍‌ଠ କଥା, ସୁମଙ୍ଗଲ ବିଲସିନୀର ଟୀକା ।

୩. ଦୁତୀୟ ସାରତ୍‌ଥମଂକୁସା - ମଜ୍‌ଝିମ ନିକାୟର ଅଟ୍‌ଠକଥା, ପପଞ୍ଚସୂଦନୀର ଟୀକା ।

୪. ତତିୟ ସାରତ୍ ଅମଂଜୁସା - ସଂଯୁକ୍ତ ନିକାୟର ଅଟ୍‌ଠକଥା, ସାରତ୍ ଥାପକାନୀସର ଟୀକା ।

୫. ଚତୁତ୍‌ଥ ସାରତ୍ ତମଂକୁସା - ଅଙ୍ଗୁତ୍ତର ନିକାୟର ଅଟ୍‌ଠକଥା, ମନୋରତ

ପୁରଣୀର ଟୀକା ।

୬. ପତମ ପରମତ୍ଥପରାକାସିନା - ଧମ୍ମସଂଗନୀର ଅଟ୍‌ଠକଥା, ସାଲିନାର ଟୀକା ।

୭. ଦୁତିୟ ପରମତ୍ଥ ପ୍ପକାସନୀ - ବିଭଙ୍ଗର ଅଟ୍‌ଠକତା, ସମ୍ମୋହନ ବିନୋଦନୀର ଟୀକା ।

୮. ତତିୟ ପରମତ୍ଥ ପ୍ପକାସିନୀ - ଧାତୁକଥା ଆଦିର ଅଟ୍‌ଠକଥା, ପ୍ପକରଣ ଟ୍‌ଠକଥାର ଟୀକା ।

ଏହି ଟୀକାଗୁଡ଼ିକ ମଧରେ ସାରିପୁତ୍‌କୃତ 'ସାରତ୍ ଥଦୀପନୀ' ପାଣ୍ଡୁଲିପି ଆଜି ମଧ ସଂରକ୍ଷିତ ।ପଞ୍ଚସୁଦନୀର ଟୀକା ଲୀନାତ୍ଥ ପକାସିନୀ' ମଧ ବସ୍ତୁତଃ ସାରିପୁତ୍‌ଙ୍କ ରଚନା । ମହାକସ୍‌ସପ ଦ୍ୱାରା ଆୟୋଜିତ ସଂଗୀତିର ବିବରଣ ମଧ ପ୍ରାଚୀନ ସଂଗୀତଗୁଡ଼ିକର ବିବରଣ ସଦୃଶ ।ଏହୀ ଟୀକା ସାହିତ୍ୟର ପ୍ରମୂତ ଉନ୍ନତି ସାଧନାରେ ସାରୀପୁତ୍ ତାଙ୍କ ଶିଷ୍ୟମାନଙ୍କର ବିଶେଷ ଦାନ ଅତୁଳନୀୟ । ଉପରୋକ୍ତ ଦୁଇ ଗ୍ରନ୍ଥ ବ୍ୟତୀତ "ବିନୟ ସଂଗ୍ରହ"କୁ ମଧ ସାରିପୁତ୍‌ଙ୍କ ରଚନା ରୂପେ ଗ୍ରହଣ କରାଯାଏ । "ବନ୍ଧବଂସ'ଙ୍କ ଅନୁସାରେ "ମନୋରଥ ପୁରଣୀ"ର ଟୀକା "ସାରତ୍ଥ ମଂଜୁସା" ମଧ ସାରିପୁତ୍‌ଙ୍କ ରଚନା ।

ସାରପୁତ୍‌ଙ୍କ ଶିଷ୍ୟମାନଙ୍କ ବିଷୟରେ ନିମ୍ନରେ ସଂକ୍ଷିପ୍ତ ଆଲୋଚନା କରାଗଲା -

୧. ସଂଘରକ୍‌ଖିତ - ଖୁଦ୍ଦବସିକ୍‌ଖା ଟୀକାର ପ୍ରଣେତା ।"ନୂତନ ଟୀକା" ମଧ ଏହାଙ୍କ ରଚନା ଓ ଏହାର ରଚନା କାଳ ମହାୟସଙ୍କ ଦ୍ୱାରା ପ୍ରଣୀତ ପୋରାଣ (ପ୍ରାଚୀନ) ଟୀକାର ପରବର୍ତ୍ତୀ ।

୨. ବୁଧ୍‌ନାଗ - "କଂଖାବିତରଣୀ" ରଟୀକା "ବିନୟତ୍ଥ ମଂଜୁସା" ର ରଚୟିତା । ଏହାର ପାଣ୍ଡୁଲିପି ଅଦ୍ୟାବିଧି ସୁରକ୍ଷିତ ।

୩. ବାତିସ୍‌ସର - ଗନ୍ଧବଂଶରେ ଏହାଙ୍କ ଲିଖିତ ୧୮ଟି ଗ୍ରନ୍ଥର ଉଲ୍ଲେଖ ମିଳେ । ଏଗୁଡ଼ିକ ମଧରୁ ନିମ୍ନୋକ୍ତ ଗ୍ରନ୍ଥର ହସ୍ତଲିଖିତାଂଶ ଅଦ୍ୟାବଧି ସୁରକ୍ଷିତ ।

(୯କ) ମୂଲସକ୍‌ଖା ଅଭିନବ ଟୀକା : ବିମଲସାର କୃତ ପୋରାଣ ଟୀକାର ପରବର୍ତ୍ତୀ । (କ) ସୀମାଲଙ୍କାର ସଂଗ୍ରହ 'ବିନୟ' ସମ୍ବନ୍ଧୀୟ । ବିଭିନ୍ନ ପ୍ରାନ୍ତ ବିଶେଷରେ ରହୁଥିବା ଭିକ୍ଷୁମାନଙ୍କ ଧାର୍ମିକ କୃତିମାନଙ୍କର ସଂଗ୍ରହ, ଯାହାକୁ ସେ ସଂଘରୂପରେ ଦେଖିଛନ୍ତି । (ଗ) ଖେମପକରଣ ଟୀ - "ଖେମଙ୍କ" ବିରଚିତ "ଖେମପ୍‌ପକରଣ"ର ଟୀକା (ଘ) ନାମରୂପ ପରିଚ୍ଛେଦ"ର ଟୀକା ।(ଙ) ସଚ୍ଚସଂଖେପ ଟୀକା - ସଚ୍ଚସଂଖେପ ଉପରେ ଆଧାରିତ ସୁମଙ୍ଗଲଙ୍କ ଟୀକାଠାରୁ ପୁରାତନ (ଚ) ଅଭିଧର୍ମ୍ମ ବତାର ଟୀକା - ବୁଧ୍‌ଦତଙ୍କ ପ୍ରସିଧ କୃତି । ଅଭିଧମ୍ମବତା'ର ଟୀକା । (ଛ) ରୂପାରୂପ ବିଭାଗ - ଏହାର ଅଭିଧମ୍ମ - ଏହାର ଅଭିଧମ୍ମ ସହ ସମ୍ବନ୍ଧ ରହିଛି ।

ଏତ୍‌ଦ ଭିନ୍ନ "ବିନୟ ବିନିଛୟ", ଉତ୍‌ର ବିନିଛୟ ଟୀକା ଏବଂ "ଖୁଦ୍ଦକସିକ୍‌ଖା" ଉପରେ ଆଧାରିତ 'ସୁମଙ୍ଗଲପ୍‌ସାଦମ୍ମ' ତଥା 'ଯୋଗନିକୟ' ଓ ପଛୟସଂହ' ଆଦି ଗ୍ରନ୍ଥର ଉଲ୍ଲେଖ ରହିଛି ।

୪. ସୁମଙ୍ଗଲ - ଅନୁରୁଧ୍‌ଙ୍କ ଅଭିଧମ୍ମତ୍‌ଥ ସଂଗ୍ରହ ଉପରେ ଅଭିଧମ୍ମତ୍‌ଥ ବିଭାବନୀ ଏବଂ 'ଅଭିଧମ୍ମାବତାର' ଉପରେ 'ଅଭିଧମ୍ମତ୍‌ଥ ବିଳାସିନୀ' ନାମକ ଟୀକାର ରଚୟିତା । ଏହାଛଡ଼ା ସଙ୍ଖେପ ଟୀକାର ମଧ ପ୍ରଣେତା । ଏହାର ଅନ୍ୟନାମ ହେଉଛି "ଅଭିନବ ଟୀକା" । ଏହି ତିନୋଟିଯାକ ଗ୍ରନ୍ଥର ହସ୍ତଲିଖିତାଂଶ ଆଜି ମଧ ସୁରକ୍ଷିତ ।

ସଧର୍ମ୍ମ ଜୋତିପାଲ ଅଥବା ଛ'ପଦ ସାରିପୁତ୍‌ଙ୍କ ଶିଷ୍ୟ ମଣ୍ଡଳୀ ମଧରୁ ଅନ୍ୟତମ । ସେ ବର୍ମାନିର୍ବାସୀ ଓ ସିଂହଳରେ ଖ୍ରୀ. ୧୧୭୦ ରୁ ୧୧୮୦ ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ କରିବାକୁ ଯାଇଥିଲେ । ଏହାଙ୍କ ଚରିତ (କ) ବିନୟ ସମୁଟ୍‌ଠାନ ଦୀପନୀ (ଖ) ପାତିମୋକଖ ବିସୋଧନୀ (ଗ) ବିନୟ ଗୁତାତ୍‌ଥ ଦୀପନୀ । ଏଥିରେ ବିନୟ ପିଟକର କଠିନାଂଶର ମୀମାଂସା କରାଯାଇଛି । ଏହା ବ୍ୟତୀତ ସେ (ଘ) ସୀମାଳଂକାର ସଂଗ୍ରହ ଟୀକା (ଙ) ମାତିକତ୍‌ଥ ଦୀପନୀ (ଚ) ପଟ୍‌ଠାନ ଗଣନାୟ (ଛ) ନାମଚାର ଦୀପ ଗ୍ରନ୍ଥ (ଜ) ଅଭିଧମ୍ମତ୍‌ଥ ସଂଗ୍ରହ ସଂଖେପ ଟୀକା ଓ (ଝ) ଗନ୍ଧସାର ମଧରୁ ଅନୁରୁଧ୍‌ଙ୍କ ପ୍ରଣୀତ "ଅଭିଧମ୍ମତ୍‌ଥ ସଂଗ୍ରହ'ର ଆଧାରଭୂତ "ଅଭିଧମ୍ମତ୍‌ଥ ସଂଗ୍ରହ ସଂଖେପ ଟୀକା' ସର୍ବପ୍ରସିଧ୍ । ଗନ୍ଧସାର ତ୍ରିପିଟକର କେତେକାଂଶର ସଂକଳନ ମାତ୍ର ।

ସାରିପୁତ୍‌ଙ୍କ ଶିଷ୍ୟଗଣ ବୌଧ୍‌ଧର୍ମ ଓ କଥା ସାହିତ୍ୟ କ୍ଷେତ୍ରରେ ଅଗ୍ରଗଣ୍ୟ ।

୧. ଧମ୍ମକିତ୍‌ତି - 'ଦାଠାବଂସ' ର ରଚନା କରିଥିଲେ ଓ ଏହି ରଚନା ଶେଷରେ ନିଜକୁ ସାରିତନଜୁଙ୍କ ଶିଷ୍ୟରୂପେ ଘୋଷଣା କରିଛନ୍ତି । ଏହା ତ୍ରୟୋଦଶ ଶତାବ୍ଦୀର ପ୍ରଥମ ଭାଗରେ ଲିଖିତ । ଏଥିରେ ବୁଧ୍‌ଙ୍କ 'ଦନ୍ତ-ଧାତୁ' କଥା ରହିଛି । ମହାବଂସରେ ଏ ସଂପର୍କୀୟ ଯେଉଁ ସାମଗ୍ରୀ ରହିଛି, ତାହାର ଆଧାର ସମ୍ଭବତଃ ସିଂହଳର ପରଂ ପରାନୁକ୍ରମେ ପ୍ରଚଳିତ ଦନ୍ତକଥା ଅଟେ । "ଦାଠାବଂସ"ରେ ଏ ସମସ୍ତ ସାମଗ୍ରୀର ଉପଯୋଗ କରାଯାଇଛି ।

୨. ବାଚିସ୍‌ସର - ସାରିପୁତ୍‌ଙ୍କ ଶିଷ୍ୟ ଓ 'ଥୂପବଂସ'ର ରଚୟିତା । ଏହା ଏକ ଗଦ୍ୟ ଗ୍ରନ୍ଥ । ଏଥିରେ "ନିଦାନକଥା' ସମସ୍ତ ପାସାଦିକା ତଥା ଟୀକା ସହିତ ମହାବଂସର କିଛି ଅଂଶ ସନ୍ନିବିଷ୍ଟ । କ୍ରୟୋଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଏହା ରଚିତ ।

୩. ବୁଧ୍ ରକ୍‌ଖିତ - "ଜିନାଳଂକାର' ର ରଚୟିତା । ଏହା ପଦ୍ୟରେ ଲିଖିତ ଓ ଏହି ଗ୍ରନ୍ଥର ଶୈଳୀ ନିତାନ୍ତ କୃତ୍ରିମ ଏବଂ ଅଳଙ୍କାର ପୂର୍ଣ୍ଣ । ଏହା ପ୍ରାରମ୍ଭରୁ ସମ୍ମାସମ୍‌ବୁଧ୍ ହେବା ପର୍ଯ୍ୟନ୍ତ ଭଗବାନ ବୁଧ୍‌ଙ୍କ ଜୀବନ ଚରିତ ଓ ଏହି ଗ୍ରନ୍ଥର ଶେଷରେ ଏହାଙ୍କ ନାମ ଓ ରଚନା କାଳ ସଂବତ୍ ୧୭୦୦ (ବୁଧାବ୍ଦ = ୧୧୬୬) ବୋଲି ଉଦ୍ଦିଷ୍ଟ । ବୁଧ୍‌ଚିତ୍ ଲିଖିତ

“ଦିନାଲଂକାର’ ସହ ଏହାର କୌଣସି ସମ୍ବନ୍ଧ ନାହିଁ ।

୪. ମେଧଂକର - “ଜିନ ଚରିତ’ର ପ୍ରଣେତା । ଶୈଳୀ ଅତୀବ କୃତ୍ରିମ । ଗ୍ରନ୍ଥର ଶେଷଭାଗରେ ସେ ଲେଖିଛନ୍ତି- ରାଜା ବିଜୟାବାହୁଙ୍କ ଦ୍ୱାରା ନିର୍ମିତ ପାରିବେଶରେ ଏହି ଗ୍ରନ୍ଥର ରଚନା କରିଛନ୍ତି । ଏଥିରୁ ସ୍ପଷ୍ଟ ହୁଏ ଯେ ମେଧଂକର ରାଜା ବିଜୟ୍ ବାହୁଙ୍କ ସମସାମୟିକ ।

ସିଂହଳର ପରମ୍ପରାଗତ ଉପଲବ୍ଧ ସାମଗ୍ରୀ ଦୃଷ୍ଟିରୁ “ମହାବଂସ’ର ଟୀକା “ବଂସତ୍ଥ ପ୍ପକାଶିନୀ’ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ଏହାର ଲେଖକଙ୍କ ନାମ ଓ କାଳ ଅଦ୍ୟାବଧି ଅଜ୍ଞାତ ସମ୍ଭବତଃ ଏହା ଦ୍ୱାଦଶ ଶତାବ୍ଦୀର ଲେଖା । ଏଥିରେ ଅଟ୍ଠକଥା ଗୁଡ଼ିକର ସାମଗ୍ରୀ ସମାବେଶ ହୋଇଥିବାରୁ ଖୁବ୍ ମହତ୍ୱପୂର୍ଣ୍ଣ ।

ବୈଦେହଙ୍କ ଥେରଙ୍କ ସମୟ କ୍ରୟୋଦଶ ଶତାବ୍ଦୀ । ଏହାଙ୍କ ଜନ୍ମ ବିପ୍ପଗାମର କତିପୟ ବ୍ରାହ୍ମଣ ବଂଶରେ । ସେ ଆନନ୍ଦ ଥେରଙ୍କ ଅନ୍ତେବାସୀ । ଏହାଙ୍କ ରଚନା ସମନ୍ତ କୁଟ ବର୍ଣ୍ଣନା ଓ ରସବାହିନୀ ସୁପ୍ରସିଧ୍ । ଏଥି ମଧରୁ ପ୍ରଥମ ଗ୍ରନ୍ଥଟି ପଦ୍ୟବଧ୍ ଓ ଏଥବରେ ବୁଧ୍ଙ୍କ ଜୀବନୀ ତଥା ବୁଧ୍ଙ୍କ ତୃତୀୟ ଥର ପାଇଁ ସିଂହଳ ଯାତ୍ରା ଓ ପଦାର୍ପଣ ବିଷୟ ବର୍ଣ୍ଣିତ । ତୃତୀୟ ଯାତ୍ରାକାଳରେ ଭଗବାନ ବୁଧ୍ ସମନ୍ତ କୁଟରେ ଆପଣା ବାମ ପାଦର ଚିହ୍ନ ପକାଇଲେ ଯାହା ଶ୍ରୀପଦ ନାମରେ ଅଭିହିତ । ଦ୍ୱିତୀୟ ଗ୍ରନ୍ଥ ରସବାହିନୀ ଗଦ୍ୟରେ ଲିଖିତ ଏକ କଥା ସଂଗ୍ରହ । ଏଥିରେ ମୂଳ ସିଂହଳରୁ ପାଲି ଭାଷାର ଅନୁବାଦ ରହିଛି । ମୂଳତଃ ଏହାକୁ ମହାବିହାରର ରଟ୍ଠପାଲି ପାଲିରେ ଅନୁବାଦ କରିଥିଲେ । କିନ୍ତୁ ପରେ ବୈଦେହଥେର ଏହାର ସଂଶୋଧନ ସଂସ୍କରଣ କରିଥିଲେ । ରସବାହିନୀରେ ସମୁଦାୟ ୧୦୩ଟି କାହାଣୀ ସଂଗ୍ରହ ସନ୍ନିବିଷ୍ଟ । ଏଥି ମଧରୁ ୪୦ଟି ଜମ୍ବୁଦ୍ୱୀପ ଓ ୬୩ଟି ଲଂକା ଦ୍ୱୀପ ସଂପର୍କୀୟ । ସହସ୍ସବତ୍ଥୁପ୍ପ କରଣରେ ଏକ ସହସ୍ର କାହାଣୀ ରହିଛି । କଥିତ ଅଛି ଯେ ଏଗୁଡ଼ିକ ବର୍ମାରୁ ସିଂହଳକୁ ଆନୀତ ।

ବୁଧ୍ପିପ୍ପିୟ - ବୈଦେହ ଥେରଙ୍କ ସମସାମୟିକ । ପଜ୍ଜମଧୁ କାବ୍ୟର ରଚୟିତା । ଏହି କାବ୍ୟଟି ୧୦୪ ପଦ ବିଶିଷ୍ଟ । ଏଥିରେ ଭଗବାନଙ୍କ ସୌନ୍ଦର୍ଯ୍ୟ ଓ ଜ୍ଞାନର ବର୍ଣ୍ଣନା ରହିଛି । ଗ୍ରନ୍ଥର ଶେଷରେ ପୂର୍ବବର୍ତ୍ତୀ ଗାଥାରେ ସେ ନିଜକୁ ଆନନ୍ଦଙ୍କ ଶିଷ୍ୟରୂପେ ପରିଚିତ କରିଛନ୍ତି ।

“ଅତ୍ନୁଗଲୁବିହାରବଂସ”ର ରଚନା ସମ୍ଭବତଃ ତ୍ରୟୋଦଶ ଶତାବ୍ଦୀର ଉତ୍ତରାର୍ଦ୍ଧ । ଏଥବରେ ଗଦ୍ୟ ଓ ପଦ୍ୟର ଖୁବ୍ ସୁନ୍ଦର ସମ୍ମିଶ୍ରଣ ଘଟିଛି । ଏଥିରେ ସଂଘବୋଧି ଏବଂ ତାଙ୍କ ପତ୍ନୀଙ୍କ ମୃତ୍ୟୁ ବିଷୟ ଉପଲବ୍ଧ । ତାଙ୍କର ମୃତ୍ୟୁ ସ୍ଥାନଠାରେ ଅତ୍ନଗୁଲବିହାରର ନିର୍ମାଣ କରାଯାଇଛି । ଏହାର ଲେଖକଙ୍କ ନାମ ଅଜ୍ଞାତ ।

ମହାନାମ କୃତ “ମହାବଂସ” ବିଶେଷ ରୂପରେ ‘ଚୂଳବଂଶ’ ନାମରେ ବିଖ୍ୟାତ । ଏହା

ସିଂହଳ ଦେଶର ଇତିହାସ । ପରମ୍ପରାନୁକ୍ରମେ ଏହାର ମୂଳ ଲେଖକ ଧମ୍ମକିତ୍ତି ଥେର । ମହାବଂସଙ୍କ ଅନୁସାରେ ସେ ଦ୍ୱିତୀୟ ପରକ୍କମବାହୁ (ତ୍ରୟୋଦଶ ଶତାବ୍ଦୀର ପୂର୍ବାର୍ଦ୍ଧ)ଙ୍କ ଶାସନ କାଳରେ ବର୍ମାରୁ ସିଂହଳକୁ ଆସିଥିଲେ । ଚତୁର୍ଥ ପରକ୍କମବାହୁଙ୍କ ସମୟରେ ମହାବଂସର ନୂତନ ସାମଗ୍ରୀର ସମାବେଶ ରହିଛି । ମହାବଂସର ଦ୍ୱିତୀୟ ଖଣ୍ଡର ୩୭ରୁ ୯୦ ଅଧ୍ୟାୟ ମଧ୍ୟରେ ପଥମ ପରକ୍କମବାହୁ (୧୧୫୩-୧୧୮୬)ଙ୍କ ସୁଶାସନ ବର୍ଣ୍ଣିତ । ଷଷ୍ଠଦଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ରାଜା କିଭିସଭରି ଆପଣା ଯୁଗର ଇତିହାସ ମହାବଂସରେ ସନ୍ନିବିଷ୍ଟ କଲେ । ଏହାର ୧୦୧ ତମ ଅଧ୍ୟାୟରେ ସିଂହଳରେ ଇଂରେଜ ଆଗମନ ପର୍ଯ୍ୟନ୍ତ ବର୍ଣ୍ଣନା ମିଳେ ।

ତ୍ରୟୋଦଶ ଓ ଚତୁର୍ଦ୍ଦଶ ଶତାବ୍ଦୀର ସନ୍ଧିକାଳରେ ପାଲି ସାହିତ୍ୟର ବିକାଶ ପଥରେ ଯେଉଁ ଗ୍ରନ୍ଥ ଓ ଗ୍ରନ୍ଥପ୍ରଣେତାମାନେ ସହଯୋଗ କରିଥିଲେ ସେଗୁଡ଼ିକ ହେଲା -

୧. ସାର ସଂଗ୍ରହ - ଧର୍ମ ସମ୍ବନ୍ଧୀୟ ଏହି ଗ୍ରନ୍ଥର ପ୍ରଣେତା ସିଦ୍ଧତ୍ଥ । ଗ୍ରନ୍ଥ ଶେଷରେ ଲେଖକ ନିଜକୁ ବୁଦ୍ଧପିପୟଙ୍କ ଶିଷ୍ୟରୂପେ ସ୍ୱୀକାର କରିଛନ୍ତି । "ମୋଗଲ୍ଲାନ ପିକାପଦୀପ"ରେ ସାରସଂଗ୍ରହର ଉଲ୍ଲେଖ ରହିଛି । ପଦୀପର ରଚନାକାଳ ଖ୍ରୀଷ୍ଟୀୟ ୧୪୫୭ ଅତଏବ ନିଶ୍ଚିତ ଭାବେ କୁହାଯାଇପାରେ ଯେ ଏହାର ପଦୀପର ପୂର୍ବବର୍ତ୍ତୀ ରଚନା ।

୨. ସଦ୍ଧମ୍ମ ସଂଗ୍ରହ - ଧମ୍ମକିତ୍ତି ମହାସାମିନ ଏହାର ପ୍ରଣେତା । ପାଲିବାଙ୍ମୟର ସେ ହେଉଛନ୍ତି ଶେଷ ଧମ୍ମକିତ୍ତି । ଏହାଙ୍କ ନବମ ଅଧ୍ୟାୟରେ ଅନେକ ଗ୍ରନ୍ଥ ଏବଂ ଗ୍ରନ୍ଥକାରଙ୍କ ନାମୋଲ୍ଲେଖ ରହିଛି । ଏଥି ମଧ୍ୟରୁ ଅନ୍ତିମ ରଚନାର ରଚନାକାଳ ହେଉଛି ତ୍ରୟୋଦଶ ଶତାବ୍ଦୀ । ଏହା ୪୦ଟି ଅଧ୍ୟାୟ ବିଶିଷ୍ଟ । ବାସ୍ତବରେ ଏହା ପ୍ରଥମ ସଂଗୀତିରୁ ଆରମ୍ଭ କରି ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ ବୌଦ୍ଧଧର୍ମର ଇତିହାସ ଓ ବୌଦ୍ଧଧର୍ମ ସମ୍ବନ୍ଧୀୟ କେତେକ ନୂତନ ତଥ୍ୟର ଉଲ୍ଲେଖ ରହିଛି ।

ଚତୁର୍ଦ୍ଦଶ ଶତାବ୍ଦୀରେ ନିମ୍ନୋକ୍ତ ଗ୍ରନ୍ଥର ପ୍ରଣୟନ କରାଯାଇଛି :

୧. ଲୋକପ୍ପଦୀସାର - ସାସନବଂସ ଅନୁସାରେ ଏହାର ରଚୟିତା ବର୍ମାର ଭିକ୍ଷୁମେଧଙ୍କର, ସେ ସିଂହଳରେ ବୌଦ୍ଧଧର୍ମ ତଥା ପାଲିଭାଷା ଓ ସାହିତ୍ୟର ଗଭୀର ଅଧ୍ୟୟନ କରିଥିଲେ । ଏଥିବରେ 'ସଂଖ୍ୟାରଲୋକ'ରେ ନରାକ, ପ୍ରେତ, ପଶୁ ଏବଂ ମାନବଯୋନିଙ୍କ ତଥା 'ସତ୍ତଲୋକ' ଏବଂ ଓକାଲୋକ'ରେ ବିବିଧ ଯୋନିର ବର୍ଣ୍ଣନା ରହିଛି ।

୨. ୫ଗତିଦୀପନ - ଏହା ୧୧୪ ଗାଥା ବିଶିଷ୍ଟ । ଏହି ଗାଥାଗୁଡ଼ିକର ପୁନର୍ଜନ୍ମ ରୂପରେ ପଶୁ, ପ୍ରେତ, ମାନବ କିମ୍ବା ଦେବ ଯୋନିଙ୍କ ବର୍ଣ୍ଣନା ରହିଛି । ଏହାର ପ୍ରଣେତା ଓ ଏହାଙ୍କ ରଚନାକାଳ ଅଦ୍ୟାବଧି ଅଜ୍ଞାତ ।

୩. ବୁଦ୍ଧଘୋସୁପ୍ପତ୍ତି - ମହାମଙ୍ଗଲ ଏହାର ପ୍ରଣେତା । ଯଦି ଏହି ବ୍ୟକ୍ତି

ବେୟାକରଣକାର ମଙ୍ଗଲ ତେବେ ଏହାଙ୍କ ସମୟ ଚତୁର୍ଦ୍ଦଶ ଶତାବ୍ଦୀ । ଏହା ବୁଧ୍‌ଘୋଷଙ୍କ ଜୀବନ ଚରିତ୍ର ମାତ୍ର । ପୂର୍ବାଚାର୍ଯ୍ୟମାନେ ବୁଧ୍‌ଘୋଷଙ୍କ ଜୀବନ ଚରିତ ସମ୍ବନ୍ଧୀୟ ଯେଉଁ ସାମଗ୍ରୀ ସଂଗ୍ରହ କରିଥିଲେ ତାରି ଆଧାରରେ ଏହି ଗ୍ରନ୍ଥ ଲିଖିତ ।

ଏଠାରେ ଆଉ ଦୁଇଟି ଗ୍ରନ୍ଥର ବିବରଣୀ ଉପସ୍ଥାପନା କରାଗଲା ଯାହାର ଲେଖକ ଓ ରଚନାକାଳ ଅଜ୍ଞାତ । (କ) ସିଧ୍‌ମେପାୟନ - ୬୨୧ ଗାଥାବିଶିଷ୍ଟ ଏହି ଗ୍ରନ୍ଥ ୯ଟି ଅଧ୍ୟାୟରେ ବିଭକ୍ତ । ଏଥିରେ ବୌଧ୍‌ଧର୍ମର ପ୍ରଂଶସାମାନ କରାଯାଇଛି । ଏହାର ପ୍ରାରମ୍ଭରେ ଆଠ "ଅକ୍‌ଖଣା" ଏବଂ 'ଅକୁସଲାନା' (ଦଶ ଅକୁଶଳ ଧର୍ମ) ତଥା ପ୍ରେତ ଯୋନିରେ ଦୁଃଖ ବର୍ଣ୍ଣନା କରାଯାଇଛି । ଏତଦ୍ ବ୍ୟତିତ ଏଥିରେ ପୁଣ୍ୟଫଳ ଏବଂ ଦାନଶୀଳର ବର୍ଣ୍ଣନା ସୁସ୍ପଷ୍ଟ । (ଖ) ତେଲକଟାହ ଗାଥା - ଏହାର ରଚୟିତା ଜଣେ ସ୍ଥବିର । ତାଙ୍କୁ ତପ୍ତତେଲ କରେଇରେ ଥିବା ଫୁଟନ୍ତା ତେଲ ମଧ୍ୟକୁ ଦୋଷୀ ଭାବେ ସାବ୍ୟସ୍ତ କରାଯାଇ ନିକ୍ଷେପ କରାଯାଇଥିଲା ଯେହେତୁ ସେ କଲ୍ୟାଣୀର ରାଜା ତିସ୍‌ସଙ୍କ ପତ୍ନୀଙ୍କ ଏକ ଷଡ଼ଯନ୍ତ୍ରକୁ ସାହାଯ୍ୟ କରୁଥିଲେ । ଏହି କଥା ରୋହଣଙ୍କ କଥାଚକ୍ର ତଥା ମହାବଂସରେ ଉଲ୍ଲେଖ ରହିଛି । ଫୁଟନ୍ତା ତେଲରେ ପଡ଼ି ସୁଧ୍‌ା ତାଙ୍କର କୌଣସି ଶାରୀରିକ କ୍ଷତି ଘଟି ନଥିଲା । କାରଣ ସେ ସଦାସର୍ବଦା ଗାଥା ପାଠ କରୁଥିଲେ । ଏ ଗାଥାଗୁଡ଼ିକରେ ବୌଧ୍‌ଧର୍ମର ସିଧାନ୍ତକୁ ପ୍ରକଟ କରୁଥିବା ମୃତ୍ୟୁ, ଜୀବନର କ୍ଷଣଭଙ୍ଗୁରତା, ଦୁଃଖ ଏବଂ ଅନାତ୍ମ ସମ୍ବନ୍ଧୀୟ ବିଚାର ରହିଛି ।

୧୫ଶ ଶତାବ୍ଦୀରେ ପାଲି ସାହିତ୍ୟର ପ୍ରଭୂତ ଉନ୍ନତି ବର୍ମାର ଭିକ୍ଷୁମାନଙ୍କ ଦ୍ୱାରା ହୋଇଥିଲା । ସେମାନେ 'ଅଭିଧମ୍ମ'ର ଗଭୀର ତାତ୍ତ୍ୱିକ ଆଲୋଚନ କରିଥିଲେ ।

୧. ଅରିୟବଂସ - ନରପତି (୧୪୪୨-୬୮ ଖ୍ରୀ.)ଙ୍କ ରାଜୁତି କାଳରେ ଆବାରେ ବସବାସ କରୁଥିଲେ । ସେ ନିମ୍ନଲିଖିତ ଗ୍ରନ୍ଥର ଲେଖକ ।

(କ) ମଣିସାର ମଂଜୁସା - ଏହା ସୁମଙ୍ଗଲ କୃତ ଅଭିଧମ୍ମଥ ବିଭାବନୀର ଟୀକା । (ଖ) ମଣିଦୀପଟୀକା - ବୁଧ୍‌ଘୋଷଙ୍କ କୃତ ଅଟ୍‌ଠପାଲିରେ ଟୀକା । (ଗ) ଜାତକ ବିସୋଧନ - ଜାତକ ସମ୍ବନ୍ଧୀୟ ଗ୍ରନ୍ଥ ।

୨. ସଧମ୍ମପାଲିସିରି - ଅଭିୟବଂସଙ୍କ ସମକାଳୀନ ଓ ନେତ୍‌ତିର ଟୀକା 'ନେତ୍‌ତିଭାବନା'ର ପଣେତା ।

୩. ସୀଲବଂସ - ଉପରୋକ୍ତ ଦିହିଁଙ୍କ ପରବର୍ତ୍ତୀ । ସେ ବୁଧ୍‌ାଲଙ୍କାର କାବ୍ୟ ଗ୍ରନ୍ଥର ରଚୟିତା ଓ ଏହା ନିଦାନକଥାର ସୁମେଧ ସମ୍ବନ୍ଧୀୟ ।

୪. ରଟ୍‌ଠଗାର - ସେ ଜାତକକୁ ପଦ୍ୟବଧ୍ କରିଥିଲେ । ଏହି ୧୫ ଶତାବ୍ଦୀର "କାମବିରତିଗାଥା" ରଚନା କରାଯାଇଥିଲା । ଏହାର ଲେଖକଙ୍କ ନାମ ଅଜ୍ଞାତ ।

୫. ସଦ୍ଧମାଲକାର - ଷୋଡ଼ଶ ଶତାବ୍ଦୀରେ "ପଟ୍‌ଠନଦୀପନୀ" ପ୍ରଣୟନ

କରିଥିଲେ । ଏହା ଅଭିଧମ୍ମ ସମ୍ବନ୍ଧୀୟ ।

ଏହି ଶତାବ୍ଦୀରେ ବୁଧ୍‌ଘୋଷ ବଗରୁଧମ୍ମସତ୍‌ଅଙ୍କ ଦ୍ୱାରା ତେଲୁଗୁ ଭାଷାରେ ଲିଖିତ "ମନୁସାର" ପୁସ୍ତକର ପାଲି ଅନୁବାଦ କରିଛନ୍ତି ।ବାସ୍ତବରେ ଏହି ମୂଳଗ୍ରନ୍ଥଟି ତ୍ରୟୋଦଶ ଶତାବ୍ଦୀର ରଚନା । ଏହା ମୁନସାର ବର୍ମାଙ୍କ ସଂପୂର୍ଣ୍ଣ ବିଧି ସାହିତ୍ୟର ଆଧାର । ଏହି ବିଷୟବସ୍ତୁ ଆଧାରରେ ବର୍ମା ଏବଂ ପାଲି ଆଦି ଦୁଇ ଭାଷାରେ ଆଇନ୍ କାନୁନ୍ ସମ୍ବନ୍ଧୀୟ ଗ୍ରନ୍ଥର ପ୍ରଣୟନ ହୋଇଥିଲା ।ପାଲିଗ୍ରନ୍ଥରେ ଅଷ୍ଟାଦଶ ଶତାବ୍ଦୀର "ମନୁବଣ୍ଣନା' ଏବଂ ଉନବିଂଶ ଶତାବ୍ଦୀର "ମୋହବିଚ୍ଛେଦନୀ' ର ନାମୋଲ୍ଲେଖ ରହିଛି ।

ସପ୍ତଦଶ ଶତାବ୍ଦୀର ପାଲିଗ୍ରନ୍ଥ ସମୂହର ବର୍ଣ୍ଣନା ନିମ୍ନୋକ୍ତ ପ୍ରକାରେ -

୧. ତିପିଟକାଲଂକାର - (କ) ବିସତି ବଣ୍ଣନା - ଏହା ଅଟ୍‌ଠସାଲିନୀର ପ୍ରାରମ୍ଭିକ ୨୦ଟି ପଦର ଟୀକା (ଖ) ୟସବଡ୍‌ଢ଼ନବଡ୍‌ଥୁ ତଥା (ଗ) ବିନୟାଲଙ୍କାର ଏହି ୨ଟି ଗାରିପୁତ୍‌ତ୍ କୃତ ବିନୟ ସଂଗ୍ରହର ଟୀକା ।

୨. ତିଲୋକ ଗୁରୁ - ଆପଣ ନିମ୍ନୋକ୍ତ ପୁସ୍ତକର ରଚୟିତା

(କ) ଧାତୁ କତା - ଟୀକା ବଣ୍ଣନା

(ଖ) "ଧାତୁକଥା ଅନୁଟୀକା ବଣ୍ଣନା' ଏ ଦୁଇଟି ଧାତୁ କଥାର ଟୀକା ।

୩. ସାରଦସସ୍‌ନ - ଆପଣ "ଧାତୁକଥା ଯୋଜନା"ର ପ୍ରଣେତା ।

୪. ମହାକସ୍‌ସପ - "ଅଭିଧମ୍ମତ୍‌ଥଗଣ୍ଠିପଦ"ର ରଚନା କରି ଥିଲେ । ଥବରେ ଅଭିଧମ୍ମର ବ୍ୟାଖ୍ୟା କରାଯାଇଛି ।

୫. ଞାଣାଭିବଂସ - ବର୍ମାର ସଂଘରାଜ ଓ ସେ ନିମ୍ନୋକ୍ତ ଗ୍ରନ୍ଥ ରଚନା କରିଛନ୍ତି -

(କ) ପେଟକାଲଂକାର - ନେତ୍‌ର ଟୀକା (ଖ) ସାଧୁବିଲାସିନୀ ଦୀଘନିକାୟର ଗୋଟିଏ ଭାଗର ଟୀକା (ଗ) ଏହାଙ୍କ ଦମ୍ମ ସମ୍ବନ୍ଧୀୟ କଥା ସଂଗ୍ରହ 'ଚତୁସାମଣେରବତ୍‌ଥୁ' ଏବଂ 'ରାଜାବାଦବତ୍‌ଥୁ' ନାମରେ ପ୍ରସିଧ୍ । (ଘ) ରାଜାଧିରାଜ ବିଲାସିନୀ ଏକ ବିଶିଷ୍ଟ କୃତି । ଏଥବରେ ରାଜା ବୋଡ଼ୋପେୟାଙ୍କ ପ୍ରଂଶସାଗାନ କରାଯାଇଛି ।

ଏହା ଛଡ଼ା "ମାଲାଲଂକାର" ଅନ୍ୟତମ ପ୍ରସିଧ୍ ସାହିତ୍ୟକୃତି ଯାହାର ପ୍ରଣେତାଙ୍କ ନାମ ଅଜ୍ଞାତ । ନିମ୍ନରେ କେତୋଟି ଉନବିଂଶ ଶତାବ୍ଦୀର ରଚନାବଳୀର ସଂକ୍ଷିପ୍ତ ପରିଚୟ ଦିଆଗଲା ।

୧. ନଲାଟ - ଧାତୁବଂ - ଲେଖକଙ୍କ ନାମ ଓ ରଚନାକାଳ ଅଜ୍ଞାତ । ଭଗବାନ ବୁଧ୍‌ଙ୍କ ଲଲାଟର ପବିତ୍ରଧାତୁ ବର୍ଣ୍ଣନା ରହିଛି ।ଏହି ସିଂହଳୀ ଭାଷାରେ ପ୍ରାପତ୍ ଧାତୁବଂଶର

ପାଲିରୂପ । ସିଂହଳୀ ଧାତୁବଂସ ଓ ଏଥବରେ ଥିବା ଅଧାୟ ସଂଖ୍ୟା ସମାନ । ସମ୍ଭତଃ ଏହା ସିଂହଳୀ ଧାତୁବଂସର ମୂଳରୂପ ।

୨. ଛକେସଧାତୁବଂସ - ଏହା ମଧ ଭଗବାନ ବୁଧ୍ଙ୍କ ପବିତ୍ର ଧାତୁ ସମ୍ବନ୍ଧୀୟ ଓ ଆଧୁନିକ ବର୍ମାର କୌଣସି ଭିକ୍ଷୁ ଏହାର ଲେଖକ ହୋଇଥିବା ବିଶ୍ୱାସ କରାଯାଏ । ଏହା ଏକ ଗଦ୍ୟଗ୍ରନ୍ଥ ଓ ଏଥିରେ ଭଗବାନ ବୁଧ୍ଙ୍କ ଛ'ଟି କେଶର ବର୍ଣ୍ଣନା ରହିଛି । ଯେଉଁ କେଶଗୁଡ଼ିକୁ ଭଗବାନ ବୁଧ୍ ସ୍ମୃତିର ଅବଶିଷ୍ଟ ରୂପେ ଆପଣାର ଛ'ଜଣ ଶିଷ୍ୟଙ୍କ ମଧରେ ବିତରଣ କରିଥିଲେ ଏବଂ ସ୍ମୃତିରେ କେତେକ ସ୍ଥାନରେ ସ୍ତୁପଗୁଡ଼ିଏ ନିର୍ମିତ ହୋଇଥିଲା ।

୩. ସନ୍ଦେସ କଥା ତଥା ୪. ସୀମାବିବାସ ବିନିଚ୍ଛୟ କଥା - ଏ ଦୁଇଟି ଆଧୁନିକ ରଚନା । ଏ ଗୁଡ଼ିକର ରଚନା ଯଥାକ୍ରମେ ୧୮୦୦ ଓ ୧୮୦୧ ଖ୍ରୀଷ୍ଟାବ୍ଦର ରଚନା । କାରଙ୍କ ନାମୋଲ୍ଲେଖ ରହିଛି । ମଙ୍ଗଳାଚରଣ ପରେ ସର୍ବପ୍ରଥମେ ଏଥିରେ ତ୍ରିପିଟକ ବିଶ୍ଳେଷଣ କରାଯାଇଛି । ତତ୍‌ପରେ ସେ "ପୋରାଣାଚରିୟା" ଏବଂ ସେହି ତିନି ସଂଗୀତିରେ ସ୍ଥବିରଙ୍କ ବର୍ଣ୍ଣନା ରହିଛି ଯେ କି 'ବୁଧ୍‌ବଚନ' ସଂଗ୍ରହ କରିଥିଲେ । ଏହି ସ୍ଥବିର 'ଅଟ୍‌ଠକଥା ଚରିୟା' (ଅଟ୍‌ଠକଥା ଗୁଡ଼ିକର ଆଚାର୍ଯ୍ୟ ଅଥବା ପ୍ରଣେତା) ମଧ ଅଟନ୍ତି । ଗଂଧ ବଂସରେ 'ମହାକଚ୍ଚାୟନ'ଙ୍କୁ ପ୍ରସିଧ୍ କଚ୍ଚାନ ବ୍ୟାକରଣ' "ମହା ଏବଂ ଚୁଲ୍ଲନିରୁତ୍ତି" ଏବଂ "ନେତ୍ତି", "ପେଟକୋପଦେସ' ତଥା "ବଣ୍ଣନୀତି'ର ପ୍ରଣେତା ବୋଲି ଉଲ୍ଲେଖ କରାଯାଇଛି । ତାଙ୍କୁ ଅତ୍ୟନ୍ତ ଆଦର ସହକାରେ ତିବିଧ ନାମକା ଚରିୟା" ପଦବୀରେ ଭୂଷିତ କରିଛନ୍ତି । ଏହା ପରେ "ଗନ୍ଧକାଚରିୟା'ର ସୂଚୀ ମଧ ପ୍ରଦତ୍ । ଏତଦ୍ ବ୍ୟତୀତ ବହୁ ଅଜ୍ଞାତ ଗ୍ରନ୍ଥ ଓ ଗ୍ରନ୍ଥକାରରଙ୍କ ଏକ ସୁସଜ୍ଜିତ ସୂଚୀ ଦିଆଯାଇଛି । ଗ୍ରନ୍ଥାରମ୍ଭରେ ବହୁ ପ୍ରସିଧ୍ ଲେଖକ ଯଥା ବୁଧ୍‌ଘୋଷ, ବୁଧ୍‌ଚିତ୍ , ଆନନ୍ଦ ଏବଂ ଧମ୍ମପାଲଙ୍କ ନାମୋଲ୍ଲେଖ ରହିଛି । ଲଙ୍କା ଓ ଜମ୍ବୁ ଦ୍ୱୀପର ଲେଖକମାନଙ୍କର ପରିଚୟ ଦିଆଯାଇଛି । ସବାଶେଷରେ ଯେଉଁ ଲେଖକଗୁଡ଼ିକ ଅନ୍ୟ ସାଧାରଣ ଲୋକଙ୍କ ପ୍ରେରଣାରେ ଗ୍ରନ୍ଥ ପ୍ରଣୟନ କରିଥିଲେ ସେମାନଙ୍କର ମଧ ନାମ ଦିଆଯାଇଛି ।

୫. ସାସନବଂସ - ପଞ୍ଞସାମିନ ଏହାର ପ୍ରଣେତା । ଏହା ଖ୍ରୀଷ୍ଟୀୟ ୧୮୬୧ରେ ରଚନା । ଏହା ପ୍ରାଚୀନ ସାହିତ୍ୟର ଆଧାରରେ ଲିଖିତ ହୋଇଥିବା ଯୋଗୁଁ ଖୁବ୍ ମହତ୍ୱପୂର୍ଣ୍ଣ । ଏହାର ଷଷ୍ଠ ଅଧାୟରେ "ଅପରନରଟ୍‌ଠ" ଅର୍ଥାତ୍ ବର୍ମାରେ ବୌଧ୍ ଧର୍ମର ଇତିହାସ ବିଷୟକ ସମ୍ୟକ୍ ବର୍ଣ୍ଣନା ରହିଛି । ଦୀପବଂସ ତଥା ମହାବଂସଙ୍କ ମତାନୁସାରେ ବୌଧ୍‌ଧର୍ମର ପ୍ରଚାର ନିମିତ୍ ନଅଟି ଦେଶକୁ ଧର୍ମ ପ୍ରଚାରକମାନଙ୍କୁ ପ୍ରେରଣ କରାଯାଇଥିଲା । ବର୍ମାର ପରଂପରାନୁସାରେ ଏଥି ମଧରୁ ୫ଟି ବୃହତ୍‌ର ଦେଶ ମଧରେ ଭାରତ ଅନ୍ୟତମ । ଅନ୍ୟାନ୍ୟ ଦେଶଗୁଡ଼ିକ ହେଲା ସୁବଣ୍ଣଭୂମି, ବନବାସୀ, ଅପରନ୍ତ, ୟୋନିକ ଓ ମହାରଟ୍‌ଠ । ଏଥବରେ ସ୍ରୋତ, ସମନ୍ତପାସାଦିକା, ଦୀପବଂସ, ମହାବଂସ, ତଥା ବର୍ମାର ଇତିହାସ ସାଙ୍ଗକୁ ଅଟ୍‌ଠକଥାର ମଧ ଉଲ୍ଲେଖ ମିଳେ ।

ସିଂହଳ ତଥା ବର୍ମାରେ ଭାଷା-ବିଜ୍ଞାନ କ୍ଷେତ୍ରରେ ପର୍ଯ୍ୟାପ୍ତ କାର୍ଯ୍ୟ ସମ୍ପାଦିତ । ଯାହାର ଉଦାହରଣ ସ୍ୱରୂପ ଏ ଦୁଇ ଦେଶରେ ବହୁ ବ୍ୟାକରଣ, କୋଷ ଓ ଛନ୍ଦ ସଂପର୍କୀୟ ଗ୍ରନ୍ଥର ସୂଚନା ମିଳେ ।

ଅଧ୍ୟୟନର ସୁବିଧା ଦୃଷ୍ଟିରୁ ବ୍ୟକାରଣ ବିଷୟକ ଗ୍ରନ୍ଥମାନଙ୍କ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଛି ।

୧. କଚ୍ଚାୟନ ସାଖା - ବାଲାବତାର ଓ ରୁପସିଦ୍ଧି ଏହି ଶାଖାନ୍ତର୍ଗତ ।

୨. ମୋଗଲ୍ଲାନ ସାଖା - ପୟୋଗସିଦ୍ଧି ଏବଂ ପଦସାଧନା ଏହା ଅନ୍ତର୍ଗତ ।

୩. ସିଧିନୀତି - ଚୁଲାସଦ୍ଦନୀତି ଏହା ଅନ୍ତର୍ଗତ ।

ଏହି ତିନି ବର୍ଗ ବା ଶ୍ରେଣୀର ତିନୋଟି ଧାତୁପାନ ରହିଛି । ଯଥା : ଧାତୁମଂଜୁସା, ଧାତୁପାଠ ଧାତ୍ୱତ୍‌ଥଦୀପନି । କୋଷ ଗ୍ରନ୍ଥମାନଙ୍କ ମଧରେ 'ଅଭିଧାନପ୍‌ପଦୀପିକା'ର ନାମ ଉଲ୍ଲେଖନୀୟ । ଏତ୍‌ଦ ବ୍ୟତୀତ ଛନ୍ଦଶାସ୍ତ୍ର ସମ୍ବନ୍ଧୀୟ କତିପୟ ଗ୍ରନ୍ଥ ମଧ ପ୍ରାପ୍ୟ ।

ଉପରୋକ୍ତ ସମସ୍ତ ବ୍ୟାକରଣର ସହାୟତାରେ R.O. Franke "ପାଲି ଗ୍ରମାର" ଲେଖିଛନ୍ତି । ବଚ୍ଚାୟନ ସାଖା ବ୍ୟାକରଣ ଉପରେ ଯେଉଁ ଟୀକା ଲିଖିତ ତାହା 'ନ୍ୟାସ' ନାମରେ ପ୍ରସିଧି । ଏହି ସାଖାର ଦ୍ୱିତୀୟ ଗ୍ରନ୍ଥ (୧) ଛପ'ଦକୃତ ସୁତ୍‌ନିଦ୍ଦେସ । ଏହାର ରଚନାକାଳ ୧୧୮୧ ।ଏହା କଚ୍ଚାୟନର ଟୀକା ଅଟେ । (୨) ସଂଘକ୍ଖେିତ କୃତ "ସମ୍ବନ୍ଧ ଚିନ୍ତା" । (୩) ସଦ୍ଧମସରି କୃତ 'ସଦ୍ଦତ୍‌ଥ ଭେଦଚିନ୍ତା' (୪) ରୂପସିଧି ଅଥବା ପଦରୂପସିଧି । ଏହା କଚ୍ଚାୟନ ବ୍ୟାକରଣର ପରିବର୍ତ୍ତିତ ରୂପ । ଗ୍ରନ୍ଥ ଶେଷରେ ଲେଖକ ନିଜ ନାମ ଉପନାମଦୀପଙ୍କର ଓ ନିଜକୁ ଆନନ୍ଦ ଥେରଙ୍କ ଶିଷ୍ୟରୂପେ ସ୍ୱୀକାର କରିଛନ୍ତି । ସମ୍ଭବତଃ ସେ 'ପଜ୍ଜମଧୁ'ର ପ୍ରଣେତା । ଏହାର ରଚନାକାଳ ତ୍ରୟୋଦଶ ଶତାବ୍ଦୀର ଦ୍ୱିତୀୟାର୍ଧ । ଏହା ସାତୋଟି ଅଧ୍ୟାୟରେ ବିଭକ୍ତ ।

୫. ବାବଳବତାର - ଏହାର ସଂସ୍କୃତ ବ୍ୟାକରଣ ଲଘୁକୌପଦୀ ପରିପ୍ରସିଧି । ଏହାର ସର୍ବାଧିକ ପ୍ରଚଳନ ବର୍ମା ଓ ଶ୍ୟାମ ଏ ଦିଗରେ ଦେଖାଯାଏ । ଧମ୍ମକୀତ୍‌ତି ଏହାର ଲେଖକ । ଏହା ଚତୁର୍ଦ୍ଦଶ ଶତାବ୍ଦୀର ଶେଷପ୍ରାନ୍ତର ଲେଖା । କିନ୍ତୁ ଗନ୍ଧବଂସ ଅନୁସାରେ ଏହାର ପ୍ରଣେତା ତ୍ରୟୋଦଶ ଶତାବ୍ଦୀର ବାଚିସ୍‌ସର ଅଟନ୍ତି ।

୬. ସଦ୍ଦସାରତ୍‌ଥଜାଲିନୀ - ବର୍ମାର ଲେଖକ କକ ଖିପ ନାଗିତ ଏହାର ପ୍ରଣେତା । ଏହାର ରଚନାକାଳ ୧୩୫୬ । ଏହି ସମୟରେ ଅଭିଧାନପ୍‌ପ ଦୀପିକାର ମଧ ରଚନା କରାଯାଇଥିଲା । ଏହାର ବିନ୍ୟାସ କଚ୍ଚାୟନ ବ୍ୟାକରଣ ସଦୃଶ୍ୟ ।

୭. କଚ୍‌ଚାୟନ ଭେଦ - ଚତୁର୍ଦ୍ଦଶ ଶତାବ୍ଦୀର ଉତ୍‌ରାର୍ଧିରେ ଲିଖିତ ଏହି ରଚନା

ମହାୟସ ଥୋରଙ୍କକୃତ ଟୀକା ଅଟେ । ଫାସବୋଲଙ୍କ ଅନୁସାରେ ଏହାର ରଚୟିତା ରସ୍‌ସଥେରି । ଏହାର ଦୁଇଟି ଟୀକା 'ସ୍ୱାରତଥ୍ ବିକାସିନୀ ଓ କଚ୍ଚାୟନ ଭେଦ ମହାଟୀକା' ।

୮. ସଦ୍ଦବିନ୍ଦୁ - ସମ୍ଭବତଃ ଏହା ୧୫ଶ ଶତାବ୍ଦୀର ଉତ୍‌ରାର୍ଦ୍ଧରେ ରଚନା । ସାସନବଂଶ ଅନୁସାରେ ଅରିମଦ୍ଦନ (ବର୍ମାର ରାଜା କ୍ୟଚ୍‌ବା ଏହାର ପ୍ରଣେତା ।

୯. ବାଲ୍‌ପ୍‌ପବୋଧନ - ଏହାର ଲେଖକଙ୍କ ନାମ ଓ ରଚନା କାଳ ଅଜ୍ଞାତ । ଏହା ଷୋଡ଼ଶ ଶତାବ୍ଦୀର ରଚନା ।

ଅଭିନବ - ଚୁଲ୍ଲନିରୁତ୍ - ସିରିସଧମ୍ମାଲଂକାରଙ୍କ ରଚିତ । ଏଥିବରେ କଚ୍ଚାୟନଙ୍କ ଅପବାଦ ଗୁଡ଼ିକର ବିଚାର କରାଯାଇଛି ଓ ରଚନାକାଳ ଅଦ୍ୟାବଧି ଅଜ୍ଞାତ ।

୧୧. କଚ୍‌ଚାୟନ ବଣ୍ଣନା - ବର୍ମାର ଥେର ମହାବିଜିତା ବିନଙ୍କ ବିରଚିତ । ଏହା କଚ୍ଚାୟନଙ୍କ 'ସନ୍ଧିକପ୍‌ପ'ର ଟୀକା । "ରୂପସିଧ୍'ର ମଂଗଳାଚରଣରେ ଏହି ବିଷୟରେ ଲିଖିତ । ଏହା କଚ୍ଚାୟନବଣ୍ନା ଠାରୁ ଭିନ୍ନ ।

କଚ୍ଚାୟନଙ୍କ ବ୍ୟତୀତ ମୋଗ୍‌ଗଲ୍ଲାନ ଅଥବା ମୋଗ୍‌ଗଲ୍ଲାନ ଅଭିନବ ବ୍ୟାକରଣର ଶାଖାର ପ୍ରତିଷ୍ଠାପକ ଅଟନ୍ତି । ତାଙ୍କ କୃତିର ପୂର୍ଣ୍ଣ ବିବରଣୀ ନିମ୍ନରେ ପ୍ରଦତ୍ :

୧. ମୋଗ୍‌ଗଲ୍ଲାୟନ ବ୍ୟାକରଣ - ଏହାର ଅନ୍ୟ ନାମ 'ସଦ୍ଦଲକ୍‌ଗଣ' ।

୨. ମୋଗ୍‌ଗଲ୍ଲାୟନ ପଞ୍ଚିକା - ଏହା ଲେଖକଙ୍କ ସୁରଚନାର ଟୀକା ବିଶେଷ । ବିଦ୍ୱାନଙ୍କ ମତରେ କଚ୍ଚାୟନଙ୍କ ଅପେକ୍ଷା ମୋଗ୍‌ଗଲ୍ଲାୟନଙ୍କ କୃତି ଖୁବ୍ ଉଚ୍ଚକୋଟୀର । କିନ୍ତୁ ମୋଗ୍‌ଗଲ୍ଲାୟନ ବ୍ୟାକରଣ ଅନ୍ୟାନ୍ୟ ବ୍ୟାକରଣ ଭଳି ତ୍ରୁଟିମୁକ୍ତ ନୁହେଁ । ଏହାର ସୁତ୍ରଗୁଡ଼ିକର ବିନ୍ୟାସ ଓ ବର୍ଗୀକରଣ କଚ୍ଚାୟନଙ୍କ ଅପେକ୍ଷା ଭିନ୍ନ । ଗ୍ରନ୍ଥ ଶେଷରେ ସେ ଗ୍ରନ୍ଥ ରଚନାର ସମୟ ପରକ୍‌କମରଭୁଜଙ୍କ ରାଜତ୍ୱକାଳ ବୋଲି ବ୍ୟକ୍ତ କରନ୍ତି । ଏହି ପରକକମଭୂଜ, ପରକକ୍‌ମବାହୁ ପ୍ରଥମଙ୍କ ବ୍ୟତୀତ ଆଉ କିଏ ନୁହଁ । ଏହାଙ୍କ ରଚନାକାଳ ଖ୍ରୀ. ୧୧୫୩-୧୧୮୬ ।

କଚ୍ଚାୟନ ବ୍ୟାକରଣ ପରି ମୋଗ୍‌ଲ୍ଲାୟନ ଶାଖାରେ ମଧ ଅନେକ ବ୍ୟାକରଣ ଗ୍ରନ୍ଥ ମିଳେ ।

୧. ପଦସାଧନ - ଏହା ପ୍ରିୟବସ୍‌ସିନଙ୍କ ରଚିତ । ସେ ମୋଗ୍‌ଗଲ୍ଲାନିଙ୍କ ଶିଷ୍ପ, ସମ୍ଭବତଃ ଏହାଙ୍କ ସମୟ ଦ୍ୱାଦଶ ଶତାବ୍ଦୀର ଅନ୍ତିମ ଚରଣ । ସିଂହଳୀ ସାହିତ୍ୟର ପ୍ରସିଧ୍ ବ୍ୟକ୍ତି ତିତଥଗ୍ରାମ ନିବାସୀ ରାହୁଲ ଏହି ଟୀକା 'ପଦସାଧନ-ଟୀକା' ଅଥା 'ବୁଦ୍ଧପ୍‌ପସାଦନ୍ଦୀ'ର ପ୍ରଣେତା ।

୨. ପୟୋଗସିଧି - ବନରତନ ମେଧଂକର ଏହାର ପ୍ରଣେତା । ଏହା ମୋଗ୍‌ଲ୍ଲାନ

ଶାଖାର ସର୍ବୋକୃଷ୍ଟ ବ୍ୟାକରଣ । ଡ଼କ୍ଟର କୋୟସାଙ୍କ ଅନୁସାରେ ମୋଗ୍‌ଗଲ୍ଲାନ ଶାଖାରେ ଏହାର ସ୍ଥାନ, କଚ୍ଚାୟନ ଶାଖାର ରୂପସିଧିର ସ୍ଥାନ ଭଳି ଉତ୍କୃଷ୍ଟ ଧରଣର ।

୩. ମେଲ୍ଲାୟନ ଝକାପଦୀପ - ଏହା ମୋଗ୍‌ଲ୍ଲାୟନ କୃତ ଅପ୍ରାପ୍ୟ ଝକର ଟୀକାର । ପଦସାଧନାର ଟୀକାକାର ରାହୁଲ ଏହାର ରଚୟିତା । ଏହି ଟୀକାର କିଛି ଅଂଶ ପାଲି ଭାଷା ଓ ଅନ୍ୟ କିଛି ଅଂଶ ସିହଳୀ ଭାଷାରେ ମିଳେ । ଲେଖକ ଏହା ଲେଖିବାକୁ ପ୍ରାୟ ପଚାଶଗୋଟି ବ୍ୟାକରଣ ସାହାଯ୍ୟ ନେଇଛନ୍ତି । ସେଗୁଡ଼ିକ ମଧ୍ୟରୁ ଚନ୍ଦ୍ରକୃତ ସଂସ୍କୃତ ବ୍ୟାକରଣ ଅନ୍ୟତମ । ଏହି ଗ୍ରନ୍ଥର ରଚନାକାଳ ଖ୍ରୀ. ୧୪୫୭ ।

୪. ସଦ୍ଦନୀତି - ଅଗ୍‌ଗବଂସ ଏହାର ପ୍ରଣେତା । ପ୍ରାଚୀନ ପରମ୍ପରା ମୂଲ୍ୟାଙ୍କନ ନିମିତ୍ ଏହି ଗ୍ରନ୍ଥ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ଅଗ୍‌ଗବଂସ ବର୍ମାର ଅରିମଦ୍ଦ ସ୍ଥାନର ବାସିନ୍ଦା । ସିଂହଳରୁ ଦୂରରେ ରହି ବର୍ମାରେ ବ୍ୟାକରଣ ସମ୍ବନ୍ଧୀୟ ଯେଉଁ ଅଧ୍ୟୟନ ହୋଇଥିଲା ତାହା ଏହି ଗ୍ରନ୍ଥ ଦ୍ୱାରା ପରିଲିକ୍ଷିତ । ଏହାର ପ୍ରସିଧିର କାରଣ ଏହିକି ବ୍ୟାକରଣ କ୍ଷେତ୍ରରେ ବର୍ମାର ଭିକ୍ଷୁମାନେ ଯେଉଁ ଗଭୀର ଅଧ୍ୟୟନ କରିଥିଲେ ତାହାର ସୂଚନା ଏଥିରେ ମିଳେ । ଏହାର ରଚନା କାଳ ଖ୍ରୀ. ୧୧୫୪ । R.O. Franke ଙ୍କ ମତାନୁସାରେ ସଦ୍ଦନୀର ଆଧାର କଚ୍ଚାୟନ ବ୍ୟାକରଣ ।

ବିଷୟବସ୍ତୁ ଦୃଷ୍ଟିକୋଣରୁ ସଦ୍ଦନୀତିକୁ କଚ୍ଚାୟକ ଶାଖାରୁ ପୃଥକ୍ କରିବା ଉଚିତ୍ ନୁହେଁ । କିନ୍ତୁ ସ୍ୱ ବ୍ୟାକରଣ ରଚନାରେ ଅଗ୍‌ଗବଂସ ପାଣିନି ତଥା ଅନ୍ୟାନ୍ୟ ସଂସ୍କୃ ବ୍ୟାକରଣ ରଚନାର ସାହାଯ୍ୟ ନେଇଥିଲେ । ମୋଗ୍‌ଗଲ୍ଲାନ ବ୍ୟାକରଣ ବିଷୟରେ ସେ ଜାଣିନଥିବେ । କାରଣ ତାହାର ରଚନା ପରବର୍ତ୍ତୀକାଳର । ସଦ୍ଦନୀତି ୨୭ ଅଧ୍ୟାୟବିଶିଷ୍ଟ । ପ୍ରାରମ୍ଭରେ ୧୮ ଗୋଟି ଅଧ୍ୟାୟକୁ ମହାସଦ୍ଦନୀତି ଓ ଶେଷ ନ'ଟିକୁ ଚୁଲ୍ଲସଦ୍ଦନିତୀ କୁହାଯାଏ ।

ପ୍ରାଚୀନ କାଳରୁ ପାଲି ସାହିତ୍ୟରେ କେବଳ ଗୋଟିଏ ଅଭିଦାନ ଉପଲବ୍ଧ ଓ ମୋଗ୍‌ଗଲାନକୃତ ଅଭିଧାନ ଦୀପିକା, କୋଷକାର ଓ ବୈୟକରଣ ମୋରାଗଲ୍ଲାନ ଦୁଇଭିନ୍ନ ବ୍ୟକ୍ତି । ଏହି କୋଷର ଶେଷରେ କୁହାଯାଇଛି ଯେ ଏହାର ପ୍ରଣେତା ପୁତ୍ଥିପୁରସ୍ଥିତ ଜେତବେନ ବିହାରର ଜଣେ ସଦସ୍ୟ । କିନ୍ତୁ ବୈୟାକରଣମୋଗ୍‌ଗଲ୍ଲାନ ଅନୁରାଧାପୁରସ୍ଥ ଥୂପାରାମବିହାରର ସଦସ୍ୟ । ଗନ୍ଧବଂସରେ ମଧ ଏ ଦୁହିଙ୍କ ପାର୍ଥକ୍ୟ ଦର୍ଶାଇବ । ବେଳେ କୋଷକାର - ମୋଗ୍‌ଗଲ୍ଲାନଙ୍କୁ ନବ ମୋଗ୍‌ଗଲ୍ଲାନ ନାମରେ ଅଭିହିତ କରାଯାଇଛି । ଅଭିଧାନପ୍ପଦୀପିକାର ଶେଷରେ ପରକ୍କମଭୂଜଙ୍କ ପ୍ରଶସ୍ତି ରହିଛି । ଏଥିରୁ ସ୍ପଷ୍ଟ ହୁଏ ଯେ ଏହାର ରଚନା ତାଙ୍କ ରାଜତ୍ୱକାଳ (ଖ୍ରୀ. ୧୧୫୬-୧୧୮୬) ମଧ୍ୟବର୍ତ୍ତୀ । ଏହିପରି ଏହାର ରଚନାକାଳ ଦ୍ୱାଦଶ ଶତାବ୍ଦୀର ଶେଷଭାଗ ବୋଲି ନିର୍ଦ୍ଧାରିତ । ଏହି କୋଷ ତିନି ଭାଗବିଶିଷ୍ଟ ଯଥା : ପର୍ଯ୍ୟାୟବାଚୀ, ସମାନବାଚୀ, ଏବଂ ନିପାତ । ଏଥବରେ ୧୨୦୩ଟି ପଦାରଥ ଏହା ଅମରକୋଷ ଆଦର୍ଶରେ ଲିଖିତ । ଅଧିକାଂଶ ପର୍ଯ୍ୟାୟକାରୀ ଶବ୍ଦକୁ ଅମରକୋଷରୁ

ନିଆଯାଇଛି । ଅମରକୋଷର ଅଧିକାଂଶ ଶବ୍ଦକୁ କୋଷାକାର ପାଲିକୁ ରୂପାଂତରିତ କରିଛନ୍ତି । R.O. Franke ଙ୍କ ଅନୁସାରେ ଏହାର ରଚନାରେ ସଂସ୍କୃତରେ ଅନ୍ୟାନ୍ୟ କୋଷଗୁଡ଼ିକର ସାହାଯ୍ୟ ନିଆଯାଇଛି । ଅଭିଧାନପ୍ପଦୀକାର ଟୀକା ଚତୁର୍ଦ୍ଦଶ ଶତାବ୍ଦୀର ମଧ ଭାଗରେ ଲିଖିତ । 'ଏକକ୍ଖର କୋସ'ର ଉଲ୍ଲେଖ ଆବଶ୍ୟକ । ଏହା ବର୍ମାର ଭିକ୍ଷୁ ସଦ୍ଧମ୍ମକିତ୍ତିଙ୍କ ଦ୍ୱାରା ରଚିତ ଓ ଏହାର ରଚନାକାଳ ଖ୍ରୀ. ୧୪୬୫ ।

ଧାତୁପାଠବିଷୟକ ଗ୍ରନ୍ଥ

୧. ଧାତୁମଂଜୁସା - ଏହାର କଳାୟନ ଶାଖା ସହ ସଂପର୍କ ରହିଛି । ତେଣୁ ଏହାର ଅନ୍ୟନାମ "କଳାୟନଧାତୁ ମଂହସା' । ଏହି ଗ୍ରନ୍ଥର ଲେଖକ 'ସିଲବଂସ' ଅକ୍ଖାଦିଲେନ ବିହାଚରର ସଦସ୍ୟ ଅଟନ୍ତି । ଏହା ପଦ୍ୟବଧ୍ ତଥା ୧୫୦ଟି ପଦ ବିଶିଷ୍ଟ । ସଭୂତିଙ୍କ ଅନୁସାରେ ଏହାର ରଚନା ବୋପଦେବ କୃତ କବିକଳ୍ପଦ୍ରୁମର ଅନୁସାରେ । ଏହାର ଧାତୁଗୁଡ଼ିକ କଚ୍ଚାୟନଙ୍କ ଗଣ ପାଠର କ୍ରମାନୁସାରେ ସଜ୍ଜିତ । ଏଣୁ ଏହାକୁ କଚ୍ଚାୟନ ଶାଖାଭୂକ୍ତ କଲେ ଭୂଲ ହେବନାହିଁ ।

୨. ଧାତୁପାଠ - ଏହାର ଆଦାର ମୋଗ୍ଗଲ୍ଲାନ କୃତ ଗଣପାଠ । ଏହାର ଲେଖକ ଓ ଲେଖକଙ୍କ ସମୟ ଅଜ୍ଞାତ ।

୩. ଧାତ୍ତ ଥଦୀପନୀ - R.O. Franke ଙ୍କ ଅନସ୍ରାରେ ଏହା ସଦ୍ଦନୀତିର ଏକ ଅଧାୟର ଦାତୁ ପଦର ପଦ୍ୟବଧ୍ ସୂଚୀ । ଏହା ସଦ୍ଦନୀତିଙ୍କ 'ଗଣପାଠ' ଅନୁସାରେ । ଏହି ଲେଖକ ପାଣିନିଙ୍କ ଧାତୁପାଠର ମଧ ବ୍ୟବହାର କରିଛନ୍ତି ।

ପାଲି ସାହିତ୍ୟରେ ଅଳଙ୍କାର ଶାସ୍ତ୍ର ସମ୍ବନ୍ଧୀୟ ଗ୍ରନ୍ଥଗୁଡ଼ିକ ମଧରେ ସଂଘରକ୍ଖିତ କୃତ 'ସୁବୋଧାଲଂକାର' ପ୍ରସିଧ୍ ।

ନିମ୍ନରେ ବ୍ୟାକରଣ ସମ୍ବନ୍ଧୀୟ କତିପୟ ଗ୍ରନ୍ଥର ଉଲ୍ଲେଖ କରାଯାଇଛି । ଏଗୁଡ଼ିକ ସମ୍ବନ୍ଧରେ ସ୍ୱଭୂତିଙ୍କ ପ୍ରସ୍ତୁତ ବିବରଣ ଦ୍ରଷ୍ଟବ୍ୟ ।

(କ) ବଚ୍ଚାବଚକ - ଏହାର ଲେଖକ ବର୍ମାର ଅରିମଦ୍ଦ ସ୍ଥାନ ନିବାସୀ ସାମଣେର ଧମ୍ମଦସ୍ସିନ । ଚତୁର୍ଦ୍ଦଶ ଶତାବ୍ଦୀର ୧୦୦ ପଦ ବିଶିଷ୍ଟ ।

(ଖ) ଗନ୍ଧଟ୍ଠି - ଚତୁର୍ଦ୍ଦଶ ଶତାବ୍ଦୀର ଏହି ରଚନା ମଂଗଲଙ୍କ ଲିଖିତ ନିପାତ ବିଷୟକ ଗ୍ରନ୍ଥ ।

(ଗ) ଗନ୍ଧାଭରଣ - ୧୪୩୬ରେ ଲିଖିତ ଏହି ନିପାତ ସମ୍ବନ୍ଧୀୟ ବ୍ୟାକରଣ ଗ୍ରନ୍ଥ ଅରୀୟବଂସଙ୍କ ଦ୍ୱାରା ଲିଖିତ ।

(ଘ) ବିଭତ୍ୟତ୍ଥ ଟୀକା - କାରକ କିଷୟକ ଏହି ଗ୍ରନ୍ଥ ୩୭ ଶ୍ଳୋକ ବିଶିଷ୍ଟ । ଏହାର

ରଚୟିତା ବର୍ମାର ରାଜା କ୍ୟାଚ୍‌ବାଙ୍କ କନ୍ୟା ବୋଲି ମନେ କରାଯାଏ । ସୁଭୂତିଙ୍କ ଅନୁସାରେ ଏହାର ରଚନା କାଳ ଖ୍ରୀ. ୧୪୮୧ ।

(ଙ) ସଂବଣ୍ଣନାନୟଦୀପନୀ - ଏହାର ରଚନା ଜମ୍ବୁଧକ ଖ୍ରୀ ୧୬୫୧ରେ କରିଛନ୍ତି । ଏହି ଲେଖକଙ୍କ ଅନ୍ୟ ଦୁଇଟି କୃତି ମଧରେ ନିରୁତ୍‌ିସଂଘ ଏବଂ ସର୍ବଜ୍ଞନ୍ୟାୟଦୀପନୀ ଅନ୍ୟତମ ।

(ଚ) ସଦ୍ଦଉତ୍ - ଏହାର ପ୍ରଣେତା ସଧ୍ମଗୁରୁ ଓ ଏହାର ୧୬୫୬ରେ ରଚିତ । ବର୍ମାର ସାରିପୁତ୍ର ଏହାର ସମ୍ବନ୍ଧୀୟ ଏକ ଟୀକା ଲେଖିଛନ୍ତି ।

(ଛ) କାରକପୂପ୍‌ଫାମଂକାରୀ - ବାକ୍ୟବିଚାର ସମ୍ବନ୍ଧୀୟ ଏହି ଗ୍ରନ୍ଥର ରଚୟିତା ହେଉଛନ୍ତି କୈଣ୍ଡ଼ୀର ଅତ୍‌ରଗମ ବଣ୍ଡାର ରାଜଗୁରୁ । ଏହାର ରାଜା କୀର୍ତୀ ଶ୍ରୀ ରାଜସିଂହ (ଖ୍ରୀ. ୧୭୪୭-୧୭୮୦)ଙ୍କ ସମସାମୟିକ ରଚନା । ଏ ଲେଖକଙ୍କ ଅନ୍ୟ ଏକ ରଚନା 'ସୁଧୀର ମୁଖମଣ୍ଡନ' ପାଲି ଭାଷାରେ ଲିଖିତ ସମାସ ବିଷୟରେ ଅଧାରିତ ।

(ଜ) ନୟଲକ୍‌ଖଣ ବିଭାବନୀ - ଏହାର ପ୍ରଣେତା ବର୍ମାର ଭିକ୍ଷୁବିଚିତ୍‌ଚାର ଓ ଏହାଙ୍କ ସମୟ ଅଷ୍ଟାଦଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ।

ଜୈନ ଆଗମ ସାହିତ୍ୟ

ଭାରତର ସାଂସ୍କୃତି ଇତିହାସରେ ଜୈନ ସାହିତ୍ୟର ଦାନ ଅତି ମହତ୍ତ୍ୱପୂର୍ଣ୍ଣ । ଯେପରି ବୌଧ୍‌ମାନେ ପାଲି ମାଧମରେ ନିଜ ଧର୍ମତତ୍ୱ ପରିବେଷଣ କରୁଥିଲେ ଜୈନମାନେ ମଧ ପ୍ରାକୃତ ଅପଭ୍ରଂଶରେ ସେହି ପ୍ରକାରେ ନିଜର ଧର୍ମତତ୍ୱର ପରି ପ୍ରଚାର କରୁଥିଲେ । ଭଗବାନ ମହାବୀର ର୍ଧମାଗଧୀରେ ସ୍ୱୀୟ ଉପଦେଶ ପ୍ରଦାନ କରିଥିଲେ । "ଭଗବଂଚ ଣଂ ଅଧ୍‌ମହୀ ଭସାଏ ଧମ୍ମମାଇକ୍‌ଖର" । ସେ ଶୌରସେନୀ ଓ ମହାରାଷ୍ଟ୍ରର ମିଶ୍ରଣରେ ଏହାକୁ ଏକ ଶକ୍ତିଶାଳୀ ଭାଷାରେ ପରିଣତ କରିଥିଲେ । ଏହି ଶିଷ୍ୟ ପରଂପରା କ୍ରମେ ଏହାହିଁ ଶିକ୍ଷାର ବା ପ୍ରଚାରର ମାଧମ ଥିଲା । ତାଙ୍କ ସମସାମୟିକ ଗଣଧର (ଶିଷ୍ୟ)ମାନଙ୍କ ମଧରେ ଶ୍ରୀ ସୁଧର୍ମୀ ସ୍ୱାମୀ ଅନ୍ୟତମ ।

ସିଧ୍‌ାନ୍ତ - ଜୈନ ଆଗମଗୁଡ଼ିକୁ ଶ୍ରୁତ ଜ୍ଞାନ କିମ୍ବା ସିଧ୍‌ାନ୍ତ କୁହାଯାଇ ଥାଏ । ଜୈନ ପରମ୍ପରା ଅନୁସାରେ ଅର୍ହତ ଭଗବାନ ହିଁ ଆଗମର ପ୍ରରୂପଣ କରିଥିଲେ ଏବଂ ତାହାଙ୍କ ଗଣଧରମାନେ ଏଗୁଡ଼ିକ ସ୍ୱରୂପରେ ନିବଧ୍ କଲେ । ଆଗମଗୁଡ଼ିକର ସଖ୍ୟା ୪୬, ୧୨ଟି ଅତୀ ଆୟାରଙ୍ଗ, ସୂୟଗଡ଼ଙ୍ଗ, ନାୟାଧମ୍ମ କହାତି, ଉବାସଗଦସାଓ, ଅନ୍ତଗଡ଼ଦସାଓ,

ଅରୁତ୍ରେ ବବାଇୟଦସାଓ, ପଣ୍ହବାଗଗରଣାଇଂ, ବିବାଗସୁୟ, ଦିଟ୍ଠିବାୟ (ବିଛିନ୍ନ) ୧୨ଟି ଉପାଂଗ । ୧୦ଟି ପଇନ୍ନା ୬ଟି ଛେୟସୁତ୍ ୪ଟି ମୂଲସୁତ୍ ଏବଂ ନନ୍ଦୀ ଓ ଅନୁଯୋଗଦାର । ଏଗୁଡ଼ିକ ଶ୍ୱେତାମ୍ବର ଓ ଦିଗମ୍ବର ଉଭୟ ସଂପ୍ରଦାୟ ଆଗମ ରୂପେ ଗ୍ରହଣ କରିଥିଲେ ହେଁ ଦିଗମ୍ବରମାନେ କାଳଦୋଷରେ ଏଗୁଡ଼ିକ ଦୂଷିତ ହୋଇଯାଇଛି ବୋଲି ମନେ କରନ୍ତି ।

ପ୍ରାଚୀନକାଳରେ ସମସ୍ତ ସିଧାନ୍ତ ୧୪ଟି ପୂର୍ବରେ ଅନ୍ତର୍ନିହିତ ଥିଲା । ମହାବୀର ସ୍ୱୀୟ ୧୧ ଜଣ ଗଣଧରଙ୍କୁ ଏହାର ଉପଦେଶ ଦେଲେ । ଧୀରେ ଧୀରେ କାଳଦୋଷରୁ ଏ ସବୁ ନଷ୍ଟ ପ୍ରାୟ । କେବଳ ଜଣେ ଗଣଧର ଏଗୁଡ଼ିକୁ ଜାଣିଥିଲା ଏବଂ ସେହି ଜ୍ଞାନ ଛ'ପୁରୁଷ ପର୍ଯ୍ୟନ୍ତ ଚାଲିଥିଲା ।

ତିନୋଟି ବାଚନା - ଜୈନ ପରଂପରାନୁଯାୟୀ ମହାବୀର ନିର୍ବାଣର ପ୍ରାୟ ୧୬୦ ବର୍ଷ ପରେ (ଖ୍ରୀ.ପୂ. ୩୬୭) ମଗଧରେ ଭୀଷଣ ଦୁର୍ଭିକ୍ଷ ଦେଖାଦେଇଥିଲା । ଫଳତଃ ଅନେକ ଜୈନଭିକ୍ଷୁ ଭଦ୍ରବାହୁଙ୍କ ନେତୃତ୍ୱରେ ସମୁଦ୍ର ତୀରବର୍ତ୍ତୀ ଦେଶକୁ ଗମନ କଲେ । ଅବଶିଷ୍ଟ ଭିକ୍ଷୁ ସ୍ଥୂଳଭଦ୍ରକଙ୍କ ନେତୃତ୍ୱରେ ସେହି ସ୍ଥାନରେ ହିଁ ଅବିଚଳିତ ରହିଲେ । ଦୁର୍ଭିକ୍ଷ ପରେ ପାଟଳୀପୁତ୍ରରେ ସ୍ଥୂଳଭଦ୍ରଙ୍କ ନେତୃତ୍ୱକୁ ସ୍ୱୀକାର କରୁଥିବା ଶ୍ରମଣମାନଙ୍କର ସମ୍ମେଳନରେ ଶ୍ରୁତଜ୍ଞାନକୁ ବ୍ୟବସ୍ଥିତ କରିବାକୁ ଖଣ୍ଡ ଖଣ୍ଡ କରି ଏଗାରଟି ଅଙ୍ଗରେ ସଂକଳନ କଲେ । ଚତୁର୍ଦ୍ଦଶୀ ପୂର୍ବଦାରୀ ଭଦ୍ରବାହୁ ନେପାଳରେ ଅବସ୍ଥାନ କରୁଥିବାରୁ କେତେକ ସାଧୁ ତାଙ୍କ ନିକଟକୁ ଯାଇ ସେଠାରୁ ଯାହା କିଛି ପାଇଲେ ପାଟଳୀପୁତ୍ର ସମ୍ମେଳନରେ ସେ ସବୁକୁ ସିଧ୍ାନ୍ତ ରୂପରେ ସଂକଳିତ କରିନେଲେ । ଏହା ହେଉଛି ପାଟଳିପୁତ୍ର ବାଚନା ।

ମାଥୁର ବାଚନା - ମହାବୀର ନିର୍ବାଣର ୮୨୭ କିମ୍ବା ୮୪୦ ବର୍ଷ ପରେ (ଖ୍ରୀ. ୩୦୦-୩୧୩)ର ଦୁର୍ଭିକ୍ଷ ପରେ ଆଗମଗୁଡ଼ିକ ସୁବ୍ୟବସ୍ଥା ରୂପ ଦେବାପାଇଁ ମଥୁରାର ଏକ ସମ୍ମିଳନୀ ଆହୂତ ହୋଇଥିଲା । ଯାହା କିଛି ସ୍ମରଣ ଥିଲା ସେ ଗୁଡ଼ିକୁ ଏଠାରେ କାଳିକ ଶ୍ରୁତି ରୂପରେ ଏକତ୍ରିତ କରାଗଲା ।

ଠିକ୍ ଏହି ସମୟରେ ନାଗାର୍ଜୁନଙ୍କ ନେତୃତ୍ୱରେ ବଲଭୀ ସମ୍ମେଳନରେ ବିସ୍ମୃତ ସୂତ୍ରାବଳୀକୁ ସ୍ମରଣ କରି ସୁତ୍ରାନ୍ଦର ସଂଘଟନାପୁର୍ବକ ସିଧ୍ାନ୍ତର ଉଧାର କରାଗଲା । ଏହା ହେଲା ବଲଭ ବାଚନା ।

ପରେ ଖ୍ରୀ. ୪୫୩ - ୪୬୬ ମଧ୍ୟରେ ବଲଭୀରେ ଦ୍ୱିତୀୟ ସମ୍ମେଳନ ହୋଇ ବିବିଧ ପାଠାଂତର ଓ ବାଚନା ଭେଦ ପ୍ରଭୃତିର ସମନ୍ୱୟ କରି ମାଧୁରୀ ବାଚନାର ଆଧାରରେ ଆଗମଗୁଡ଼ିକୁ ସକଳିତ କରି ସେଗୁଡ଼ିକୁ ଲିପିବଧ୍ କରାଗଲା । ଏହି ଜୈନ ଆଗମ ଗୁଡ଼ିକର ଅନ୍ତିମ ବାଚନା । ଶ୍ୱେତାମ୍ବର ସଂପ୍ରଦାୟ ଦ୍ୱାରା ମାନ୍ୟ ବର୍ତ୍ତମାନ ଆଗମ ଏହି ସଂକଳନର ହିଁ ପରିଣାମ ।

ବର୍ତ୍ମାନ ଆଗମ ଗୁଡ଼ିକର ଭାଷା ଭାଗବନା ମହାବୀରଙ୍କ ଭାଷା ରୂପରେ ସୁରକ୍ଷିତ ହୋଇ ପାରିନାହିଁ । କାରଣ ମହାବୀର ନିର୍ବାଣର ୧୦୦ ବର୍ଷର ଦୀର୍ଘ ସମୟ ମଧରେ ଆଗମ ସାହିତ୍ୟ ଯଥେଷ୍ଟ କ୍ଷତିଗ୍ରସ୍ତ ହୋଇଯାଇଛି ।

ଟୀକାକାର - ଅଭୟ ଦେବ ଓ ମଳୟଗିରି ଭାଷା ସମ୍ବନ୍ଧୀୟ ବିବିଧତା ଦର୍ଶାଇଛନ୍ତି । ମୁନିଜନ ବିଜୟଙ୍କ ଠାରୁ ଜ୍ଞାତ ଯେ ଭଗବତୀ ସୂତ୍ର ଆଦି ପ୍ରାଚୀନ ପୋଥିର ମହାବୀର ସ୍ଥାନରେ ମାଧବୀରେ ଏବଂ ଦେବେହିଁ ସ୍ଥାନରେ ଦେବେଭି ଆଦି ପାଠ ମିଳେ । ଦ୍ରଷ୍ଟବ୍ୟ : (ହେମା ୮/୧/୧୭୭) ଆଚାରଙ୍ଗ ସୂତ୍ରକୃତାଙ୍ଗ, 'ଉତ୍ରାଧୟନ, ଦଶବୈକାଳିକ, ନିଶୀଥ, ବ୍ୟବହାର ଏବଂ ବୃହତ୍ କଳ ସୂତ୍ର ପ୍ରଭୃତି ଆଗମଗୁଡ଼ିକର ଭାଷା ଖୁବ୍ ପ୍ରାଚୀନ କହିଲେ ଅତ୍ୟୁକ୍ତି ହେବନାହିଁ ।

ନାନା କ୍ଷୟକ୍ଷତି ଭିତର ଦେଇ ଗତି କରିଥିଲେ ହେଁ ଆଗମ ସାହିତ୍ୟର ଅବଶିଷ୍ଟ ଅଂଶର ଯଥେଷ୍ଟ ମହତ୍ୱ ରହିଅଛି । ଏଥିରେ ପ୍ରାଚୀନତମ ଜୈନ ପରମ୍ପରା, କିମ୍ବଦନ୍ତୀ, ଲୋକକଥା, ତତ୍କାଳୀନ ରୀତିନୀତି, ଧର୍ମୋପଦେଶ ପଧ୍ତି, ଆଚାରବିଚାର, ସଂଯମ ପାଳନ ଇତ୍ୟାଦିର ବିଧିବିଧାନ ଦେଖିବାକୁ ମିଳେ । ଉଦାହରଣସ୍ୱରୂପ ବ୍ୟାଖ୍ୟା ପ୍ରଜ୍ଞପ୍ତରେ ସାମାଜିକ ସ୍ଥିତିର ପୂର୍ଣ୍ଣ ଚିତ୍ର ଦେଖିବାକୁ ମିଳେ । ପୁନଶ୍ଚ କଳ୍ପ ସୂତ୍ରରେ ମହରବୀରଙ୍କ ଜୀବନୀ, ତାଙ୍କର ବିହାରଚର୍ଯ୍ୟା ଏବଂ ଜୈନ ଶ୍ରମଣମାନଙ୍କ ସ୍ଥବିରାବଳୀ ସ୍ଥାନ ପାଇଛି ।

ଜ୍ଞାତୁଧର୍ମ କଥାରେ ନିର୍ଗ୍ରନ୍ଥ ପ୍ରବଚନର ଉଦ୍‌ବୋଧକ ବହୁ କଥା କାହାଣୀ, ଉପମା ଏବଂ ଦୃଷ୍ଟାନ୍ତ ଛଳରେ ସଂଗୃହୀତ, ଯେଉଁଥିରେ ମହାବୀରଙ୍କ ସରଳ ଆଲୋକପାତ କରାଯାଇଛି । ଅଚାରଙ୍ଗ, ସୂତ୍ରକୃତାଙ୍ଗ, ଉତ୍ରାଧୟନ ଏବଂ ଦଶ ବୈକାଳିକ ସୂତ୍ରମାନଙ୍କ ଅଧୟନ ଦ୍ୱାରା ଜୈନ ମୁନିମାନଙ୍କର ସଂଯମ ପାଳନର କଠୋରତାର ପରିଚୟ ମିଳେ । ରାଜପ୍ରଶ୍ନୀୟ, ଜୀବାଭିଗମ ଏବଂ ପ୍ରଜ୍ଞାପନା ଇତ୍ୟାଦିରେ ବାସ୍ତୁଶାସ୍ତ୍ର, ସଂଗୀତ, ନାଟ୍ୟ, ବିବିଧ କଳା, ପ୍ରାଣୀବିଜ୍ଞାନ, ବନସ୍ପତି ବିଜ୍ଞାନ ଇତ୍ୟାଦି ବହୁ ବିଷୟର ବର୍ଣ୍ଣନା ମିଳେ । ଛେଦସୂତ୍ର ପ୍ରାଚୀନତମ ଆଗମ ସାହିତ୍ୟର ଅନ୍ତର୍ଗତ । ଏହା ନିଗ୍ରନ୍ଥି ଶ୍ରମଣମାନଙ୍କର ଆହାର-ବିହାର, ଗମନାଗମନ, ରୋଗଚିକିତ୍ସା, ବିଦ୍ୟାମନ୍ତ୍ର, ସ୍ୱାଧାୟ, ଉପସର୍ଗ, ଦୁର୍ଭିକ୍ଷ, ମହାମାରୀ, ତପ, ଉପବାସ, ପ୍ରାୟଶ୍ଚିତ (ଆଦି) ସମ୍ବନ୍ଧୀୟ ବିପୁଳ ସାମଗ୍ରୀରେ ଭରପୁର । ଭଗବାନ ମହାବୀରଙ୍କ ଦ୍ୱାରା ଉଦ୍ଦିଷ୍ଟ ବୃହତ୍‌କଳ୍ପ ସୂତରେ ଭିକ୍ଷୁ, ଭିକ୍ଷୁଣୀମାନଙ୍କର ବିହାର ସ୍ଥାନ ବର୍ଣ୍ଣିତ । ପୂର୍ବରେ ଅଂଗ ମଗଧ ପର୍ଯ୍ୟନ୍ତ, ଦକ୍ଷିଣରେ କୌଶାମ୍ବୀ, ପଶ୍ଚିମରେ ଧୂଣା (ସ୍ଥାନେଶ୍ୱର) ଏବଂ ଉତ୍ରରେ କୁଣାଲ (ଉତ୍ର କୋଶଳ) ପର୍ଯ୍ୟନ୍ତ ବିସ୍ତୃତ । ଭାଷାଶାସ୍ତ୍ର ଦୃଷ୍ଟିରୁ ମଧ ପ୍ରାକୃତ ଭାଷାର ଏହି ପ୍ରାଚୀନତମ ସାହିତ୍ୟ ଅତ୍ୟନ୍ତ ଉପଯୋଗୀ ଏବଂ ମହତ୍ୱପୂର୍ଣ୍ଣ ।

ଏହି ଆଗମଗୁଡ଼ିକର ସମୟ ନିର୍ଧାରଣ ସହଜ ସାଧ ନୁହେଁ । କେତେକ ଅଂଶକୁ ମହାବୀରଙ୍କ ସମସାମୟିକ ବୋଲି ଧରି ନିଆଯାଇପାରେ କିନ୍ତୁ କେଉଁ ଅଂଶ ସାକ୍ଷାତ୍

ମହାବୀରଙ୍କ ବାଚନା ତାହା କହିବା ସମ୍ଭବପର ନୁହେଁ, ଅଂଶ, ମୂଳସୂତ୍ର, ଏବଂ ଛେତସୂତ୍ର, ବିଷୟ ଓ ଭାଷା ଦଷ୍ଟିରୁ ପ୍ରାଚୀନ ବୋଲି ଜଣାଯାଏ। ତତ୍‌ପରବର୍ତ୍ତୀ ସାହିତ୍ୟ ଉପାଙ୍ଗ, ପ୍ରୀର୍ଣ୍ଣକ ତଥାନନଳୀ, ଅନୁଯୋଗ ଦ୍ୱାରା ଆଗମଗୁଡ଼ିକର ଅନ୍ତିମ ସଂକଳନ ସମୟ ୬ମ ଖ୍ରୀଷ୍ଟାବ୍ଦକୁ ହିଁ ଏହାର ଶେଷ ସମୟ ବୋଲି ଗ୍ରହଣ କରାଯାଇପାରେ । ଦ୍ୱାଦଶାଙ୍ଗ ସବୁଠାରୁ ପ୍ରାଚୀନ । ଏହାକୁ ବେଦ କୁହାଯାଏ । ଏହାର ଅନ୍ୟନାମ ଗଣିପିଟକ । ଏହି ଅଙ୍ଗଗୁଡ଼ିକ ମହାବୀରଙ୍କ ଗଣଧର (ଶିଷ୍ୟ) ସୁଧର୍ମା ସ୍ୱାମୀଙ୍କ ରଚିତ (ଦେଖ, ସମବାୟାଙ୍ଗ ନନ୍ଦୀସୂତ୍ର) ।

ଅଂଗ

ପ୍ରଥମ ଅଂଗ : ଆୟାରାଙ୍ଗ ସୁତ୍ (ଆଚାରଙ୍ଗ ସୂତ୍ର) : ଏଥିରେ ଜୈନ ମୁନିମାନଙ୍କର ଆଚାର ବ୍ୟବହାର ସଂପର୍କୀୟ ବିଧିବିଧାନ ବର୍ଣ୍ଣିତ । ଏହା ଦୁଇ ଖଣ୍ଡରେ ବିଭକ୍ତ । ପ୍ରଥମ ଖଣ୍ଡଟି ପ୍ରାଚୀନ ଓ ମହତ୍ୱପୂର୍ଣ୍ଣ । ଏଥବରେ ଗଦ୍ୟ ପଦ୍ୟ ଉଭୟର ବ୍ୟବହାର ଦେଖାଯାଏ । ଏହାର ଗଣନା ପ୍ରାଚୀନତମ ଜୈନଗ୍ରନ୍ଥମାନଙ୍କ ମଧରେ ଅନ୍ୟତମ । ଏଥିରେ ଅନୁଷ୍ଟୁଭ୍ ଛନ୍ଦରେ ରଚିତ କତିପୟ ଗାଥା ପରିଦୃଷ୍ଟ ହୁଏ ।

ମୃତ୍ୟୁ ସମ୍ବନ୍ଧରେ ବ୍ୟକ୍ତ କରନ୍ତି ଯେ ଷ: 'ନତ୍‌ଥ କାଲସ୍‌ସଣାଗମୋ । ମବ୍‌ବେପାଣା ପିୟା ଭୟା, ସୁହସାୟା, ଦୁକ୍‌ଖ ପଡ଼ିକ୍ୱୟ ଅପ୍‌ପିୟବହା, ପିୟଜୀବିଣୋ ଜୀବିଭକମ । ସାଦ୍ଧେ ସିଂ ଜୀବିୟ ପିୟଂ ।" ଅର୍ଥାତ୍ ମୃତ୍ୟୁର ଆଗମନ ନିଶ୍ଚିତ । ସମସ୍ତ ପ୍ରାଣୀଙ୍କର ନିଜ ନିଜର ଜୀବନ ଅତ୍ୟନ୍ତ ପ୍ରିୟ । ସମସ୍ତେ ସୁଖ ଚାହାନ୍ତି । ଦୁଃଖ କେହି ଚାହାନ୍ତି ନାହିଁ, ମରଣ ସମସ୍ତଙ୍କର ଅପ୍ରିୟ, ସମସ୍ତ ବଂଚି ରହିବାକୁ ଚାହାନ୍ତି । ପ୍ରତ୍ୟେକ ପ୍ରାଣୀ ଜୀବନ ପ୍ରତି ଆସକ୍ତ, ସମସ୍ତଙ୍କୁ ଦୀବିତ ରହିବାକୁ ଭଲ ଲାଗେ ।

ଶୀତୋଷ୍ଣୀୟ ଅଧ୍ୟୟନରେ ବିଭକ୍ତ ମୁନିର ସ୍ୱରୂପ, ସମ୍ୟକଦର୍ଶୀର ଲକ୍ଷଣ ଏବଂ କଷାୟ ତ୍ୟାଗ ଇତ୍ୟାଦିର ପ୍ରତିପାଦନ ଦ୍ରଷ୍ଟବ୍ୟ ।

ଆନନ୍ଦ ଓ ବିଷାଦର ସମଭାବ ରଖବପାଇଁ ଉପଦେଶରେ -କା ଅରଇ ? କେ ଆଣି ଦେବ ? ଇତ୍‌ଥାପି ଅଗଗଇତରେ ସର୍ବବଂ ହସଂ ପରଛଜ୍ଜ ଆଲୀନ ଗୁଲୋ ପରିବଏ । ଅର୍ଥାତ୍ ଅରତି କଣ ? ଆନନ୍ଦ ବା କଣ ? ଏଥବରେ ଆସକ୍ତି ନରଖି ସଂଯମ ପୂର୍ବକ ବିଚରଣ କର । ସମସ୍ତ ପ୍ରକାର ହାସ୍ୟ ପରିତ୍ୟାଗ କର । ଏବଂ କାୟମନୋବାକ୍ୟର ଗୋପନ କରି ସଂଯମ ରକ୍ଷା କର ।

ଉପଧାନ ଶ୍ରୁତି ଅଧ୍ୟୟନରେ ମହାବୀରଙ୍କ କଠୋର ସାଧନାର ବର୍ଣ୍ଣନା ରହିଛି । ସେ ନଗ୍ନ ଶରୀର ନେଇ ବୁଲୁଥିଲେ ଲୋକେ ତାଙ୍କୁ ମାରନ୍ତି, ଚିଡ଼ାନ୍ତି, କିନ୍ତୁ (ସେ ମହାବୀର) ବିରାବର ଧ୍ୟାନମଗ୍ନ ରହନ୍ତି । ଲାତ ନିବାସୀ ତାଙ୍କୁ କଷ୍ଟ ଦେଲେ, କୁକୁମାର କାମୁଡ଼ାଇଲେ, ଲାଠି ଓ ମୁଷ୍ଟି ପ୍ରହାର କଲେ, ତାଙ୍କ ଉପରେ ଫଳ, ଢେ଼ଲା ଓ ପଥର ପକାଇଲେ ଓ ତାଙ୍କୁ

ବହୁ କଷ୍ଟଦେଲେ । କିନ୍ତୁ ଯୁଧ୍‌ବୀର ପରି ମହାବୀର ଅଟଳ ରହିଲେ । ପ୍ରାୟଃ ମାସ ମାସ ଧରି ସେ ପାଣି ପିଉ ନଥିଲେ, ଷଷ୍ଠ, ଅଷ୍ଟମ କିମ୍ବା ଦଶମ ଦିନରେ କେବେ ଖାଦ୍ୟ ଖାଉଥିଲେ ଏବଂ ଧ୍ୟାନରେ ନିରନ୍ତର ମଗ୍ନ ରହୁଥିଲେ ।

ଦ୍ୱିତୀୟ ଅଂଗ 'ଚୁଲା' (ପରିଶିଷ୍ଟ ରୂପରେ) ରେ ଭିକ୍ଷା ପର୍ଯ୍ୟଟନ୍, ଭାଷଣାଦି ସମ୍ବନ୍ଧୀୟ ନିୟମ ବର୍ଣ୍ଣିତ ।

ପ୍ରଥମ ଶ୍ରୁତସ୍କନ୍ଧରେ ସ୍ୱସମୟ ଏବଂ ପର ସମୟର ନିରୂପଣ କରାଯାଇଛି । ପଞ୍ଚଭୂତିବାଦୀ, ଅଦ୍ୱୈତବାଦୀ, ଜୀବ ଓ ଶରୀରକୁ ଅଭିନ୍ନ ମାନିବା, ଜୀବକୁ ପୁଣ୍ୟ ପାପର ଆକର୍ତ୍ତା ମାନିବା, ପଞ୍ଚଭୂତିଗୁଡ଼ିକ ସହ ଆତ୍ମାକୁ ଷଷ୍ଠଭୂତ ସ୍ୱୀକାର କରିବା ତଥା କୌଣସି କ୍ରିୟାକୁ ଫଳରେ ବିଶ୍ୱାସ ନ କରିବା, ଲୋକଙ୍କ ସମ୍ବନ୍ଧରେ ବିବେଚିତ ନିୟତିବାଦ, ଅଜ୍ଞାନବାଦ, ଜଗତ୍‌କୃର୍ତ୍ତତ୍ୟବାଦ ଏବଂ ଲୋକାବଦର (ନିରସନ) ବହିସ୍କାର କରାଯାଇଛି । ଶରୀରର ଅନିତ୍ୟତା, ୁପସର୍ଗ ସହନ (ଦୁର୍ଯ୍ୟୋଗ ଆଦି), କାମ ପରିତ୍ୟାଗ ଏବଂ ଅଣରଣତ୍ୱ ଇତ୍ୟାଦିର ପ୍ରରୂପଣ ଦ୍ରଷ୍ଟବ୍ୟ । ସ୍ତ୍ରୀ ପରିଜ୍ଞା ଅଧ୍ୟୟନରେ କିପରି ସାଧୁମାନଙ୍କୁ ସ୍ତ୍ରୀ ଜନ୍ୟ ଉପସର୍ଗ (ଦୁଃଖ, ଅବସାଦ, ଗ୍ଲାନି) ସହିବାକୁ ପଡ଼ିଥାଏ ତାହା ବର୍ଣ୍ଣିତ । କୌଣସି ସାଧୁ କୌଣସି ସ୍ତ୍ରୀ ବଶୀଭୂତ ହେଲେ ନିଜ ମସ୍ତକରେ ତାର ପଦାଘାତ ସହନ କରିବାକୁ ପଡ଼େ । ସ୍ତ୍ରୀ ସାଧୁକୁ ତାପାଇଁ ସବୁ ପ୍ରକାର କୁତ୍ସିତ କର୍ମ କରିବାକୁ ବାଧ କରେ । ସମାଧି ଅଧ୍ୟୟନରେ ଦର୍ଶନ, ଜ୍ଞାନ, ଚରିତ୍ର ଏବଂ ତପରୂପ ସମାଧବର ଉପାଦେୟତା ଲିଖିତ । ମାର୍ଗ ଅଧ୍ୟୟନରେ ମହାବିରୋକ୍ତି ମାର୍ଗ, ଯତା ତତା ଅଧ୍ୟାନରେ ଉମ ସାଧୁ ଆଦିର ଲକ୍ଷଣ ଗ୍ରନ୍ଥ ଅଧ୍ୟୟନରେ ସାଧୁମାନଙ୍କ ଆଚାର ବିଚାରର ବର୍ଣ୍ଣନା, ଆଦାନ ଅଧ୍ୟୟନରେ ସ୍ତ୍ରୀ ସେବାନାଦିର ତ୍ୟାଗ, ବିଧାନ, ଏବଂ ଗାଥା ଅଧ୍ୟୟନର ମାହଣ (ବ୍ରାହ୍ମଣ) ଶ୍ରମଣ, ଭିକ୍ଷୁ ଏବଂ ନିଗ୍ରନ୍ଥର ବ୍ୟାଖ୍ୟା ରହିଛି । ବ୍ରାହ୍ମଣ ମାନ୍ୟତାର ଆକ୍ଷେପରେ "ଆଚମନ କଲେ ଯଦି ମୁକ୍ତି ମିଳେ, ତାହାହେଲେ ମାଛ, କଇଁଛ, ସର୍ପ ଇତ୍ୟାଦିକୁ ପରମ ମୁକ୍ତି ମିଳିବ । ଯଦି ଜଳରେ ପାପ ଧୋଇ ହୋଇଯାଏ, ତେବେ ପୁଣ୍ୟ ମଧ (ତା ସଂଗେ) କାହିଁକି ଧୋଇ ନ ହେବ ? ଯଦି ଅଗ୍ନି ଜଳିବାରେ ମୁକ୍ତି ମିଳେ, ତାହାହେଲେ କମାର ? ? ତଥା ଅନ୍ୟ କାରିଗରମାନଙ୍କୁ ମୁକ୍ତ ହିଁ ବୁଝିବା ଉଚିତ୍ ।''

ଭାଷା ଓ ଭାବ ଦୃଷ୍ଟିରୁ ଉପରୋକ୍ତ ଦୁଇ ଅଙ୍ଗ ମହତ୍ୱପୂର୍ଣ୍ଣ ।

ତୃତୀୟ ଓ ଚତୁର୍ଥ ଅଂଗ : ଠାଣାଙ୍ଗ (ସ୍ଥାନାଙ୍ଗ) ଓ ସମବାୟାଙ୍ଗର ସାହିତ୍ୟିକ ମହତ୍ୱ ନାହିଁ । ସମବାୟାଙ୍ଗରେ ବାର ଅଙ୍ଗ ଓ ଚଉଦ ପୂର୍ବମାନଙ୍କ ବର୍ଣ୍ଣନ ତଥା ବ୍ରାହ୍ମୀ ପ୍ରଭୃତି ଅଠରଟି ଲିପିର ଓ ନାଳୀସୂତ୍ରର ଉଲ୍ଲେଖ ରହିଛି । ଏହି ଅଂଗରେ ଅର୍ଧମାଗଧୀ ଭାଷା ସମ୍ବନ୍ଧରେ କୁହାଯାଇଛି ଯେ ଏହା ଆର୍ଯ୍ୟ ଅନାର୍ଯ୍ୟ ତଥା ପଶୁ ପକ୍ଷୀମାନଙ୍କର ସୁଧା ବୋଧଗମ୍ୟ ।

ପ□ମ ଅଙ୍ଗ॰ 'ବିୟାଦପଣ୍ଣତି' (ବ୍ୟାଖ୍ୟା ପ୍ରଜ୍ଞପ୍ତି) ଏହାର ଅନ୍ୟନାକ ଭଗବତୀ ସୂତ୍ର । ଜୀବାଦ୍ଧି ପଦାର୍ଥମାନଙ୍କର ବ୍ୟାଖ୍ୟାଗୁଡ଼ିକର ପ୍ରରୂପଣ ହୋଇଥିବାରୁ ଏହାକୁ ବ୍ୟାଖ୍ୟା ପ୍ରଜ୍ଞପ୍ତି କୁହାଯାଏ । ଗୌତମ ଗଣଧର ଭଗବାନ ମହାବୀରଙ୍କୁ ଜୈନ ସିଧାନ୍ତ ସମ୍ବନ୍ଧୀୟ ପ୍ରଶ୍ନ ପଚାରନ୍ତି ଏବଂ ମହାବୀର ତାର ଉତ୍ର ଦିଅନ୍ତି ।

ମହାବୀରଙ୍କ ସମ୍ବନ୍ଧରେ କେତେକ ଐତିହାସିକ ତଥ୍ୟ ଏଥିରେ ମିଳେ, ମହାବୀର ବୈଶାଳୀ ନିବାସୀ ଏବଂ ତାଙ୍କ ଶ୍ରାବକଗଣଙ୍କୁ ବେସାଲିୟ ସାବୟ (ବୈଶାଳୀୟଂକ ଅର୍ଥାତ୍ ମହାବୀରଂକ ଶ୍ରାବକ) ରୂପରେ ଉଲ୍ଲେଖ କରାଯାଇଛି । ଶ୍ରମଣୋ - ପାସକମାନଙ୍କ ବର୍ଣ୍ଣନରେ ତୁଙ୍ଗୀୟା ନଗରୀରେ ବହୁ ଶ୍ରମଣୋପାସକ ରହୁଥିବଲେ । ସେମାନଙ୍କର ବିଶାଳ ଓ ବିସ୍ତୃତ ଭବନ ଥିଲା । ଶୟନ,ଆସନ, ଯାନବାହନ ଯଥେଷ୍ଟ ପରିମାଣରେ ଥିଲା । ପୁଷ୍କର ଧନ ଓ ସୁନାରୂପା ଥିଲା । ଟଙ୍କା ସୁଧରେ ଦେଇ ପ୍ରଚୁର ଧନ ଅର୍ଜ୍ଜନ କରୁଥିଲେ । ଅନେକ ପ୍ରକାରର ବ୍ୟଞ୍ଜନ ପ୍ରସ୍ତୁତ ହେଉଥିଲା । ବହୁ ଦାସଦାସୀ, ଗାଇ, ମହିଷ, ମେଣ୍ଢ଼ର ପ୍ରଭୃତି ସମ୍ପତ୍ତିର ପ୍ରାଚୁର୍ଯ୍ୟ ଥିଲା । ସେମାନେ ଜୀବନ ଓ ଜୀବନହୀନ ସ୍ୱରୂପକୁ ଭଲଭାବେ ବୁଝିଥିଲ । ପୁଣ୍ୟ ପାପର ମଧ ସମ୍ୟକ୍ ଜ୍ଞାନ ଥିଲା । ଆସ୍ରବ, ସଂବର, ନିର୍ଜରା, କ୍ରିୟା, ଅଧିକରଣ, ବନ୍ଧି ଏବଂ ମୋକ୍ଷ ପ୍ରଭୃତିର ସ୍ୱରୂପ ଜାଣିଥିଲେ । ନିଗ୍ରନ୍ଥ ପ୍ରବଚନରେ ଶଙ୍କା ରହିତ, ଆକାଙ୍କ୍ଷା ରହିତ ଏବଂ ବିଚିକିତ୍ସା ରହିତ ଥିଲେ । ଶସ୍ତ୍ରାର୍ଥକୁ ସେମାନେ ଗ୍ରହଣ କରିଥିଲେ । ଅଭିଗତ କରିଥିଲେ । କେବଳ ନିଗ୍ରନ୍ଥପ୍ରବଚନ ଚଡ଼ା ଅନ୍ୟ ସବୁକୁ ନିଷ୍ ପ୍ରୟୋଜନ ମାନୁଥିଲେ । ସେମାନଙ୍କ ଉଦାରତା ହେତୁ ସେମାନଙ୍କ ଦ୍ୱାରା ସମସ୍ତଙ୍କ ପାଇଁ ଉନ୍ମୁକ୍ତ ଥିଲା । ଯେ କୌଣସି ଗୃହ କିମ୍ବା ଅନ୍ତଃପୁରକୁ ଗଲେ ସେଠି ଆନନ୍ଦ ଉତ୍ପନ୍ନ କରୁଥିଲେ । ଶୀଲବ୍ରତ୍, ଗୁଣବ୍ରତ, ବିରମତା, ପ୍ରତ୍ୟାଖାନ, ପ୍ରୋଷଧ ଓ ଉପବାସ ଇତ୍ୟାଦି ଦ୍ୱାରା ଚତୁର୍ଦ୍ଦଶୀ, ଅଷ୍ଟମୀ, ଅମାବାସ୍ୟା ଏବଂ ପୂର୍ଣ୍ଣିମା ଦିନମାନଙ୍କରେ ପୂର୍ଣ୍ଣ ପ୍ରୋଷଥ ପାଳନ କରୁଥିଲେ ।

ପାର୍ଶ୍ୱନାଥଙ୍କଠାରୁ ମହାବୀର ପର୍ଯ୍ୟନ୍ତ ସମସ୍ତ ତୀର୍ଥଙ୍କରଙ୍କ ଜୀବନ ଘଟଣାବଳୀ, ବିରୋଧି ସଂପ୍ରଦାୟ ମାନଙ୍କର ବୃତ୍ାନ୍ତ, ଆହତମାନଙ୍କ, ଭଗବତଙ୍କ ସ୍ୱର୍ଗ ସୁଖ ବର୍ଣ୍ଣନା କାବ୍ୟାତ୍ମକ ଢ଼ଙ୍ଗରେ ହୋଇଛି । ଉଦାହରଣ, ଦୃଷ୍ଟାନ୍ତ, ଉପମା ଓ ରୂପକାଦି ସାହାଯ୍ୟରେ ଗଭୀର ବିଷୟଗୁଡ଼ିକୁ ଏଥବରେ ବିଶଦ୍ଭାବରେ ବୁଝାଇ ଦିଆଯାଇଛି ।

ଷଷ୍ଠ ଅଙ୍ଗ : 'ଣାନାଧମ୍ମ କହାଓ' (ନ୍ୟାୟ ଧର୍ମକଥା କିମ୍ବା ଜ୍ଞାତଧର୍ମ କଥା) ରେ ଜ୍ଞାତର ଅର୍ଥ ଉପମା, ଉଦାହରଣ, ଦୃଷ୍ଟାନ୍ତ । ଏହି ଗ୍ରନ୍ଥରେ ସଂଯମ, ତପ ତ୍ୟାଗାଦିକୁ ଉଦାହରଣ ତଥା ଲୋକ ପ୍ରଚଳିତ କଥାମାନଙ୍କ ଦ୍ୱାରା ପ୍ରଭାବଶାଳୀ ଏବଂ ରୋଚକ ଶୈଳୀରେ ବୁଝାଇ ଦିଆଯାଇଛି ।

ପ୍ରଥମ ଶ୍ରୁତାଙ୍ଗରେ ୧୯ଟି ଅଧ୍ୟୟନରେ ନୀତି କଥାମାନ ଏବଂ ଦ୍ୱିତୀୟରେ ୧୦ଟି ବର୍ଗରେ ଧର୍ମ କଥାମାନ ରହିଛି । ଏହି କଥାଗୁଡ଼ିକ ପରସ୍ପର ସଂଯୁକ୍ତ ହେଲେହେଁ ସ୍ୱତନ୍ତ୍ର

ଅସ୍ତିତ୍ୱ ରକ୍ଷା କରିଛନ୍ତି । ଏସବୁଗୁଡ଼ିକର ଲକ୍ଷ ଏକ ସଂଯମ, ତପ ଏବଂ ତ୍ୟାଗ । ଏତଦ୍‌ବ୍ୟତୀତ ଏଗୁଡ଼ିକ ବିବିଧ ପରୀଲୋକର ଯାତ୍ରା ବର୍ଣ୍ଣନା, ବିସ୍ମୟୋଦ୍ଦୀପକ ଓ ଧାର୍ମିକ ତତ୍ୱ ସମ୍ୱଳିତ ।

ରାଜଗୃହ ନଗରର ରାଜା ଶ୍ରେଣୀକଙ୍କ ପୁତ୍ର ଅଭୟ କୁମାର ରାଜମନ୍ତ୍ରୀ ପଦରେ ରହିଥିଲେ । ରାଣୀ ଧାରିଣୀ ଗର୍ଭବତୀ ହୋଇଥିଲେ । ତାଙ୍କୁ ସ୍ୱପ୍ନରେ ଜଣାଗଲା ଯେ ପୁତ୍ରଲାଭ ହେବ । ପୁତ୍ରର ନାମ ହେଲା ମେଘକୁମାର । ଆଠ ବର୍ଷ ବୟସରେ ସେ କଳିଚାର୍ଯ୍ୟଙ୍କ ନିକଟକୁ ବିଦ୍ୟା ଶିକ୍ଷା ଉଦ୍ଦେଶ୍ୟରେ ଗଲେ ।

ଯୁବାବସ୍ଥାରେ ରାଜକନ୍ୟା ମାନଙ୍କ ସହ ତାଙ୍କର ବିବାହ ସମାହିତ ହେଲା, ଥରେ ଭଗବାନ ମହାବୀର ରାଜଗୃହ ଆସିଥିଲେ । ମେଘକୁମାର ମହାବୀରଙ୍କ ଦର୍ଶନ ପାଇଁ ଗଲେ ଏବଂ ମହାବୀରଙ୍କ ଧର୍ମଶୁଣୀ ପ୍ରବ୍ରଜ୍ୟା ହେବାକୁ ତାଙ୍କର ଇଚ୍ଛା ହେଲା । ମେଘକୁମାରଙ୍କ ମା ଏହା ଶୁଣି ମୂର୍ଚ୍ଛିତା ହୋଇ ପଡ଼ିଲେ । ଏବଂ ଚେତନା ଲାଭ କଲାପରେ ମେଘକୁମାରକୁ ନିଗ୍ରନ୍ଥ ଧର୍ମର କଠୋରତା ପ୍ରତିପାଦନ କରୁଥିବା ବିଭିନ୍ନ ଉଦାହରଣ ଦେଇ ପ୍ରବ୍ରଜ୍ୟା ଗ୍ରହଣରୁ ବିରତ କରାଇବାକୁ ଚେଷ୍ଟା କଲେ । କିନ୍ତୁ ମେଘକୁମାର ସେସବୁକୁ କର୍ଣ୍ଣପାତ କଲେ ନାହିଁ । ସାଧୁ ଅବସ୍ଥାରେ ବେଳେବେଳେ କଠିନ କାର୍ଯ୍ୟସାଧନ କରିବାକୁ ପଡ଼ିବାରୁ ସେ ଅନାଥର ଧର୍ମ ତ୍ୟାଗ କରି ଗୃହସ୍ଥ ଧର୍ମକୁ ଫେରି ଆସିବାକୁ ଚାହିଁଲେ । କିନ୍ତୁ ମହାବୀର ଭଗବନ୍ ମେଘକୁମାରଙ୍କୁ ପୂର୍ବଭବ କଥା ଶୁଣାଇବା ଯୋଗୁ ସେ ଉକ୍ତ ନିଷ୍ପତି୍ କ୍ଷାନ୍ତ ହେଲେ । ଏହି କାହାଣୀର କଥାପୋକଥନ ଯେ ଅତୀବ ମର୍ମସ୍ପର୍ଶୀ ଏହା ନିମ୍ନଲିଖିତ ଉଦାହରଣରୁ ସୁସ୍ପଷ୍ଟ ।

“ମାତା - ହେ ପୁତ୍ର ! ଆମେ କ୍ଷଣକପାଇଁ ତୁମର ବିୟୋଗ ସହ୍ୟ କରିପାରିବୁ ନାହିଁ । ଅତଏବ ହେ ପୁତ୍ର ଆମେ ଜୀଇଁଥିବା ପର୍ଯ୍ୟନ୍ତ ବିପୁଳ ମାନବୀୟ କାମ ଭୋଗାଦି ଉପଭୋଗ କର । ପରିଣତ ଅବସ୍ଥାରେ ସଂସାରରୁ ଉଦାସୀନ ହୋଇ ଭଗବାନ ମହାବୀରଙ୍କ ସମୀପରେ ମୁଣ୍ଡିତ ହୋଇ ପ୍ରବ୍ୟଜ୍ୟା ଗ୍ରହଣ କର ।”

ମେଘ କୁମାର କହିଲେ - ସଂସାରକୁ ଉଦାସୀନ ପ୍ରବ୍ରଜ୍ୟା ଗ୍ରହଣ କରିବାକୁ ତୁମେ କହିଲ, କିନ୍ତୁ ଏହି ମନୁଷ୍ୟ ଜନ୍ମ ଅଧ୍ରୁକ, ଅନିତ୍ୟ, ଅଶାଶ୍ୱତ ଏବଂ ଶତଶତ ଦୁଃଖ ଉପଦ୍ରବାଶାନ୍ତ, ବିଦ୍ୟୁତ୍ ସମାନ ଚଳ, ଜଳ ବୁଦ୍‌ବୁଦ୍ ପରି ମନେହୁଏ । ଏପରି ଅବସ୍ଥାରେ କିଏ ଜାଣେ କିଏ ପ୍ରଥମେ ମରିବ, କିଏ ପରେ ମରିବ । ଏଣୁ ଆପଣମାନଙ୍କ ଅନୁମତି ପୂର୍ବକ ଶ୍ରୀମଣ ଭଗବାନ୍ ମହାବୀରଙ୍କ ପଦତଳେ ପ୍ରବ୍ରଜ୍ୟା ଗ୍ରହଣ କରିବାକୁ ଚାହୁଁଛି । ତତ୍ପରେ ମାତା ପିତା କହିଲେ - ଦେଖ ତୁମର ଏହି ଲାବର୍ଯ୍ୟବତୀ ପତ୍ନୀମାନଙ୍କୁ ଯେଉଁମାନେ ରୂପ, ଯୌବନ ଏବଂ ଗୁଣାବଳୀରେ ଅପାର ସେହିମାନଙ୍କ ସହ ବିପୁଳ ‘କାମ ଭୋଗ’ ଉପଭୋଗ କରି ପରେ ପ୍ରବ୍ୟଜ୍ୟା ଗ୍ରହଣ କର । ତାପରେ ମେଘକୁମାର କାମଭୋଗାଦିକୁ ଅଶୁଚି,

ଅଶାଶ୍ୱତ, ବବନ, ପିତ୍, ଶ୍ଲେଷ୍ମ, ଶୁକ୍ରା, ଶୋଣିତ, ମୁତ୍ର, ପୁରୀଷ ପୀପ ଇତ୍ୟାଦିରେ ପରିପୂର୍ଣ୍ଣ କହି ପ୍ରବ୍ରଜ୍ୟା ଗ୍ରହଣ ପାଇଁ ମାତାପିତାଙ୍କ ଅନୁମତି ଚାହିଁଥିଲେ ।

ଦଶମ ଅଧ୍ୟୟନରେ ଚନ୍ଦ୍ରମାର କ୍ଷୟବୃଦ୍ଧିର ଦୃଷ୍ଟାନ୍ତ ଦେଇ ଜୀବମାନଙ୍କୁ କ୍ଷୟ-ବୃଦ୍ଧିର ପ୍ରରୂପଣ କରାଯାଇଛି । ଷୋଡ଼ଶ ଅଧ୍ୟୟନରେ ଦୌପ୍ରଦୀ କଥା । ସେଥିରେ ଦ୍ରୌପଦୀର ୫ପତି ହେବାପାଇଁ ସେ କେଉଁଠି ଓ କେବେ ସଂକଳ୍ପ କରିଥିଲେ ସେ ବିଷୟ ବର୍ଣ୍ଣିତ ।ଊନବିଂଶ ଅଧ୍ୟୟନରେ ସୁଂସୁମା କଥା ।ଯଥା : ଏକଦା ଚୋର ସେନାପତି ବିଜୟ ସୁଂସୁମାକୁ ଉଠାଇ ନେଇଗଲେ । ନବର ରକ୍ଷୀଗଣ ତାକୁ ଗୋଡ଼ାଇବାରୁ ଚୋର ସୁଂସୁମାର ମୁଣ୍ଡ କାଟିଦେଇ ଗୋଟିଏ କୁଅରେ ପକାଇ ଦଂଗଲ ଭିତରକୁ ପଳାଇଗଲା । ସୁଂସୁମାର ବାପା ନିଜ ପୁଅ ଓ ନଗର ରକ୍ଷୀମାନଙ୍କ ସହ ଯାଇଥିଲେ ।ଭୋକ ଶୋଷରେ ଅତ୍ୟନ୍ତ ଆତୁର ହୋଇ ଏପରିକି ଚାଲିବାକୁ ମଧ ଅକ୍ଷମ ହେଲେ ଏବଂ ପରିଶେଷରେ ନିଜ ଝିଅର ମାଂସ ଖାଇ କ୍ଷୁଧା ମୋଇ ଥିଲେ ।

ଦ୍ୱିତୀୟ ଶ୍ରୁତି ସ୍କନ୍ଧରେ ମନୁଷ୍ୟ, ଦେବତା ଏବଂ ବ୍ୟନ୍ତର ଇତ୍ୟାଦିର ବର୍ଣ୍ଣନା ରହିଛି । ପୂର୍ଣ୍ଣଶାଳୀ ନାରୀମାନେ ନିଜ ନିଜର ପୂଣ୍ୟବଳରେ ବ୍ୟନ୍ତର ଜ୍ୟୋତିଷ ଏବଂ କଳ୍ପବାସୀ ଦେବତାମାନଙ୍କର ପଟ୍ଟମହିଷୀ ହୋଇ ଜନ୍ମଲାଭ କରନ୍ତି ।ଏହି ଶ୍ରୁତାଙ୍ଗର ସାହିତ୍ୟିକ ମହତ୍ୱ ରହିଛି ।ନେମିଚନ୍ଦ୍ର ଶାସ୍ତ୍ରୀଙ୍କ ମତାନୁସାରେ -

୧) ଦୌପଦୀଙ୍କ ପୂର୍ବଜନ୍ମର ଆଖ୍ୟାନ ନାଗଶ୍ରୀର ସୁଗନ୍ଧଦଶମୀ କଥାର ସ୍ରୋତ ।

୨) ଦେଶ ଓ କାଳର ପରିମିତ ପରିଧି ଭିତରେ ଇତିବୃଥ୍ ଗୁଡ଼ିକର ସମାବେଶ କରାଯାଇଛି ।

୩) ଗଜସୁକୁମାଲ ପରି ଅଖ୍ୟାନ ସୂତ୍ରଗୁଡ଼ିକର ପଲ୍ଲବନରେ ପରବର୍ତ୍ତୀ କାଳରେ ସ୍ୱତନ୍ତ୍ର ଗ୍ରନ୍ଥ ରଚନାର ସାମଗ୍ରୀ ପ୍ରସ୍ତୁତ କରାଯାଇଛି ।

୪) କାହାଣୀଗୁଡ଼ିକର ପ୍ରତୀକମାନଙ୍କ ସମାବେଶ କରାଯାଇଛି ।

୫) ପଶୁପକ୍ଷୀ କାହାଣୀର ସୂତ୍ରପାତ ପରବର୍ତ୍ତୀ କାଳରେ ଏହି ଧରଣର କାହାଣୀମାନ ସାହିତ୍ୟର ମୁଖ୍ୟ ଅଙ୍ଗ ହେଲା ।

ସପ୍ତମ ଅଂଗ : ଉଦାସଗଦାସାଓ (ଉପାସକଦଶ)ରେ ମହାବୀରଙ୍କ ଦଶଜଣ ମୁଖ୍ୟ ଉପାସକ (ଗୃହସ୍ତ) ଶିଷ୍ୟଙ୍କ କଥା ଏବଂ ଗୃହସ୍ଥ ମାନଙ୍କ ପାଳନ ଯୋଗ୍ୟ ଆଚାର ନିୟମ ଗୁଡ଼ିକର ବ୍ୟାଖ୍ୟା ରହିଛି । ଏଥିରେ ଚରିତ୍ର ଉତ୍ଥାନର ଆରମ୍ଭ । ପାରିବାରିକ ଜବ୍ତି ଉପରେ ଚରିତ୍ରର ଆଶ୍ରୟ, ବିଷୟବସ୍ତୁର ସାହିତ୍ୟିକ ମାନ ନିରୂପଣ, କାହାଣୀରେ ତାର୍କିକ ଯୁକ୍ତିର ସମାବେଶ, ଜୀବର କାର୍ଯ୍ୟାବଳୀର ବିସ୍ତୃତି ଏବଂ ପ୍ରାଚୀନ ଭାରତର ବୈଭବପୂର୍ଣ୍ଣ

ବିଳାସମୟ ସୁନ୍ଦରତମ ଚିତ୍ରଣ ଖୁବ୍ ଉଲ୍ଲେଖ ଯୋଗ୍ୟ ।

ଅଷ୍ଟମ ଅଂଗ : ଅନ୍ତଗଡ଼ଦସାଓ (ଅନ୍ତକୃଦ୍ଦଶା) ତପସ୍ୱୀ ଓ ତପସ୍ୱିନୀମାନେ କିପରି ନିଜ ନିଜର କର୍ମବଳ ଦ୍ୱାରା ପରିଶେଷରେ ମୁକ୍ତି ବା ମୋକ୍ଷଲାଭ କରିଛନ୍ତି ଏବଂ କୃଷ୍ଣ ଓ ତାଙ୍କ ଅଷ୍ଟପତ୍ନୀଙ୍କ ଆଖ୍ୟାନ ସେମ୍ୟକତ୍ୱ କୌମୁଦୀ କାହାଣୀ ଗୁଡ଼ିକର ସ୍ରୋତ ।

ନବମ ଅଂଗ : ଶୁତ୍ରୋବବାଇୟଦସାଓ (ଅନୁତ୍ରୋପପାତିକଦଶ) - ଏହି ଅଂଗରେ ଦଶଜଣ ମହାତ୍ମାଙ୍କ କଥା ବର୍ଣ୍ଣିତ । ଏମାନଙ୍କୁ ନିର୍ବାଣପ୍ରାପ୍ତି ନହେଲେ ମଧ କିପରି ଅନୁତ୍ର ନାମକ ସ୍ୱର୍ଗରେ ସ୍ଥାନ ଲାଭ ହେଲା ତାହା ବିଶେଷ ଉଲ୍ଲେଖଯୋଗ୍ୟ । ଏହାର ବର୍ଣ୍ଣନାତ୍ମକ ଶୈଳୀ ଶିଥିଳ ଏବଂ ଭାଷା ଅଗମ୍ୟ ।

ଦଶମ ଅଂଗ : ପଣ୍ହବାଗରଣାଇଂ (ପ୍ରଶବ୍ୟାକରଣାନି) - ଏହକୁ ପଣ୍ହବାଗତଣଦସା କିମ୍ବା ବାଗରଣଦସା ମଧ କୁହାଯାଏ । ପ୍ରତିଗୁଡ଼ିକ ୧୦ଟି ହାରରେ ବିଭକ୍ତ ହୋଇଛି, ଯଥା : ୫ାଟି ଆଶ୍ରୟ ଦ୍ୱାରା ଓ ୫ଟି ସବର ଦ୍ୱାରା । ପ୍ରଥମ ଆଶ୍ରୟ ଦ୍ୱାରରେ ପ୍ରାଣବିଧର ସ୍ୱରୂପ ଦର୍ଶାଇଯାଇଛି । ସସ-ସ୍ଥାବର ଜୀବମାନଙ୍କୁ ବଧ କଲେ କିମ୍ବା କଷ୍ଟ ହେଲେ ହିଁସାରୂପି ପାପ ହୁଏ । ୫ବ୍ରତ, କର୍ମ, ଗୁଣାବଳୀର ବ୍ୟାକରଣ (ବିଶ୍ଳେଷଣ) ଦିଆଯାଇଛି ।

ଏକାଦଶ ଅଂଗ : ବିବାଗସୁୟଂ (ବିପାକଶ୍ରୁତମ୍) ରେ ଶୁଭାଶୁଭ କର୍ମଗୁଡ଼ିକର ଫଳ ବର୍ଣ୍ଣିତ । ଏଥିରେ ଦୁଇଟି ଶ୍ରୁତିସ୍କନ୍ଧ ଅଛି । ଦୁଃଖୀ ଦିଗପାଳ ଓ ସୁଖ ବିପାକ ।

ଦ୍ୱାଦଶ ଅଂଗ : ଦିଟ୍ଠିବାୟ (ଦୃଷ୍ଟିବାଦ) ଏହା ଲୁପ୍ତ ହୋଇଯାଇଛି । ବଲ୍ଲଭୀବାଚନାରେ ଏହା ସଂକଳିତ ହୋଇପାରିନାହିଁ । ଅନ୍ୟ ସୂତ୍ରରୁ ଜଣାଯାଏ ଯେ ଏଥିରେ ଜୈନେତର ଧର୍ମମାନଙ୍କର ଖଣ୍ଡନ ଏବଂ ତୀର୍ଥଙ୍କର ତଥା ଅନ୍ୟ ମହାପୁରୁଷମାନଙ୍କ କଥା ସଂଗୃହୀତ ।

ଉପାଙ୍ଗ

ଆଗମ ସାହିତ୍ୟରେ ଅଙ୍ଗ ପରିବାରଟି ଉପାଙ୍ଗ ମଧ ମିଳେ । ଅଙ୍ଗଗୁଡ଼ିକର ରଚନା ଗଣଧରମାନଙ୍କ ଦ୍ୱାରା ଓ ଉପାଙ୍ଗ ଗୁଡ଼ିକର ରଚନା ସ୍ଥବିରମାନଙ୍କ ଦ୍ୱାରା ହୋଇଥବାରୁ ଅଙ୍ଗ ଓ ଉପାଙ୍ଗଗୁଡ଼ିକ ମଧରେ କୌଣସି ଯୋଗସୂତ୍ର ନାହିଁ ।

୧. ଉବବାଇୟଂ - (ଔପପତିକମ୍) ହେଉଛି ପ୍ରଥମ ଉପାଙ୍ଗ । ଏଥିରେ ମହାବୀର ସ୍ୱାମୀଙ୍କ ପଣ୍ଣଉଦ୍ଦ ବିହାରକୁ ଯାଇ କର୍ମ ଓ ପୁନର୍ଜନ୍ମ ସମ୍ବନ୍ଧରେ ଉପଦେଶ ଦାନ କଥା ରହିଛି । ବିଭିନ୍ନ ଭାବ ଓ ସାଧନା ପୂର୍ବକ ମୃତ୍ୟୁବରଣ କରିଥିବା ପ୍ରାଣୀ ମାନଭ୍‌କର କି କି ଦଶା ହୁ ଏ ବିଷୟରେ ଗୌତମ ଇନ୍ଦ୍ରଭୂତିଙ୍କ ପ୍ରଶ୍ନମାନଙ୍କର ଉତ୍ତରରେ ବ୍ୟକ୍ତ । ଗ୍ରନ୍ଥାରଂଭରେ ଚମ୍ପାନଗରୀର ଅଳଂକାରିକ ବର୍ଣ୍ଣନ ପରବର୍ତ୍ତୀ ସାହିତ୍ୟର ସ୍ରୋତ ହୋଇପାରିଛି । ଏଇ ଧରଣର ସୂକ୍ଷ୍ମ ସର୍ବାଙ୍ଗପୂର୍ଣ୍ଣ ବର୍ଣ୍ଣନ ସଂସ୍କୃତ ସାହିତ୍ୟରେ ମଧ୍ୟ ବିରଳ ।

ସଂସ୍କୃତି ଓ ସମାଜ ଦୃଷ୍ଟିରେ ମଧ ଏହାର ମହତ୍ୱ ଦେଖାଯାଏ । ପ୍ରବନ୍ଧ କାବ୍ୟର

ଉପଯୋଗୀ ବସ୍ତୁବର୍ଣ୍ଣନାର ସଂଘଟନ ମିଳେ । ଧାର୍ମିକ ଓ ନୈତିକ ମାନ ନିର୍ଧାରିତ ହୋଇଛି ।

୨. ରାୟପସେଣିୟ (ରାଜ ପ୍ରଶ୍ନୀୟ) ଏହାର ଗଣନା ପ୍ରାଚୀନ ଆଗମମାନଙ୍କରେ ମିଳେ । ସାହିତ୍ୟିକ ଦୃଷ୍ଟିରୁ ଏହାର ସ୍ଥାନ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ଆରମ୍ଭରେ ଦେବ ସରିୟାମଙ୍କ ମୁକ୍ତି କଥା ରହିଛି । ପରେ ରାଜା ପଏସୀ (ପ୍ରଦେଶୀ) ଏବଂ ମୁନି କେସୀଙ୍କ ମଧରେ ଆତ୍ମାର ସ୍ୱତନ୍ତ୍ର ସତ୍ୱା ଉପରେ ଏକ ମନୋହର ଓ ସରସ ବାର୍ତ୍ତାଳାପ ଅଛି । ସ୍ଥାପତ୍ୟ, ସଂଗୀତ ଓ ନାଟ୍ୟକଳା ଦୃଷ୍ଟିରୁ ଏହା ଉଲ୍ଲେଖଯୋଗ୍ୟ । ଲେଖନ ସମ୍ବନ୍ଧୀୟ ସାମଗ୍ରୀର ନିର୍ଦ୍ଦେଶ ଅଛି । ସାମ, ଦାମ, ଦଣ୍ଡନୀତିର ଅନେକ ସିଧାନ୍ତ, ୭୨ କଳା, ୪ ପରିଷଦ ଓ କଳାଚାର୍ଯ୍ୟ ଏବଂ ଧର୍ମାଚାର୍ଯ୍ୟମାନଙ୍କ ନିରୂପଣ କରାଯାଇଛି ।

୩. ଜୀବାଜୀବାଭିଗମ - ଗୌତମ ଗଣଧର ଓ ମହାବୀରଙ୍କ ମଧରେ ପ୍ରଶ୍ନୋତ୍ତର ରୂପ ଜୀବ ଓ ଅଜୀବ ଭେଦ, ପ୍ରଭେଦ ଇତ୍ୟାଦିର ବସ୍ତୃତ ବର୍ଣ୍ଣନ ଏଥିରେ ଅଛି । ସୃଷ୍ଟି ବର୍ଣ୍ଣନାରେ ଦ୍ୱୀପ ଓ ସାଗରଗୁଡ଼ିକର ବର୍ଣ୍ଣନା କରି ଜମ୍ବୁ ଦ୍ୱୀପର ବୃତ୍ତାନ୍ତ ମଧ ଦିଆଯାଇଛି । ରତ୍ନ, ଅଭୂଷଣ, ଭବନ, ବସ୍ତ୍ର, ଗଣ, ଉତ୍ସବ,ଯାନ, ଅଳଙ୍କାର ଏବଂ ମିଷ୍ଟାନ୍ନାଦି ବିଭିନ୍ନ ପ୍ରସଂଗର ବର୍ଣ୍ଣନା ମହତ୍ୱପୂର୍ଣ୍ଣ, ସଂସ୍କୃତିକ ଓ କଳାଗତ ସାମଗ୍ରୀ ତଥା ପ୍ରାକୃତିକ ବର୍ଣ୍ଣନା ପ୍ରାଚୁର୍ଯ୍ୟ ସାହିତ୍ୟକୁ ସରସବରି ପାରିଛି ।

୪. ପଣ୍ଣବଣା (ପ୍ରଜ୍ଞାପନା) - ଏହା ଏକ ରକମର ଜ୍ଞାନ କୋଷ । ଏଥିରେ ସାହିତ୍ୟ, ଧର୍ମ, ଦର୍ଶନ, ଇତିହାସ, ଭୂଗୋଳ ଇତ୍ୟାଦି ବିଷୟରେ ଉଲ୍ଲେଖ କରାଯାଇଛି । ପୁନଶ୍ଚ ଜୀବମାନଙ୍କ ବିଭେଦ ଯଥା ଅର୍ଯ୍ୟ ଓ ମ୍ଳେଚ୍ଛ ଏବଂ ସେମାନଙ୍କ ଜୀବନଯାପନ ବର୍ଣ୍ଣନା ମଧ ଏହାର ଉଲ୍ଲେଖଯୋଗ୍ୟ ବିଷୟ । ଏଥବରେ ୨୫ଟି ଆର୍ଯ୍ୟଦେଶର ନାମ ଯଥା : କର୍ମ ଆର୍ଯ୍ୟ, ଶିଳ୍ପ ଆର୍ଯ୍ୟ ଏବଂ ଭାଷା ଆର୍ଯ୍ୟ ଏହିପରି ସ୍ପଷ୍ଟ ବିଭାଜନ ରହିଛି ।

୫. ସୂରିୟପାଣ୍ଣତ୍ତି (ସୂର୍ଯ୍ୟ ପ୍ରଜ୍ଞପ୍ତି) - ଏଥିରେ ସୂର୍ଯ୍ୟ, ଚନ୍ଦ୍ର, ଏବଂ ନକ୍ଷତ୍ରମାନଙ୍କର ଗତିବିଧି ଓ ସ୍ଥିତି ସମ୍ବନ୍ଧୀୟ ସମ୍ୟକ୍ ବର୍ଣ୍ଣନା ରହିଛି । ଦୁଇ ସୂର୍ଯ୍ୟ ଓ ଦୁଇ ଚନ୍ଦ୍ର ସିଧାନ୍ତ ଏହାର ପ୍ରକୃଷ୍ଟ ଉଦାହରଣ । ଏଥବରେ ପ୍ରାଚୀନ ଜ୍ୟୋତିଷ ସମ୍ବନ୍ଧୀୟ ମୂଳମନ୍ୟତା ସଂକଳିତ ।

୬. ଜମ୍ବୁଦ୍ୱୀପ ପଣ୍ଣତ୍ତି - (ଜମ୍ବୁଦ୍ୱୀପ ପ୍ରଜ୍ଞପ୍ତି) ଏଥିରେ ଜମ୍ବୁ ଦ୍ୱୀପ ତଥା ଭାରତ କ୍ଷେତ୍ର ତାହାର ଉତ୍ତୁଙ୍ଗ ପର୍ବତ ଶ୍ରେଣୀ, ଚିରପ୍ରବହାମାନା ନଦନଦୀ, ଗୁମ୍ଫା, ଅଟବୀ, ଶ୍ୱପଦ ପ୍ରଭୃତି ମଧରେ ପରିବେଷ୍ଟିତ ବହୁ ତସ୍କର, ପାଖଣ୍ଡ, ଯାଚକ ଇତ୍ୟାଦିଙ୍କ ବିଷୟ ବର୍ଣ୍ଣନା କରାଯାଇଛି । ଏହି କ୍ଷେତ୍ର ପୁନଶ୍ଚ ବିପ୍ଳବ ରାତ୍ୟାପଦ୍ରବ ଦୁର୍ଭିକ୍ଷ, ରୋଗାଦି ଦ୍ୱାରା ଆକ୍ରାନ୍ତ । ଦ୍ୱିତୀୟ ବକ୍ଷସ୍କାରେ ଅବସର୍ପିଣୀ ଏବଂ ଜତ ସର୍ପିଣୀର ବର୍ଣ୍ଣନାରେ ସୁଷମ-ସୁଷମା, ସୁଷମ-ଦୁଷମା, ତୁମେ-ସୁସମା, ଦୁଷମା ଓ ଦୁଷମ ସୁଷମା ନାମକ ୨ଟି କାଳର ଆଲୋଚନା ରହିଛି । ସୁଷମ-ସୁଷମା କାଳରେ ଦଶ ପ୍ରକାରରେ କଳ୍ପବୃକ୍ଷରେ ବର୍ଣ୍ଣନା ରହିଛି । ଯାହାଦ୍ୱାରା ଇଷ୍ଟ ପଦାର୍ଥମାନ ମିଳେ । ସୁଷମା-ଦୁଷମା ନାମକ ତୃତୀୟ କାଳରେ ୧୫ ଜର କୁଳକରଙ୍କ ଜନ୍ମ

ହୋଇଥିଲା ଯେଉଁମାନଙ୍କ ମଧରେ ନଭୀ କୁଳକର ମରୁଦେବୀ ନାମକ ପତ୍ନୀଙ୍କ ଠାରୁ ଆଦି ତୀର୍ଥଙ୍କର ଋଷଭଙ୍କ ଜନ୍ମ । ଋଷଭଦେବଙ୍କର ପରିମିତ ମାଳ ନଗରର ଉଦ୍ୟାନରେ କେବଳ ଜ୍ଞାନ ପ୍ରାପ୍ତି ହୋଇଥିଲା । ଭରତଙ୍କ ନିର୍ବାଣ ପ୍ରାପ୍ତି ମଧ ପ୍ରତିପାଦିତ ହୋଇଥିଲା । ଏହା ଜୈନ ସୃଷ୍ଟି ବିଦ୍ୟାର ବୀଜସୂତ୍ର । ଋଷଭଦେବଙ୍କ ପୌରାଣିକ ରଚିତ ନିରୂପଣ, ଭରତ ଚକ୍ରବର୍ତ୍ତୀଙ୍କ ଦିଗ୍‌ବିଜୟ ଓ ପ୍ରାଚୀନ ଯୁଧ୍ ପ୍ରଣଳୀର ଜ୍ଞାନ (ଭରତ ଓ କିରାତଙ୍କ ସେନା ମଧରେ ଘଟିଥିବା ଯୁଧ୍‌ରୁ । ତୀର୍ଥଙ୍କରମାନଙ୍କ ଜନ୍ମୋତ୍ସବ ଇତ୍ୟାଦିର ବର୍ଣ୍ଣନା ଏଥିରେ ଦେଖିବାକୁ ମିଳେ ।

୭. ଚନ୍ଦପଣ୍ଣେତି - (ଚନ୍ଦ୍ର ପ୍ରଜ୍ଞପ୍ତି) ରେ ଚନ୍ଦ୍ରର ପରି ଭ୍ରମଣ ଗତି, ସୂର୍ଯ୍ୟ, ବିମାନାଦିର ନିରୂପଣ ମିଳେ । ଏହା ଏକ ଜ୍ୟୋତିଷ ଗ୍ରନ୍ଥ । ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ରାଦିର ଉପରସ୍ପର ସମ୍ବନ୍ଧ ଏଥିରେ ବର୍ଣ୍ଣିତ ହୋଇଅଛି ।

୮. କପପିୟା (କଲପିକା) ଏହା ପ୍ରାଚୀନ ମଗଧର ଇତିହାସ ଜାଣିବାପାଇଁ ଅତ୍ୟନ୍ତ ଉପଯୋଗୀ ।

୯. କପ୍‌ପାଡଂସିୟାସ (କାଲ ପାବତୀସିକା) ରେ ଶ୍ରେଣିକଙ୍କ ଦଶଜଣ ନାତି ଯେଉଁମାନେ ସ୍ୱସ୍ୱ ସତ୍‌କର୍ମ ଦ୍ୱାରା ସ୍ୱର୍ଗକୁ ଗଲେ ସେମାନଙ୍କ କଥା ବର୍ଣ୍ଣନା କରାଯାଇଛି । ଏଥିରେ ଜୀବନ ଶୋଧନର ପ୍ରକିୟା ବିଶ୍ଳେଷଣ କରିବାକୁ ଯାଇ ପୌରାଣିକ କଥାଗୁଡ଼ିକ ଲୋକକଥାକାରରେ ବର୍ଣ୍ଣନା କରାଯାଇଛି । ନିଜ ନିଜ କର୍ମ ବଳରେ ପିତା ନର୍କରେ ରହିଲେ ମଧ ପୁତ୍ର ସ୍ୱର୍ଗଗାମୀ ହୋଇ ପାରିବା କଥା ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ । ଏଣୁ ଭଲ ଫଳ ନିଜ ହତାରେ ବୋଲି କହିବା ସମୀଚୀନ ।

୧୦. ପୁପ୍‌ପିୟା (ପୁଷ୍ପିକା) - ଏଥବରେ ଦଶଟି ଅଧ୍ୟୟନ ରହିଛି । ଏହାର ତୃତୀୟ ଅଧ୍ୟୟନରେ ସୌଲ ବ୍ରାହ୍ମଣର କଥା ବର୍ଣ୍ଣିତ । ଓ ତାଙ୍କ ତପସ୍ୟାର ବିଷୟ ବିଶେଷ ଉଲ୍ଲେଖ ରହିଛି । ୪ର୍ଥ ଅଧ୍ୟୟନରେ ଏକ ଅତି ସର୍ବସ୍ୱ ଓ ମନୋରଂକ କଥା ରହିଛି । ସୁଭଦ୍ରା ସନ୍ତାନ ଆର୍ଯିକାଙ୍କୁଠୁଁ ଦୀକ୍ଷା ଗ୍ରହଣ କରି ନେଇଥିଲେ ସୁଧ୍ ଛୋଟପିଲାଙ୍କୁ ସ୍ନେହ କରେ । ଏଣୁ ପରଜନ୍ମରେ ବହୁ ସନ୍ତାନବତୀ ବ୍ରାହ୍ମୀ ହୁଏ । ଏହି ଉପାଙ୍ଗରେ ପୂର୍ବାପର ଜନ୍ମ ସଂପର୍କୀୟ କଥାମାନଙ୍କର କୌତୁହଳପୂର୍ଣ୍ଣ ତତ୍ୱର ସମାବେଶ କରାଯାଇଛି । ଏଥିରେ ସାଂସାରିକ ମାୟାମୋହ ସୁନ୍ଦର ଚିତ୍ରଣ, ପୁନର୍ଜନ୍ମ ଓ କର୍ମଫଳାଦିର ବର୍ଣ୍ଣନା ଆଦି ମିଳେ ।

୧୧. ପୁପ୍‌ଫଚୂଲା (ପୁଷ୍ପଚୂଳା) ରେ ମହାବୀରଙ୍କ ପୂଜା ନିମିତ୍ ପୁଷ୍ପ ବିମାନ ଗୁଡ଼ିକରେ ଆଗତ ଦେବ-ଦେବୀଗଣଙ୍କ ପୂର୍ବଜନ୍ମର କଥାମାନ ରହିଛି ।

୧୨. ବଣହିଦସାଓ (ବୃଷ୍ଣି ଦଶା)ରେ ଦ୍ୱାରକାବତୀର ରାଜା କୃଷ୍ଣ ବାସୁଦେବଙ୍କ ବର୍ଣ୍ଣନା ଓ ବୃଷ୍ଣି ବଂଶୀୟ ବାରଜଣ ରାଜକୁମାରଙ୍କ ଅରିଷ୍ଟ ବେଣି ଦୀକ୍ଷିତ ହେବା କଥା

ରହିଛି । ଏଥିରେ ଯଦୁବଂଶୀୟ ରାଜାମାନଙ୍କ ଇତିହାସ ମଧ ମିଳେ ।

ଛେଦସୂତ୍ର

ଜୈନ ଆଗମାନଙ୍କର ପ୍ରାଚୀନ ଅଂଶ ହେତୁ ଏହାର ମହତ୍ୱ ବେଶୀ । ଏହି ସୂତ୍ରମାନଙ୍କରେ ନିର୍ଗ୍ରନ୍ଥ ନିଗ୍ରନ୍ଥିନୀଂକର ପ୍ରାୟଶ୍ଚିତ ବିଧି ପ୍ରତିପାଦିତ । ଚରିତ୍ରର ଶୁଧିତା ସ୍ଥିର ରଖିବାପାଇଁ ଏହା ଉପିଷ୍ଟ ହୋଇଥିବାରୁ ଏଗୁଡ଼ିକୁ ଉତ୍ମ ସୂତ୍ର କୁହାଯାଏ ।

ଦେଶକାଳକୁ ଦୃଷ୍ଟିରେ ରଖି ମହାବୀର ଓ ତାଂକ ଶିଷ୍ୟଗଣ ଜୈନଭିକ୍ଷୁମାନଙ୍କ ନିମିତ୍ ଏଥିରେ ଆଚାର ବିଚାର ସମ୍ବନ୍ଧୀୟ ନିୟମ ନିର୍ଧାରଣ କରିଥିଲେ । ଏଗୁଡ଼ିକର ସଂଖ୍ୟା ଛଅ ।

୧. ନିସୀହ (୨) ମହାନିସୀହ (୩) ବ୍ୟବହାର (୪) ଦସାସୁୟକଖନ୍ଧ (୫) କପ୍ପ (୬) ଽକପ୍ପପ ବା ଜୀୟକପ୍ପ ।

୧. ନିସୀହ (ନିଶୀଥ) : ର ଅନ୍ୟନାମ ଆଚାରକଳ୍ପ । ସାଧୁ ଓ ସ୍ୱାଧୀବଂଶର ଆଚାର

ବିଚାର ସମ୍ବନ୍ଧୀୟ ନିୟମ ମାନ୍ୟବର ନିରୂପଣ ଏବଂ ଏହି ନିୟମମାନଙ୍କର ଉତ୍ସବ ଓ ଅପବାଦ ମାର୍ଗ ମଧ ଏଥିରେ ବର୍ଣ୍ଣିତ ରହିଛି । ଭାଷା ସମ୍ବନ୍ଧୀୟ ସାମଗ୍ରୀର ପ୍ରାଚୂର୍ଯ୍ୟ ସଂଗେ ସାମାଜିକ ସାମଗ୍ରୀ ବି ଉପଲବ୍ଧ । ପ୍ରାଚୀନ ପରଂପରା, ବିଶ୍ୱାସ ଏବଂ ଜୀବନ ଶୋଧନ ସମ୍ବନ୍ଧୀୟ ନିୟମମାନଙ୍କର ବିସ୍ତୃତ ବିବେଚନ ଓ କାବ୍ୟତତ୍ୱ ଏଥିରେ ଦେଖିବାକୁ ମିଳେ । ମଳବ ଓ ସିଂଧୁ ଦେଶର ଭାଷା ମାନଙ୍କୁ ପୁରୁଷ ଭାଷା କୁହାଯାଇଛି ।

୨. ମହାନିସୀହ (ମହାନଶୀଥ) : ମୂଳ ନିଶୀଥ ନଷ୍ଟ ହୋଇଯାଇଛି । ପରେ ହରିଭଦ୍ର ସୂରି ଏହାକୁ ସଂଶୋଧ କଲେ । ଭାଷା ଏବଂ ବିଷୟ ଦୃଷ୍ଟିରୁ ଏହା ପ୍ରାଚୀନ ବୋଲି ଜଣାଯାଏ ନାହିଁ । ପାପକର୍ମର ନିଂଦା ଓ ଆଲୋଚନା ଏଥିରେ କରାଯାଇଛି । ସାଧୁମାନେ କୁଶୀଳ ସାଧୁଂଙ୍କ ସଂଗତି ଠାରୁ ଦୂରରେ ରହିବାକୁ ଉପଦେଶ ଦିଆଯାଇଛି । ମନ୍ତ୍ର, ଦୟା, ଏବଂ ଅନୁକଂପାଦିର ବିବେଚନାଦି ମଧ ବର୍ଣ୍ଣିତ । ଗୁରୁଶିଷ୍ୟ ସମ୍ବନ୍ଧରେ ନିରୂପଣ ତଥା ପ୍ରାୟଶ୍ଚିତ ଓ ଆଲୋଚନାର ଚାରୋଟି ପ୍ରକାର ଏଥିରେ ଉଲ୍ଲେଖ କରାଯାଇଛି । କର୍ମଫଳ ଦର୍ଶାଇବା ଭଳି କଥାମାନ, ଗଛବର୍ଣ୍ଣନା (ଜୈନ ସଂଘର ଇତିହାସ ଦୃଷ୍ଟିରୁ ଉପଯୋଗୀ) ସତୀ ହେବା, ବିଧବା ରାଜକୁମାରୀକୁ ଗାଦିରେ ବସିବାର ନିରୂପଣ ଓ ସାଂସ୍କୃତି ସାମଗ୍ରୀର ପ୍ରାଚୁର୍ଯ୍ୟ ହେଉଛି ଏହାର ସୁତ୍ରର ବିଶେଷତ୍ୱ ।

୩. ବବହାର (ବ୍ୟବହାର) : ସାହିତ୍ୟିକ ମହତ୍ୱର ଅଭାବ ପରିଲକ୍ଷିତ । କେବଳ ସଂଘ, ସାଧୁ ଆଦିର ନିୟମ ବର୍ଣ୍ଣିତ ।

୪. ଦସସୁୟକ୍ଖନ୍ଧ (ଦଶାଶ୍ରୁତ ସ୍କନ୍ଧ ଭଗବାନଙ୍କ ଜୀବନନୀ କାମ୍ୟାତ୍ମକ ଶୈଳୀରେ ଲିଖିତ । ଆର୍ଯ୍ୟ ସଂସ୍କୃତିର ପ୍ରତୀକ ଶିଖା ଧାରଣାର ସମର୍ଥକ ତଥା ଭିକ୍ଷୁ ପ୍ରତିମା ଏବଂ ଭାବ ପ୍ରତିମାମାନଙ୍କର ଭେଦ - ପ୍ରଭେଦବାଦିର ନିରୂପଣ କରାଯାଇଛି । ମହାବୀରଙ୍କ ଚରିତ ସହ ପାର୍ଶ୍ୱ, ନେମି ଏବଂ ଋଷଭ ଦେବଙ୍କ ଚରିତାଦିର ସଂକ୍ଷିପ୍ତ ରୂପରେକା ପ୍ରସ୍ତୁତ କରାଯାଇଛି ।

୫. କପ୍‌ପ (କଲ୍‌ପ) ରେ ଜୈନ ଶ୍ରବଣମାନଙ୍କର ପ୍ରାଚୀନତମ ଆଚାର ଶାସ୍ତ୍ରର ନିରୂପଣ କରାଯାଇଛି । ଭାଷା ପ୍ରାଚୀନ ହେଲେ ହେଁ ଏହାର କୌଣସି ସାହିତ୍ୟିକ ମହତ୍ୱ ନାହିଁ ।

୬. ୫କପ୍‌ପ (ଫଂଚକଲ୍‌ପ) ସାଧୁ ସ୍ୱାଧୀକ ରହିବା, ବିହାର କରିବା ଇତ୍ୟାଦିର ବର୍ଣ୍ଣନା ରହିଛି ।

ମୂଳସୂତ୍ର

ମୂଳସୁତ୍ରମାନଙ୍କରେ ସାଧୁଜୀବନର ମୂଳଭୂତ ନିୟମାଦିର ବିବେଚନ ମିଳେ କିନ୍ତୁ ଡ଼କ୍‌ଟର ହରଦେବ ବାହରୀଙ୍କ ମତରେ - ଏଗୁଡ଼ିକୁ ଜୈନ ସାଧୁମାନେ ସର୍ବପ୍ରଥମେ ପାଠ କରନ୍ତି । ଏଗୁଡ଼ିକର ସଂଖ୍ୟା ୫ପ୍ରକାରର ।

୧. ଉତ୍‌ରଜ୍‌ଝୟଣ (୨) ଆବସ୍‌ସୟ (୩) ଦସବେୟାଳିୟ (୪) ପିୟଣିଜ୍ଜୁତି (୫) ଓହଣିଜ୍ଜୁତି ।

୧. ଉତ୍‌ରକ୍‌ଝୟଣ (ଉତ୍‌ରାଧୟନ) - ଏହା ଗୋଟିଏ ଧାର୍ମିକ ବାବ୍ୟ ଗ୍ରନ୍ଥ । ଏଥିରେ ଭଗବାନ ମହବୀରଙ୍କ ଉତ୍‌ର କାଳରେ ନିର୍ବାଣ ପୂର୍ବରୁ ଦେଇଥିବା ତାପଦେଖାବଳୀ ସଂକଳିତ । ବିର ନିଜଙ୍କ ମତରେ ଏହା ଶ୍ରମଣ କାବ୍ୟ ଏବଂ ସେ ଏହାକୁ ଧମ୍ମପଦ, ମହାଭାରତ ଓ ସୁତ୍‌ନିପାତ୍ ସହ ତୁଳନା କରିଛନ୍ତି । ଏଥବରେ ଅଭିରମ୍ୟ, ଦୃଷ୍ଟାଲ କଥା, ଉପମା, ବାର୍ତ୍ତାଳାପ, ସୁକ୍ତି ଏବଂ ପ୍ରବଚନାଦି ଦ୍ରଷ୍ଟବ୍ୟ ।

ଏଥିରେ କଥା ସାହିତ୍ୟର ବୀଜ ନିହତ । କପିଳ କଥାରେ କପିଳ କୌଶାମ୍ବୀର ଉତ୍ତମ ବ୍ରାହ୍ମଣ କୁଳରେ ଜନ୍ମ ଗ୍ରହଣ କରିଥିଲେ । ଯୁବାବସ୍ଥାରେ ଶ୍ରୀବସ୍ତୀରେ ବିଦ୍ୟାଧ୍ୟୟନ କରିଥିଲେ । ଯୌବନରେ ମଦାନ୍ଧ ହୋଇ ପଥଭ୍ରଷ୍ଟ ହୋଇ ଜଣେ କାମୁକୀରେ ଫାନ୍ଦରେ ପଡ଼ିଲେ । ଦିନେ ତାଙ୍କର ପ୍ରିୟା ରାଜଦରବାରକୁ ଯିବାପାଇଁ ପ୍ରେରଣା ଦେବାରୁ ସେ ଦାରିଦ୍ର୍ୟର ତାଡ଼ନାରେ ପଡ଼ି ସ୍ୱର୍ଣ୍ଣ ମୁଦ୍ରା ଭିକ୍ଷା, ନିମିତ୍ ରାତ୍ରିର ଶେଷ ପ୍ରହରରେ ଦରବାର ଅଭିମୁଖେ ଯାତ୍ରା କଲେ । ପ୍ରହରୀମାନେ ତାକୁ ଚୋର ଭାବି ବନ୍ଦି କରି ରାଜାଙ୍କ ଛାମୁରେ ଉପସ୍ଥିତ କଲେ । ରାଜା କପିଳର ବେହେରା ଦେଖି ବୁଝି ପାରିଲେ ଯେ ସେ ନିର୍ଦ୍ଦୋଷ । ଏଣୁ ତାକୁ ତାର ଯେତେ ଇଚ୍ଛା ସେତେ ଧନ ମାଗିବାକୁ କହିଲେ । କପିଳ ଦାରିଦ୍ର୍ୟର ତାଡ଼ନାରେ ଏପରିକି ରାଜ୍ୟ ମଧ ମାଗିବାକୁ ଚାହୁଁଥିଲେ କିନ୍ତୁ ତାଙ୍କର ବିବେକ ଉଦୟ ହେତୁ ସେ ବିରକ୍ତ ହୋଇ ସାଧୁ ହୋଇଗଲେ ।

ନାରୀ ଚରିତ୍ରର ଉଦାର ଚିତ୍ରଣ ଅଭିଷ୍ଟ ନେମିଙ୍କ ଭାଇ ରଥନେମି ଆଖ୍ୟାନରେ ଦ୍ରଷ୍ଟବ୍ୟ । ଖେର୍ଯ୍ୟ ପୁରରେ ଦୁଇଜଣ ରାଜକୁମାର ରଥନେମି ଓ ଅଭିଷ୍ଟନେମି ଥିଲେ ରାଜମତି ନାମକ ଜଣେ ସୁନ୍ଦରୀ ରାଜକୁମାରୀ ସହ ଅଭିଷ୍ଟ ନେମିର ବିବାହ ହେବାକୁ ଯାଇଥିଲା । ବରଯାତ୍ରାରେ ଯିବା ସମୟରେ ସେଜାଣିପାରିଲେ ଯେ ଅନେକ ଜୀବନ ବନ୍ଧାହୋଇ ବିବାହ ଭୋଜି ପାଇଁ ନିଆଯାଇଛି । ଏଥିରେ ତା' ମନରେ ଭୀଷଣ ଦୁଃଖ ଜାତ ହେଲା । ଏବଂ ସେ ସାଧୁ ହେବାପାଇଁ ନିଶ୍ଚୟ କଲା । ଏହି ଖବର ଶୁଣିବା କ୍ଷଣି ରାଜିମତୀ ସନ୍ୟାସବ୍ରତ ଗ୍ରହଣ କଲା । ଥରେ ବୁଲୁବୁଲୁ ସେ ବର୍ଷରେ ଭିଜିଗଲା । ପାଖରେ ଥିବା ଏକ ଗୁହାରେ ଆଶ୍ରୟ ନେଲା । ଏକୁଟିଆ ଦେଖିବ ସେ ଓଦାଲୁଗା ଶୁଖାଇବାକୁ ଲୁଗାଟି ଦେହରୁ ଉତାରିଦେଲା । କିନ୍ତୁ ବହୁ ପୂର୍ବରୁ ସେଠାରେ ରଥନେମୀ ତପସ୍ୟାରେ ରତ ଥିଲେ । ରାଜୀମତୀକୁ ଉଲଗ୍ନ ଅବସ୍ଥାରେ ଦେଖିବ ସେ କାମୋନ୍ମତ୍ ହୋଇ ରାଜୀମତୀଙ୍କ ଆଡ଼କୁ ଆଗଇେ ଆସିଲେ ଏବଂ କହିଲେ ଆସ ଆମେ ଯୌବନ ସଂଭୋଗ କରିବା । ମନୁଷ୍ୟ ଜୀବନ ଦୁର୍ଲଭ । ଏଣୁ ସଂଭୋଗ କରିସାରିବା ପରେ ସାଧୁଜୀବନକୁ ଫେରିଯିବା । ଏହା ଶୁଣି ରାଜମତୀ ତାହାକୁ ଭର୍ତ୍ସନା କଲେ ।

୨. ଆବସ୍‌ସୟ (ଆବଶ୍ୟକ) ରେ ନିତ୍ୟକର୍ମର ଛ'ଟି କ୍ରିୟା କୁହାଯାଇଛନ୍ତି - ସାମୟିକ,

ଚତୁର୍ବିଂଶଶତିସ୍ତବ, ବଂଦନା, ପ୍ରତିକ୍ରମଣ, କାୟୋତ୍ସର୍ଗ ଏବଂ ପ୍ରତ୍ୟାଖାନ ।

୩. ଦସବେୟାଲିୟ (ଦଶବୈକାଲିକ) : ଏଥିରେ ଦଶଟି ଅଧ୍ୟୟନ, ଯାହାଦ୍ୱାରା କାଳ ଛାଡ଼ି ବିକାଳ ଅଧ୍ୟୟନ କରାଯାଏ । ଏଥବରେ ମୁନିଋଷିଙ୍କ ଆଚାର ବର୍ଣ୍ଣିତ । ଶ୍ରମଣ ପାଇଁ ଅହିଂସକ ମଧୁକରି ବୃତି ଏବଂ ଗ୍ରାମଣ୍ୟ ଇତ୍ୟାଦିରେ ଉଲ୍ଲେଖ ମିଳେ ।

୪. ପିଣ୍ଡଣିଜ୍ଜୁତି (ପିଣ୍ଡ ନିର୍ଯୁକ୍ତି) ରେ, ପିଣ୍ଡ ଅର୍ଥାତ ମୁନିଙ୍କ ଗ୍ରହଣ ଯୋଗ୍ୟ ଆହାରର ବର୍ଣ୍ଣନା ବା ବିବେଚନା କରାଯାଇଛି । ବାସ୍ତବରେ ଏଥବରେ ଭିକ୍ଷୁମାନଙ୍କ ଆଚାର ବ୍ରତାଦିର ବର୍ଣ୍ଣନ ଦେଖିବାକୁ ମିଳିଥାଏ ।

୫. ଓହୋଣିଜ୍ଜୁତି (ଓଘନିଯୁକ୍ତି) ମଧ ପିଣ୍ଡଣିଜ୍ଜୁତି ପରି ସାଧୁମାନଙ୍କ ଆଚାର ବିଚାରମାନ ପ୍ରତିପାଦନ ଓ ନାନା ଉଦାହରଣ ଦ୍ୱାରା ସ୍ପଷ୍ଟ କରାଯାଇଛି ।

ସଂଯମ ପାଳନ ଅପେକ୍ଷା ଆତ୍ମରକ୍ଷା କରିବା ଦରକାର । କାରଣ, ଜୀବନ ରହିଲେ ସଂଯମ ଭ୍ରଷ୍ଟ ହେଲେ ବି ତପସ୍ୟାଦି ଦ୍ୱାରା ଶୁଧି କରାଯାଇପାରିବ । ପରିଣାମରେ ଶୁଧତାହିଁ ମୋକ୍ଷର କାରଣ ।

କୌଣସି ଗ୍ରାମରେ ସାଧୁମାନେ ସେଠିକାର ମାଲିକଙ୍କୁ ପଚାରି ପ୍ରବେଶ କରୁଥିଲେ ଓ ଚତୁର୍ମାସ ବିତିଯିବା ପରେ ତାଙ୍କର ପରାମର୍ଶ ନେଇ ଅନ୍ୟତ୍ର ଯାତ୍ରା କରୁଥିଲେ । ସନ୍ଧ୍ୟା ସମୟରେ ଆଚାର୍ଯ୍ୟ ନିଜ ଯାତ୍ରାର ସୂଚନା ଦିଅନ୍ତି ଓ ଯିବାପୂର୍ବରୁ ମାଲିକଙ୍କ ପରିବାରକୁ ଧର୍ମୋପଦେଶ ଦିଅନ୍ତି । ଶେଷରେ ଶୁଭଲଗ୍ନ ଦେଖି ଯାତ୍ରାରମ୍ଭ କରନ୍ତି । ସେମାନେ ରାତ୍ରିକାଳରେ ଯାତ୍ରା କରନ୍ତି ନାହିଁ । ଅନ୍ୟତ୍ର ପହଂଚୁ ପହଂଚୁ ଯଦି ପଥ ମଧରେ ରାତି ହୋଇଯାଏ ତାହାହେଲେ ବନ୍ୟଜନ୍ତୁ, ଚୋର, ରକ୍ଷପାଳ, ବଳଦ, କୁକୁର ଏବଂ ବେଶ୍ୟାଦିର ଭୟ ଥାଏ । ଯଦି କୌଣସି ବିଧବା, ପ୍ରୋଷିତଭର୍ତ୍ତୃବା କିମ୍ବା ରକ୍ଷିତା ସ୍ତ୍ରୀ ସାଧୁକୁ ଏକୁଟିଆ ପାଇ ଘର ଦ୍ୱାର ବନ୍ଦ କରିଦିଏ, ସେହି ଅବସ୍ଥାରେ ଯଦି ସାଧୁ ସ୍ତ୍ରୀକୁ (ଗ୍ରହଣ) ଇଚ୍ଛା କରେ, ତାହାହେଲେ ସେ ସଂଯମ ଭ୍ରଷ୍ଟ ହୁଏ । ଯଦି ସାଧୁ ଇଚ୍ଛା ନକରେ ତେବେ ବି ସ୍ତ୍ରୀ, ସାଧୁର ଅପବାଦ ରଟନା କରେ । ଯଦି କୌଣସି ସ୍ତ୍ରୀ ସାଧୁଙ୍କୁ ଜବରଦସ୍ତି ଧରି ପକାଏ ସେହି ସ୍ଥଳରେ ସାଧୁ ତାହାଙ୍କୁ ଧର୍ମୋପଦେଶ ଦିଅନ୍ତି । ଉପଦେଶ ଶୁଣି ବି ଯଦି ସ୍ତ୍ରୀ ନଛାଡ଼େ, ତେବେ ଗୁରୁଙ୍କ ପାଖକୁ ଯିବାର ବାହାନା କରି ଚାଲିଯାନ୍ତି । ସେଥିରେ ବି ଯଦି ସଫଳତା ନମିଳେ, ବ୍ରତଭଙ୍ଗ କରିବା ପାଇଁ ସେ ଗମ୍ଭୀରି ମଧକୁ ଚାଲି ଯାଆନ୍ତି ଓ ଅନ୍ୟ ଉପାୟ ନଦେଖି ପ୍ରାଣତ୍ୟାଗ କରିଥାନ୍ତି ।

ଦସପଇଣ୍ଣଗ (ଦଶ ପ୍ରକୀର୍ଣକ)

ଆଗମ ଗ୍ରନ୍ଥ ଟୀକାକାରଙ୍କ ମତାନୁସାରେ ତୀର୍ଥଙ୍କରମାନଙ୍କ ଦ୍ୱାରା ଦିଆଯାଇଥିବା ଉପଦେଶର ଅବଲମ୍ବନରେ ଅନେକ ମୁନି ଦ୍ୱାରା ଯେଉଁ ଗ୍ରନ୍ଥମାନେ ରଚିତ, ସେଗୁଡ଼ିକ

ପ୍ରକୀର୍ଣ୍ଣକ । ଏଗୁଡ଼ିକର ସଂଖ୍ୟା ୧୪,୦୦୦ ବୋଲି କୁହାଯାଇଛି ।

୧. **ଚସରଣ** (ଚତୁଃସରଣ) ରେ ୬୩ଟି ଗାଥା ରହିଛି । ଏଥିରେ ୬ ଟି ନିର୍ଦ୍ଦେଶ ପରେ ଅରହତି, ସିଧ୍, ସାଧୁ ଓ ଜୈନଧର୍ମ ଏହି ଚାରୋଟିର ଶରଣ ଗ୍ରହଣ କରି ପାପର ନିନ୍ଦା ଓ ପୁଣ୍ୟର ପ୍ରଶଂସା କରାଯାଇଛି ।

୨. ଆଉରପଚ୍‌ଚଖାଣ (ଅତୁର ପ୍ରତ୍ୟାଖ୍ୟାନ) ର ରଚୟିତା ବୀରଭଦ୍ର । ଏହା ବାଳମରଣ ଓ ପଣ୍ଡିତ ମରଣର ବିସ୍ତୃତ ବିବେଚନ, ପ୍ରତ୍ୟାଖ୍ୟାନ - "ପରିତ୍ୟାଗ'କୁ ମୋକ୍ଷ ପ୍ରାପ୍ତିର ସାଧନ ଭାବରେ ଧରାଯାଇଛି । ଏହାର କିଛି ଅଂଶ ଗଦ୍ୟରେ ସନ୍ନିବିଷ୍ଟ ।

୩. ମହାପଛଖାଣ (ମହାପ୍ରତ୍ୟାଖ୍ୟାନ) ରେ ଦୁଶ୍ଚରିତ୍ରର ନିନ୍ଦା, ସଚ୍ଚିରତ୍ରାତ୍ମକ ଭାବନା, ବ୍ରତ ଏବଂ ଆରଧନାମାନଙ୍କ ଉପରେ ଅଧିକ ଗୁରୁତ୍ୱ ଆରୋପ କରାଯାଇଛି । ଏହା ପୂର୍ବୋକ୍ତ ପ୍ରତ୍ୟାଖ୍ୟାନର ପୂର ।

୪. ଉତ୍‌ପଇଣା (ଭକ୍ତପରିଜ୍ଞା) ରେ ପରଲୋକ ସିଧିର ନିରୂପଣ କରାଯାଇଛି । ବନ୍ଧ ମୋକ୍ଷର କାରଣ ମନ । ଏଣୁ ମନକୁ ବଶ କରିବା ପାଇଁ ଅନେକ ଦୃଷ୍ଟାନ୍ତର ପ୍ରୟୋଗ କରାଯାଇଛି ।

୫. ତନ୍ଦୁଲ ବେୟାଲିୟ (ତନ୍ଦୁଲ ବୈଚାରିକ) ରେ ଗୌତମ ଓ ମହାବୀରଙ୍କ ମଧରେ ପ୍ରଶ୍ନୋତ୍‌ର ଭାବରେ ଜୀବର ଗର୍ଭାବସ୍ଥା, ଆହାର ବିଧି, ବାଳଜୀବନ କ୍ରୀଡ଼ା ଇତ୍ୟାଦି ଅବସ୍ଥାର ବର୍ଣ୍ଣନା ମିଳେ । ବିଭିନ୍ନ ପ୍ରସଂଗରେ ସ୍ତ୍ରୀ ସ୍ୱରୂପର ବିଶ୍ଳେଷଣ ନାନାରୂପକାଦି ଦ୍ୱାରା କରାଯାଇଛି ।

୬. ସଂଥାରକ (ସଂସ୍ତାରକ) ରେ ସାଧୁ ଅନ୍ତିମ ସମୟରେ ସଂସାର 'ତୃଣାସନ' ଗ୍ରହଣ କରି ସମାଧି ମରଣ ଧାରଣ କରିବା ବିଧିବିଧାନ ବର୍ଣ୍ଣିତ । ମୃତ୍ୟୁ ସମୟରେ ସ୍ଥିର ପରିଣାମ ରଖି ମଣ୍ଡିତ ମରଣ ଦ୍ୱାରାହିଁ ସଦ୍‌ଗତି ପ୍ରାପ୍ତ କରାଯାଇ ପାରିବ । ଏହି ପ୍ରସଂଗରେ ଅନେକ ଦୃଷ୍ଟାନ୍ତ ମିଳେ । ଯେଉଁଥିରେ ସୁବନ୍ଧୁ ଓ ରଣକ୍ୟଙ୍କ ଉପସର୍ଗ ଦ୍ୱୟର ପ୍ରଂଂସା କରାଯାଇଛି ।

୭. ଗଚ୍ଛାୟାର (ଗଚ୍ଛାୟାର) ରେ ମୁନି ଓ ଆର୍ଯ୍ୟିକା ମାନଙ୍କର ଗଚ୍ଛ ନିୟମାଦିର ପାଳନ ବିଧି କୁହାଯାଇଛି । ନିର୍ଗନ୍ଥ ଓ ନିର୍ଗ୍ରନ୍ଥନୀମାନଙ୍କୁ ପରସ୍ପର ପ୍ରତି ସତର୍କ ରହିବାକୁ ଏବଂ କାମ ବାମନାକୁ ନିଜର କରାୟତ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ମନସ୍ଥିର ରହିଲେ ବି ସଂଯୋଗ (ଦୁର୍ଘଟଣା) ରୁ ସବୁବେଳେ ନିଜକୁ ଦୂରେଇ ରଖିବା ମଂଗଳପ୍ରଦ । ମୁନି, ବୃଦ୍ଧା, ଦୁହିତା, ଭଗ୍ନୀ ଇତ୍ୟାଦିଙ୍କ ଶରୀର ନଛୁଇଁବା ଉଚିତ୍ ।

୮. ଗଣିବିଜ୍ଜା (ଗଣ ବିଦ୍ୟା) ରେ ଦିବସ, ତିଥି ନକ୍ଷତ୍ରାଦିର ବିଚାର ରହିଛି । ଜ୍ୟୋତିଷ ଦୃଷ୍ଟିରୁ ଏହା ଏକ ଉପାଦେୟ ଗ୍ରନ୍ଥ ।

୯. ଦେବିନ୍ଦ ଥବ (ଦେବେନ୍ଦ୍ର ସ୍ତବ) ରେ କୌଣସି ଶ୍ରାବକ, ୨୪ ତୀର୍ଥଙ୍କର ମାନଙ୍କର ବନ୍ଦନା କରି ସ୍ତୁତି କର ।

୧୦. ମରଣ ସମାହି (ମରଣ ସମାଧୀ) ହେଉଛି ୬୬୩ ଗାଥାର ବଡ଼ ପ୍ରକୀଣକ । ଏଥିରେ ୧୪ ପ୍ରକାରରର ସମାଧି ମରଣ ବିଧି ବର୍ଣ୍ଣିତ । ଆଚାର୍ଯ୍ୟର ଗୁଣ, ତପ ଏବଂ ଜ୍ଞାନର ମହିମା ମଧ ଏହି ଗ୍ରନ୍ଥରେ ନିରୂପିତ । ଏତଦ୍‌ଭିନ୍ନ ଧର୍ମୋପଦେଶ ଦାନ ଏବଂ ପାଦୋପଗମନାଦି ତପ ଦ୍ୱାରା ସିଧିଗତି ପ୍ରାପ୍ତ କରିବା ଲୋକଙ୍କ ଦୃଷ୍ଟାନ୍ତ ମିଳେ ।

ଚୂଳିକାସୁତ୍

"ନନ୍ଦୀସୂତ୍ର" ଏବଂ 'ଅଣୁ ଓ ଗଦାର (ଅନୁଯୋଗ ଦ୍ୱାରା) ସୁତ୍' ଏ ଦୁଇଟିକୁ ଜୈନ ଧର୍ମ ଓ ସାହିତ୍ୟର ଜ୍ଞାନକୋଷ ବୋଲି କହନ୍ତି । ଚବିଶ ଜଣ ତୀର୍ଥଙ୍କର ଓ ୧୧ ଜଣ ଗଣଧରଙ୍କ ଉଲ୍ଲେଖ ସହ ଧାର୍ମିକ ଓ ଲୌକିକ ବିଜ୍ଞାନର ଜ୍ଞାନ ମଧ ଏଥବରେ ପରିଦୃଷ୍ଟ ହୁଏ । ନନ୍ଦୀସୂତ୍ରର ତୀର୍ଥଙ୍କର, ଗଣଧର ଏବଂ ଗୁରୁମାନଙ୍କର ସ୍ତୁତି ମିଳେ । ଏହାର ରଚୟିତା ହେଉଛନ୍ତି ଦେବର୍ଧ । ଅଣୁ ଓ ଗଦାର ପ୍ରଶ୍ନୋତ୍ର ଶୈଳୀରେ ପଲ୍ୟେପମ, ସାଗରୋପମ, ସଂଖ୍ୟାତ୍, ଅସଂଖ୍ୟାତ ଏବଂ ଅନନ୍ତର ପ୍ରକାର ଭେଦ ଓ ନିକ୍ଷେପ, ଅନୁଗମ ଓ ନୟର ପ୍ରରୂପଣ କରାଯାଇଛି । ଏହି ଗ୍ରନ୍ଥରେ ବ୍ୟାକରଣ ସମ୍ବନ୍ଧୀୟ ଚର୍ଚ୍ଚା, ସମାସ, ତଧିତ, ଧାତୁ, ଦ୍ୱିରୁକ୍ତି, ବର୍ଣ୍ଣାଗମ, ଲୋପ ଏବଂ ବର୍ଣ୍ଣବିକାର ତଥ୍ୟାଦିର ବିବେଚନା କରାଯାଇଛି । ବିଭିନ୍ନ ପ୍ରକାରରର ମନୁଷ୍ୟର ଉଲ୍ଲେଖ ମିଳେ । ଯଥା ପାଖଣ୍ଡିମାନଙ୍କ ମଧରେ ଶମଣ, ପାଣ୍ଡୁରଙ୍ଗ, ଭିକ୍ଷୁ, ତାପସ, କାପାଳିକ ଇତ୍ୟାଦି ବ୍ୟବସାୟୀମାନଙ୍କ ମଧରେ ଜୋସିୟ (ଲୁଗା ବେପାରୀ) ସେତ୍‌ୟ (ସୁତା ବେପାରୀ) କମାର (କୁମ୍ଭାର) ଇତ୍ୟାଦି ଓ ଶିଳ୍ପଜୀବୀଙ୍କ ମଧରେ ତନ୍ତୀ, ଚିତ୍ରକର, ପଟ୍ଟକାର, କାଷ୍ଠାକାର, କାବ୍ୟରେ ନବରସର ବ୍ୟାଖ୍ୟା ଓ ସଂଗୀତରେ ସପ୍ତ ସ୍ୱରର ବର୍ଣ୍ଣନା ମଧ୍ୟ ଏଥିରେ ମିଳେ ।

୪

ଆଗମେତର ଜୈନ ସାହିତ୍ୟ

ସ୍ତୋତ୍ର

ଭଗବାନ ମହାବୀର ଏବଂ ପ୍ରାଚୀନ ଜୈନ ଗୁରୁମାନଙ୍କ ସ୍ତୁତିରେ ବହୁ ଛୋଟ ଛୋଟ ଗ୍ରନ୍ଥ ପ୍ରାକୃତରେ ରଚିତ । ଋଷଭପାଶିକା', 'ଅଜୟ ସନ୍ତିଥୟ (ଅଜିତ ଶାନ୍ତି ସବ), ମହାବୀର ସ୍ତବ, ପାର୍ଶ୍ୱଜିନ୍ ସ୍ତବକ, ଶାନ୍ତିନାଥସ୍ତବକ ଇତ୍ୟାଦି ଅଳଂକାର ଓ ସାହିତ୍ୟ ଦୃଷ୍ଟିରୁ ଉଲ୍ଲେଖ ଯୋଗ୍ୟ ଅନବଦ୍ୟ ସୃଷ୍ଟି । ଅଜିତ ଥିଲେ ଦ୍ୱିତୀୟ ତୀର୍ଥଙ୍କର ଓ ଶାନ୍ତିନାଥ ଥିଲେ ଷୋଡ଼ଶ, ଏ ଦୁହିଁଙ୍କ ସ୍ତୁତି ନନ୍ଦିଶେଣ, ଅଜିୟସନ୍ତିଥୟ (୯ମ ଶତାବ୍ଦୀ) ରେ ରଚନା କରିଥିଲେ । ଏହାର ଭାଷା ପ୍ରବାହପୂର୍ଣ୍ଣ ଓ କାବ୍ୟମୟୀ ଥିଲା । 'ମହାବୀର ସ୍ତବ' ଅଳଂକୃତ ପ୍ରାକୃତ ରଚନା । ଏଥିରେ ଗୋଟିଏ ଶବ୍ଦ ତିନିଥର ବ୍ୟବହୃତ ହୋଇ ତିନୋଟି ପୃଥକ୍ ଅର୍ଥ ବୁଝାଏ ।

ଆଗମ ସାହିତ୍ୟେ ଗଦ୍ୟପଦ୍ୟର ମିଶ୍ରଣ ଦେଖିବାକୁ ମିଳେ । ବିଷୟ ନିରୂପଣରେ ଗଦ୍ୟପଦ୍ୟ ଉଭୟର ସ୍ୱତନ୍ତ୍ର ଅସ୍ତିତ୍ୱ ରହିଛି । କାହାଣୀର ବୀଜସୂତ୍ର, ସରସ ପ୍ରେମାଖ୍ୟାନର ମୂଳ କେତେକାଂଶରେ ଆଗମ ସାହିତ୍ୟରେ ମିଳେ ।

ଅର୍ଦ୍ଧମାଗଧୀ, ଶୌରସେନୀ ଓ ମହାରାଷ୍ଟ୍ରୀ ପ୍ରଭୃତି ପ୍ରାକୃତ ଭାଷାର ବିକାଶରେ ଆଗମ ସାହିତ୍ୟର ଦାନ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ରୂପ ରଚନା ଶବ୍ଦାବଳୀ, ବାକ୍ୟରଚନା ସୁବ୍ୟସ୍ଥିତ ଭାବରେ ଜାଣିବାକୁ ଆଗମ ସାହିତ୍ୟ ବିଶେଷ ଉପଯୋଗୀ ।

କାବ୍ୟର ବିଭିନ୍ନ ତତ୍ୱ - ବସ୍ତୁ, ଇତିବୃତି୍ ସଂଳାପ ଇତ୍ୟାଦି ଏହି ସାହିତ୍ୟରେ ସୁଲଭ । ଜୀବନ ଓ ଜଗତର ନାନାବିଧ ଅନୁଭୂତିରୁ ଚିତ୍ରଣ ହୋଇ ଅନ୍ୟ ଏକ ବିଶେଷତ୍ୱ । ବିଭିନ୍ନ ଛନ୍ଦ ପ୍ରୟୋଗ ଓ ଅଳଂକାରର ଉପଯୁକ୍ତ ପ୍ରୟୋଗ ଭାଷାକୁ ଯଥେଷ୍ଟ ଶକ୍ତି ପ୍ରଦାନ କରିଥିଲା ।

ଋଷଭପିଶକରେ ଧନପାଳଙ୍କ ୫୦ଟି ପଦ୍ୟ ରହିଛି । ଏହାର ଶୈଳୀ ଓ ସାହିତ୍ୟିକ ମୂଲ୍ୟବୋଧ ଖୁବ୍ ଉଚ୍ଚକୋଟୀର । ଏହାର କଳ୍ପନା ଖୁବ୍ ସୁନ୍ଦର ଓ ରୂପକଗୁଡ଼ିକ ମଧ ତଦନୁରୂପ । ଉଦାହରଣ "ଜୀବନ ଏକ ସମୂହା, ଯେଉଁଥିରେ ଋଷଭଦେବ ଏକ ନଉକା । ଜୀବନ ଏକ ବନ, ଯେଉଁଠି ଡ଼ାକୁ ହିଁ ଲୁଟିଥାଏ, ସେଠାରେ ଋଷଭ ହିଁ ବିରହିପାରନ୍ତି । ଜୀବନ ଏକ ଅଜ୍ଞାନ ରାତ୍ର, ଋଷଭ ଏକ ସୂର୍ଯ୍ୟ ।

ପାର୍ଶ୍ୱଜିନ୍ - ସ୍ତବନ (ଖ୍ରୀ. ୧୨୦୦) - ଏହା ଧର୍ମବର୍ଦ୍ଧନଙ୍କ ଦ୍ୱାରା ରଚିତ । 'ଶାନ୍ତନାଥ ସ୍ତବନ' (ପ୍ରାୟ ଖ୍ରୀ. ୧୩୨୫) ରେ ଛ'ଛଟି ଭାଷାର ପ୍ରୟୋଗ ହୋଇଛି । ଏହା ଜିନପଦ୍ମଙ୍କ ଦ୍ୱାରା ବିରଚିତ । ଏତଦ୍‌ବ୍ୟତୀତ "ଉବସଗଗହର' (ଉପସର୍ଗହର) ଓ 'ଜୟତିହୁଅଣ' (ଜୟତ୍ରିଭୂବନ) ଜୈନ ମହାରାଷ୍ଟ୍ରୀରେ ଲିଖିତ ପ୍ରସିଧ୍ ସ୍ତୋତ୍ର ସଂଗ୍ରହ । "ଋଷିମଂଡ଼ଲ-ସ୍ତୋତ୍ର' ରେ ପ୍ରାଚୀନ ଜୈନ ମୁନିମାନଙ୍କ ସଂସ୍ମରଣ ବର୍ଣ୍ଣିତ ।

କିବନ୍ଧ - ସାହିତ୍ୟ

ପ୍ରାକୃତ ନିବଧ୍ ସାହିତ୍ୟରେ ମୂଖ୍ୟତଃ ଧାର୍ମିକ ଓ ଦାର୍ଶନିକ ବିଷୟର ଚର୍ଚ୍ଚା ମିଳେ । ଏହାର ଆରମ୍ଭ ନିଜ୍‌ଜୁତି୍‌ମାନଙ୍କ ଠାରୁ ହୁଏ । ନିଜୁତି୍ (ନିଯୁକ୍ତି) ସିଧା଼ନ୍ତର ସଂକ୍ଷିପ୍ତ ଓ ଛନ୍ଦୋବଧ୍ ବ୍ୟାଖ୍ୟା । ଭଦ୍ରବାହୁ (ଖ୍ରୀ.ପୂ. ୩୬୫) ବହୁତ ଗୁଡ଼ିଏ ସିଧା଼ନ୍ତ ଗ୍ରନ୍ଥର ଆଧାରରେ ନିଜ୍ଜୁତି୍‌ମାନ ଲେଖିଲେ ଯାହାର ସଂଖ୍ୟା ଆନୁମାନିକ ଏକ ଡ଼ଜନ ହେବ । ଏହାର ସହାୟତାରେ ଭାଷ୍ୟ ଓ ଚୁର୍ଣ୍ଣି ରଚିତ ହୋଇଥିଲା । ଏହି ମୁଳଦୂଆରେ ଭବିଷ୍ୟତ୍‌ରେ ଖୁବ୍ ଉନ୍ନତ ଟୀକା ସାହିତ୍ୟ ବିକାଶ ଲାଭ କଲା । ପ୍ରାକୃତ ସାହିତ୍ୟରେ ଦେବେନ୍ଦ୍ର କୃତ 'ଉତ୍‌ରଜ୍‌ଝୟଣ' ର ୀକା, ଶ୍ରୀଲଙ୍କ (ଖ୍ରୀ. ୮୬୨)ଙ୍କ ଅନେକ ବୃତି୍, ଜିନ୍‌ପ୍ରଭସୂରୀ କୃତ 'ତୀର୍ଥକଲ୍‌ପ' (ଖ୍ରୀ. ୧୩୩୧) ଆଦି ସୁପ୍ରସିଧ୍ ।

ସୈଧା଼ନ୍ତିକ ଗ୍ରନ୍ଥ ମଧରେ ଶିବକର୍ମ କୃତ 'କର୍ମପ୍ରକୃତି', ଚନ୍ଦ୍ରର୍ଷି କୃତ 'ପଂଚସଂଗ୍ରହ'

ସିଧ୍‌ସେନ କୃତ 'ସମ୍ମତିତର୍କ' ଓ ଆଚାର୍ଯ୍ୟ ହରିଭଦ୍ର କୃତ ଅନେକଗୁଡ଼ିଏ ଧର୍ମଗ୍ରନ୍ଥ ଗମ୍ଭିର ତାତ୍ତ୍ୱିକ ଅଧ୍ୟୟନ ପାଇଁ ଅତ୍ୟାବଶ୍ୟକ ।

ଉପରୋକ୍ତ ବ୍ୟାଖ୍ୟା ଗ୍ରନ୍ଥ ବ୍ୟତୀତ ଜୈନ ମହାରାଷ୍ଟ୍ରୀରେ ପ୍ରକରଣ, ସଂଗ୍ରହଣୀ, କ୍ଷେତ୍ରସମାସ, କର୍ମଗ୍ରନ୍ଥ, ଜୀବବିଚାର, ନବତତ୍ତ୍ୱ, ସମାଚାରୀ, ବିଧି, ପ୍ରବନ୍ଧ ଆଦି ବିଭିନ୍ନ ପ୍ରକାରଣ ଗ୍ରନ୍ଥ ଲିଖିତ । ଧର୍ମସଂଗ୍ରହଣୀ, ବ୍ୟାକରଣ ସୂତ୍‌ ବିଶେଷାବଶ୍ୟକ, ପ୍ରବଚନସାରୋଧ୍ୱାର, ଉପଦେଶ ପଦଟୀକା, ଉପଦେଶ ରହସ୍ୟ ଆଦି ଗ୍ରନ୍ଥ ମହାରାଷ୍ଟ୍ରୀର ମଧ୍ୟଯୁଗ ଓ ଉତ୍ତ୍ର ଯୁଗର ଗଦ୍ୟପଦ୍ୟ ରୂପରେ ସୁରକ୍ଷିତ ।

ଦିଗମ୍ବର ଜୈନ ସାହିତ୍ୟର ଭାଷା ଶୌରସେନୀ । ଏହାର ପ୍ରାଚୀନତମ ରୂପ ପୁଷ୍ପବନ୍ତ ଓ ଭୂତବଳି କୃତ ଷଟ୍‌ଖଣ୍ଡାଗମ ସୂତ୍ରରେ ଉପଲବ୍ଧ । ଏହାର ପ୍ରଧାନ ବିଷୟ ହେଲା କର୍ମସିଧ୍ୱାନ୍ତ । ଗୁଣଧର ଆଚାର୍ଯ୍ୟଙ୍କ 'କଷାୟପ୍ରାକୃତ' ମଧ ପ୍ରସିଧ୍ ସୂତ୍ର ଗ୍ରନ୍ଥ । ଏହାର ରଚନାକାଳ ବିକ୍ରମଙ୍କ ଦ୍ୱିତୀୟଶତାବ୍ଦୀ ବୋଲି ଧରା ଯାଇଛି ।

ଶିବାର୍ଯ୍ୟ କୃତ 'ମୁଳରାଧନା'ରେ ତପ, ଜ୍ଞାନ, ଚରିତ୍ର, ଦର୍ଶନ ଆଦି ଅନେକ ବିଷୟରେ ବର୍ଣ୍ଣନା ରହିଛି । କୁନ୍ଦକୁନ୍ଦାଚାର୍ଯ୍ୟ ୮୪ ପାହୁଚର ରଚନା କରିଥିଲେ । ଏଗୁଡ଼ିକ ମଧରେ 'ପଂଚତ୍ଥିୟସାର' (ଌସ୍ତିକାୟସାର) 'ପବୟଣସାର' (ପ୍ରବଚନସାର) 'ସମୟସାର' ନିୟମସାର' ଛପପାହୁଡ଼' (ଷଟ୍‌ପ୍ରାଭୃତ) ଆଦି ୧୨/୧୩ ଗୋଟି ଗ୍ରନ୍ଥର ସୂଚନା ମିଳେ । ଏଗୁଡ଼ିକ ଦିଗମ୍ବର ଜୈନ ସଂପ୍ରଦାୟରେ ଖୁବ୍ ପ୍ରଚଳିତ । ଏହି ବିଷୟକ ଅନ୍ୟ ରଚନାଗୁଡ଼ିକ ହେଲା ବଟ୍ଟକେର କୃତ 'ମୂଳାଚାର', ବସୁନନ୍ଦି କୃତ 'ଶ୍ରୀବକାଚାର', ଦେବସେନ କୃତ 'ଦର୍ଶନ ସାର' ଓ ଆରାଧନାସାର' ଓ ଶାନ୍ତିସୂରି କୃତ 'ଜୀବ ବିଚାର' । ଏଗୁଡ଼ିକର ସାହିତ୍ୟିକ ମହତ୍ତ୍ୱ ନଥିଲେ ମଧ ଗବେଷକମାନଙ୍କ ପାଇଁ ଖୁବ୍ ବିସ୍ତୃତ ସାମଗ୍ରୀ ଯୋଗାଏ ।

ପ୍ରାକୃତ କଥା ସାହିତ୍ୟ

ଖ୍ରୀ. ୪୦୦-୧୭୦୦)

କଥା ବା କାହାଣୀ ଅତି ପୁରାକାଳରୁ ପ୍ରଚଳିତ । ଭାରତର ସମସ୍ତ ଜାତିର ଲୋକଙ୍କ ମଧରେ ନାନା ପ୍ରକାର ଲୋକକଥା ପ୍ରଚଳିତ । ଏଗୁଡ଼କ୍ଷିକର ଅଧ୍ୟୟନ ଦ୍ୱାରା ଭାରତୀୟ ସଂସ୍କୃତିର ଅଧ୍ୟୟନ ସମ୍ଭବ । ଏଣୁ ଲୋକକଥା ଓ କାହାଣୀ ସାହିତ୍ୟ ମାନବ ସମାଜର ବିକାଶାତ୍ମକ ଅଧ୍ୟୟନର ଏକ ବିଶିଷ୍ଟ ଆଧାର କହିଲେ ଅତ୍ୟୁକ୍ତି ହେବ ନାହିଁ । ଅଜ୍ଞ ଓ ଅବୋଧମାନଙ୍କୁ ଅତି ସୁନ୍ଦର ଢ଼ଙ୍ଗରେ ବୁଝାଇବାକୁ କାହାଣୀ ହେଉଛି ଶ୍ରେଷ୍ଠ ମାଧମ ।

ଭାରତୀୟ ସାହିତ୍ୟରେ କଥାର ପ୍ରଥମ ନିଦର୍ଶନ ଋଗ୍‌ବେଦରେ ମିଳେ । ଋଗ୍‌ବେଦର ପୁରୁରବା ଉର୍ବଶୀ, ବ୍ରାହ୍ମଣ ଗ୍ରନ୍ଥମାନଙ୍କରେ ସୌପର୍ଣ୍ଣୀ କାଦ୍ରକ ଭଳି ରୂପାତ୍ମମ ଆଖ୍ୟାନ, ଉପନିଷଦମାନଙ୍କରେ ସନତ୍‌କୁମାର ନାରଦ ଶଙ୍କର ଭାବମୂଳକ ଆଧାତ୍ମିକ ବ୍ୟାଖ୍ୟା ଏବଂ

ମହାଭାରତରେ ଗଙ୍ଗାବତରଣ, ଶୃଙ୍ଗ, ନହୁଷ, ଯଯାତି, ଶକୁନ୍ତଳା, ନଳାଦି ଉପାଖ୍ୟାନମାନ ବିଶେଷ ଉଲ୍ଲେଖଯୋଗ୍ୟ । ପାଲି ଭାଷାରେ ବୌଧ୍‌ମାନଙ୍କ ଜାତକ ଓ ଜାତକଟ୍‌ଠ କଥାଗୁଡ଼ିକ କଥାସାହିତ୍ୟର ଅତୁଳନୀୟ ଭଣ୍ଡାର । ପୈଶାଚୀରେ ରଚିତ ଗୁଣାଢ୍ୟଙ୍କ ବଡ୍‌ଡ଼କହା (ବୃହତ କଥା) କାହାଣୀଗୁଡ଼ିକ ସାହିତ୍ୟର ଅକ୍ଷୟ ଭଣ୍ଡାର । ୫ତନ୍ତ୍ର ଗଳ୍ପଗୁଡ଼ିକ ମଧ ବିଶ୍ୱ ଲୋକପ୍ରିୟ ଗଳ୍ପମାନଙ୍କ ମାଧମରେ ଅନ୍ୟତମ ।

ଆଗମ ସାହିତ୍ୟରେ କାହାଣୀ ମାଧମରେ ଧାମକ ଆଚାର, ଆଧାତ୍ମିକ ତତ୍ୱ ଚିନ୍ତନ ଏବଂ ନୀତି ଓ କର୍ତ୍ତବ୍ୟ ପ୍ରଣୟନ କାହାଣୀ ମାଧମରେ କରାଯାଇଛି । କଥା, ଉପକଥା, ଅନ୍ତର୍କଥା, ଆଖ୍ୟାନ, ଆଖ୍ୟାୟିକା, ଉଦାହରଣ, ଦୃଷ୍ଟାନ୍ତ, ବୃତାନ୍ତ ଏବଂ ଚରିତ ଆଦି ରୂପରେ କାହାଣୀମାନ ମିଳେ । ବସୁଦେବ ହିଣ୍ଡିରେ ଆଖ୍ୟାୟିକା ପୁସ୍ତକ କତା ବିଜ୍ଞାନ ଓ ବ୍ୟାଖ୍ୟାନର ଉଲ୍ଲେଖ ରହିଛି । 'ସମରାଇଚ୍ଚକହା' (ହରିଭଦ୍ରସୂରି) ରେ ଅର୍ଥକଥା, କାମ କଥା, ଧର୍ମକଥା ଓ ସଂକୀର୍ଣ୍ଣ କଥା ଇତ୍ୟାଦି ଚାରି ପ୍ରକାରର କତା ସଂଗ୍ରହ ରହିଛି । ହରିଭଦ୍ରଙ୍କ 'ଧୂର୍ତାଖ୍ୟାନ' ହାସ୍ୟ, ବ୍ୟଙ୍ଗ ଏବଂ ବିନୋଦର ଏକମାତ୍ର କଥା ଗ୍ରନ୍ଥ । ହରିଭଦ୍ର ସୂରିଙ୍କ 'ଉପଦେଶ ପଦକ୍ଷରେ ବିବିଧ ମନୋରଂଜନ ସଂବାଦ, ପ୍ରତିବାଦୀକୁ ପରାସ୍ତ କରିବା ଭଳି ଉତ୍‌ର, ଧୂର୍ତ୍ତମାନଙ୍କ ଆଖ୍ୟାନ୍‌, ସୁଭାଷିତ ଓ ଭକ୍ତିଗୁଡ଼ିକର ବର୍ଣ୍ଣନା ଦେଖିବାକୁ ମିଳେ । 'କୁବଲୟମାଲା' ର ଲେଖକ ଉଦ୍ୟୋତନ ସୁରୀ କଥାସୁନ୍ଦରୀକୁ ନବବଧୂ ରୂପରେ ସାଲଙ୍କାର, ସୁନ୍ଦରୀ, ଲଳିତ ପଦାବଳୀରେ ବିଭୂଷିତ କରି କୋମଳ ଓ ମଞ୍ଜୁଳ ସଂଲାପଯୁକ୍ତ ତଥା ସହୃଦୟ ବ୍ୟକ୍ତିଙ୍କୁ ଆନନ୍ଦାଦାୟକ ବୋଲି ଘୋଷଣା କରି କଥା ସାହିତ୍ୟକୁ ଲୋକପ୍ରିୟ କରିଛନ୍ତି । ବେବେନ୍ଦ୍ର ସୂରୀ ରାତ୍ରିକଥା, ସ୍ତ୍ରୀ କଥା, ଭକ୍ତ କଥା ଓ ଜନପଦ କଥା ନାମରେ ଚାରୋଟି ବିକଥାକୁ ଛାଡ଼ି ଧର୍ମକଥା ଶ୍ରବଣକୁ ମଙ୍ଗଳକାରକ ବୋଲି କହିଛନ୍ତି ।

ପ୍ରାକୃତ କଥା ସାହିତ୍ୟକୁ ମୁଖ୍ୟତଃ ଚାରିଭାଗରେ ବିଭକ୍ତ କରାଯାଇଛି ।

୧. ଉପଦେଶ କଥା - ସାହିତ୍ୟ : କୁବଲୟମାଲା କତା, ଉବଏସ ମାଲା, ଧର୍ମୋପଦେଶ ମାଲା ବିବରଣ ଇତ୍ୟାଦି ।

୨. ଆଖ୍ୟାୟିତ - ସମରାଇଚ୍ଚକହା, ଧୁତ୍‌କ୍‌ଖାଣ, କଥାକୋଷ, ପ୍ରକରଣ, ଣାଣପଂଚମୀକହା, କହାରାୟଣ କୋଷ, ଲଘୁକଥା ମାଳା ।

୩. ଧାର୍ମିକ ଉପନ୍ୟାସ - ତରଙ୍ଗବଇ କହା, ସୁରସୁନ୍ଦରୀ ଚରିଅଂ, କାଳିକାଚାର୍ଯ୍ୟ କଥାନକ, ଭୁବନ ସୁୀନ୍ଦରୀ ସିରିସିବାଲ କହା, ନମ୍ମୟାସୁନ୍ଦରୀ କହା' ।

୪. ଚରିତ ସାହିତ୍ୟ - ପରମ ଚରିୟ, ବସୁଦେବ ହିଣ୍ଡି, ଶଲାକା ପୁରୁଷ ଚରିୟ, ସୁପାସ୍‌ସରନାହ ଚରିୟ, ମହାବୀର, ଚରିତ, ସୁମତିନାଥ ଚରିତ, କୁମାରପଲ ଚରିତ ଇତ୍ୟାଦି । (ଚରିତ କାବ୍ୟ ଦ୍ରଷ୍ଟବ୍ୟ) ।

ଉପଦେଶ କଥା ସାହିତ୍ୟ

କୁବଳୟମାଲା କଥା

ଏହାର ରଚୟିତା ଉଦ୍ୟୋତନ ସୂରି । ସେ ୭୭୯ ଖ୍ରୀଷ୍ଟାବ୍ଦରେ ଏହି ଗ୍ରନ୍ଥ ରଚନା କରିଥିଲେ । ଏହା କାବ୍ୟ ଶୈଳୀରେ ଲିଖିତ ପ୍ରକୃତ କଥା ସାହିତ୍ୟର ଏକ ଅନୁପମ ସୃଟ୍ଟି । ଏହାର ଭାଷା ଗଦ୍ୟ ପଦ୍ୟ ମିଶ୍ରିତ ମହାରାଷ୍ଟ୍ରୀ ପ୍ରାକୃତ । ଏଥିରେ କେତେକ ସ୍ଥଳରେ ପୈଶାଚୀ, ଅପଭ୍ରଂଶ ଓ ସଂସ୍କୃତ ମଧ ବ୍ୟବହୃତ । ରଚନା ଶୈଳୀରେ କାଦମ୍ବରୀ, ଦମୟନ୍ତୀ କଥା ଓ ସମରାଇଚ୍ଛକହାର ପ୍ରଭାବ ଦେଖାଯାଏ । କ୍ରୋଧ, ମାନ, ମାୟା, ଲୋଭ ଓ ମୋହ ଇତ୍ୟାଦିର ପରିଣାମ ଦେଖାଇବା ପାଇଁ ସୁନ୍ଦର କଥାମାନ ଏଥିରେ ସନ୍ନିବେଶିତ । ରଚୟିତା ଉଦ୍ୟୋତନ ସୂରି ହରିଭଦ୍ର ଓ ବୀରଭଦ୍ରଙ୍କ ପ୍ରଭାବ ସ୍ପଷ୍ଟ ପରିଲିକ୍ଷିତ ହୁଏ । ଭାଷା ତାତ୍ତ୍ୱିକ ଦୃଷ୍ଟିକୋଣରୁ ଏହାର ଆବଶ୍ୟକତା ଅତ୍ୟନ୍ତ ଗୁରତ୍ୱପୂର୍ଣ୍ଣ । ଏହି ବିଷୟ କୁବଳୟମାଲାର ଶେଷରେ ବର୍ଣ୍ଣିତ ।

ମଧ ଦେଶରେ ବିନିତା ନାମକ ନଗରୀରେ ଥିବା ଦୋକାନମାନଙ୍କର କୁଙ୍କୁମ, କର୍ପୁର, ଅଳେଇଚ, ଲବଙ୍ଗ, ସୁନା, ରୁପା, ଶଙ୍ଖ, ଚାମର, ଘ ତଥା ନାନାଦି ପ୍ରକାରର ଔଷଧ ଏବଂ ଚନ୍ଦନ ପ୍ରଭୃତି ବିକ୍ରୟ ହେଉଥିଲା । ସେତେବେଳେ ବନାରସର ଯଥେଷ୍ଟ ବିଶେଷତ୍ୱ ଥିଲା । ଯେଉଁଲୋକ ସର୍ବତ୍ର ବିଫଳଗାମୀ ହୁଏ ସେ ସେଠାକୁ ଯାଇ ଯୁଆ ଖେଳି, ଚୋରି କରି କିମ୍ବା ଠକାମି କରି ଅର୍ଥ ଉପାର୍ଜନ କରୁଥିଲା । ସେହିପରି ଦକ୍ଷିଣାପଥର ପ୍ରତିଷ୍ଠାନ ନାମକ ନଗର ଯାହା ଧନଧାନ୍ୟ ଏବଂ ରତ୍ନାଦିରେ ପରିପୂର୍ଣ୍ଣ ତା'ର ବିସ୍ତୃତ ବର୍ଣ୍ଣନା ଏହି ଗ୍ରନ୍ଥରେ ରହିଛି ।

"It's Importance from the linguistic point has been professed by the author himself at the end of the work where he says that those who know the vernacular languages, their characteristics, their root etc. should read the Kuvalayamala."

"ଜୋ ଜାଣଇ ଦେସୀଓ ଭାସାଓ ଲକ୍‌ଖଣାଇ ଧଉଚ ବିୟରଣୟ ଗାହା ଛେୟମ କୁମଲୟମାଲାମପିସୋପତଭ ।"

(ଅର୍ଥାତ୍ , ଯେଉଁମାନେ ଦେଶୀୟ ଭାଷା ଜାଣନ୍ତି ସେମାନଙ୍କର ଲକ୍ଷଣ, ଧାତୁ ଇତ୍ୟାଦି ଜାଣିବା ନିମିତ୍ କୁଳୟମାଲା ପାଠ କରିବା ଉଚିତ୍ ।)

(ଦ୍ରଷ୍ଟବ୍ୟ - ସିଂଆର.ଏସ୍. - Inquiries into the spoken languages of India)

ଉତ୍‌ରାପଥର ତକ୍ଷଶିଳା ନଗରୀ ଯାହା ଧର୍ମଚକ୍ର ଦ୍ୱାରା ଶୋଭିତ ଥିଲା ତାର ମଧ

ବର୍ଣ୍ଣନା ରହିଛି । ଏହି ପ୍ରସଙ୍ଗରେ ରାଜାଙ୍କର ସାଧାରଣ ପ୍ରଜାଙ୍କର ସେବା ପରାୟଣତା ଦ୍ରଷ୍ଟବ୍ୟ ।

ନଗରର ସ୍ତ୍ରୀମାନେ ମାଠିଆରେ ପାଣି ନେଉଥିବା ବେଳେ କୁବଲୟମାଲାଙ୍କ ସୌନ୍ଦର୍ଯ୍ୟ ଚର୍ଚ୍ଚା କରୁଥିଲେ । ଅଯୋଧ୍ୟା ନିବାସୀ କାର୍ପଟିକ ବେଶଧାରୀ ରାଜକୁମାର କୁବଲୟଚନ୍ଦ୍ର କୁବଲୟମାଲାଙ୍କୁ ଖୋଜି ଖୋଜି ବିଜୟା ନଗରୀରେ ପହିଲେ । କୁବଲୟମାଲାଙ୍କ ଖବର ଜାଣିବା ପାଇଁ ସେ ଛାତ୍ରମାନଙ୍କର ମଠରେ ପ୍ରବେଶ କଲେ । ଏହି ମଠରେ ଲାଡ଼, କର୍ଣ୍ଣାଡ଼, ମାଲବ, କନୌଜ, ଗୋଲ୍ଲ, ମରଠ୍, ସୂରଠ୍, ଢ଼କ୍, ଶ୍ରୀକଣ୍ଠ ଏବଂ ସିନ୍ଧୁଦେଶର ଛାତ୍ରମାନେ ରହୁଥିଲେ । ସେମାନେ ଧନୁର୍ବିଦ୍ୟା, ଢ଼ାଲ, ଶର ଇତ୍ୟାଦି ଚାଳନା ତଥା ଲକୁଟି ଯୁଧ୍, ବାହୁ ଯୁଧ୍, ମଲ୍ଲ ଯୁଧ୍, ଅଲେଖ୍ୟ ଗୀତ ବିଦତ୍ର, ଭାଣ ଇତ୍ୟାଦିରେ ବିଦ୍ୟାର୍ଜ୍ଜନ କରିଥିଲେ । ବ୍ୟାଖ୍ୟାନୁମଣ୍ଡଳୀ ମାନଙ୍କର ବ୍ୟାକରଣ, ବୌଧ୍ ଦର୍ଶନ ଓ ଅନ୍ୟାନ୍ୟ ଦର୍ଶନ ଉପରେ ବକ୍ତୃତା ମାନ ଦେଉଥିଲା । ଏଠାକାର ଉପାଧ୍ୟାୟମାନେ ଅତ୍ୟନ୍ତ କୁଶଳ ଏବଂ ନିମିତ୍, ମନ୍ତ୍ର, ଯୋଗ, ଅଂଜନ, ଧାତୁବାଦ, ଯକ୍ଷିଣ ସିଧି, ତାରୁଡ଼, ଜ୍ୟୋତିଷ, ସ୍ୱପ୍ନ, ରସ୍, ଗନ୍ଧ, ରସାୟନ, ଛନ୍ଦ, ନିରୁକ୍ତ ଇତ୍ୟାଦି ଶାସ୍ତ୍ର ପଢ଼ାଉଥିଲେ ।

ବିଦ୍ୟା, ବିଜ୍ଞାନ ଏବଂ ବିନୟ ରହିତ ଏହି ଛାତ୍ରମାନଙ୍କର ଅସମଧ୍ ପରସ୍ପର ଅକ୍ଷର ପ୍ରଳାପ ଶୁଣିକୁମାର କୁବଲୟଚନ୍ଦ୍ରକୁ ଖରାପ ଲାଗିଲା । ଏହାପରେ କୁବଲୟମାଲାଙ୍କ ଚର୍ଚ୍ଚା ହେବାକୁ ଲାଗିଲା ।

ପ୍ରଥମ ଛାତ୍ର - କଣ ତୁମେ ରାଜକୁଳ କଥା ଜାଣ ? ସମସ୍ତେ ବ୍ୟଘ୍ର ସ୍ୱାମୀଙ୍କୁ ପଚାରିଲେ । 'ହେ ବ୍ୟାଘ୍ର ସ୍ୱାମୀ ରାଜକୁଳର ଖବର କ'ଣ କୁହନ୍ତୁ ।'

ବ୍ୟାଘ୍ର ସ୍ୱାମୀ - ଯୁରୁଷଦ୍ୱେଷିନୀ କୁଲୟମାଲ ସମସ୍ୟା ପୁର୍ତି ପାଇଁ ଗାଥାର ଏକ ଚରଣ ରଖିଛି ।

ଜଣେ ଛାତ୍ର ହଠାତ୍ ଉଠି କହିଲା - ଯଦି ଏଥିରେ ପାଣ୍ଡିତ୍ୟର ପ୍ରଶ୍ନ ଅଛି ତାହାହେଲେ କୁବଲୟମାଲା ମୋତେ ବିବାହ କରିବା ଉଚିତ୍ ।

ଦ୍ୱିତୀୟ ଛାତ୍ର - ଆରେ ତୋର ବା କ'ଣ ପାଣ୍ଡିତ୍ୟ ଅଛି ।

ପ୍ରଥମ ଜଣକ - ମୁଁ ଷଡ଼ାଙ୍ଗ ଅଧ୍ୟୟନ କରିଛି ଓ ତ୍ରିଗୁଣ ମନ୍ତ୍ର ପଢ଼ିଛି ।

ଦ୍ୱିତୀୟ ଛାତ୍ର - ଆରେ ତ୍ରିଗୁଣ ମନ୍ତ୍ରରେ ବିବାହ ହୁଏ ନାହିଁ । ଯେ ଠିକ୍ ଭାବରେ ଚରଣ ପୁର୍ତ୍ତି କରିଦେବ ତେବେ ଯାଇଁ ତାହା ସଂଗରେ ବିବାହ ହେବ ।

ଛାତ୍ରମାନେ କହିଲେ - ଭଟ୍ଟଯଜୁସ୍ୱାମୀ, ତୁମେ ସ୍ୱ ଗାଥା କୁହ ।

ଭଟ୍ଟ - ଶୁଣ କହି ସେ ଏକ ଶ୍ଳୋକ ପାଠ କଲେ । ଏହାଶୁଣି ଛାତ୍ରମାନେ କହିଲେ - ଆମେ ଶ୍ଳୋକ ଚାହୁଁନା ଆମକୁ ଗାଥା ପଢ଼ି ଶୁଣାଅ ।

ଭଙ୍ଗ - ଆଚ୍ଛ -

ଚମ୍ପୋଲ ରଇଅ ରାଓ ଅହରେ । ଦ୍ରଷ୍ଟା । କାମିନି ଜନସ୍ । ଅମ୍‌ହଂଚିୟ୍ ଖୁଉଇ ମଣୋ ଦାରିଦ୍ର ଗୁରୁ ନିବାରେଇ ।

ଏହାଶୁଣି ଛାତ୍ରମାନେ କହିବାକୁ ଲାଗିଲେ ବାଃ ବାଃ ଭଙ୍ଗସ୍ୱାମୀଙ୍କର ବିଦଗ୍ଧ ପାଣ୍ଡିତ୍ୟ ଅଛି । ସେ ଅତ୍ୟନ୍ତ ବିଦ୍ୟତାପୂର୍ଣ୍ଣ ଗାଥା ପାଠ କଲେ । ଏହାଙ୍କ ସହ କୁବଲୟମାନଙ୍କର ନିଶ୍ଚୟ ବିବାହ ହେବ ।

ଏହି ଗ୍ରନ୍ଥରେ ୧୮ଟି ଦେଶୀ ଭାଷାର ଉଲ୍ଲେଖ ରହିଛି । ଗୋଲ୍ଲ, ମଗଧ, ଢ଼କ, ସିନ୍ଧୁଦେଶ ଇତ୍ୟାଦିର ଲୋକମାନଙ୍କ ରିତିନୀତି, ଆଚାର ବ୍ୟବହାର ଓ ବେଶଭୂଷା ସମ୍ବନ୍ଧୀୟ ସୁନ୍ଦର ବର୍ଣ୍ଣନ ମଧ ରହିଛି । ଅଧିକଂତୁ ପ୍ରତ୍ୟେକ ଦେଶର ଭାଷାର ଦୃଷ୍ଟାନ୍ତ ରହିଛି । ଯଥା : ଗୋଲ୍ଲବାସୀ, 'ଅଡୁଢ଼େ', ମଗଧରେ 'ଏଗେ, ଲେ', ଅର୍ନ୍ତବେଦୀ ପ୍ରଦେଶରେ 'କିତୋ, କିମ୍ପୋ,', ସିଂଧୁ ଦେଶରେ 'ଚଉଡ଼ୟ', ଢ଼କ୍‌ରେ 'ଏହଂତେହଂ', ଲାଟ୍ ଦେଶର 'ଅମ୍‌ହଂ କାଭଂ, ରୁମ୍‌ହଂ' ଇତ୍ୟାଦିର ପ୍ରୟୋଗ ମିଳେ ।

କୁମାର କୁବଲୟଚନ୍ଦ କୁବଲୟମାଳାଙ୍କ ଦ୍ୱାରା ଘୋଷିତ ପାଦ ପର୍ତ୍ତି କରିଦେବାରୁ କୁବଲୟମାଳା କୁମାରଙ୍କ ଗଳାରେ ମାଳା ଅର୍ପଣ କଲେ । ତତ୍‌ପରେ ଶୁଭନକ୍ଷତ୍ର ଶୁଭ ମୁହୂର୍ତ୍ତରେ ଖବୁ ଆଡ଼ମ୍ବର ସହକାରେ ବିବାହା ଉତ୍ସବ ସମାହିତ ହେଲା । ବାସଗୃହ ସଜାଗଲା, କୁବଲୟମାଲାର ସଖିମାନେ ତାକୁ ବାସ ଗୃହରେ ଛାଡ଼ିଦେଲେ । ସେତେବେଳେ କୁବଲୟମାଲା ସେମାନଙ୍କୁ ସମ୍ବୋଧନ କରି କହିଲେ - ହେ ପ୍ରିୟ ସଖିଗଣ ମୋତେ ମନହରାଣି ପରି ଏଠି ଏକାକୀ ଛାଡ଼ି ଯାଅନି । ସଖିମାନେ କହିଲେ - ହେ ସଖି ଆମକୁ ମଧ ଏପରି ଏକାନ୍ତ ପ୍ରାପ୍ତିର ସୌଭାଗ୍ୟ ମିଳୁ ।

କୁବଲୟମାଲା - ହେ ପ୍ରିୟ ସଖିଗଣ ମୋତେ ଜ୍ୱର ହୋଇ ଗଲାଣି । ମୋର ଶରୀର ରୋମାଂଚିତ ଓ କମ୍ପିତ ମୋତେ ଛାଡ଼ି ଚାଲିଯାଅନି ।

ସଖିମାନେ - ତୁମର ପତି ହିଁ ବୈଦ୍ୟ । ସେ ତୁମାର ଜ୍ୱର ଜନିତ ପୀକ୍ଷା ଦୂର କରିବେ । ତତ୍‌ପରେ କୁବଲଚନ୍ଦ ଓ କୁବଲୟମାଲା ମଧରେ ପ୍ରେମପୂର୍ଣ୍ଣ ବିନୋଦ ଓ ଭକ୍ତି ପ୍ରତ୍ୟୁକ୍ତି ଆଦିର ସରସ ବର୍ଣ୍ଣନା ରହିଛି ।

ସଂସ୍କୃତ, ପ୍ରକୃତ, ଶୌରସେନୀ, ଅପଭ୍ରଂଶ, ପୈଶାଚୀ, ମାଗଧୀ, ରାକ୍ଷସୀ ଏବଂ ମିଶ୍ରଭାଷାମାନଙ୍କର ଉଲ୍ଲେଖ ରହିଛି ।

ଉବଏସ ମାଲା

ଧର୍ମବାସଗଣିକୃତ 'ଉପଦେଶମାଳା' ଏକ ପ୍ରସିଧ୍ ଓ ସର୍ବଜନ ଆବୃତ ଗ୍ରନ୍ଥ । ଏଥବରେ ସାଧୁ ଓ ଗୃହସ୍ଥମାନଙ୍କ ନିମିତ୍ ଅନେକ ନୀତିଶିକ୍ଷା, ଜ୍ଞାନଧାନ, ତପ-ସଂଯମ, ଦାନ-ଦୟା-ଅହିଂସା, ବିନୟ ଷାଳୀନତା, ବିବେକ, ଅପରିଗ୍ରହ, ଅନାସକ୍ତି ଆଦି ସଦ୍‌ଗୁଣ ସମ୍ବନ୍ଧୀୟ

କେତକେ ଉପଦେଶ ରହିଛି । ଜୈନ ସଂଘମାନଙ୍କରେ ଦୀକ୍ଷିତ ଭିକ୍ଷୁ ଭିକ୍ଷୁଣୀମାନେ ଏଗୁଡ଼ିକ କଣ୍ଠସ୍ଥ କରୁଥିଲେ । ମୂଳ ଗାଥାଗୁଡ଼ିକର ସଂଖ୍ୟା ୫୪୧ । ବିଦ୍ୱାନମାନଙ୍କ ମତରେ ଏହାର ରଚନା କାଳ ୪ର୍ଥ ଓ ୫ମ ଶତାବ୍ଦୀ ମଧ୍ୟବର୍ତ୍ତୀ । ଏହାର ଅନୁକରଣରେ ହରିଭଦ୍ର, ସୁରି 'ଉପଦେଶପଦ ପ୍ରକରଣ' ନାମକ ଏକ ଧର୍ମୋପଦେଶ ଗ୍ରନ୍ଥ ରଚନା କରିଥିଲେ ।

କୁମାରପଲ ପଡ଼ିବୋହ (କୁମାରପାଲ ପ୍ରତିବୋଧ)

ସୋମପ୍ରଭସୂରି ୧୧୮୪ ଖ୍ରୀଷ୍ଟାବ୍ଦରେ ଏହି କଥା ଗ୍ରନ୍ଥଟି ରଚନା କରିଥିଲେ । ଏହାର ଭାଷା ଜୈନ ମହାରାଷ୍ଟ୍ରୀ । ସଂସ୍କୃତ ଓ ଅପଭ୍ରଂଶର ପ୍ରଭାବ ମଧ୍ୟ ଏଥିରେ ଦେଖାଯାଏ । ଏଥିରେ ସନ୍ନିବିଷ୍ଟ ୫ଟି ପ୍ରସ୍ତାବ ମଧ୍ୟରେ ୫ ପ୍ରସ୍ତାବଟି ଅପଭ୍ରଂଶରେ ଲିଖିତ । ଆଚାର୍ଯ୍ୟ ହେମଚନ୍ଦ୍ରଙ୍କ ଉପଦେଶରେ ପ୍ରଭାବିତ ହୋଇ ଚାଲୁକ୍ୟରାଜା କୁମାଲପାଲ ଜୈନଧର୍ମ ଗ୍ରହଣ କରିଥିଲେ । ଏହି ଗ୍ରନ୍ଥରେ ମୋଟ ୫୪ଟି କାହାଣୀ ରହିଛି । ପ୍ରଥମ ପ୍ରସ୍ତାବରେ ମୂଳଦେବ କଥା ଓ ନଳ ଦମୟନ୍ତୀ କଥା ସୁପ୍ରସିଦ୍ଧ । ନଳ ପରି ନିଷ୍ଠୁର, ନିର୍ଦ୍ଦୟ ଓ କାପୁରୁଷ କେହି ହୋଇନପାରେ । କାରଣ ସେ ମହାସତୀ ଦମୟନ୍ତୀଙ୍କୁ ରାତିରେ ଶୋଇଥିବା ଅବସ୍ଥାରେ ଛାଡ଼ି ଯାଇଥିଲେ । ଅଶୋକ କଥାରେ ଧନୀମାନେ କିପରି ନିଜ ନିଜ ପୁଅମାନଙ୍କୁ ଚରିତ୍ରବାନ ରଖିବାପାଇଁ ବେଶ୍ୟାମାନଙ୍କ ସ୍ୱଭାବ ସମ୍ବନ୍ଧରେ ଭଲଭାବରେ ପରିଚିତ କରାଇ ଦିଅନ୍ତି - 'ହୃଦୟକୁ ମରିଚ ପରି ସଂକୁଚିତ କର, ଯାହାଦ୍ୱାରା ଇନ୍ଦ୍ରିୟ ବିସ୍ତାର ରୋକି ହେବ ।'

ଦୀପଶିଖା କଥାରେ କୁହାଯାଇଛି ଯେ ସାଧକମାନେ ବିଦ୍ୟା ସିଦ୍ଧି ପାଇଁ ଶ୍ମଶାନରେ କନ୍ୟା ବଧ କରୁଥିଲେ । ଗୁରୁସେବାର ଉଦାହରଣରେ ରାଜା ପ୍ରଦେଶୀ ଓ ଲକ୍ଷ୍ମୀର କଥା ମାନ ଦ୍ରଷ୍ଟବ୍ୟ । ସମ୍ପ୍ରତି କଥାରେ କିପରି ରାଜ ସମ୍ପ୍ରତି ଆନ୍ଧ୍ର, ଦ୍ରାବିଡ଼ାଦି ଅନାର୍ଯ୍ୟ ଦେଶମାନଙ୍କୁ ଯୋଦ୍ଧା ପଠାଇ ଜୈନ ଧର୍ମ ପ୍ରଚାର କରିଥିଲେ ତାହାର ବିବରଣୀ ଦେଖିବାକୁ ମିଳେ । ରାଜକୁମାର ପାଳସ୍ୱୀୟ ଗୁରୁ ହେମଚନ୍ଦ୍ରଙ୍କ ସହ ଶତ୍ରୁଜୟ, ପାଲିଣନା, ଗିରନାରାଦି ତୀର୍ଥସ୍ଥାନ ଭ୍ରମଣ କରିଥିଲେ ସେ ବିଷୟ ମଧ୍ୟ ବର୍ଣ୍ଣିତ ।

ଶୀଳବତୀ କଥା ଅତ୍ୟନ୍ତ ମନୋମୁଗ୍ଧକର । ଦିନେ ଅଧରାତିରେ ଅଜିତସେନଙ୍କ ପତ୍ନୀ ଶୀଳବତୀ ମାଠିଆଟିଏ ନେଇ ଘରୁ ବାହାରିଗଲା । ବହୁତ ସମୟ ବିତି ସେ ଘରକୁ ଫେରିଲା । ତାର ଶ୍ୱଶୁର ଏ ଖବର ପାଇ ପୁତ୍ରବଧୂର ଚରିତ୍ର ସମ୍ବନ୍ଧରେ ଶଙ୍କା କରି ତାକୁ ଘରୁ ବାହାର କରିବାକୁ ନିଶ୍ଚୟ କରି ରଥରେ ବସାଇ ଶୀଳବତୀର ମା ଘରକୁ ଯାତ୍ରା କଲା । ରାସ୍ତାରେ ଗୋଟି ନଦୀ ପଡ଼ିଲା । ଶ୍ୱଶୁର ଶୀଳବତୀକୁ ଜୋତା ବାହାର କରି ନଦୀ ପାରି ହେବାକୁ କହିଲା । କିନ୍ତୁ ଶୀଳବତୀ ଜୋତା ଖୋଲିବାକୁ ନାରାଜ । ଶ୍ୱଶୁର ଭାବିଲା ଯେ ବୋହୂଟି ଖୁବ୍ ଅବାଧ୍ୟ । ତାପରେ ସେମାନେ ଏକ ଭଲ ଫଳିଥିବା ମୁଗ କିଆରି ଦେଖିଲେ । ଶ୍ୱଶୁର କହିଲେ - 'ଦେଖ ଖେତଟି କେଡ଼େ ସୁନ୍ଦର ଫଳିଛି । ଖେତର ମାଲିକ ଏହାକୁ ଭୋଗ କରିବ ।' ଶୀଳବତୀ କହିଲେ 'କଥାଟି ସତ, କିନ୍ତୁ ଏଇଟା ଯଦି ଆଉ କିଏ ଖାଇବାର ସୁଯୋଗ ନପାଏ ତେବେ ଯାଇଁ ମାଲିକ ଭୋଗ କରିବ ।' ଶ୍ୱଶୁର ଭାବିଲେ

ବୋହୂ କଣ ଏଣୁତେଣୁ କହୁଛି । ତାପରେ ସେ ଦିହେଁ ଗୋଟିଏ ସୁନ୍ଦର ନଗରରେ ପହିଲେ । ସେଠିକାର ଲୋକମାନଙ୍କୁ ଆନନ୍ଦମଗ୍ନ ଦେଖି ଶ୍ୱଶୁର କହିଲେ - 'ଏ ନଗରଟି କେଡ଼େ ସୁନ୍ଦର' । ଶୀଳବତୀ ଉତ୍ତରରେ କହିଲେ - 'ଠିକ୍ କଥା, ଯଦି କିଏ ,ଏଇଟାକୁ ଧ୍ୱଂସ ନକରେ ।' ଆଉ କିଛି ବାଟ ଯିବା ପରେ ଜଣେ କୂଳପୁତ୍ରକୁ ଦେଖି ଶ୍ୱଶୁର କହିଲେ - 'ଏ ଜଣକ କେତେବଡ଼ ଶୂର-ବୀର' । ଶୀଳବତୀ କହିଲେ - 'ଯଦି ଏଇ ଜଣକ ପିଟା (ମାଡ଼) ନଥାଏ ତାହାହେଲେ ସେ ଶୂରବୀର' । ଶ୍ୱଶୁର ଆଉ କିଛି ବାଟ ଯିବାପରେ ଗୋଟିଏ ବଟଗଛ ତଳେ ବିଶ୍ରାମ କଲେ । ଶୀଳବତୀ ଦୂରରେ ବସି ରହିଲା । ଶ୍ୱଶୁର ଭାବିଲେ ଯେ ଏହି ସ୍ତ୍ରୀଟି ସବୁବେଳେ ଓଲଟା କାମ କରୁଛି । ବିଶ୍ରାମ ସାରି ସେମାନେ ସେଠାରୁ କିଛି ଦୂର ଆଗେଇଲେ । ଶେଷରେ ସେମାନେ ଗୋଟିଏ ଗାଁରେ ପହଲେ । ସେଠି ଶୀଳବତୀର ମାମୁ ଶ୍ୱଶୁରକୁ ନିମନ୍ତ୍ରଣ କଲେ । ଭୋଜନ ଶେଷରେ ଶ୍ୱଶୁର ରଥ ଭିତରେ ବିଶ୍ରାମ କଲେ ଓ ଶୀଳବତୀ ରଥ ଛାଇରେ ବସି ରହିଲା । ଏହି ସମୟରେ ବାବୁଲ ଗଛରେ ବସିଥିବା କୁଆଟି ବାରମ୍ବାର କା' କା' କରୁଥିବା ଦେଖି ଶୀଳବତୀ କହିଲା - 'ଅରେ ତୁ କା' କା' କରି ଥକିବୁନି ? ତାପରେ ସେ ଗୋଟିଏ ଗାଥା ପଢ଼ିଲା -

ଏକେ ଦୁନ୍ନୟ ଜେ କୟା ତେହିଂ ନୀହରିୟ ଘରସ୍ସ ।
ବୀଜା ଦୁନ୍ନୟ ଜଇ କରଙ୍ଗ ତୋ ନ ମିଳଙ୍ଗ ପିଅରସ୍ସ ।।

ଅର୍ଥାତ୍, ଗୋଟିଏ ଦୁର୍ନିତୀ କରି ମୋତେ ଘରୁ ବାହାରିବାକୁ ପଡ଼ିଲା । ଆଉ ଗୋଟିଏ ଦୁର୍ନୀତି ଯଦି ମୁଁ କରିବି ମୋର ପିତାମାତାଙ୍କ ସହ ମିଶିପାରିବି ନାହିଁ । ଏହି ଗାଥାଟି ଶୁଣି ଶ୍ୱଶୁର ଶୀଳବତୀର ଉଦ୍ଦେଶ୍ୟ ଜାଣିବାକୁ ଚାହିଁଲେ । ଶୀଳବତୀ କହିଲା - 'ମୋର ଗୁଣହିଁ ମୋର ଶତ୍ରୁ ହେଲା, କାରଣ ମୁଁ ପକ୍ଷୀମାନଙ୍କର ଭାଷା ବୁଝି ପାରି ମୋର ଆଜି ଏ ଦୁର୍ଦ୍ଦଶା । ଅଧରାତିରେ ଶୃଗାଳର ଭାଷା ବୁଝି ମୁଁ ଗୋଟିଏ ମାଠିଆ ଧରି ଗୋଟିଏ ମନା ଦେହରୁ ମହୁମୁଲ୍ୟ ଅଳଙ୍କାର ଆଣିବାକୁ ଗଲି । ନଦୀରୁ ମଡ଼ାକୁ ଉଠାଇ ସମସ୍ତ ଅଳଙ୍କାର ମାଠିଆରେ ଭାରି ଆଣିଲି ଓ ମଡ଼ାଟିକୁ ଶୃଗାଳ ଆଗରେ ପକାଇଦେଲି । ଏହିପରି ଏକ ଦୁର୍ନୀତି ହେତୁ ମଁ ବର୍ତ୍ତମାନ ଏହି ଦୂରାବସ୍ଥା ଭୋଗୁଛି । ଏବେ ଏହି କୁଆଟି କହୁଛି ଯେ ସେ ବାବୁଲ ଗଛ ମୂଳରେ ବହୁ ସୁନା ପୋତା ହୋଇଛି । ଶ୍ୱଶୁର ଏହା ଶୁଣି ଅତ୍ୟନ୍ତ ଖୁସି ହେଲେ ସ ଗଛ ତଳେ ଥିବା ପୋତାଧନର ସଂଧାନ ନେଲେ । ସେ ସୁନାରୂପା ସେଠାରୁ ପାଇ ବୋହୂକୁ ପ୍ରଶଂସା କରି ରଥରେ ବସାଇ ଘରକୁ ଫେରାଇ ଆଣିଲେ । ରାସ୍ତାରେ ସେ ପଚାରିଲେ - 'ଶୀଳବତୀ ତୁମେ ବଟଗଛ ମୂଳେ କାହିଁକି ବସିଲନି ?' ଶୀଳବତୀ - ଗଛ ମୂଳରେ ସାପ ଭୟ ଥାଏ ଓ ଗଛ ଉପରୁ ପକ୍ଷୀମାନେ ମଳତ୍ୟାଗ କରନ୍ତି । ଏଣୁ ଦୂରରେ ବସିବା ହିଁ ଭଲ । ଶ୍ୱଶୁର - କୂଳପୁତ୍ରକୁ ଦେଖି ତୁମେ କାହିଁକି ସେମିତି କହିଲ ? ଶୀଳବତୀ- 'ଶୂରବୀର ମାଡ଼ ଖାଆନ୍ତି କିନ୍ତୁ ପ୍ରକୃତ ଶୂରବୀର ଯେ ସେ ପ୍ରଥମେ ପ୍ରହାର କରେ ନାହିଁ ।

ନଗର ବିଷୟ ଶ୍ୱଶୁର ପଚାରିବା ଯୋଗୁଁ ଶୀଳବତୀ କହିଲେ ଯେ ଯେଉଁ ନଗରର

ଲୋକେ ଆଗନ୍ତୁକମାନଙ୍କ ସ୍ୱାଗତ କରନ୍ତି ନାହିଁ ତାକୁ ନବର କୁହାଯିବା ଉଚିତ୍ ନୁହେଁ । ଖେତ ସମ୍ବନ୍ଧରେ ଶୀଳବତୀ କହିଲା ଯେ ବେପାରରେ ପଦାର୍ଥର ମୂଲ୍ୟ ବଢ଼ିଲେ ବି ଯଦି ଖେତମାଲିକ ପଦାର୍ଥର ଉପଭୋଗ କରେ ତାହାହେଲେ କୁହାଯିବ ଯେ ପଦର୍ଥର ଉପଭୋଗ କରାଗଲା । ସେହିପରି ନଦୀପାର କରିବାବେଳେ ନଦୀରେ ଥିବା ଜୀବ-ଜନ୍ତୁ ଓ ଭୟ ଥାଏ ଏଣୁ ଜୋତା ଉତାରିବା ଉଚିତ୍ ନୁହଁ । ଶ୍ୱଶୁର ଶୀଳବତୀ ଉପରେ ଅତ୍ୟନ୍ତ ପ୍ରସନ୍ନ ହୋଇ ତାକୁ ଘରର ସ୍ୱାମିନୀ କରିଦେଲେ ।

ଶୀଳବତୀଙ୍କ ମହତ୍ ଚରିତ୍ର ସମ୍ବନ୍ଧରେ ଆହୁରି ଗୋଟିଏ କଥା ଅତ୍ୟନ୍ତ ମନୋମୁଗ୍ଧକାରୀ । ଦ୍ରଷ୍ଟବ୍ୟ କଥାସରିତ ସାଗର । ତାର କଥାରେ କୌଣସି ବ୍ରାହ୍ମଣର ନିଜ କନ୍ୟାକୁ ମୁଣ୍ଡରେ ରଖି ବଜାରରେ ଚଳିବା ବିଷୟ ବର୍ଣ୍ଣିତ ।

ଡକ୍ଟର ନେମିଚନ୍ଦ୍ର ଶାସ୍ତ୍ରୀ ଏହି ଗ୍ରନ୍ଥର ସାମ୍ୟକ ଆଲୋଚନା ପୂର୍ବକ ନିମ୍ନଲିଖିତ ଗୁଣମାନ ନିର୍ଧାରଣ କରିଛନ୍ତି ।

୧. ଜିଜ୍ଞାସା ଓ କୌତୁହଳର ସୁନ୍ଦର ନିର୍ବାହ ।

୨. ସୁନ୍ଦର ଏବଂ ସରସ ଫଳାପଗୁଡ଼ିକର ସଂଯୋଜନା ।

୩. ଲଘୁକଥାଗୁଡ଼ିକ ମଧରେ ଆଦର୍ଶ ଚରିତ ସ୍ଥାପନ ।

୪. ଉପଦେଶ ବହୁଳତା ହେତୁ କଥାରସର ଅଭାବ, କିନ୍ତୁ ସାଂସ୍କୃତିକ ସାମଗ୍ରୀମାନଙ୍କର ପ୍ରାଚୂର୍ଯ୍ୟ ।

୫. ଲୋକକଥାଗୁଡ଼ିକରେ ଧାର୍ମିକ ବ୍ରତମାନଙ୍କର ମହତ୍ୱ ସଂଯୋଗ କରି ସେଗୁଡିକ ନୂତନ ରୂପରେ ପ୍ରସ୍ତୁତୀ କରଣ ।

୬. ଗଦ୍ୟ-ପଦ୍ୟର ପ୍ରୟୋଗ ଏବଂ ପଦ୍ୟଗୁଡ଼ିକର ନୀତି ଓ ଉପଦେଶାଦିର ସମାବେଶ ।

୫ମ ପ୍ରସ୍ତାବଟିର କଥାସାର ଲେଖଙ୍କ 'ଅପଭ୍ରଂଶ ଭାଷା ଓ ସାହିତ୍ୟ' (ଅପ୍ରକାଶିତ) ଗ୍ରନ୍ଥରେ ସନ୍ନିବିଷ୍ଟ ।

ଧର୍ମୋପଦେଶମାଲା ବିବରଣ :

ଏହା ଏକ ସଂଗ୍ରହ ଗ୍ରନ୍ଥ ମାତ୍ର । ୧୫୬ଟି କଥାରେ ଧର୍ମ ନୀତି, ଶୁଭାଶୁଭ-ଫଳ, ସଦ୍‌ଗୁଣ ମହିମା, ଦୁର୍ଗୁଣ ନିନ୍ଦା ଇତ୍ୟାଦି ଅନେକ ବିଷୟର ବର୍ଣ୍ଣନା ରହିଛି । ଉଦାହରଣ ସ୍ୱରୂପ ସଦାଚାରର ବ୍ୟାଖ୍ୟା ନିମିତ୍ ରାଜମତୀ କଥା, ଭାବ ପାଇଁ ଇଲାପୁତ୍ର କଥା ଭାଗ ଓ ହେଷର ପରିଣାମ ବ୍ୟକ୍ତ କରିବା ନିମିତ୍ କ୍ରମଶଃ ବଣିକ୍ ତନୟ କଥା ନାବିକନନ୍ଦ କଥା, ଦାନର ମହାତ୍ମ୍ୟ ବ୍ୟକ୍ତ କରିବାପାଇଁ ଶାଳିଭଦ୍ର କଥା ଉଲ୍ଲେଖନୀୟ । ଏହିପରି ଚାଣକ୍ୟ କଥା, ବ୍ରହ୍ମଦତ୍‌ଚକ୍ରି କଥା, କେଶିଗଣଧର କତା ବହୁ ଧର୍ମୋପଦେଶରେ ଭରପୁର । ଏହି

କଥାଗୁଡ଼ିକ ନିର୍ମୀତ୍ ଜୀବନର ପ୍ରତ୍ୟେକ କ୍ଷେତ୍ରରୁ ପାତ୍ର ଅଣାଯାଇଛି । ଯଥା : ମହାପୁରୁଷ, ସମ୍ରାଟ, ସାମ୍ରାଜ୍ଞୀ, ରାଜକୁମାରୀ, ସାଧୁ, ସେଠ, ବଣିଆ, ମୁର୍ଖ, ଦୁର୍ଜନ, ଜୁଆରୀ, ଶରାପୀ, ଆଦି ସବୁ ଢ଼ଙ୍ଗର ଲୋକଙ୍କୁ ପାତ୍ର ପାତ୍ରୀ ତଥା ନାୟକ ନାୟୀକା ଭୂମିକାରେ ଉପସ୍ଥାପିତ କରାଯାଇଛି । ଚରିତ୍ର ଚିତ୍ରଣ ବଡ଼ ସ୍ୱାଭାବିକ, ମନୋବୈଜ୍ଞାନିକ ଓ ସ୍ପଷ୍ଟ ରୀତିରେ କରାଯାଇଛି । ଏତଦ୍‌ଭିନ୍ନ ଅନେକ ଦେଶ, ମନ୍ଦିର, ନଦନଦୀ, ସରୋବର, ଆଦିର ପ୍ରାକୃତିକ ଦୃଶ୍ୟ ବିଷଦ୍‌ଭାବେ ବର୍ଣ୍ଣିତ । ଶୃଙ୍ଗାର, ବୀର, କରୁଣ ଆଦି ରସ ଓ ବକ୍ରୋକ୍ତି, ବ୍ୟାଜୋକ୍ତି, ଅନ୍ୟୋକ୍ତି, ଦୃଷ୍ଟାନ୍ତ, ରୂପକ, ଉପମା ଆଦି ଅଳଙ୍କାର ଅନେକ ଉଦାହରଣ ଏଥିରେ ମିଳେ । କେତେକ ସ୍ଥଳରେ ସାମାଜିକ ଓ ଐତିହାସିକ ମହତ୍ୱ ସଂପନ୍ନ ସାମଗ୍ରୀର ଉଲ୍ଲେଖ ମଧ ରହିଛି ।

ଏହି ଗ୍ରନ୍ଥଟି ସାହିତ୍ୟିକ ଦୃଷ୍ଟି ଭଂଗୀରେ ବଡ଼ ମହତ୍ୱପୂର୍ଣ୍ଣ । ଏହାର ଭାଷା ଗଦ୍ୟ-ପଦ୍ୟ ମିଶ୍ରିତ । ସଂକଳନକର୍ତ୍ତା ଓ କତା ଲେଖକ ଜୟସିଂହ ସୂରି (କୃଷ୍ଣ ମୁନିଙ୍କ ଶିଷ୍ୟ) ବୋଲି କେତେକ ସମାଲୋଚକ ମତ ଦିଅନ୍ତି ଓ ଏହାଙ୍କ ଗ୍ରନ୍ଥ ରଚନାର କାଳ ହେଉଛି ଖ୍ରୀ. ୮୫୮ ।

ଆଖ୍ୟାୟିକା

ସମରାଇଚ୍ଚକହା

ସମରାଦିତ୍ୟ କଥାରେ ଉଜ୍ଜୟୀନ ରାଜା ସମରାଦିତ୍ୟ ଏବଂ ପ୍ରତିନାୟକ ଅଗ୍ନିଶର୍ମାଙ୍କ ନ'ଟି ଜୀବନର କଥା ବର୍ଣ୍ଣିତ । ଏହି ଗ୍ରନ୍ଥ ପ୍ରବଣତା ହରିଭଦ୍ର ସୂରୀ ।

ରାଜକୁମାର ସମରାଦିତ୍ୟଙ୍କ ନାମ ପୂର୍ବଜନ୍ମରେ ଗୁଣସେନ ଥିଲା । ତାଙ୍କ ପୁରୋହିତ ଥିଲେ ଅଗ୍ନିଶର୍ମା । ସେ ଅତି କୁରୂପ ଥିବାର ରାଜକୁମାର ତାକୁ ମଧ ଥଟ୍ଟା କରୁଥିଲେ ଓ ଗଧ ଉପରେ ବସାଇ ନଗର ସାରା ପରିକ୍ରମା କରାଉଥିଲେ । ଏଥିରେ ଅଗ୍ନିଶର୍ମା ଅତ୍ୟନ୍ତ ବିରକ୍ତ ହୋଇ ଦୀକ୍ଷା ଗ୍ରହଣକରିଥିଲେ । ଏଣେ ଗୁଣସେନ ରାଜା ହେଲେ । ସେ ତପୋବନକୁ ଯାଇ ଅଗ୍ନିଶର୍ମାଙ୍କୁ ଭୋଜନ ପାଇଁ ନିମନ୍ତ୍ରଣ କଲେ । ଅଗ୍ନିଶର୍ମା ରାଜଦରବାରକୁ ତିନିଥର ଯାଇଥିଲେ ଓ ରାଜାଙ୍କୁ ବ୍ୟସ୍ତ ଦେଖିବ ଭୋଜନ ନକରି ଫେରି ଆସି ଭାବିଲେ ଯେ ରାଜା ପ୍ରତିଶୋଧ ନେବା ପାଇଁ ତାଙ୍କୁ ବାରମ୍ବାର ନିମନ୍ତ୍ରଣ କରି ସୁଧା ଭୋଜନରୁ ବଂଚିତ କରୁଛନ୍ତି । କ୍ରୋଧରେ ଅଗ୍ନିଶର୍ମା ନିଦାନ କଲେ ଯେ ସେ ଜନ୍ମ ଜନ୍ମାନ୍ତର ଧରି ଗଣସେନର ଶତ୍ରୁହୋଇ ତାକୁ ବଧ୍ କରିବେ । ଫଳସ୍ୱରୂପ ଅଗ୍ନିଶର୍ମା ନଅ ଥର ଜନ୍ମଲାଭ କରି ଗୁଣସେନକୁ ବଧ କଲେ ଓ ପରଶେଷରେ ସ୍ୱୀୟ ଶୁଭକର୍ମମାନ ନଷ୍ଟ କରିଦେଲେ । ଫଳସ୍ୱରୂପ ହତ୍ୟାକାରୀ (ଅଗ୍ନିଶର୍ମା) ନରକକୁ ଓ ସମରାଦିତ୍ୟ ସ୍ୱର୍ଗକୁ ଗଲେ ।

ଦ୍ୱିତୀୟ ଜନ୍ମରେ ଅଗ୍ନିଶର୍ମା ରାଜା ସିଂହ କୁମାରଙ୍କ ପୁତ୍ର ରୂପରେ ଜନ୍ମଗ୍ରହଣ କଲେ । ଏହି ପ୍ରସଙ୍ଗରେ ବିବାହ ମଣ୍ଡପ, କନ୍ୟା ପ୍ରସାଧନ ଏବଂ ତତ୍‌କାଳୀନ ବିବାହର ରୀତିନିତିର ସୁନ୍ଦର ବର୍ଣ୍ଣନା ମିଳେ । ନିର୍ବେଦ, ବୈରାଗ୍ୟାଦିର ବର୍ଣ୍ଣନା ମଧ ମିଳେ । ଏତଦ୍‌ବ୍ୟତୀତ ଧାର୍ମିକ ଓ ଧର୍ମ ସମ୍ବନ୍ଧୀୟ ଆଖ୍ୟାନମାନ ମଧ ରହିଛି ।

ସର୍ବୋପରି ଏହି କଥାମାନଙ୍କରେ ମର୍ତ୍ତ୍ୟଲୋକ ଏବଂ ଦେବଲୋକର ଚିତ୍ର ବର୍ଣ୍ଣିତ । ଏହାର ଶୈଳୀ ସଂସ୍କୃତ ମହାକାବ୍ୟ ମାନଙ୍କ ପରି । 'ସମରାଇଚ୍ଛକହା' ଏକ ମହତ୍ୱପୂର୍ଣ୍ଣ ରଚନା । ସିଧିଷ' (ଖ୍ରୀ. ୯୦୬) ଓ ଉଦ୍ଧ୍ୟୋତନ (ଖ୍ରୀ. ୭୭୯) ଏହାଙ୍କ ପ୍ରଭାବକୁ ସ୍ୱୀକାର କରି ଆପଣାର କୃତିରେ ଏହାର ଶୈଳୀକୁ ଅନୁସରଣ କରିଛନ୍ତି । ନଗର ପ୍ରପାତ, ଉଦ୍ୟାନାଦିର ବର୍ଣ୍ଣନା ଏଥିରେ ଉଚ୍ଚକୋଟୀର ହୋଇଛି । ଅଳଂକାର ସ୍ୱାଭାବିକ ଓ ଆର୍ଯ୍ୟ ଛନ୍ଦର ପ୍ରୟୋଗ ମୁଖ୍ୟତ ଉପଲବ୍ଧ । କେତେକ ବର୍ଣ୍ଣନା ସ୍ଥଳରେ ବଡ଼ ବଡ଼ ସମାସର ବ୍ୟବହାର ଦେଖାଯାଇଛି । ଉଦାହରଣ ସ୍ୱରୂପ -

ପଚ୍ଚୋୟ ସାଲସରଲତମାଲଗାଲିକବଉଲତିଲୟନିଚୁଳଅଂ - କୋଲ୍ଲକଲମ୍ବଞ୍ଜୁଲପଲାସସଲ୍ଲଇତିଣିମନିମ୍ବକୁଡ଼ୟନଗ୍ରୋହଖଲ - ରସଜ୍ଜଣସ୍ୱଜମ୍ବୁୟନିୟରଗୁବଲଂ ଦ ରି ୟ ମ ୟ ଣ । ଦ ଖ ର ନ ହ ର ସି ଂ ହ ର । ବ । ୟ ଦ ଲି ୟ ମ ତ୍ ମ । ୟ ଙ୍ଗୁ ମ୍ଭ ତ୍ ଥ ଲ ଗ ଲି ୟ ବ ହ ଲ ଚ । ହି ର । ତ୍ ମୁ ତ୍ । ହ ଲ କୁ ସୁମପୟରଚ୍ଚିୟବିତ୍ଥିଣଭମିଭାଗଂ ...... ମହାଡ଼ବିଂ ।

କିନ୍ତୁ, କଥାର ପ୍ରବାହରେ ଓ କଥୋପକଥନର ଭାଷା ସରଳ । ଏହାର ଭାଷା ପ୍ରାୟ ସରଳ, ବୋଧଗମ୍ୟ ଓ ପ୍ରବାହମୟୀ । ସମାଜ, ଉପମାଦି ଅଳଙ୍କାରମାନ ପ୍ରୟୋଗରୁ ଲେଖକଙ୍କ କାବ୍ୟ କୌଶଳ ବେଶ୍ ଉପଲବ୍ଧ । ଏହାର ଭାଷା ଜୈନ ମହାରାଷ୍ଟ୍ରୀ କିନ୍ତୁ ସ୍ଥଳବିଶେଷରେ ଶୌରସେନୀର ପ୍ରଭାବ ଅନୁଭୂତ ।

ଏହାର ଲେଖକ ହରିଭଦ୍ର ସୂରୀ ଶ୍ୱେତାମ୍ବର ସଂପ୍ରଦାୟର ଏକ ପ୍ରସିଧ୍ ଆଚାର୍ଯ୍ୟ ଥିଲେ । ସେ ଚିତୋରାଚର ବସବାସ କରୁଥିଲେ ଓ ସଂସ୍କୃତ ତଥା ପ୍ରାକୃତର ଜଣେ ମହାପଣ୍ଡିତ ଥିଲେ । ପରେ ଜୈନ୍ୟସାଧୁ ଶ୍ରେଣୀଭୂକ୍ତ ହେଲେ । ଏହାଙ୍କ କାଳ ଖ୍ରୀ. ୭୦୦-୮୦୦ ମଧବର୍ତ୍ତୀ ବୋଲି ନିର୍ଦ୍ଧାରଣ କରାଯାଇଛି ।

ଧୂତକ୍ଖାଣ (ଧର୍ତାଖ୍ୟାନ)

ଏହା ମଧ ହରିଭଦ୍ରଙ୍କ ଦ୍ୱାରା ଲିଖିତ ଗ୍ରନ୍ଥ । ରାମାୟଣ, ମହାଭାରତ ଏବଂ ପୁରୁଣାଦିରେ ବର୍ଣ୍ଣିତ । ଅତିରଂଜିତ କଥାଗୁଡ଼ିକୁ ବ୍ୟଙ୍ଗ କରି ସେଗୁଡ଼ିକର ସାର୍ଥକତା ପ୍ରତିପାଦନ କରିବାର ଚେଷ୍ଟା ଏଥିରେ କରାଯାଇଛି । ଏହା ପାଠ କଲେ ଜଣେ କୁଶଳ କଥାକାରର ମୌଳିକ କଳ୍ପନା ଶକ୍ତିର ସ୍ପଷ୍ଟ ପ୍ରମାଣ ମିଳେ । ଏହାର ଭାଷା ମହାରାଷ୍ଟ୍ରୀ ଓ ଶୈଳୀ ପ୍ରବାହମୟୀ ।

ଧୂର୍ତ୍ତାଖ୍ୟାନରେ ୫ଟି ଆଖ୍ୟାନ ରହିଛି । ଥରେ ଉର୍ଜେନୀରେ ୫ଜଣ ଧୂର୍ତ୍ତ-ଶିରୋମଣି ମିଳିତ ହେଲେ । ସେମାନେ ନିଷ୍ପୟ କଲେ ଯେ ପ୍ରତ୍ୟେକ ନିଜ ନିଜର ଅନୁଭୂତି ଶୁଣାଇବେ ଏବଂ ଯେ ସେହି ଅନୁଭୂତିକୁ ବିଶ୍ୱାସ କରିବେ ନାହିଁ । ସେ ସମସ୍ତଙ୍କୁ ଭୋଜନ ଦେବେ ଏବଂ ଯେ ନିଜ କଥାକୁ ରାମାୟଣ, ମହାଭାରତ ଓ ପୁରାଣ ଆଦିରୁ ଗୃହୀତ ବିଷୟ ପ୍ରମାଣ କରିଦେବ ସେ ଧୂର୍ତ୍ତମାନଙ୍କ ଗୁରୁରୂପେ ବିବେଚିତ ହେବ । ପ୍ରଥମେ ମୂଳଶ୍ରୀ ନାମକୁ ଧୂର୍ତ୍ତ ନିଜର ଅନୁଭୂତି

ବର୍ଣ୍ଣନା କଲେ 'ଏକଦା ଯୁବାବସ୍ଥାରେ ମୁଁ ନିଜ ମୁର୍ଦ୍ଧରେ ଗଙ୍ଗା ଧାରଣ କରିବା ପାଇଁ ନିଜ ମାଲିକ ଘରକୁ ଗଲି । ମୋ ମୁଣ୍ଡ ଉପରେ କମଣ୍ଡଳୁ ଓ ଛତା ଥିଲା । ଗୋଟିଏ ମତ୍ତହସ୍ତୀ ମୋ ପଛରେ ଗୋଡ଼େଇଲା । ଭୟରେ ମୁଁ କମଣ୍ଡଳୁ ଭିତରେ ଆତ୍ମଗୋପନ କଲି । ମୋ ପଛେ ପଛେ ହାତୀ ମଧ କମଣ୍ଡଳୁ ମଧରେ ପଶିଗଲା । ହାତୀଟି ଛମାସ ପର୍ଯ୍ୟନ୍ତ ମୋ ପଛରେ ଧାଇଁଲା । ପରେ ମୁଁ କମଣ୍ଡଳୁର ତରେ ଲାଗି ରହିବା ଯୋଗୁଁ ସେ ବାହାରକୁ ଆସି ପାରିଲା ନାହିଁ । ମୁଁ ରାସ୍ତାରୁ ଗଙ୍ଗାକୁ ନେଇ ମୋ ମୁଣ୍ଡ ଉପରେ ଛ' ମାସ ପର୍ଯ୍ୟନ୍ତ ଧାରଣ କଲି । ତାପରେ ଉର୍ଜ୍ଜୈନୀ ପ୍ରତ୍ୟାଗମନ କଲି ଏବଂ ବର୍ତ୍ତମାନ ଆପଣଙ୍କ ସହ ଏକାଠି ବସିଛି ।

ଏହିପରି ପ୍ରତ୍ୟେକ ଧୂତ୍ ଏକ ଏକ ସ୍ୱ ଅନୁଭୂତି କାହାଣୀ ଶୁଣାଇଲେ । ପ୍ରାୟ ୫୦ଟି କଥା ଏଥିରେ ପ୍ରମାଣ ସ୍ୱରୂପ ଆସିଛି ।

କଥାକୋଷ ପ୍ରକରଣ

ଏହି ଗ୍ରନ୍ଥର ରଚୟିତା ହେଉଛନ୍ତି ଆଚାର୍ଯ୍ୟ ଜିନଭଦ୍ର ସୂରୀ । ସେ ଖ୍ରୀ. ୯୫୧ରେ ଏହି ଗ୍ରନ୍ଥ ରଚନା କରିଥିଲେ । ସେ ଏକାଧାରରେ ଆୟୁର୍ବେଦ, ସଂଗୀତ ନାଟ୍ୟଶାସ୍ତ୍ର, ଅର୍ଥଶାସ୍ତ୍ର ଆଦିରେ ପାଣ୍ଡିତ୍ୟ ଅର୍ଜନ କରିଥିଲେ । ଏତଦ୍‌ବ୍ୟତିତ ସଂସ୍କୃତ ଓ ପ୍ରାକୃତରେ କେତେଗୁଡ଼ିଏ ଗ୍ରନ୍ଥ ରଚନା କରିଛନ୍ତି । ଆଲୋଚ୍ୟ ଗ୍ରନ୍ଥରେ ୩୬ଟି କଥା ଓ ଚାରି ୫ଟି ଉପକଥା ମିଳେ । ୧୬ଟି କଥାରେ ସାଧୁମାନଙ୍କୁ ଦାନ ଦେବାର ଫଳ ବିଷୟ ରହିଛି । ଅନ୍ୟଗୁଡ଼ିକରେ ଜିନ୍ ପୂଜା, ଧର୍ମୋତ୍ସାହ, କର୍ମଫଳ ଆଦି ବିଷୟରେ ବର୍ଣ୍ଣନା ରହିଛି । ତତ୍‌କାଳୀନ ସମାଜ, ରାଜନୀତି, ଆଚାର ବ୍ୟବହାର ଆଦିର ପରିଚୟ ଏହି କଥାଗୁଡ଼ିକରେ ବର୍ଣ୍ଣିତ । ଏଥିରେ ବର୍ଣ୍ଣିତ କଥାମାନଙ୍କ ମଧରେ ସିଂହ କୁମାର କଥା, ମନୋରଥ ଶବକ କଥା, ପାର୍ଶ୍ୱଶାବକ କଥା, ଯକ୍ଷମାନଙ୍କ କଥା, କୁନ୍ତଳାରାଣୀ ଆଖ୍ୟାନ ଓ ବଣିକପୁତ୍ର କଥା ସାହିତ୍ୟିକ ଦୃଷ୍ଟିରୁ ଉତ୍ତମ । ଏଥିରେ କଥା ଏବଂ କଳ୍ପନାର ସଫଳ ସଂଯୋଜନା କରାଯାଇଛି । ଏଗୁଡ଼ିକର ଭାଷା ସରଳ, ସୁଖବୋଧ ଗଦ୍ୟମୟ ଏବଂ ସ୍ଥାନେ ସ୍ଥାନେ ସଂସ୍କୃତ ପଦ୍ୟ ମଧ ଦୃଷ୍ଟି ପଥାରୂପ ହୁଏ । ଏହାର ବର୍ଣ୍ଣନାଶୈଳୀ ପ୍ରଭାବମୟୀ । ଏହି ଗ୍ରନ୍ଥରେ ମୌଳିକ ଭାବରାଜି ଏକ ବିଶେଷ ମହତ୍ତ୍ୱ ରକ୍ଷା କରିପାରିଛି । ସିଂହ କୁମାର କତାର ଏକ ଅବାନ୍ତର କଥା ପ୍ରସଙ୍ଗ ଦ୍ରଷ୍ଟବ୍ୟ -

କୌଣସି ସ୍ତ୍ରୀ ପତି ବିଦେଶ ଚାଲିଯାଇଥିଲେ । ସେ ନିଜ ବାପଘରେ ରହୁଥିଲା । ଦିନକର କଥା, ସେ ଉପର ମହଲାରେ କେଶ ବିନ୍ୟାସ କରୁଥିଲା ବେଳେ ସେହି ରାସ୍ତାରେ ଜଣେ ରାଜକୁମାର ଯିବାର ଦୃଶ୍ର ସନ୍ଦର୍ଶନ କଲା । ଦୁହିଁଙ୍କ ଦୃଷ୍ଟି ମିଳନ ହେଲା ଏବଂ ସୁନ୍ଦରୀକୁ ଦେଖି ରାଜକୁମାର ଗୋଟିଏ ସୁଭାଷିତ ପଢ଼ିଲା -

'ଅଣୁରୂବଗୁଣଂ ଅଣୁରୁବଜୋବ୍ ବଣଂମାଣୁସଂ ନ ଜସ୍‌ସତ୍ଥ ।
କିଂ ତେଣ ନିୟନ୍ତେଣ ପିମାନି ନବରଂ ମଓ ଏସା ।।''

ଅର୍ଥାତ୍ ଯେଉଁ ସ୍ତ୍ରୀର ଅନୁରୂପ ଗୁଣ ଓ ଯୌବନ ଥିବା ପୁରୁଷ ନାହିଁ, ତାର ବଂଚି

ରହିବାର ଲାଭ କ'ଣ ? ତାକୁ ମୃତ ବୋଲି ବୁଝିବା ଉଚିତ୍ ।

ସ୍ତ୍ରୀ ଉତ୍ତର ଦେଲା -

"ପରଭୁଁଜିଉଁ ନୟାଣଇ ଲଚ୍ଛିଂ ପଉଂ ପିପୁଣ୍ୱେ ପରିହିଣେ ।
ବିକ୍କ ମରସା ହୁ ପୁରସା ଭୁଁଜନ୍ତି ପରେସ୍ସ ଲଚ୍ଛିଓ ।''

ଅର୍ଥାତ୍ 'ପୁଣ୍ୟହୀନ ପୁରୁଷ ଲକ୍ଷ୍ମୀ ଉପଭୋଗ କରିବା ଜାଣେନି । କେବଳ ସାହସୀ ପୁରୁଷ ପରର ଲକ୍ଷ୍ମୀଙ୍କୁ ଉପଭୋଗ କରିପାରନ୍ତି ।''

ରାଜକୁମାର ସୁନ୍ଦରୀର ଅଭିପ୍ରାୟ ବୁଝିପାରି ରାତିରେ ଗବାକ୍ଷ ଦେଇ ସୁନ୍ଦରୀର ଗୃହରେ ପ୍ରବେଶ କରି ପଛରୁ ସୁନ୍ଦରୀର ଆଖି ବୁଜିଦେଲେ । କହିଲା - 'ତୁମ ମୋର ହୃଦୟକୁ ଚୋରି କରି ନେଇଗଲୁ, ତୁ ଏ ବିଷୟ ଜାଣିନାହୁଁ ବର୍ତ୍ତମାନ ମୋରି ଆଖି ବନ୍ଦ କରିବା ବାହାନାରେ ତୁ କୃତ୍ରିମ ଅନ୍ଧାର ସୃଷ୍ଟି କରୁଛୁ ? ଆଜି ମୁଁ ମୋର ବାହୁ ପାଶକୁ ପାଚିକୁ ତୋ ଗଳାରେ ପକାଇଉଛି । ତୁ ନିଜ ଇଷ୍ଟଦେବତାଙ୍କୁ ସ୍ମରଣ କରି କିମ୍ବା ନିଜର ପୁରୁଷାର୍ଥ ଦେଖାଅ ।"

ରାତିସାରା ପ୍ରେମପୂର୍ଣ୍ଣ ଆଳାପ ହେଲା ଓ ଭୋର ହେବା ପୂର୍ବରୁ ରାଜକୁମାର ସେଠାରୁ ଫେରିଗଲେ । ଭୋର ହେବାରୁ ଦାସୀ ଆସି ଦେଲେ ଯେ ତା'ରି ମାଲିକାଣୀ ଗାଢ଼ ନିଦରେ ଶୋଇଛି । ଦାସୀ ଭାବିଲା ଯେ ଯେଉଁ ସ୍ତ୍ରୀ ପତି ବିଦେଶରେ ସେ ଏତେ ଡ଼େରିଯାଏ ଶୋଇବାଟା ଭଲ କଥା ନୁହଁ । ସେ ଚୁପ୍‌ଚାପ୍ ତା ପାଖରେ ବସି ରହିଲା । କିଛିକ୍ଷଣ ପରେ ସୁନ୍ଦରୀ ଉଠିବା ପରେ ଦାସୀ ପ୍ରଶ୍ନ କଲା -

"ସ୍ୱାମିନୀ, ଆଜି ଏତେ ସମୟ ଆପଣ କାହିଁକି ଶୋଇ ରହିଲେ ?"

ସୁନ୍ଦରୀ - ପତିଙ୍କ ବିରହରେ ରାତିସାରା ନିଦ ହେଲାନି । ସକାଳୁ ନିଦ ଆସିଥିଲା ।

ଦାସୀ - 'ସ୍ୱାମିନୀ, ଆପଣଙ୍କ ଓଠରେ ଏଗୁଡ଼ାକ କଣ ହୋଇଛି ?"

ସୁନ୍ଦରୀ - ଥଣ୍ଡା ହେତୁ ଫାଟି ଯାଇଛି ।

ଦାସୀ - ସ୍ୱାମିନୀ, ଆପଣଙ୍କ ଆଖି କଜଳ କାହିଁକି ଚାରିଆଡ଼େ ଲାଗିଯାଇଛି ?'

ସୁନ୍ଦରୀ - ପତିଙ୍କ ବିରହରେ ରାତିସାରା କାନ୍ଦୁଥିଲି, ମୁଁ ଆଖି ମନ୍ଥି ଦେଲି ।

ଦାସୀ - ସ୍ୱାମିନୀ, ତୁମ ଶରୀରରେ ଏ ନଖକ୍ଷତ କେମିତି ହେଲା ।

ସୁନ୍ଦରୀ - "ପତି ବିରହରେ ମୁଁ ନିଜକୁ ଗାଢ଼ ଆଲିଙ୍ଗନ କରିଥିଲି ।"

ଦାସୀ - ତାହାହେଲେ କାଲିଠୁଁ ମୁଁ ଆପଣଙ୍କ ପାଖରେ ଶୋଇବି ଓ ଆମେ ପରସ୍ପର ଆଲିଙ୍ଗନ କରି ଶୋଇବା ।

ସୁନ୍ଦରୀ - "ଛି ! ଛି ! ପତିବ୍ରତା ସ୍ତ୍ରୀ ପକ୍ଷରେ ଏହା ଅନୁଚିତ୍ ।"

ଦାସୀ - ସ୍ୱାମିନୀ, ଆଜି ଆପଣଙ୍କ ଜୁଡ଼ା କାହିଁକି ଶିଥିଳ ହୋଇ ଯାଇଛି ?"

ସୁନ୍ଦରୀ - 'ଭଉଣୀ, ତୁ ବଡ଼ କ୍ଷ ଚାଲାକ ଅଟୁ, ତୁ କ'ଣ ପାଇଁ ଏଣୁ ତେଣୁ ପଚାରୁଛୁ । ପତିଙ୍କ ଅଭାବରେ ଶେଯ ଚରମ ବାଲି ପରି ଲାଗେ । ଏଣୁ ରାତିସାରା ଏପଟ ସେପଟ ଗଡ଼େଇ ହେଉଥିଲି । ଏଣୁ ଜୁଡ଼ା ଶିଥିଳ ହୋଇ ଯାଇଛି । ଏମିତି ପ୍ରଶ୍ନମାନ ପଚାରି ତୁ ମୋର ଶ୍ୱଶୁର କୁଳର ନାଶ ଘଟାଇବାକୁ ଚାହୁଁଛୁ ନା କ'ଣ ?

ଦାସୀ - "ଛି, ଛି, ସ୍ୱାମିନୀ, ଏମିତି ଭାବନ୍ତିନି । ଏଥିରେ ଆପଣଙ୍କ ଶ୍ୱଶୁର କୁଳର ନାଶ ହେବନି ବରଂ ଉତ୍କର୍ଷ ହିଁ ହେବ ।

ଣାଣପଂଚମୀ କହା (ଜ୍ଞାନ ୫ମୀ କଥା)

ଏହି ଗ୍ରନ୍ଥ ଏକାଦଶ ଶତାବ୍ଦୀରେ ପ୍ରାଣୀତ । ଏହାର ଲେଖମ ମହେଶ୍ୱରସୂରି । ଏହାଙ୍କ ସମୟ ୧୦୫୨ ଖ୍ରୀଷ୍ଟାବ୍ଦର ପୂର୍ବବର୍ତ୍ତୀ ବୋଲି ଅନୁମାନ କରାଯାଏ । ଏହି ଗ୍ରନ୍ଥରେ ଦଶଟି କଥା ରହିଛି । ଯଥା - ଜୟସେଣ କହା, ନନ୍ଦ-କହା, ବୀର କହା, କମଲା କହା, ଗୁଣାରୁଣାଗ କହା, ବିମଲ୍ କହା, ଧରଣ କହା, ଦେବୀ କହା ତଥା ଭବିସ୍ ସୟତ୍ କହା । ପ୍ରଥମ ଓ ଶେଷ କଥା ଦୁଇଟି ଦୀର୍ଘକାୟ । ଏହି ଗ୍ରନ୍ଥର ଭାଷା ଜୈନ ମହାରାଷ୍ଟ୍ରୀ । ଏହି କଥାଗୁଡ଼ିକର ବର୍ଣ୍ଣନା ଶୈଳୀ ସରଳ ଓ ଭାବଯୁକ୍ତ ଅଟେ ।

ଭବିସସ୍ୟତ୍‌କହା - କୁରାଜାଙ୍ଗଳ ଦେଶର ଗଜପୁର ନଗରୀରେ କୌରବ ବଂଶୀୟ ରାଜା ଭୂପାଳ ରାଜତ୍ୱ କରୁଥିଲେ । ଏହି ନଗରୀରେ ଧନପାଳ ନାମକ ଜଣେ ମହାନ୍ ଧନୀ ରହୁଥିଲେ । ତାଙ୍କ ସ୍ତ୍ରୀର ନାମ କମଳଶ୍ରୀ । ଏହି ଦମ୍ପତି୍ର ଭବିସ୍‌ସୟତ୍ (ଭବିଷ୍ୟବତ୍) ନାମରେ ଏକ ପୁଅ ଥିଲା । ଧନପାଳ ସରୂପା ନାମ୍ନୀ ଜଣେ ସୁନ୍ଦରୀକୁ ବିବାହ କଲେ । ଫଳରେ ସେ ନିଜ ପ୍ରଥମ ସ୍ତ୍ରୀ ଓ ପୁତ୍ରକୁ ଉପକ୍ଷୋ କରିବାକୁ ଲାଗିଲେ । ଧନପାଳ ଓ ସରୂପାର ପୁତ୍ର ବନ୍ଧୁଜତ୍ ବଡ଼ ହୋଇ୫ ସହସ୍ର ବେପାରିଙ୍କୁ ସାଘରେ ନେଇ କଞ୍ଚନ ଦ୍ୱୀପକୁ ଯାତ୍ରା କଲେ । ଭବିଷ୍ୟଦତ୍ ମଧ ସେମାନଙ୍କ ସହି ଯାଉଥିବା ଦେଖି ସରୂପା କହିଲା 'ପୁଅ ତୁ ଏମିତି କରିବୁ ଯେମିତି ଭବିଷ୍ୟଦତ୍ ଆଉ ଫେରି ନଆସସେ ।' ସମୁଦ୍ର ଯାତ୍ରା କରୁକରୁ ସେମାନେ ମୈନକା ପର୍ବତରେ ପହିଲେ । ସେ ବନ୍ଧୁଦତ୍ ଭବିଷ୍ୟତ୍‌କୁ ଛାଡ଼ି ନିଜ ଗନ୍ତବ୍ୟ ପଥରେ ଯାତ୍ରା କଲା । ଭବିଷ୍ୟଦତ୍ ଏଣେ ତେଣେ ବୁଲି ଏକ ନିର୍ଜନ ନଗରୀରେ ପହଲା । ସେହି ନଗରଟି ଖୁବ୍ ସମୃଧିଶାଳୀ । ସେଠି ଗୋଟିଏ ଜିନ ମନ୍ଦିରରେ ପହି ଚନ୍ଦ୍ରପ୍ରଭା ଭଗବାନଙ୍କୁ ପୂଜା କଲା । ଦେଖିଲା ମନ୍ଦିର ଦ୍ୱାର ଦେଶରେ ଦୁଇଟି ଗାଥା ଲେଖାଯାଇଛି । ଗାଥା ପଢ଼ି ସେ ଜଣେ ଦିବ୍ୟସୁନ୍ଦରୀର ସନ୍ଧାନ ପାଇଲା ଯାହାର ନାମ ଭବିଷ୍ୟାନୁରୂପା । ସେହି ସୁନ୍ଦରୀ ସହ ଭବିଷ୍ୟଦତ୍ ବିବାହ କଲା । ଯେଉଁ ଅସୁର ଏହି ନଗରୀର ଧ୍ୱଂସ କରିଥିଲା ସେ ପୂର୍ବଜନ୍ମରେ ଭବିଷ୍ୟଦତ୍‌ର ମିତ୍ର ଥିଲା । ସେ ଭବିଷ୍ୟଦତ୍ ସବୁ ପ୍ରକାର ସାହାଯ୍ୟ କଲା ।

ଭବିଷ୍ୟଦତ୍ ନିଜ ପତ୍ନୀ ସହ ପ୍ରଚୁର ଧନରତ୍ନ ନେଇ ଘରକୁ ଫେରିବା ରାସ୍ତାରେ ବନ୍ଧୁଦତ୍ ଓ ତାର ସହାଗାମୀ ବେପାରିମାନଙ୍କୁ ଅସହାୟ ଅବସ୍ଥାରେ ଦେଖି ତାଙ୍କୁ ସାହାଯ୍ୟ କଲା ଓ ବାଟରେ ତୋଫାନରେ ପଡ଼ି ସୁଧା କୌଣସି ପ୍ରକାରେ ଗଜପୁରରେ ପହଲା । ଭବିଷ୍ରାନୁରୂପା ତାର ଭାବି ପତ୍ନୀ ବୋଲି ଘୋଷଣା କରି ବିବାହ ତିଥି ମଧ ସ୍ଥିତର କଲା । ଏତେ ଭବିଷ୍ୟଦତ୍ ଗୋଟିଏ ଯକ୍ଷ ସାହାଯ୍ୟରେ ଗଜପୁରରେ ଆସି ପହି ରାଜା ଭୂପାଳଙ୍କ ନିକଟରେ ବନ୍ଧୁଦତଙ୍କ ବିରୋଧ ଆପତି୍ କଲା । ରେସେ ଦରବାରରେ ନିଜ ଆପତ୍ ଯିର ପ୍ରମାଣ ଦେଇ ଭବିଷ୍ୟାନୁରୂପାକୁ ଫେରି ପାଇଲା । ରାଜା ଭୂପାଳ ମଧ ଭବିଷ୍ୟଦତ୍ ଉପରେ ପ୍ରସନ୍ନ ହୋଇ ରାଜ୍ୟର ଅର୍ଦ୍ଧେକ ଦେଇ ନିଜ କନ୍ୟା ସୁତାରଙ୍କୁ ଭବିଷ୍ୟଦତ୍‌କୁ ଦାନ କଲେ । ଭବିଷ୍ୟଦତ୍ ଦୁଇ ପତ୍ନୀଙ୍କ ସହ ଆନନ୍ଦରେ କାଳଯାପନ କଲା । ନିର୍ମଳ ବୁଧି୍ ମୁନିଙ୍କ ଠାରୁ ନିଜର ପୁର୍ବଜନ୍ମାବଳୀ ଶୁଣି ବିରକ୍ତ ହୋଇ ପ୍ରବ୍ରଜ୍ୟା ଧାରଣ କରି ତପସ୍ୟା କଲା । ଏହିପରି ଆୟୁକ୍ଷୟ କରି ସପ୍ତମ ସ୍ୱର୍ଗରେ ହେମାଂଗଦ ଦେବ ହୋଇଗଲେ । କମଳଶ୍ରୀ ଓ ଭବିଷ୍ୟନୁରୂପୀ ମଧ ମରଣ ଲାଭ କରି ଦେବଗତି ପାଇଲେ ।

ଏହି କଥାଟିରେ ନାରୀର ଚିନ୍ତାଧାରା, ଚେଷ୍ଟାଦିର ସୁନ୍ଦରି ନିରୂପଣ ମିଳେ । ନନ୍ଦ କତାରେ ନନ୍ଦ ଚରିତ୍ରର ମହତ୍ୱ ଦ୍ରଷ୍ଟବ୍ୟ । ବୀର କହା ଓ କମଲା କହାରେ ଅନ୍ଧବିଶ୍ୱାସର ସଂଯୋଗଜ ଓ ଆନ୍ତରିକ ଦ୍ୱନ୍ଦ୍ୱ ଉଲ୍ଲେଖ ଯୋଗ୍ୟ ।

ଏହି କଥାର ଲେଖକ ସଂସ୍କୃତ ଓ ପ୍ରାକୃତିର ଜଣେ ମହାନ୍ ପଣ୍ଡିତ । କଥାଗୁଡ଼ିକର ବର୍ଣ୍ଣନା ଶୈଳୀଖୁବ୍ ସରଳ । ସ୍ଥାନେ ସ୍ଥାନେ ଅର୍ଧମାଗଧୀ ଓ ଅପଭ୍ରଂଶର ପ୍ରଭାବ ଦେଖାଯାଏ ।

ଜୈନ ଆଚାର୍ଯ୍ୟମାନେ କାର୍ତ୍ତିକ ଶୁକ୍ଳ ୫ମୀକୁ ଜ୍ଞାନ୫ମୀ କହନ୍ତି । ଏବଂ ଏହି ଦିବସରେ ଶାସ୍ତ୍ରପୂଜା, ଅର୍ଚ୍ଚନା, ସାଂମାର୍ଜନ, ଲେଖନୀ ଓ ଲେଖାପନା ଇତ୍ୟାଦିର ବିଧାନ କରାଯାଏ ।

ଭାଷା ସମ୍ବନ୍ଧରେ ଏହି ଲେଖକଙ୍କ ମତ ଦ୍ରଷ୍ଟବ୍ୟ -

ସକ୍‌କୟକବ୍‌ବସ୍ ସତ୍‌ଥଂ ଜେଣ ନଜାଣତି ମନ୍ଦବୁଧୀ୍ୟା ।

ସବ୍‌ବାଣ ବି ସୁହବୋହଂ ତେଣ ଇମଂ ପାଇୟଂ ରଇୟଂ ।।

ଗୁଢ଼ତ୍‌ଥଦେସିରହିୟଂ ସୁଲଲିୟବନ୍ନେହିଂ ଗଂଥିୟଂ ରମ୍ମଂ ।

ପାଇୟକମ୍‌ବଂଲୋଏ କସ୍‌ସ ନହିୟ୍ୟଂ ସୁହାବେଇ ।।

ଅର୍ଥାତ୍ କମ୍ ବୁଧି୍ ଥିବା ଲୋକମାନେ ସଂସ୍କୃତ କାବ୍ୟର ଅର୍ଥ ବୁଝନ୍ତି ନାହିଁ, ଏଣୁ ପ୍ରାକୃତରେ ସର୍ବସୁଲଭ କାବ୍ୟ ରଚିତ ହୁଏ । ଗୂଢ଼ାର୍ଥ ଓ ୧ ଦେଶୀ ଶବ୍ଦ ରହିତ ଏବଂ ସୁଲିତ ବର୍ଣ୍ଣ ଗ୍ରଥିତ ଓ ରଜ୍ୟ ପ୍ରାକୃତ କାବ୍ୟ କାହାର ମନକୁ (ହୃଦୟକୁ) ସୁଖ ନଦିଏ ?

କହାରୟଣ କୋସ (କତାରତ୍ନ କୋଷ)

ଏହି କଥା କୋଷର ରଚୟିତା ଦେବଭଦ୍ର ସୂରୀ ବା ଗୁଣଚନ୍ଦ୍ର ଗଣି । ଏଥିରେ ପଚାଶଟି

କତା ସନ୍ନିବିଷ୍ଟ । ଏଗୁଡ଼ିକ ଗଦ୍ର ଓ ପଦ୍ୟର ଅଳଂକୃତ ଶୈଳୀରେ ଲିଖିତ । ଏହି ଲେଖକଙ୍କ ଅନ୍ୟ ରଚନା ମଧରେ ପାସନାହ ଚରିୟ୍, ମହାବୀର ଚରିୟ୍, ଅନନ୍ତନାଥ ସ୍ତୋତ୍ର ଇତ୍ୟାଦି ଅନ୍ୟତମ । ଏହି କଥାଗୁଡ଼ିକର ମୌଳିକ ପ୍ରଭୃତି ବର୍ଣ୍ଣନା ମଧ କଥାଗୁଡ଼ିକର ସୌନ୍ଦର୍ଯ୍ୟ ବୃଦ୍ଧି କରେ ।

ନାଗଦତ୍ କଥାରେ କଳିଂଜର ପର୍ବତ ଶିଖରରେ କାଷ୍ଠ ନିର୍ମିତ କୁଳଦେବତାଙ୍କ ପୂଜା ପାରଂପରିକ ରୀତିରେ ହୋଇ ଆସୁଥିଲା । ନାଗ କୁଶାସନରେ ବସ ୫ଦିନ ପର୍ଯ୍ୟନ୍ତ ନିରାହାର ରହି ଉପାସନା ଆରମ୍ଭ କଲେ । କୁବେରଯକ୍ଷ ନାମକ କୁଳଦେବତାର ଲୋକେ ମଧ ଉପାସନା କରୁଥିଲେ । ଗଂଗବସୁମତି କଥାରେ ଉଡ୍‌ଡ଼ିୟାୟଣ ଦେଶର ଉଲ୍ଲେଖ ମିଳେ । ସାପବିଶ ନାଥ ପାଇଁ ଅଠ ନାଗ କୁଳର ଉପାସନା କରାଯାଉଥିଲା । କୃଷ୍ଣ ଚତୁର୍ଦ୍ଦଶୀ ଦିନ ଶ୍ମଶାନରେ ଏକାକୀ ବସି ୧୦୦୮ ଥର ମନ୍ତ୍ର ଜପ କଲେ ଏହି ବିଦ୍ୟା ସିଧ୍ ହୁଏ । ଚୁଡ଼ାମଣି ଶାସ୍ତ୍ର ସାହାଯ୍ୟରେ ଭୂତ, ବର୍ତମାନ, ଭବିଷ୍ୟତର ଜ୍ଞାନ ପ୍ରାପ୍ତି ହୁ, । କାର୍ଯ୍ୟୋତ୍ସର୍ଗର ମହତ୍ୱ ଦେଖାଇବା ପାଇଁ ଈଶିରାଜ କଥା, ଭୋଗପେଭୋଗ ପରିମାଣ ବ୍ରତ ନିମିତ୍ ମହାଶ୍ରେଷ୍ଠ କଥା ଆଦି ଦ୍ରଷ୍ଟବ୍ୟ । ଶେଷରେ ପ୍ରବ୍ୟଜ୍ୟା ପାଇଁ ଉଦ୍ୟୋଗ କରିବାକୁ ପ୍ରଭାଚନ୍ଦ୍ର କଥାର ରଚନା ହୋଇଛି ।

ଏହି କଥାଗୁଡ଼ିକ ରୁଚିସମ୍ପନ୍ନ ଶୈଳୀରେ ଲିଖିତ । ସମସ୍ତ କଥାରେ ମାନବ ବାଦର ପ୍ରତିଷ୍ଠା ପାଇଁ ଜୋର୍ ଦିଆଯାଇଛି ଓ ଜାତିବାଦର ଖଣ୍ଡନ କରାଯାଇଛି । ଶାରୀରିକ ସୁଖ ଅପେକ୍ଷା ଆତ୍ମିକ ସୁଖର ପ୍ରାଧାନ୍ୟ ଦର୍ଶାଯାଇଛି । ସୀରସ ଉପଦେଶଗୁଡ଼ିକୁ କଥା ମାଧମରେ ଅତ୍ୟନ୍ତ ସୁଖପାଠ୍ୟ କରାଯାଇଛି । ଉପବନ, ଋତୁ, ରାତ୍ର, ଯୁଧ୍, ଶ୍ମଶାନ, ରାଜପ୍ରାସାଦ, ନଗରାଦିର ସୁନ୍ଦର ବର୍ଣ୍ଣନା କାହାଣୀଗୁଡ଼ିକରେ ପାଠକମନକୁ ଆକୃଷ୍ଟ କରିପାରିଛି । ଧାର୍ମିକ କଥା ହେଲେ ମଧ ଏଗୁଡ଼ିକରେ ଲେଖକଙ୍କ ମୌଳିକତା ପରିଲକ୍ଷିତ । ନିମ୍ନରେ ସଂକ୍ଷେପରେ କେତେଟି କଥାର ସାର ଦିଆଯାଉଛି :

ସୁଦତ୍‌କଥାମାନଙ୍କରେ ମୃହକଳହର ସ୍ୱାଭାବିକ ଚିତ୍ର - ଜଣେ ବଧୂ କୂଅରୁ ପାଣି ଭରି ଆଣୁଥିଲା । ତାର ମାଠିଆଟି କଣା ହୋଇଗଲା । ତାକୁ ତାର ଶାଶୁ ରାଗରେ ଗୋଟିଏ ଚାପୁଡ଼ା ଦେଲା । ବଦୂର ଝିଅ ଏହା ଦେଖି ବୁଢ଼ୀମାର ଗଳାରୁ ଦ୍ୱାରା ଛିଣ୍ଡାଇ ପକାଇଲା । ବୋହୂର ନଣନ୍ଦ ମା'ରଅପମାନ ଦେଖବ ଝିଆରି ମୁଣ୍ଡ ଫଟାଇ ଦେଲା । ବୋହୁ ମଧ ଏହା ଦେଖବ ନଣନ୍ଦକୁ ମାରିଲା । ଏମିତି କଳହ ଲାଗି ରହିଥାଏ । ଘର ମାଲିକ ଲଗରେ କାହାରିକୁ କିଛି କହେ ନାହିଁ ।

ସୁଜସ ଶ୍ରେଷ୍ଠି ଓ ତାର ପୁଅମାନଙ୍କୁ ନେଇ ଯେଉଁ କଥା ରହିଛି ସେଥିରେ ସୁଜସ ଶ୍ରେôରେ ପୁଅମାନେ ବାପାର ଉପଦେଶ ମାନନ୍ତି ନାହିଁ, କାରଣ ମା ପୁଅମାନଙ୍କୁ ଗାଳିଦେବାକୁ ବାରଣ କରନ୍ତି । ଫଳରେ ପୁଅମାନେ ନାନାପ୍ରକାର କୁସଙ୍ଗରେ ପଡ଼ି ମା'କୁ ମଧ ବେଖାତିର କରିବାକୁ ଲାଗିଲେ ।

ଲଘୁକଥା ମାଳା -

ସମରାଇଚ୍ଚକହା ଓ ଧୂର୍ତାଖ୍ୟାନ ପରି ବୃହତ୍ କଥାର ଲେଖଖ ଆଚାର୍ଯ୍ୟ ହରିଭଦ୍ର ବହୁ ଛୋଟ ଛୋଟ କଥା ଲେଖିଛନ୍ତି । ଦଶବୈକାଳିକରେ ୩୦ଟି ଉପଦେଶପଦରେ ୭୦ଟି ପ୍ରାକୃତ କଥା ସଂଗୃହୀତ । ଏହି କଥାଗୁଡ଼ିକ ନଅଟି ଭାଗରେ ବିଭକ୍ତି କରି ଡ଼କ୍ଟର ନେମିଚନ୍ଦ୍ର ଶାସ୍ତ୍ରୀ କହିଛନ୍ତ - ସମସ୍ତ କଥା ବିଶ୍ଲେଷଣ ନୁହେଁ । (୧) କାର୍ଯ୍ୟ ଓ ଘଟଣା ପ୍ରଧାନ କଥା (୨) ଚରିତ୍ର ପ୍ରଧାନ କଥା (୩) ଭାବନା ଓ ବୃତ୍ ପ୍ରଧାନ (୪) ବ୍ୟଙ୍ଗ ପ୍ରଧାନ (୫) ବୁଧ୍ ଚମତ୍କାର ପ୍ରଧାନ (୬) ପ୍ରତୀକ ପ୍ରଧାନ (୭) ମନୋରଂଜନ ପ୍ରଧାନ (୮) ନୀତି ଅଥବା ଉପଦେଶ ପ୍ରଧାନ (୯) ପ୍ରଭାବ ପ୍ରଧାନ ।

ଅଶ୍ରୁତପୂର୍ବକ ଲଘୁକଥା ଜଣେ ପରିବ୍ରାଜକ ସୂର୍ଣ୍ଣପାତ୍ର ନେଇ ଭିକ୍ଷାବୃତ୍ କରୁଥିଲେ । ସେ ଘୋଷଣା କଲା ଯେ ମୋତେ ଯେ ଅଶ୍ରୁତପୂର୍ବ କଥା ଶୁଣାଇବ ମୁଁ ତାକୁ ଏହି ସ୍ୱର୍ଣ୍ଣପାତ୍ରଟି ଦେଇଦେବି । କେତେଜଣ ବହୁତଗୁଡ଼ିଏ କଥା ଶୁଣାଇଲା ପରେ, ସେହି କଥାଗୁଡ଼ିକ ଶ୍ରୁତି କହି ସେମାନଙ୍କୁ ଫେରାଇଦେଲେ । ସେଠି ଜଣେ ଶ୍ରାବକ ମଧ ଉପସ୍ଥିତ ଥିଲେ । ସେ ପରିବ୍ରାଜକଙ୍କୁ କହିଲା - ତୁମର ବାପା ମୋ ବାପାଙ୍କ ଠାରୁ ଲକ୍ଷେ ଟଙ୍କା ନେଇଥିଲେ । ଯଦି ମୋର କଥା ସତ, ତାହାହେଲେ ମୋତେ ମୋ ବାପାଙ୍କଠାରୁ ନେଇଥିବା ଟଙ୍କା ଫେରାଇ ଦିଅ । ଯଦି ଏହା ଅଶ୍ରୁତପୂର୍ବ ତାହା ହେଲେ ଏହି ସ୍ୱର୍ଣ୍ଣପାତ୍ର ମୋତେ ଦିଅ । ବାଧ ହୋଇ ପରିବ୍ରାଜକ ତାଙ୍କୁ ସ୍ୱର୍ଣ୍ଣପାତ୍ରଟି ଦେଲେ । ଏହା ବୁଧ୍ ଚମତ୍କାର ପ୍ରଧାନ କଥା ।

ଧାର୍ମିକ ଉପନ୍ୟାସ

ତରଙ୍ଗବଇ କହା (ରଙ୍ଗବତୀ କଥା)

ପ୍ରସିଧ୍ ଜୈନ ବିଦ୍ୱାନ ପାଦଲିପ୍ତ ସୂରୀ ଏହି ଗ୍ରନ୍ଥର ରଚୟିତା । ଏହା ପ୍ରାକୃତ କଥା ସାହିତ୍ୟର ପ୍ରାଚୀନତମ ଓ ମହତ୍ୱପୂର୍ଣ୍ଣ ଗ୍ରନ୍ଥ ହେଲେହେଁ ଏହା ଅପ୍ରାପ୍ୟ, କେବଳ ଅନ୍ୟାନ୍ୟ ଗ୍ରନ୍ଥରୁ ଏହାର ଦୃଷ୍ଟାନ୍ତ ମିଳେ । ସାତବାହନ ବଂଶୀୟ ରାଜା ହାଳଙ୍କ ବିଦ୍ୱାନ ସଭାରେ ପାଦଲିପ୍ତ ଜଣେ ଲବ୍ଧପ୍ରତିଷ୍ଠ କବି ରୂପରେ ଖ୍ୟାତି ଲାଭ କରିଥିଲେ । ନିଜେ ହାଲ ମଧ ଜଣେ ଖ୍ୟାତନାମ କବି ଥିଲେ (ଦ୍ରଷ୍ଟବ୍ୟ ଗାଥା ସପ୍ତଶତୀ) । ହାଲଙ୍କ ହାଲଙ୍କ ରାଜସଭାର ଗୁଣାଢ୍ୟ ଯେପରି ବୈଶାଚୀର ବୃହତ୍‌କଥା ରଚନା କରିଥିଲେ ସେହିପରି ପାଦଲିପ୍ତ ପ୍ରାକୃତରେ ତରଙ୍ଗବତୀ କଥା ଲେଖିଥିଲେ । ଏହି କବିଙ୍କ ଲିଖିତ ନ' ଗୋଟି ଗାଥା ଗାଥାସପ୍ତଶତୀରେ ସଂକଳିତ । ପ୍ରଫେସର ଲୟମନଙ୍କ ଅନୁସାରେ ଏହାର ରଚନାକାଳ ପ୍ରଥମ ଦ୍ୱିତୀୟ ଶତାବ୍ଦୀ । ଏହି ଗ୍ରନ୍ଥର ସଂକ୍ଷିପ୍ତ ରୂପ ତରଙ୍ଗଲୀଳା ରୂପେ ଖ୍ୟାତ, ଯାହା ତରଙ୍ଗବତୀର ଶହେ ବର୍ଷ ପରେ ନେମିଚନ୍ଦ୍ରଗଣିଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲା । ଗାଥା ସଂଖ୍ୟା ୧୬୪୨ ।

ରାଜଗୃହ ନଗରର ଧନପାଳ ନାମକ ସେଠଙ୍କ ପତ୍ନୀ ସୋମା ତାଙ୍କ ଗର ପାଖ ବସ୍ତୀରେ ଥିବା ବ୍ରାହ୍ମଚାରିଣୀ ସୁବ୍ରତା ନିଜ ଶିଷ୍ୟ ପରିବାର ସହ ବସବାସ କରୁଥିଲେ । ଶିଷ୍ୟା

ତରଙ୍ଗବତୀ ଭିକ୍ଷା ପାଇଁ ସେଠଙ୍କ ପତ୍ନୀ ନିକଟକୁ ଆସିଲେ । ତରଙ୍ଗବତୀଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ସେଠପତ୍ନୀ ଅତ୍ୟନ୍ତ ମୁଗ୍ଧ ହେଲେ ଓ ଧର୍ମ କଥା ଶୁଣାଇବାକୁ ତରଙ୍ଗବତୀକୁ କହିଲେ । ଧର୍ମକତା ଶୁଣିବା ପରେ ତାର ଜୀବନ୍ତବୃତାନ୍ତ ଶୁଣିବାକୁ ଆଗ୍ରହ ସହ ଚାହିଁବାରୁ ତରଙ୍ଗବତୀ କହିବାକୁ ଲାଗିଲେ -

ବତ୍ସ ଦେଶରେ କୌଶାମ୍ବୀ ନାମକ ନଗର ଥିଲା । ତାହା ମଧଦେଶର ଶୋଭାସ୍ଥଳୀ ଏବଂ ଯମୁନା କୂଳରେ ଅବସ୍ଥିତ ଥିଲା । ସେହି ରାଜ୍ୟରେ ରାଜା ଉଦୟନ ଓ ରାଣୀ ବାସବଦତ୍ ଏକତ୍ର ରାଜତ୍ୱ କରୁଥିଲେ । ଏହି ସହରର ଋଷଭସେନ ନଗରସେଠଙ୍କ ଘରେ ଆଠ ପୁଅଙ୍କ ପରେ ମୁଁ ଜନ୍ମଗ୍ରହଣ କରିଥିଲା । ମୋତେ ସେମାନେ ତରଙ୍ଗବତୀ ନାମରେ ନାମିତ କଲେ । ଆଠ ବର୍ଷ ବୟସରେ ମୁଁ ଲେଖ, ଗଣିତ ରୂପ, ଆଲେଖ୍ୟ, ଗୀତ, ବାଦିତ୍ର, ନାଟ୍ୟ ଇତ୍ୟାଦିର କଳାରେ ଶିକ୍ଷାପ୍ରାପ୍ତ କରିସାରିଥିଲି । ଯୌବନାଗମନରେ ଥରେ ବସନ୍ତ ଋତୁରେ ମୁଁ ଆମ ଘରଲୋକଙ୍କ ସହ ଉପବନରେ କ୍ରୀଡ଼ାପାଇଁ ଗଲି । ସେଠି ଗୋଟିଏ ଚକ୍ରବାଦ ପକ୍ଷୀକୁ ଦେଖି ମୋର ଜାତିସ୍ମରଣ ହୋଇଗଲା । ଏବଂ ନିଜ ସାରିସିକାକୁ ମୁଁ ନିଜର ପୂର୍ବଜନ୍ମ ବୃତାନ୍ତ ଶୁଣାଇଲି ।

ଚମ୍ପା ନଗରୀରେ ଚକ୍ରବାକୀ ହୋଇ ଗଙ୍ଗାକୂଳରେ ମୁଁ ନିଜର ଚକ୍ରବାକ ସହ କ୍ରୀଡ଼ା କରୁଥିଲି । ଦିନେ ଗୋଟିଏ ହାତୀ ପାଣି ପିଇବାକୁ ଆସିଲା । ଜଣେ ବ୍ୟାଧ ସେହି ହାତୀକୁ ବାଣ ଛାଡ଼ିବାବେଳେ ମୋର ପ୍ରିୟ ଚକ୍ରବାକ ସେହି ବାଣରେ ନିହତ ହେଲା । ବ୍ୟାଧ ପଶ୍ଚାତାପପୂର୍ବକ ଚକ୍ରବାକକୁ ଅଗ୍ନି - ସଂସ୍କାର କଲା ଓ ମୁଁ ପ୍ରିୟତମର ବିୟୋଗ ଦୁଃଖରେ ପୀଡ଼ିତ ହୋଇ ଅଗ୍ନିରେ ଝାସ ଦେଇ ପ୍ରାଣତ୍ୟାଗ କଲି । ଏବେ ମୁଁ ତରଙ୍ଗବତୀ ହୋଇ ଜନ୍ମ ପାଇଛି ।

ଉପବନରୁ ଫେରି ମୁଁ ନିଜ ପୂର୍ବଜନ୍ମର ସ୍ୱାମୀଙ୍କୁ ପାଇବାକୁ ଚେଷ୍ଟା କଲି ଓ କାଶୀର ଖଣ୍ଡିଏ ସୁନ୍ଦର ବସ୍ତ୍ର ଉପରେ ପୂର୍ବଜନ୍ମର ଘଟଣାର ଚିତ୍ର ଲେଖାଇ କୌମୁଦୀ ମହୋତ୍ସବ ସମୟରେ ସେଇଟିକୁ ରାଜମାର୍ଗରେ ରଖାଇ ଦେଲି । ସେଇଟିକୁ ଦେଖି ନଗରର ଧନଦେବଙ୍କ ସେଠଙ୍କ ପୁତ୍ର ପଦ୍ମଦେବଙ୍କୁ ପୂର୍ବଜନ୍ମର କଥା ସ୍ମରଣ ହେଲା । ସଖୀଠାରୁ ନିଜ ପୂର୍ବଜନ୍ମରୁ ପତିଙ୍କଠାରୁ ସମ୍ବାଦ ପାଇଁ ମୁଁ ଅତ୍ୟନ୍ତ ଆନନ୍ଦିତ ହେଲି । ତା'ପରେ ପଦ୍ମଦେବଙ୍କ ପିତା ମଙ୍ଗନ କଲେ, କିନ୍ତୁ ମୋ ପିତା ଏହି ସମ୍ବନ୍ଧ ସ୍ୱୀକାର କଲେନି । କାରଣ କୌଣସି ଧନୀଘରେ ହିଁ ମୋତେ ଦେବେ ବୋଲି ସେ ଭାବିଥିଲେ ।

ଏଣୁ ନିରାଶ ହୋଇ ଭୋଜପତ୍ରରେ ପତ୍ର ଲେଖି ପଦ୍ମଦେବ ପାଖକୁ ପଠାଇଲି । ସଖି ସହ ପ୍ରୀୟଙ୍କ ଘରକୁ ଗଲି ଓ ସେଠୁ ନାଆରେ ବସି ନଦୀ ଆର ପାରିଲେ ଗାନ୍ଧର୍ବ ବିବାହ ଅନୁସାରେ ଆମେ ବାହାହେଲୁ । ସେଠି ଚୋରଙ୍କ ଆକ୍ରମଣରେ ଆମେ ବନ୍ଦୀ ହେଲୁ । ସେମାନେ କାତ୍ୟାୟନୀକୁ ଖୁସି କରିବାକୁ ଆମକୁ ବଳି ଦେବାକୁ ଚାହୁଁଥିଲେ । ମୋର ଅସୀମ ବିଳାପରେ ଚୋର ସର୍ଦ୍ଦାର ଆମକୁ ଛାଡ଼ି ଦେଲେ । ତାପରେ କେତେଗୁଡ଼ିଏ ନଗର ଭ୍ରମଣ

କରି ସାରି ନିଜ ମାତାପିତାଙ୍କ ସହ ମିଳି ଆମର କଥା ଶୁଣାଇଲୁ । ସେମାନେ ଖୁବ୍ ଆଡ଼ମ୍ବରରେ ଆମର ବିବାହ କରାଇ ଦେଲେ । କେତେକାଳ ପରେ ମୁଁ ଦୀକ୍ଷା ଗ୍ରହଣ କରି ଚନ୍ଦନବାଳାଙ୍କ ଶିଷ୍ୟ ହୋଇ ତପ ଏବଂ ବ୍ରତାଦି କରିବାକୁ ଲାଗିଲି । ବର୍ତ୍ତମାନ ମୁଁ ତାଙ୍କ ସହ ବିହାର କରି କରି ଏହି ସହରକୁ ଆସିଛି । ସେଠ ପତ୍ନୀ ଏହି କଥା ଶୁଣି ଦ୍ୱାଦଶ ଶ୍ରାବିକା ବ୍ରତ ସ୍ୱୀକାର କଲେ । ତରଙ୍ଗବତୀ କେବଳ ଜ୍ଞାନପ୍ରାପ୍ତ କରି ସିଦ୍ଧି ପାଇଲେ । ପଦ୍ମଦେବ ମଧ ସିଦ୍ଧ ହୋଇଗଲେ ।

ନେମିଚନ୍ଦ୍ରଙ୍କ ଅନୁସାରେ ପାଦଲିପ୍ତ ତରଙ୍ଗବତୀ ଦେଶୀ ଭାଷାରେ ରଚନା କରିଥିଲେ ।

ଏଥିରେ ସ୍ତ୍ରୀ ଆଡୁ ପ୍ରେମାରମ୍ଭ ଦେଖାଯାଇଛି । ତରଙ୍ଗବତୀର ପ୍ରେମ ଉଦାତ୍ତ । ସେ ତ୍ୟାଗ, ସହିଷ୍ଣୁତା ଏବଂ ନିସ୍ୱାର୍ଥ ସେବାଦୀ ଗୁଣରେ ପୂର୍ଣ୍ଣ ।

ଘଟଣାବଳୀ ଗୋଟିଏ କେନ୍ଦ୍ରରେ ସମ୍ବଦ୍ଧ । ଦେଶ, କାଳ ଓ ବାତାବରଣ ଚିତ୍ରଣ ବି ପ୍ରଭାବଶାଳୀ ଓ ସୁସମ୍ପନ୍ନ । କଥାବସ୍ତୁ ପୂର୍ଣ୍ଣମାତ୍ରାରେ ସୁସଂଗଠିତ । ନାୟିକାର ଚରିତ୍ର ଚିତ୍ରଣରେ ଲେଖକ ସଫଳ ହୋଇଛନ୍ତି । ନାୟକର ଚରିତ୍ର ଠିକ୍ ବିକାଶ ଲାଭ ନକରି ଦବି ଯାଇଛି । ଆତ୍ମ କଥା ଶୈଳୀରେ ଲିଖିତ ଏହି କଥାଗ୍ରନ୍ଥ ରସପୂର୍ଣ୍ଣ ଓ ମର୍ମସ୍ପର୍ଶୀ । ଏଥିରେ କରୁଣ, ଶୃଙ୍ଗାରାଦିର ସରସ ସୁନ୍ଦର ପରିପାକ ହୋଇପାରିଛି । ଖ୍ରୀଷ୍ଟୀୟ ପ୍ରଥମ-ଦ୍ୱିତୀୟ ଶତାବ୍ଦୀ ଲିଖିତ ଏହି ଗ୍ରନ୍ଥର କଥାତ୍ମକ ମୂଲ୍ୟ ବିଶେଷ ଉଲ୍ଲେଖନୀୟ । ଏହି ଗ୍ରନ୍ଥର ଅନୁବାଦ ଯେ କୌଣସି ଭାରତୀୟ ଭାଷା ସାହିତ୍ୟର ଶ୍ରୀବୃଦ୍ଧି କରିବ ।

ସୁରସୁନ୍ଦରୀ - ଚରିଅଂ (ସରସୁନ୍ଦରୀ-ଚରିତ୍ର)

୧୬ ପରିଚ୍ଛଦ ବିଶିଷ୍ଟ ଏକ ପ୍ରେମ କଥାର ରଚୟିତା ସାଧୁ ଦାନେସର (ଧନେଶ୍ୱର) । ଧନେସର ନାମ ବିଶିଷ୍ଟ ଛ, ସାତଜଣ ଜୈନ ଲେଖକଙ୍କ ଦୃଷ୍ଟାନ୍ତ ପ୍ରାକୃତ ସାହିତ୍ୟରେ ମିଳେ । ଗ୍ରନ୍ଥରୁ ପ୍ରାପ୍ତ ଏକ ସୂଚନା ଅନୁସାରେ ଏହି ଧନେଶ୍ୱର "କଥାକୋଶ ପକରଣ'ର ରଚୟିତା ଜୀନେଶ୍ୱର ସୁରୀଙ୍କ ଶିଷ୍ୟ ଓ ସେ ଚନ୍ଦ୍ରାବତୀ ନଗରରେ ଖ୍ରୀ. ୧୦୩୮ ରେ ଏହି ପ୍ରେମାଖ୍ୟାନ ରଚନା କରିଛନ୍ତି । ପ୍ରତ୍ୟେକ ପରିଚ୍ଛେଦ ୨୫୦ଟି ପଦ୍ୟ ବିଶିଷ୍ଟ ଓ ମୋଟ ୪ ହଜାର ପଦ୍ୟ ସମଗ୍ର ଗ୍ରନ୍ଥରେ ପ୍ରାପ୍ତ । କଥାର ସଂଗଠନ ମୂଳକଥା ସହିତ ଅବାନ୍ତର କଥାଗୁଡ଼ିକର ସମ୍ବନ୍ଧ ଓ ଗୁମ୍ଫନ, ମାନସିକସ୍ଥିତିରି ସ୍ୱାଭାବିକ ବର୍ଣ୍ଣନ, ବାତାବରଣର ସୁନ୍ଦର ସୃଷ୍ଟି, ଚରିତ୍ରର ମନୋବୈଜ୍ଞାନିକ ବିକାଶ ଇତ୍ୟାଦି ଅନେକ ଔପନ୍ୟାସିକ ଗୁଣ ଏହି କୃତିରେ ବିଦ୍ୟମାନ ।

ଆଲୋଚକମାନେ ଏହାକୁ ସରସ ଓ କାବ୍ୟ ଗୁଣସମ୍ପନ୍ନ ରଚନା ରୂପେ ବିବେଚିତ କରନ୍ତି । ରସଗୁଡ଼ିକର ବିବିଧତାରେ କବିଙ୍କ କୌଶଳ ଉଲ୍ଲେଖଯୋଗ୍ୟ । ଏଥିରେ ଶାନ୍ତସରସର ପ୍ରାଧାନ୍ୟ ରହିଛି । ବିଭିନ୍ନ ବିଷୟର ବିଚିତ୍ରତାରେ ଗ୍ରନ୍ଥଟି ପରିପୂର୍ଣ୍ଣ । ଉଦାହରଣ ସ୍ୱରୂପ କେଉଁଠି ସୂର୍ଯ୍ୟୋଦୟ, ବସନ୍ତ, ବନ, ସରୋବର, ନଗର, ରାଜ-ସଭା, ଯୁଦ୍ଧ ବିବାହ, ବିରହ, ମୂର୍ଚ୍ଛା ଆଦିର ର୍ବନା ରହିଛି ଏବଂ କେଉଁଠି ଧର୍ମ, ଆଚାର, ଅହିଂସା,

ସତ୍ୟ, ସନ୍ୟାସ ସମ୍ବନ୍ଧୀୟ ଉପଦେଶ ତ କେଉଁଠି ସୁଖ-ଦୁଃଖ, ନରକ-ସ୍ୱର୍ଗ ଓ ସଂସାରର ଅସାରତା ସଂପର୍କରେ ଆଲୋଚନା କରାଯାଇଛି । ଲଟାନୁପ୍ରାସ, ଯମକ, ଶ୍ଳେଷ ଆଦି ଶବ୍ଦାଲଙ୍କାରର ଅତିରିକ୍ତ ପ୍ରୟୋଗ ସବ୍ୟ ସଂଗେ ଅର୍ଥାଳଙ୍କାରର ସୁନ୍ଦର ପ୍ରୟୋଗ ମଧ ରହିଛି । ସଂସ୍କୃତ, ଅପ୍ରଭଂଶ ଓ ଗ୍ରାମ୍ୟ ଶବ୍ଦ ମଧ କେତେକ ସ୍ଥଳରେ ବ୍ୟବହୃତ ।

କାଲକାଚାର୍ଯ୍ୟ - କଥାନକ

ଏହା ଏକ ଲଘୁ ଉପନ୍ୟାସ । ଉପନ୍ୟାସରେ ୧୪୫ଟି ପଦ୍ୟ ରହିଛି ଓ ଶେଷାଂଶଟି ଗଦ୍ୟ ଅଟେ । କଥାଟି ଖୁବ୍ ସରଳ ଓ ଛୋଟ । ରାଜକୁମାର କାଳକର ଛୋଟ ଭଉଣୀ ସରସ୍ୱତୀକୁ ସରସ୍ୱତୀକୁ ଉଜୟିନୀର ରାଜା ଗଦିଭିଲ୍ଲ ଚୋରାଇ ନେଇଗଲେ । କାଳକ ଲୋକଙ୍କ ମଧରେ ରାଜାଙ୍କ ପ୍ରତି ବିଦ୍ରୋହତ୍ମକ ମନୋଭାବ ଜାଗରଣ କଲେ । ତତ୍ ସଂଗେ ସଂଗେ ଚୀକ ବଂଶୀୟ ରାଜାଙ୍କୁ ଅଭ୍ୟର୍ଥନା ଜଣାଇ ତାଙ୍କ ସହାୟତାରେ ଉଜ୍ଜୟିନୀ ରାଜ୍ୟ ଉପରେ ଆକ୍ରମଣ କଲେ ଓ ନିଜର ଉଭଣୀଙ୍କୁ ଉଧ୍ାର କଲେ । ପରେ କାଳକ ସାଧୁ ହୋଯାଇ ଜୈନର୍ମର ଆଚାର୍ଯ୍ୟ ହୋଇ ପ୍ରସିଧ୍ ପାଇଲେ । ଏହି କୃତିର ଶୈଳୀ ଅଳକଂତି ଓ କବିତ୍ୱପୂର୍ଣ୍ଣ ଅଟେ । ଏହାର ରଚନା କାଳ ଦଶମ ଶତାବ୍ଦୀ ବୋଲି ନିର୍ଧ୍ାରିତ ।

ଭୁବନ ସୁନ୍ଦରୀ - ଏହି ନାମରେ ଏକ ପ୍ରେମାଖ୍ୟାନ ବିଜୟ ସିଂହଙ୍କ ଦ୍ୱାରା ଲିଖିତ । ଏହି କଥାର କୌଣସି ବିଶେଷତ୍ୱ ନାହିଁ । ଏହାଙ୍କ ରଚନା ତିଥି ୯୧୭ ଖ୍ରୀଷ୍ଟାବ୍ଦ ।

ସିରି ସିରି ବାଲ - କହା (ସିରି ସିରି ବାଳ କଥା)

ସିଧ୍ ଚକ୍ର ପୂଜାର ମାହାତ୍ମ୍ୟ ପ୍ରଦର୍ଶିତ କରିବା ହେଉଛି ଏହି କଥାର ଉଦ୍ଦେଶ୍ୟ । ରାଜକୁମାର ଶ୍ରୀପାଳ ଆପଣା ଚାଚାଙ୍କ ନିକଟରୁ ରାଗି କରି ପଳାଇ ଯାଇ କୁଷ୍ଠ ରୋଗୀଙ୍କ ସହି ମିଶି କୁଠେ ରୋଗରେ ଆକ୍ରାନ୍ତ ହେଲେ । ଜଣେ ରାଜା ଆପଣା ପୁତ୍ରୀ, ମଦନ ସୁନ୍ଦରୀଙ୍କ ଉପରେ ରାଗିଥିଲେ, ଯାହା ଫଳରେ ସେ ତାକୁ ଶ୍ରୀ ପାଳଙ୍କ ସହ ବାହା କରାଇ ଦେଲେ । ରାସ୍ତାରେ ଏକ ସାଧୁ ମୁନିଚନ୍ଦ୍ର ତାଙ୍କୁ ସିଧ୍ଚକ୍ରର ନରପତି ପୂଜାର ଉପଦେଶ ଦେଲେ । ଭ୍ରମଣ କରୁଥିବା ସମୟରେ କିଛି ରସାୟନ ବିତ୍ ଭେଟିଲେ, ସେମାନଙ୍କ ଠାରୁ ସୁନା ପାଇଁ ଓ ଏକ ସିଧିରେ 'ଜଳତାରିଣୀ' ତଥା "ପରଶସ୍ତ୍ର ନିବାରିଣୀ' ନାମରେ ଏକ ତାନ୍ତ୍ରିକ ପାଇ ସେ ଆଗକୁ ଆଗେଇଲେ ।

କୌଶାମ୍ବୀର ଜଣେ ବଣିଆ ଧବଳ ଧନୋର୍ପାଜନ ନିମିତ୍ କେଉଁ ସ୍ଥାନକୁ ଯାଉଥିଲେ । ପଥରେ ତାଙ୍କର ଜଳଯାନ ଖରାପ ହୋଇଗଲା । ଶ୍ରୀପାଳ ନବପଦ ଧାନ କରି ତାହାଙ୍କୁ ବିପତ୍ତିରୁ ଉଧ୍ାର କଲେ ଓ ସେ ଜଳ ଜଳଯାତ୍ରାରେ ଅଗ୍ରସର ହେଲେ । ରାସ୍ତାରେ ସେ ବବ୍ବର କନ୍ୟା ମଦନ ସେନା ସହ ବିବାହ କଲେ । ଦୁଇ ପତ୍ନୀଙ୍କ ସହ ରତ୍ନଦ୍ୱୀପରେ ପହ□ଲେ । ସେଠାରେ ଚକ୍ରେସ୍ୱରୀ ଦେବୀଙ୍କ ଆଜ୍ଞାରେ ବିଦ୍ୟାଧାରୀ ମଦନମଞ୍ଜୁଷା ସହ ବିବାହ କଲା । ଧବଳ ତାକୁ ମାରି ଦେଇ ତାର ପତ୍ନୀଙ୍କୁ ବଶ୍ୟ କରିବାର ଚେଷ୍ଟା କଲା ।

ଶ୍ରୀପାଳକୁ ସମୁଦ୍ରରେ ଫୋପାଡ଼ି ଦେଲା କିନ୍ତୁ ଭାଗ୍ୟ ବଶତଃ ସେ ବ□ ଯାଇ କୋଣକଣରେ ପହ□ଲେ ଓ ସେଠାରେ ମଦନ ମଞ୍ଜରୀ ସହ ବିବାହ କଲା । ପରେ ତାର ପତ୍ନୀମାନେ ଚକ୍ରେଶ୍ୱରୀ ଦେବୀଙ୍କ ସହାୟତାରେ ଆପଣା ସତୀତ୍ୱ ରକ୍ଷା କରି ଧବଳ ସହ ଆସି ସେଠାରେ ପହ□ଲେ । ଧବଳ କେତେକ ଷଡ଼ଯନ୍ତ୍ରର ଶୀକାର ହୋଇ ପ୍ରାଣତ୍ୟାଗ କଲେ । ଶ୍ରୀପାଳ ଖୁସିରେ ପରିବାରର ଭରଣପୋଷଣ କଲେ ।

ଏହି ଆଖ୍ୟାନଟିର ଭାଷା ସରଳ ଓ ଏଥିରେ ମହାରାଷ୍ଟ୍ରୀର ପ୍ରୟୋଗ ଦେଖିବାକୁ ମିଳେ । ଏହାର ରଚୟିତା ରତ୍ନଶେଖର ସୁରୀ ଚତୁର୍ଦ୍ଦଶ ଶତାବ୍ଦୀର ଉତ୍‌ରାର୍ଦ୍ଧରେ ବିଦ୍ୟମାନ ଥିଲେ ।

ନମ୍ମୟାସୁନ୍ଦରୀ କହା (ନର୍ମଦାସୁନ୍ଦରୀ କଥା)

ଏହି କହା (କଥା) ର ରଚୟିତା ମହେନ୍ଦ୍ର ସୂରୀ (ସମୟ ୧ ୧୩୦ ଖ୍ରୀ) । ଏହି କଥାରେ ଗଦ୍ୟ ଅପେକ୍ଷା ପଦ୍ୟର ସଂଖ୍ୟା ଖବୁ ବେଶୀ ।

ନର୍ମଦାସୁନ୍ଦରୀ ବହୁ ବାଧା ବିଘ୍ନ ସହ୍ୟ କରି କିପରି ନିଜର ଚରିତ୍ର ଭାଷା କରି ପାରିଥିଲେ ତାହା ଏଠାରେ ବର୍ଣ୍ଣିତ । ମହେଶ୍ୱର ଦତ୍ ସହ ନର୍ମଦାସୁନ୍ଦରୀକୁ ସାଙ୍ଗରେ ନେଇ ଧନ ଉପାର୍ଜନ ଉଦ୍ଦେଶ୍ୟରେ ଯବନ ଦ୍ୱୀପକୁ ଗଲେ । ବାଟରେ ନିଜ ସ୍ତ୍ରୀର ଚରିତ୍ର ଉପରେ ସନ୍ଦେହ କରି ନିଦ୍ରିତାବସ୍ଥାରେ ତାଙ୍କୁ ଗୋଟିଏ ନିର୍ଜନ ଦ୍ୱୀପରେ ଛାଡ଼ିଦେଲେ । ନର୍ମଦା ସୁନ୍ଦରୀ ଅସହାୟ ଅବସ୍ଥାରେ ପଡ଼ି ବିଳାପ କଲା । କେତେ ସମୟ ପରେ ସେ ତାର କକା ବୀର ଦାସ ସହ ମିଶିଲା । ସେ ତାକୁ ବବ୍‌ବୁରାକୂଳକୁ ନେଇଗଲା । ଏହି ବେଶ୍ୟମାନଙ୍କର ଏକ ପଡ଼ା ଥିଲା । ସାହେଶ ବେଶ୍ୟାଙ୍କର ସ୍ୱାମିନୀ ପ୍ରସିଧ୍ ଗଣିକା ହରିଣୀ ସେଠି ରହୁଥିଲା । ସମସ୍ତ ବେଶ୍ୟା ରୋଜଗାର କରି ହରିଣୀକୁ ଦିଅନ୍ତି ସ ସେ ରାଜାକୁ ଏକ ତୃତୀୟାଂଶ ବା ଚତୁର୍ଥାଂଶ ଦିଏ । ହରିଣୀ ବୀରଦାସ ବଣିକର ସମ୍ବାଦ ପାଇଁ ଦାସୀକୁ ତା ପାଖକୁ ପଠାଇଲା । ବୀର ଦାସ ନିଜେ ହରିଣୀ ପାଖକୁ ନଯାଇ ଆଠ ଶହ ଦ୍ରମ ପଠାଇ ଦେଲା । ଏଥିରେ ହରିଣୀ ଅତ୍ୟନ୍ତ କ୍ରୁଧ୍ ହେଲା ଏହି ଅବସରରେ ନର୍ମଦାସୁନ୍ଦରୀକୁ ବୀର ଦାସ ବହୁତ ଖୋଜିବା ପରେ ନପାଇ ଭାରତକୁ ଫେରିଲା । ଏତେଣ ନର୍ମଦାସୁନ୍ଦରୀ ବେଶ୍ୟାପୁରୀରେ ରହି ଆହାର ତ୍ୟାଗ ଲା । ହରିଣୀ ବେଶ୍ୟା କପଟ ସମ୍ଭାଷଣ ଦ୍ୱାରା ତାହାର ମନ ପରିବର୍ତ୍ତନ କରିବାକୁ ଚେଷ୍ଟା କଲା । ଏବଂ ଗଣିକା ହୋଇ ନିଜ ଯୌବନକୁ ଉପଭୋକ କରିବାକୁ ତାକୁ ଉପଦେଶ ଦେଲା - 'ହେ ସୁନ୍ଦରୀ, ମନୁଷ୍ୟ ଜନ୍ମ ଦୁର୍ଲଭ, ଯୌବନକୁ ଉପଭୋଗ କରିବାକୁ ତାକୁ ଉପଦେଶ ଦେଲା - "ହେ ସୁନ୍ଦରୀ, ମନୁଷ୍ୟ ଜନ୍ମ ଦୁର୍ଲଭ, ଯୌବନ କ୍ଷଣଭଙ୍ଗୁର, ବିଶେଷ ସୁଖଭୋଗ ହିଁ ଯୌବନର ଫଳ । କେବଳ ବେଶ୍ୟମାନଭ୍‌କୁ ହିଁ ଏହି ଫଳ ପ୍ରାପ୍ତି ହୋଇଥାଏ, କୂଳବଧୂମାନେ ଏହି ସୁଯୋଗରୁ ବ□ିତ । କେବଳ ଏକ ପ୍ରକା ଭୋଜନ ପ୍ରତିଦିନ ଖାଇଲେ ଭଲ ଲାଗେନି । ପ୍ରତିଦିନ ନୂଆ ନୂଆ ଭୋଜନ ଦରକାର । ସେହିପରି ନୂଆ ନୂଆ ପୁରୁଷ ନୂଆ ନୂଆ ସୁଖଭୋଗ ଦେଇଥାନ୍ତି । ବେଶ୍ୟମାନେ ଅମୃତ ପାନ କଲାପରି ମଦ୍ୟ ପାଦ କରି ସ୍ୱଚ୍ଛନ୍ଦ ବିହାର କରନ୍ତି । ବେଶ୍ୟବସ୍ଥା ସାକ୍ଷାତ୍ ସ୍ୱର୍ଗପରି ଜଣାଯାଏ, ଆଉ ଅଧିକା କଣ ଦରକାର ? ରତି ପରି ତୁମର ସୁନ୍ଦର ରୂପ ଦେଖି ପୁରୁଷମାନେ ତୁମର କିଙ୍କର

ହୋଇଯିବେ, ତୁମର ବଶରେ ରହି ତୁମରି ମନୋଭିଳାଷ ପୂରଣ ପାଇଁ ସର୍ବସ୍ୱ ଦାନ କରିବେ ।

ଏହିପରି ବହୁବିଧ ପ୍ରଲୋଭନ ଦେଖାଇ ହରିଣୀ ନର୍ମଦା ସୁନ୍ଦରୀର ବ୍ରତ ଭାଙ୍ଗି ପାରିଲାନି । ଦୁଷ୍ଟ କାମୁକ ପୁରୁଷମାନଙ୍କ ଦ୍ୱାରା ବହୁ ଶାରୀରିକ ଯନ୍ତ୍ରଣା ସହିବାକୁ ପଡ଼ିଲା । ଶେଷରେ କିରଣୀ ନାମକ ଅନ୍ୟ ଏକ ବେଶ୍ୟା ତାକୁ ନିଜ ଘରକୁ ନେଇ ରାନ୍ଧୁଣୀ କରି ରଖିଲା । ହରିଣୀ ବେଶ୍ୟା ମଲା ପରେ ନର୍ମଦାସୁନ୍ଦରୀ ସେହି ବେଶ୍ୟାପଡ଼ାର ଠିକ୍ ନେଲା । ରାଜ୍ୟର ରାଜା ଏହି ସୁନ୍ଦରୀର ରୂପ ବିଭବର ଖବର ପାଇଁ ଅନୁଚରମାନଙ୍କ ଦ୍ୱାରା ତାକୁ ସବାରୀରେ ନିଜ ନିଳୟକୁ ଅଣାଇଲେ । ରାସ୍ତାରେ ସବାରୀରେ ଆସୁଥିବା ସମୟରେ ଗୋଟିଏ ପାଖରେ ନର୍ମଦାସୁନ୍ଦରୀ ଓହ୍ଲାଇ ଜାଣି ଜାଣି ନିଜ ଦେହରେ କାଦୁଅ ପଙ୍କାଦି ବୋଳି ଏଣୁତେଣୁ ପାଗଳିନୀଙ୍କ ପରି ବିକିବାକୁ ଲାଗିଲା । ଏହା ଦେଖି ଅନୁଚର ବର୍ଗ ତାକୁ କୌଣସି ଗ୍ରହ ପୀଡ଼ିତ ଜାଣି ଚିକିତ୍ସାର ବ୍ୟବସ୍ତା କଲେ, କିନ୍ତୁ ବାସ୍ତବ କଥା ଅଲଗା । ସେ ଜାଣିଶୁଣି ଏମିତି କରୁଥିଲା । ଏଣୁ ତାକୁ ଛାଡ଼ି ଦିଆଗଲା । ସେ କାଦୁଅ ଦେହରେ ବୋଳି ହୋଇ ଖପରା ଖଣ୍ଡେ ଧରି ଭିକ ମାଗିବାକୁ ଦ୍ୱାର ଦ୍ୱାର ବୁଲିଲା । ଶେଷରେ ଜିନଦେବ ନାମ ଶ୍ରାବକଙ୍କୁ ଦେଖି ନିଜର ଧର୍ମବନ୍ଧୁ ଭାବି ତାର ସମସ୍ତ ଘଟଣା ବୃତ୍ତାନ୍ତ କହିଲା । ଜିନଦେବ ବୀର ଦାସଙ୍କ ବନ୍ଧୁ । ସେ ନର୍ମଦାସୁନ୍ଦରୀକୁ ବୀର ଦାସଙ୍କ ପାଖକୁ ନେଇଗଲେ । ଏହିପରି ବହୁ କଷ୍ଟ ଓ ସାଧନା ଫଳରେ ନର୍ମଦା ସୁନ୍ଦରୀ ନିଜର ସତୀତ୍ୱ ରକ୍ଷା କରିପାରିଲା ଓ ଶେଷରେ ଶ୍ରମଣ ଦୀକ୍ଷା ଗ୍ରହଣ କଲା ।

ଏହି ଗ୍ରନ୍ଥରେ କଥାତତ୍ୱ ଅପେକ୍ଷା କାବ୍ୟତତ୍ୱର ପ୍ରାବଲ୍ୟ ରହିଛି । କଥାବସ୍ତୁ ଓ ଚରିତ୍ର ଚିତ୍ରଣରେ କୁଶଳତା ଦେଖାଯାଏ । କୁତୁହଳ ଓ ଜିଜ୍ଞାସା କଥାର ଆରମ୍ଭରୁ ଶେଷ ଯାଏଁ ରହି ପାରିଛି । ମନୋରଂଜନ ଓ (କଥାର) ରସାତ୍ମକ ପ୍ରଭାବ ପ୍ରଚୁର ମାତ୍ରାରେ ମିଳେ ।

ପାଇଅକହାସଂଗହ (ପ୍ରାକୃତ କଥା ସଂଗ୍ରହ)

ଏହି କଥା ସଂଗ୍ରହର ରଚୟିତା ସମ୍ବନ୍ଧରେ ବିଶେଷ କିଛି ଜଣାଯାଏନି । ଏଥିରେ ୧୨ ଟି ପ୍ରାକୃତ କଥା ସଂଗୃହୀତ । ସଂହର ସମୟ ଖ୍ରୀଷ୍ଟାବ୍ଦ ୧୩୪୧ ।

ଏଥିରେ ଦାନର ମହତ୍ୱ ଦେଖାଇବା ପାଇଁ ଧନଦେବ ଧନଦତ୍ କଥା ଓ ସମ୍ୟକତ୍ୱ ଦେଖାଇବା ପାଇଁ ଶ୍ରେଷ୍ଠି କଥା, ଦାନ ବିଷୟରେ ଚଣ୍ଡଗୋପ କଥା, କୃପଣତା ପାଇଁ କୃପଣ ଶ୍ରେଷ୍ଠି କଥା ଏହିପରି ଅନିତ୍ୟନା, ତପ ଇତ୍ୟାଦି ସମ୍ବନ୍ଧୀୟ କଥା ଏହି ସଂଗ୍ରହରେ ରହିଛି ।

କନ୍ଥକ ନାମକ ସେଠାରେ ଧର୍ମବତୀ ନାମ୍ନୀ ଭାର୍ଯ୍ୟା ଥିଲା । ତାର ପୁତ୍ର ଜାତ ନହେବାରୁ ସେ ଅନ୍ୟ ପତ୍ନୀ ଗ୍ରହଣ ପାଇଁ ନିଜ ସ୍ୱାମୀଙ୍କୁ କହିଲା । ଦ୍ୱିତୀୟ ବିବାହ ପରେ କାଳୀଦେବୀଙ୍କ ଉପାସନାରେ ଦୁଇ ସ୍ତ୍ରୀର ଦୁଇଟି ପୁତ୍ର ଜାତ ହେଲା ।

ଜୟଲକ୍ଷ୍ମୀ ଦେବୀ କଥାରେ ମନ୍ତ୍ର ତନ୍ତ୍ରବେତ୍ତା ଅଘୋର ନାକମ ଯୋଗୀନ୍ଦ୍ରର ଉଲ୍ଲେଖ ମିଳେ । ରାତିରେ ପୂଜା ସାମଗ୍ରୀ ନେଇ ସେ ନିଶ୍ଚଳ ଧ୍ୟାନରେ ଆସୀନ ହୋଇ ନଭୋଗାମିନୀ

ବିଦ୍ୟା ସିଧି କରିବାକୁ ଲାଗିଲେ ।

ଧର୍ମଦତ୍ କଥାରେ ଧର୍ମଦତ୍ କୁମାରର କଥା ରହିଛି । ଗଜପୁର ନଗରରେ ଯଶଧବଳ ନାମକ ସେଠୁ ରହୁଥିଲା । ଶାସନ ଦେବୀଙ୍କୁ ଉପସନା କରି ସେ ପୁତ୍ର ଲାଭ କଲା । ତାର ନାମ ଧର୍ମଦତ୍ । ଧର୍ମଦତ୍ ବଡ଼ ହେବା ପରେ ନିହୁଣ ଦେବୀଙ୍କୁ ବିବାହ କଲା । କେତେ କାଳ ପରେ ଧର୍ମାର୍ଜନ ଇଚ୍ଛାରେ ସେ ପତ୍ନୀ ସହ ବିଦେଶକୁ ଗଲା । ରାସ୍ତାରେ କୂଟ ନାମକ ବ୍ରାହ୍ମଣକୁ ମିଶିଲେ ଓ ତିନିହେଁ ଯାତ୍ରା କଲେ । ରାତିରେ ଧର୍ମଦତ୍ ବ୍ରାହ୍ମଣକୁ ଗୋଟିଏ କାହାଣୀ ଶୁଣାଇବାକୁ କହିଲେ । ବ୍ରାହ୍ମଣ କହିଲେ ଯଦି ମୋତେ ୫୦୦ ଦମ୍ମ ଆଗୁଆ (Advance) ଦେବ ତାହାହେଲେ ମୁଁ ଏକ ଅନୁଭବପୂର୍ଣ୍ଣ ରୋଚକପୂର୍ଣ୍ଣ କାହାଣୀ କହିବି । ଧର୍ମଦତ୍ ତାକୁ ୫୦୦ ଦମ୍ମ ଦେବା ପରେ ସେ କହିଲା -

ପୁରୁଷ ନୀଚ ଲୋକ ସହ ମିତ୍ରତା କରିବା ଉଚିତ୍ ନୁହେଁ । ଧର୍ମଦତ୍ କହିଲା କ'ଣ ଏଇଟିକ କଥା ପାଇଁ ତୁମେ ମୋଠୁ ଏତେ ଏତେ ଟଙ୍କା ମାରିନେଲ । ବ୍ରାହ୍ମର କହିଲା - ଯଦି ୧୦୦୦ ଦ୍ରୁମ୍ମ ଦେବ ତେବେ ଆହୁରି ସୁନ୍ଦର କାହାଣୀଟିଏ କହିବି । ଧର୍ମଦତ୍ ହଜାରେ ଦ୍ରମ୍ମ ଦେଲା । ବ୍ରାହ୍ମଣ କହିଲା - 'ମହିଳାମାନଙ୍କୁ କେବେ ହେଲେ ବିଶ୍ୱାସ କରିବା ଉଚିତ୍ ନୁହେଁ ।' ଯଦି ଏହି ଦୁଇଟିକୁ ତୁମେ ମନେ ରଖିବ ତୁମେ କେବେ ହେଲେ ହାରିବ ନାହିଁ । ଗଲାବେଳେ ବ୍ରାହ୍ମଣ ମନ୍ତ୍ରିଥିବା ଜବଧାନ ମୁଠାଏ ଦେଇ କହିଲା ଯେ ଏଗୁଡ଼ିକ ବୁଣିବା ସଂଗେ ସଂଗେ ଗଜେଇବ । ଜବଧାନ ନେଇ ଧର୍ମଦତ୍ ଆଗେଇଲା । ନଗରର ରାଜାଙ୍କୁ ରତ୍ନାଦି ଉପହାର ଦେଇ ତାକୁ ପ୍ରସନ୍ନ କଲା । ରାଜା ମଧ ତାଙ୍କୁ ଶୁଳ୍କ ମୁକ୍ତି କରିଦେଲେ । ସେହି ନଗରୀରେ ଗଙ୍ଗଦତ୍ ନାମ ଗଣେ ଧୂର୍ତ୍ତ ରହୁଥିଲା । ଅବସର ଭଣ୍ଡ ସେ ଧର୍ମଦତ୍ ସହ ବନ୍ଧୁତା ସ୍ଥାପନ କଲା । ଧୀରେ ଧୀରେ ତିହୁଣ ଦେବୀଙ୍କ ନିକଟକୁ ମଧ ସେ ନିଃସଂକୋଚରେ ଯା' ଆସ କଲା ।

ଦିନେ ଧର୍ମଦତ୍ଙ୍କୁ ରାଜା ପଚାରିଲେ - "ତୁମେ ଯଦି କୌଣସି ଆଶ୍ଚର୍ଯ୍ୟ ଦେଖିଛ କୁହ ।" ଧର୍ମଦତ୍ କହିଲା - ମହରାଜା, ମୋ ପାଖରେ ଏମିତି ଯବଧାନ ଅଛି ଯାହାକୁ ବୁଣିବା ସଂଗେ ସଂଗେ ଗଜାଏ । କିନ୍ତୁ ଏ ଭିତରେ ଗଙ୍ଗଦତ୍ ଧୂର୍ତ୍ତ) ତିହୁଣୀ ଦେବୀ ଠାରୁ ସେହି ଜବଧାନ ଏଣେ ତେଣେ କରି ଦେଇଥିଲା । ଫଳରେ ଧର୍ମଦତ୍ ରାଜାଙ୍କ ସମକ୍ଷରେ ନିଜ ପ୍ରତିଜ୍ଞା ପୁରା ନ କରିପାରିବାରୁ ଲଜ୍ଜିତ ହେଲେ । ଶେଷରେ କୂଟ ନାମକ ବ୍ରାହ୍ମଣଙ୍କୁ ଡ଼କାଗଲା । ବ୍ରାହ୍ମଣ କହିଲା ମୁଁ କହିଥିବା ଦୁଇଟି କଥା ତୁମେ ଭୁଲିଗଲ - ନୀଚ ପୁରୁଷ ସହ ମିତ୍ରତା କଲ ଓ ସ୍ତ୍ରୀମାନଙ୍କୁ ବିଶ୍ୱାସ କରିବା ଯୋଗୁଁ ତୁମର ଆଜି ଏ ଦଶା ।

ସୁନ୍ଦରୀର ପ୍ରେମ କଥା ଅତ୍ୟନ୍ତ ସରସ ଓ ମନୋରଂଜକ । ଧନସାର ସେଠାରେ କନ୍ୟା ସୁନ୍ଦରୀ ବିକ୍ରମ ରାଜାଙ୍କ ଗୁଣ ଶୁଣି ତାଙ୍କୁ ମନେ ମନେ ପ୍ରେମ କରିବାକୁ ଲାଗିଲା । ତାର ମା' ବାପା ସିଂହଳ ଦେଶର କୌଣସି ସେଠ ପୁତ୍ର ସହ ତାର ବିବାହ ନିଶ୍ଚୟ କରିଥିଲେ । ସୁନ୍ଦରି ନିଜ ଚତୁରତାରେ ଗୋଟିଏ ରତ୍ନଥଳୀ ସହ ଗୋଟିଏ ଶୁଆ ରାଜାଙ୍କ ନିକଟକୁ ପଠାଇଲା ।

ରାଜା ଶୁଆର ପେଟ କାଟି ଏକ ସୁନ୍ଦର ହାର ଓ କସ୍ତୁରୀରେ ଲିଖିତ ଏକ ସୁନ୍ଦର ପ୍ରେମ ପତ୍ର ପାଇଲେ । ପତ୍ରରେ ଲେଖାଅଛି -

ପ୍ରାଣନାଥ ମୁଁ ସଦାସର୍ବଦା ତୁମର ଗୁଣାବଳୀରେ ଲୀନ, ସେ ଅବସର କେବେ ଆସିବ, ଯେତେବେଳେ ମୋର ନେତ୍ର ଆପଣଙ୍କର ସାକ୍ଷାତ ଦର୍ଶନ ପାଇବ । ବୈଶାଖୀ କୃଷ୍ଣ ଦ୍ୱାଦଶୀ ଦିନ ସିଂହଳ ଦ୍ୱୀପରେ ନିବଣାଗ ନାମ ସେଠପୁତ୍ର ସହ ମୋର ବିବାହ ହେବାର ଅଛି । ନାଥ ! ମୋର ଏହି ଶରୀରକୁ ଆପଣଙ୍କ ବ୍ୟତିତ ଅନ୍ୟ କେହି ଭୋଗ କରି ନପାରେ, ବର୍ତମାନ ଆପଣ ଯାହା ଉଚିତ୍ ବିଚାରୁଛନ୍ତି କରିବେ ।' ରାଜା ସ୍ୱୀୟ ଅଗ୍ନିବେତାଳ ଭୃତ୍ୟ ସାହାଯ୍ୟରେ ରତ୍ନପୁର ପହି ସୁନ୍ଦରୀ ସହ ବିବାହ କଲେ ।

ଏହି କଥାମାନ ଦୈବୀ ଘଟଣା ଉପରେ ଆଶ୍ରିତ । ଏଥିରେ ସମକାଳୀନ ସାମାଜିକ ଓ ପାରିବାରିକ ଜୀବନର ଚିତ୍ର ସୁନ୍ଦର ଓ ସରଳ ସହଜ ବୋଧଗମ୍ୟ ଭାଷାରେ ରଚିତ । ଜୀବନର ଶାଶ୍ୱତ ମୂଲ୍ୟାଦିର ସଂଯୋଜନାରେ ପ୍ରେମ, ଶୀଳ, ତ୍ୟାଗାଦିର ସୁନ୍ଦର ଅଭିବ୍ୟଂଜନା ଦ୍ରଷ୍ଟବ୍ୟ ।

ଆଖ୍ୟାନକ ମଣିକୋଷରେ ମର୍ମରୋଚକ ବର୍ଣ୍ଣନ ନାହିଁ । ଏହାର ରଚୟିତା ନେମିଚନ୍ଦ୍ର ସରି । ସମସ୍ତ କଥାର ଲକ୍ଷ୍ୟ ଏକ ପ୍ରକାର । ଆଖ୍ୟାନଗୁଡ଼ିକରେ କାର୍ଯ୍ୟ, ପରିମାଣ କିମ୍ବା ଆରମ୍ଭ, ଉତ୍କର୍ଷ ଓ ଅନ୍ତ ଏତେ ବିଶେଷତା ନାହିଁ । ଭାରତୀୟ ପୌରାଣିକ ଆଖ୍ୟାନଗୁଡ଼ିକୁ ଜୈନ ଧର୍ମର ପରିଧାନରେ ନୂଆ ରୂପରେ ଉପସ୍ଥାପିତ କରାଯାଇଛି ।

ବିଷୟ ବୈବିଧ ଦୃଷ୍ଟି କୋଣରୁ ଏହାର ଯଥେଷ୍ଟ ମୂଲ୍ୟ ଅଛି ।

ସିରିବାଲ କହା (ଶ୍ରୀପାଲ କଥା)

ଖ୍ରୀଷ୍ଟୀୟ ୧୩୭୧ ରେ ରତ୍ନଶେଖର ସୂରି ଏହାକୁ ରଚନା କରିଥିଲେ ଓ ତାଙ୍କ ଶିଷ୍ୟ ହେମିଚନ୍ଦ୍ର ଏହାକୁ ଲିପିବଧ୍ କରିଥିଲେ । ଭାଷାଶୈଳୀ ସରଳ ଓ ଅଳଂକୃତ । ଉର୍ଜ୍ଜେନୀ ନଗରୀରେ ପ୍ରଜାପାଳ ନାମରେ ଜଣେ ରାଜା ଥିଲେ । ତାଙ୍କର ଦୁଇ ରାଣୀ ଥିଲେ । ରାଣୀ ସୌଭାଗ୍ୟ ସୁନ୍ଦରୀଭ୍କର ସୂର ସୁନ୍ଦରୀ ଓ ରାଣୀ ରୂପସୁନ୍ଦରୀଙ୍କ ମଦନସୁନ୍ଦରୀ ନାମରେ ଦୁଇ କନ୍ୟା ଥିଲେ । ଦିହେଁ ଅଧାପକମାନଙ୍କଠାରୁ ଲେଖା, ଗଣିତ, ଲକ୍ଷଣ, ଚିକିତ୍ସା, ମନ୍ତ୍ର, ତନ୍ତ୍ର ଓ ଚିତ୍ରକ ପ୍ରଭୃତିରେ ଶିକ୍ଷା ଲାଭ କରିଥିଲେ । ରାଜା ବିବାହ ସମ୍ବନ୍ଧରେ କନ୍ୟାମାନଙ୍କୁ ପଚାରିବାରୁ ସୁସୁନ୍ଦରୀ କହିଲା - 'ଯେ ସମସ୍ତ କଳାରେ କୁଶଳ ହୋଇଥିବ, ତରୁଣ ହୋଇଥିବ ଓ ରୂପଲାବଣ୍ୟ ସଂପନ୍ନ ହୋଇଥିବ, ସେହି ଶ୍ରେଷ୍ ବର ହେବ । ଯଦି ତାନୁହେଁ ଆପଣ ଯେମିତି ବିଚାରିବେ କରିବେ ।'

ମଦନସୁନ୍ଦରୀ କହିଲା - 'କୁଳୀନ ବାଳିକାମାନେ ନିଜ ବର ସମ୍ବନ୍ଧରେ କିଛି କହନ୍ତି ନାହିଁ । ମା-ବାପା ଯେଉଁ ବର ତାଙ୍କ ପାଇଁ ବାଛନ୍ତି ତାହାହିଁ ସେମାନେ ଗ୍ରହଣ କରିଥାନ୍ତି ।' ମଦନ ସୁନ୍ଦରୀ କହିଲା - "ବାପା ନିଜ କର୍ମବଳରେ ସବୁକିଛି ହୋଇପାରେ, ପୁଣ୍ୟଶୀଳ

କନ୍ୟାକୁ ନୀଚ କୁଳରେ ଦେଲେ ବି ସେ ସୁଖୀ ରହେ, ପୁଣ୍ୟହୀନ କନ୍ୟାକୁ ଉଚ୍ଚକୁଳରେ ଦେଲେ ବି ସେ ଦୁଃଖ ଭୋଗ କରେ ଏହା ଶୁଣି ରାଜା କ୍ରୋଧାନ୍ୱିତ ହୋଇ ମଦନସୁନ୍ଦରୀକୁ ଉମ୍ବର ରାଜା (କୁଷ୍ଠରୋଗୀ) ସହ ବିବାହ କରାଇ ଦେଲେ । ମଦନସୁନ୍ଦରୀ ନିଜ ପତିଙ୍କ କୁଷ୍ଠରୋଗୀକୁ ସିଧ୍‌ଚକ୍ର ସାହାଯ୍ୟରେ ମୁକ୍ତ କଲେ ଓ ଉମ୍ବର ରାଜା ସହ ରହୁଥିବା ସାତଶହ କୁଷ୍ଠରୋଗୀକୁ ମଧ ମୁକ୍ତ କରିପାରିଥିଲେ । ସେହି ଉମ୍ବର ରାଜା ହେଉଛନ୍ତି ଶ୍ରୀପାଳ । ଯାହାଙ୍କ ବାଲ୍ୟାବସ୍ଥାରେ ପିତାର ମୃତ୍ୟୁ ପରେ ନିଜ ଦାଦାଙ୍କ ଦ୍ୱାରା ହତ୍ୟା ଭୟରେ ଶିଶୁ ଅବସ୍ଥାରେ ନିଜ ମା ଦ୍ୱାରା ରକ୍ଷା ପାଇବା ପାଇଁ ବନ ମଧରେ କୁଷ୍ଠରୋଗୀମାନଙ୍କ ମେଳରେ ରହି କୁଷ୍ଠ ରୋଗାକ୍ରାନ୍ତ ହୋଇଥିଲେ । ଉମ୍ବର ନାମକ କୁଷ୍ଠ ରୋଗର ନାମାନୁସାରେ ତାଙ୍କୁ ଉମ୍ବର ରାଜା କୁହାଯାଉଥିଲା । ସେ ଥିଲେ ଚମ୍ପା ନଗରୀର ସିଂହରାଜା ରାଜାଙ୍କର ପୁତ୍ର । ପୁଳ ଗୌରବ ପ୍ରାପ୍ତ୍ୟାର୍ଥ ସେ ମା ଓ ପତ୍ନୀଠାରୁ ଆଦେଶ ନେଇ ବିଦେ। ଗଲେ । ସେଠାରେ ସେ ମଦନ ମଂଜୁସା ଓ ମଦନମଞ୍ଜରୀଙ୍କ ସହ ବିବାହ କଲେ ଓ ରାଜ୍ୟ ଲାଭ କଲେ ।

ଏହି କତାରେ ସିଧ୍ ଚକ୍ର କୂଜାର ମହାତ୍ମ୍ୟ ପ୍ରଦର୍ଶନ କରାଯାଇଛି । ଏଥବରେ ଧାର୍ମିକ ଉପନ୍ୟାସର ସବୁ ଗୁଣ ରହିଛି । ଏଥିରେ ଚରିତ୍ରର ଉତ୍‌ଥାନ ପତନ, କଥା ପ୍ରବାହାର ଗତି ଓ ଦିଶା ପରିବର୍ତନର ସରସତା ଓ ରୋଚକତାଦି ଗୁଣ ବିଦ୍ୟମାନ । ଜୀବନର ଲକ୍ଷ୍ୟ ସିଧ୍ ନିମିତ୍ ନିରନ୍ତର ପରିଶ୍ରମ, ପ୍ରୟାସ ଓ ସଂଯମର ମୂଲ୍ୟ ନିରୂପଣ କରାଯାଇଛି ।

ରୟଣସେହରୀ କହା (ରତ୍ନଶେଖରୀ କଥା)

ଜିନହର୍ଷସୂରୀ ହେଉଛନ୍ତି ଏହି ଗ୍ରନ୍ଥର ରଚୟିତା । ଏହାର ରଚନାକାଳ ୧୫ ଶତାବ୍ଦୀ । ଏଥିରେ ପର୍ବଦିନ ମାନଙ୍କର ଧର୍ମ ସାଧନର ମହତ୍ୱ ପ୍ରଦର୍ଶିତ ।

ରତ୍ନଶେଖର ରତ୍ନପୁର ରାଜ୍ୟ ଓ ତାଙ୍କର ପ୍ରଧାନ ମନ୍ତ୍ରୀ ମତିସାଗର । ରାଜା ବସନ୍ତ ବିହାର ସମୟରେ କିନ୍ନର ଦମ୍ପତିଙ୍କ କଥାବାର୍ତାରୁ ରତ୍ନବତୀର ରୂପଗୁଣାଦିର ପ୍ରଶଂସା ଶୁଣି ରତ୍ନବତିକୁ ପାଇବା ପାଇଁ ଅଧୀର ହୋଇପଡ଼ିଲେ । ମତିସାଗର ଯୋଗିନୀ ବେଶ ଧାରଣ କରି ସିଂହଳ ଦ୍ୱୀପ ରାଜକୁମାରୀ ରତ୍ନବତୀ ପାଖରେ ପହଲା । ରତ୍ନବତୀ ବରପ୍ରାପ୍ତି ବିଷୟରେ ଯୋଗିନୀକୁ ପ୍ରଶ୍ନ ପଚାରିଲା । ସେ ଉତ୍‌ରରେ କହିଲା, 'କାମଦେବ ମନ୍ଦିରରେ ଦ୍ୟୁତ କ୍ରୀଡ଼ା କରୁଥିବା ଯେଉଁ ବ୍ୟକ୍ତି ତୁମକୁ ମନ୍ଦିରରେ ପ୍ରବେଶ କରିବାରେ ବାଧା ଦେବ ସେ ତୁମର ବର ହେବ ।'

ମନ୍ତ୍ରୀ ଫେରି ଆସି ରାଜାଙ୍କୁ ଏ ସବୁ ଖବର ଦେଲା । ରାଜା ରତ୍ନଶେଖର ସିଂହଳ ଦ୍ୱୀପକୁ ପ୍ରସ୍ଥାନ କରି ସେଠାରେ ଥିବା କାମଦେବ ମନ୍ଦିରରେ ମନ୍ତ୍ରୀ ସହ ଦ୍ୟୁତ କ୍ରୀକ୍ଷା କରିବାକୁ ଲାଗିଲେ । ରତ୍ନବତୀ ସଖୀମାନଙ୍କ ସହ ପୂଜା କରିବାକୁ ସେହି ମନ୍ଦିରକୁ ଆସିଲା । ମନ୍ଦିରରେ ପୁରୁଷମାନଙ୍କୁ ଦେଖି ସଖୀ ସେମାନଙ୍କୁ କହିଲା ଯେ ତାର ସ୍ୱାମିନୀ ରାଜକୁମାରୀ କୌଣସି ପୁରୁଷଣ ମୁଖ ଚାହାନ୍ତି ନାହିଁ । ମଂନ୍ତ୍ର କହିଲେ - 'ଆମର ରାଜା ରତ୍ନଶେଖର ବହୁ ଦୂରରୁ ଆସିଛନ୍ତି । ନିଜ ପରିବାର ସହ ସେ ଦ୍ୟୁତ କ୍ରୀଡ଼ା କରୁଛନ୍ତି । ସେ କୌଣସି ନାରୀର ମୁଖ

ଦେଖିବାକୁ ଚାହାନ୍ତି ନାହିଁ । ଏଣଉ ତୁମେ ରାଜକୁମାରୀଙ୍କୁ କୁହ ଯେ ସେ ବର୍ତ୍ତମାନ ମନ୍ଦିର ଭିତରକୁ ଆସିବେନି । ସଖୀ ରାଜାର ରୂପର ପ୍ରଶଂସା କରି ରାଜକୁମାରୀକୁ କହିଲା ଯେ ଜଣେ ଅପୂର୍ବ ରୂପଧାରୀ ରାଜା ମନ୍ଦିରରେ ବସି ଦ୍ୟୂତ କ୍ରୀଡ଼ା କରୁଛନ୍ତି । ରାଜକୁମାରୀକୁ ଯୋଗିନୀ କହିଥିବା କଥା ମନେ ପଡ଼ିଲା । ହର୍ଷରେ ପୁଲକିତ ହୋଇ ସେ ମନ୍ଦିରକୁ ପ୍ରବେଶ କଲା । ରାଜା କୁମାରୀକୁ ଦେଖି ବସ୍ତ୍ରରେ ନିଜ ମୁହଁ ଘୋଡ଼ାଇ ଦେଲେ ।

ରତ୍ନବତୀ ପଚାରିଲେ ଯେ ରାଜା କାହିଁକି ନାରୀ ମୁଖ ଦେଖିବାକୁ ଚାହାନ୍ତି ନାହିଁ । ନାରୀମାନେ କଣ ଏମିତି ପାପ କଲେ ।

ମନ୍ତ୍ରୀ କହିଲେ - ନାରୀଙ୍କ ବିଚାର ସମ୍ବନ୍ଧରେ ମୁଁ କ'ଣ କହିବି ? ସେମାନେ ମିଥ୍ୟା କହନ୍ତି । ... ନାରୀ ଅଜସ୍ର କୂଟକପଟ କରେ ଓ କରାଏ । ଅନ୍ଧ ବିଶ୍ୱାସ ସରେ ସର୍ବଦା ଗ୍ରସ୍ତ । ନୀଚ ସଂଗତି କରେ ।'

ରତ୍ନବତୀ କହିଲେ - କୁଳୀନ ସ୍ତ୍ରୀ ମାନଙ୍କ ସମ୍ବନ୍ଧରେ ଏ ସବୁ କଥା କୁହାଯାଇ ନପାରେ । ଯେ ଏମିତି କହେ ତାର ମନୁଷ୍ୟ ଜନ୍ମ ହିଁ ନିରର୍ଥକ ।

ଶେଷରେ ରତ୍ନଶେଖର ଓ ରତ୍ନବତୀର ଖୁବ୍ ଆଡ଼ମ୍ବରେ ବିବାହାଦି ସମ୍ପନ୍ନ ହେଲା । ତିହେଁ ରତ୍ନପୁର ଫେରି ଆସିଲେ ଓ ଦୁହେଁ ଜୈନଧର୍ମ ପାଳନ କଲେ ଓ ବ୍ରତ, ଉପବାସ ପ୍ରୌଷଧାଦିରେ ନିଜ ସମୟ ଅତିବାହିତ କଲେ ।

ଥରେ ରାଜା ପୌଷଧିରେ ଅଛନ୍ତି ରାଣୀ ଋଷୁସ୍ନାତା ପୁତ୍ର ଲାଭ ଆଶାରେ ରାଜାଙ୍କ ନିକଟରେ ପହ□ ନିରାଶ ହୋଇ ଜଣେ ଦାସ ହାତୀରେ ଚାଲିଗଲେ । ରାଜା ମଧ ତାଙ୍କୁ ଧରିବାକୁ ଦଉଡ଼ିଲେ, କିନ୍ତୁ ଏହା ଏକ ଇନ୍ଦ୍ରଜାଲ ମାତ୍ର । ସେ ନିଜକୁ ଦରବାରରେ ରାଣୀଙ୍କ ସହ ପଠାଇଲେ । ଏହି ସମୟରେ ମୃତାତ୍ମ । ମତିସାଗର ଅଦୃଶ୍ୟ ଶକ୍ତି ରୂପରେ ତାର ପରୀକ୍ଷା କଥା କହି ଭ୍ରମ ଦୂର କଲେ । ପୁରାତନ ସଂସ୍କାର ଗତ ପରଂପରାକୁ ଲେଖକ ଛାଡ଼ି ପାରିନାହାନ୍ତି ।

ପାତ୍ର, ଚରିତ୍ର ଚିତ୍ରଣ, କଥାର ଗତି ଓ ରୋଚକତାଦି ଦୃଷ୍ଟିରୁ ଏହା ଏକ ଉତ୍ପ ଉପନ୍ୟାସ ହୋଇ ପାରିଛି । ଏହାର ଶୈଳୀ ଅତ୍ୟନ୍ତ ସରସ ଓ ସୁନ୍ଦର ।

କାବ୍ୟ

ପ୍ରାକୃତ ସାହିତ୍ୟରେ କାବ୍ୟର ଏକ ବିଶିଷ୍ଟ ସ୍ଥାନ ରହିଛି । ଜୈନ ପଣ୍ଡିତମାନେ ପ୍ରାକୃତ କାବ୍ୟରେ ପ୍ରାୟ ଧର୍ମୋପଦେଶ, ଆଖ୍ୟାନ ଓ ଚରିତ୍ରର ସମାବେଶ କରିଛନ୍ତି, କିନ୍ତୁ ଅଜୈନ ବିଦ୍ୱାନମାନେ କାବ୍ୟରେ ପ୍ରେମ ଓ ଶୃଙ୍ଗାରକୁ ସ୍ଥାନ ଦେଇଛନ୍ତି । ମୁକ୍ତକ ରଚନା ବୈଦିକ କାଳରୁ ପ୍ରଚଳିତ ହୋଇଥିଲେ ମଧ ମୁକ୍ତକ କାବ୍ୟ ପ୍ରାକୃତ ସାହିତ୍ୟର ଏକ ବିଶେଷ ଅଙ୍ଗ । ଆଚାର୍ଯ୍ୟ ଆନନ୍ଦବର୍ଦ୍ଧନଙ୍କ ମତାନୁସାରେ ମୁକ୍ତକର ରଚନା କ୍ଷେତ୍ରରେ ପ୍ରାକୃତ ସଂସ୍କୃତ ଅପେକ୍ଷା ଉନ୍ନତ । ମୁକ୍ତକର ବ୍ୟାଖ୍ୟା କରିବା ସମୟରେ ସେ (ଧ୍ୱନ୍ୟାଲୋକ ୩, ପୃଷ୍ଠା ୧୪୩-୧୪୪) ରେ ଲେଖନ୍ତି । ଏଥିରେ ପୂର୍ବାପର ପ୍ରସଂଗ ବିନା ରସସ୍ୱାଦନ କରିହୁଏ । ଅଗ୍ନିପୁରାଣ (୩୩୭-୩୩ ପୃ ୪୨୧) ରେ ଚମତ୍କାର କ୍ଷମ ଶ୍ଳୋକକୁ ହିଁ ମୁକ୍ତକ କୁହାଯାଏ । ସଂସ୍କୃତରେ ସମସ୍ତ ଆଚାର୍ଯ୍ୟଗଣ ମୁକ୍ତକକୁ ସ୍ୱୟଂ ସଂପୂର୍ଣ୍ଣ, ଅନ୍ୟ ନିରପେକ୍ଷ ଏକ ଛନ୍ଦାତ୍ମକ ରଚନା ବୋଲି ସ୍ୱୀକାର କରନ୍ତି । ପ୍ରବନ୍ଧ କାବ୍ୟ ଓ ମୁକ୍ତକ କାବ୍ୟ ମଧରେ ପାର୍ଥକ୍ୟ ହେଲା - ପ୍ରବଂଧ କାବ୍ୟରେ ସାନୁବଂଧତା ରହେ, ଏଥିରେ କଥା ପ୍ରବାହ ନିରନ୍ତର ପ୍ରଚଳିତ ଓ ପାରସ୍ପରିକ ଆଦାନ ପ୍ରଦାନର ଭାବନାରେ ସଂଯୋଜିତ ତାର ପଦ୍ୟ ଗୋଟିଏ ଅନ୍ୟଟି ଉପରେ ଆଧାରିତ । ଯେପରି ପୂର୍ବାପରି ସଂବନ୍ଧଠାରୁ ନିରପେକ୍ଷ, ମାର୍ମିକ ଖଣ୍ଡ ଅଥବା ସଂବେଦନାକୁ ପ୍ରସ୍ତୁତ କରୁଥିବା ମୁକ୍ତକ କାବ୍ୟରେ କଥା ପ୍ରବହାପୂର୍ଣ୍ଣ ହୁଏ ନାହିଁ ଓ ପ୍ରତ୍ୟେକ ପଦ୍ୟ ପରସ୍ପର ଠାରୁ ଭିନ୍ନ । ପ୍ରବନ୍ଧ କାବ୍ୟରେ ଅଭିଦା ଓ ମୁକ୍ତକ କାବ୍ୟରେ ବ୍ୟଞ୍ଜନାର ମୁଖ୍ୟତା ରହିଥା, । ମୁକ୍ତକ ଅପେକ୍ଷାକୃତ ଲଘୁରଚନା ହୁଏ ତଥା ଏହାର ପ୍ରଭାବ ସୁକ୍ଷ୍ମ ଅଧିକ ଓ ବ୍ୟାପକ କମ୍ । ମୁକ୍ତକରେ କବି ଅର୍ଥ ପ୍ରକଟ କରିବା ପାଇଁ ବନେଇ ଚୁନେଇ ନୂଆ ଶବ୍ଦ ତିଆରି କରେ । ଯାହାକୁ ବୁଝିବାକୁ ଶ୍ରୋତାକୁ ଯତ୍‌କିତତ ପ୍ରତିଭା ଦରକାର । ପ୍ରାକୃତରେ ପ୍ରେମ, ଶୃଙ୍ଗାର, ଧର୍ମ ନୀତି ଓ ବୀର ରସ ସମ୍ବନ୍ଧୀୟ ସରସ ମୁକ୍ତକ କାବ୍ୟର ରଚନା ହୋଇଛି ।

ଆଚାର୍ଯ୍ୟ ହେମଚନ୍ଦ୍ର, ମୁକ୍ତକର ସଂଦାନିତକ (ଯୁଗ୍ମକ), ବିଶେଷକ, କଲାପକ କୁଲକ, କୋଶ, ପ୍ରଘଟ୍ଟକ, ବିକୀର୍ଣ୍ଣ ଓ ସଂଘାତ ନାମକ ଭେଦ ସ୍ୱୀକାର କରିଛନ୍ତି । ଦୁଇଟି ପଦ୍ୟରେ ପୂର୍ଣ୍ଣ ରଚନାକୁ ସଂଦାନିତକ, ତିନୋଟି ପଦ୍ୟରେ ପୂର୍ଣ୍ଣ ରଚନାକୁ ବିଶେଷକ, ଚାରୋଟି ପଦ୍ୟରେ ପୂର୍ଣ୍ଣ ରଚନାକୁ କୋଶ କହନ୍ତି । ଜଣେ କବିଙ୍କ ଦ୍ୱାରା ରଚିତ ପଦ୍ୟ ସମୂହକୁ ବୀକର୍ଣ୍ଣକ ତଥା ଜଣେ କବି ଦ୍ୱାରା ଗୋଟିଏ ବିଷୟ ଉପରେ ରଚିତ ପଦ୍ୟ ସମୂହକୁ ସଂଘାତ କହନ୍ତି । ପ୍ରାକୃତରେ ଗାଥାସପ୍ତଶତୀ, ଉର୍ତ୍ତୃହରୀ ଶତକ ଆଦି ତଥା ହିନ୍ଦୀ ସାହିତ୍ୟର ବିହାରୀ ସତସଈ, ନୀତିଶତକ, ଭାବପଂଚାଶିକ ଆଦି ମୁକ୍ତକ କୋଶାନ୍ତର୍ଗତ । ଧ୍ୱନ୍ୟାଲୋକରେ ଆନନ୍ଦବର୍ଦ୍ଧନ ଶୃଙ୍ଗାର ରସର ବ୍ୟଞ୍ଜନାପୂର୍ଣ୍ଣ ଅମରୁଶତକର ମୁକ୍ତକଗୁଡ଼ିକ ଲଘୁ ହେଲେ ମଧ ଏହାର ଗୋଟିଏ ଗୋଟିଏ ମୁକ୍ତ କରେ ଏତେ ରସାଭିବ୍ୟଞ୍ଜନା ବୋଲି ସ୍ୱୀକାର କରାଯାଇଛି

ଯେ ଗୋଟିଏ ପ୍ରବନ୍ଧ କାବ୍ୟରେ ହୋଇପାରରେ କି ନାହିଁ କହିବା ଆବଶ୍ୟକ ନାହିଁ କାରଣ ଅମଶ ତକର ଶୃଙ୍ଗାର ମୁକ୍ତକର ପରମ୍ପରାକୁ ଆଗକୁ ବଢ଼ାଇଥିବା ଏହି ଅମର ରଚନା ପ୍ରାକୃତ ମୁକ୍ତକ ଦ୍ୱାରା ଖୁବ୍ ପ୍ରଭାବିତ ।

ପ୍ରାକୃତରେ ଅଧିକାଂଶ ମୁକ୍ତକ ମହାରାଷ୍ଟ୍ରୀ ପ୍ରାକୃତରେ ଲିଖିତ । ମହାକବି ଦଣ୍ଡୀ ମହାରାଷ୍ଟ୍ରୀକୁ ସର୍ବଶ୍ରେଷ୍ଠ ମାନ ତାକୁ ସୂକ୍ତି ରୂପ ରତ୍ନସାଗର କହନ୍ତି । ଉଦାହରଣ : ସେତୁବନ୍ଧ । ବଜ୍ଜାଲିଗ୍ଗରେ ପ୍ରାକୃତ କାବ୍ୟକୁ ଅମୃତର ଉପମା ଦାୟକ ବୋଲି ବ୍ୟକ୍ତ କରାଯାଇ କୁହାଯାଇଛି ଯେଉଁ ବ୍ୟକ୍ତି ଏହାକୁ ପାଠ କରିନାହାନ୍ତି ସେ କାମ କଥାର ଆନନ୍ଦ କଦାପି ପାଇପାରେ ନାହିଁ । କୋମଳକାନ୍ତ ପଦାବଳି ପୂର୍ଣ୍ଣ ପ୍ରାକୃତ କାବ୍ୟକୁ ମହିଳାଙ୍କ ପରି ସୁକୁମାର କୁହାଯାଇଚି ଓ ସଂସ୍କୃତ କାବ୍ୟକୁ ପୁରୁଷ ପରି କଠୋର ଭାବେ ବ୍ୟକ୍ତି କରାଯାଇଛି । ପ୍ରାକୃତ କାବ୍ୟକୁ ସର୍ବସାଧାରଣର ବୋଲି ବ୍ୟକ୍ତି କଲାବେଳେ ଜ୍ଞାନପଞ୍ଚମୀ କଥାର ଲେଖକ ମହେଶ୍ୱର ସୂରି କହନ୍ତି - ଏହାକୁ ସୁଲଳିତ ପଦର ସମାହାର କହନ୍ତି ।

ଧ୍ୱନୀ ପରିବର୍ତ୍ତନ ଦୃଷ୍ଟିରୁ ମହାରାଷ୍ଟ୍ରୀ ପ୍ରାକୃତ ଏକ ଅତ୍ୟନ୍ତ ସମୃଦ୍ଧିଶାଳୀ ଭାଷା । ତେଣୁ କାବ୍ୟ ଓ ନାଟକରେ ଏହାର ପ୍ରଚଳନ ଖୁବ୍ ବେଶୀ । ବାକ୍ୟ ଓ ଭାଷାରୁ କଠିନ ଶବ୍ଦାବଳୀ ଦୂର କରି ତା ସ୍ଥାନରେ ସୁଲଳିତ ଶବ୍ଦ ସଂପଦମାନ ବ୍ୟବହାର କଲେ ।

ପ୍ରାକୃତ କାବ୍ୟରୁ ମନରେ ପହିବାକୁ ହେଲେ ପ୍ରାଚୀନ ଜୈନ ଆଗମ ପ୍ରତି ଦୃଷ୍ଟିପାତ କରିବା ଆବଶ୍ୟକ ଏହି ଆଗମ ପ୍ରତି ଦୃଷ୍ଟିପାତ କରିବା ଆବଶ୍ୟକ । ଏହି ଆଗମ ଅର୍ଦ୍ଧମାଗଧୀ ପ୍ରାକୃତରେ ରହିଛି ଓ ଭଗବାନ ମହାବୀରଙ୍କ ଉପଦେଶର ଏଥିରେ ସଂକଳନ କରାଯାଇଛି । ଅଧିକାଂଶ ମୁକ୍ତକ ଉପଦେଶାତ୍ମକ ଶ୍ରେଣୀଭୁକ୍ତ କିନ୍ତୁ ଏଥିରେ ବହୁ ରସାବିବ୍ୟଞ୍ଜକତା ଦେଖାଦେଇଛି । ସାଧାରଣ କଥାରେ ମଧ ଏଠାରେ ଖୁବ୍ ପ୍ରଭାବୋତ୍ପାଦକ ଢ଼ଙ୍ଗରେ କୁହାଯାଇଛି ତଥା ଉପମା ଓ ଦୃଷ୍ଟାନ୍ତ ଆଦି ଅଳଂକାରରେ ଛଟା ସଂଯୋଜନା ଚମତ୍କାରପୂର୍ଣ୍ଣ । ଜୀବନ କ୍ଷଣଭଙ୍ଗୁର, ଏ ବିଷୟରେ ନିମ୍ନୋକ୍ତ ଗାଥା ଉଲ୍ଲେଖ ଯୋଗ୍ୟ :-

ଅସଂଖୟଂ ଜୀବିୟମା ପମାୟଏ,
ଜରୋବଣୀୟସ୍ସହୁଣ୍ ତ୍ଥତାଣଂ ।
ଏବଂ ବିୟଣାହି ଜଣେ ପମତେ୍,
କିନ୍ନୁ ବହିଁସାଅଜୟାଗହିଂତ ।।

(ଉତ୍ରାଧ୍ୟୟନ, ଅସଂସ୍କୃତି ଅଧ୍ୟୟନ)

ଅର୍ଥାତ୍ ଛିଣ୍ଡିଯାଇଥିବା ଜୀବଜନ୍ତୁ ପୁଣି ଯୋଗଡ଼ି ହୋଇ ପାରିବ ନାହିଁ, ଏଣୁ ହେ ଗୌତମ ! ତୁମେ କ୍ଷଣେ ମଧ ପ୍ରମାଦ କରନି । ବୃଧାବସ୍ଥାରେ ଗ୍ରସ୍ତ ପୁରୁଷର କୌଣସି ଆଶ୍ରୟ ନାହିଁ, ପୁଣି ଭଲ ହିଂସୁକ ଓ ପ୍ରମାଦପୂର୍ଣ୍ଣ ଜୀବ କାହାର ଶରଣ ପାଇବେ ? ଆସଂତାକାଲି ଉପରେ ବିଶ୍ୱାସ କରନି -

ଜସ୍ସତ୍ଥି ମଚ୍ଚୁଣା ସକ୍ଖଂ, ଜସ୍ସ ବଂତ୍ଥି ପଲୟଣଂ ।
ଜୋ ଜାଣଇନ ମରିସୁସାମି, ସୋହୁ କଂଖେ ସୁଏ ସିୟା ।।
(ଉତ୍ରାଧ୍ୟନ : ଇଷୁକାରୀୟ ଅଧ୍ୟନ)

ଅର୍ଥାତ୍, ଯାହାର ମୃତ୍ୟୁ ସହ ମିତ୍ରତା ରହିଛି, ଅଥବା ଯେ ମୃତ୍ୟୁ ସହ ଚାଲିଯାଏ ଓ ଯେ ଏହା ବିଶ୍ୱାସ କର ଯେ ସେ ମରିବ ନାହିଁ, ସେ ଆଗାମୀ କାଲିକୁ ବିଶ୍ୱାସ କରିପାରେ ।

ଧର୍ମାଚରଣ କାହିଁକି ଆବଶ୍ୟକ ?
ଜରା ଜାବ ନ ପୀଲେଇ, ବାହୀ ଜାବ ନ ବଡ୍ଢଇ ।
ଜାବିନ୍ଦିୟା ନ ହାୟଂତି, ଣବ ଧମ୍ମଂ ସମାଚରେ ।।
(ଦଶବୈକାଲିକ : ଅଷ୍ଟମ ଅଧ୍ୟନ)

ବୃଧ୍ୱାବସ୍ଥା ଯେଉଁ ପର୍ଯ୍ୟନ୍ତ ପୀଡ଼ା ଦିଅନ୍ତିନି, ବ୍ୟାଧି କଷ୍ଟ ଭୋଗିପାରନ୍ତିନି ଓ ଇନ୍ଦ୍ରଣ କ୍ଷୀଣ ହୁଏ ନାହିଁ, ସେ ପର୍ଯ୍ୟନ୍ତ ଧର୍ମର ଆଚରଣ କରିବା ଆବଶ୍ୟକ ।

ପ୍ରାକୃତ ସାହିତ୍ୟର ସୁପ୍ରସିଧ୍ ମୁକ୍ତକ ରଚନା ହେଉଛି ଗାହାସତ୍ସଇ ଓ ବଜ୍ଜାଲଗଗଂ ।

ପ୍ରାକୃତ ମହାକାବ୍ୟ ମଧରେ ସେତୁବନ୍ଧ, କଂସବହୋ, ଗଉଡ଼ବହୋ ଓ ଲୀଳାଦଈର ସ୍ଥାନ ଉଚ୍ଚରେ ।

ପ୍ରବଂଧ କାବ୍ୟ

ସେତୁବନ୍ଧ

ଏହା ପ୍ରାକୃତ ଭାଷାର ସର୍ବୋତ୍କୃଷ୍ଟ ମହାକାବ୍ୟ । ଏହାର ଭାଷା ମହାରାଷ୍ଟ୍ରୀ ପ୍ରାକୃତ । ଏହାର ରଚୟିତା ପ୍ରବର ସେନ ଖ୍ରୀଷ୍ଟିୟ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ । ଏହି କାବ୍ୟରେ ୧୫ଟି ଆଶ୍ୱାସ (ସର୍ଗ ରହିଛି) ଏଥବରେ ବାନର ସେନା ସହ ଲଙ୍କାଯାତ୍ରା ଠାରୁ ଆରମ୍ଭ କରି ରାବଣ ବଧ୍ ପର୍ଯ୍ୟନ୍ତ ବର୍ଣ୍ଣିତ ହୋଇଛି ।

କାବ୍ୟର ଆରମ୍ଭ ଶରତ ବର୍ଣ୍ଣନାରେ ହୋଇଛି । ରାମଚନ୍ଦ୍ର ବାଳୀ ବଧ କରି ସୁଗ୍ରୀବଙ୍କୁ ରାଜା କଲେ ଏବଂ ନିଷ୍କ୍ରିୟ ଅବସ୍ଥାରେ ଅତ୍ୟନ୍ତ କଷ୍ଟରେ ବର୍ଷାଋତୁ ଅତିବାହିତ କଲେ । ଶରତ ଋତୁ ଆରମ୍ଭରେ ସୀତାଙ୍କର ଅନୁସନ୍ଧାନ ପାଇଁ ପଠାଯାଇଥିବା ହନୁମାନଙ୍କର ଦୀର୍ଘସମୟ ବିତିଯିବା ହେତୁ ରାମଚନ୍ଦ୍ର ସୀତା ବିଚ୍ଛେଦ ଜନିତ ଶୋକରେ ଅଭିଭୂତ ହେଲେ । ସୀତାଙ୍କ ସ୍ମୃତିରେ ରୋମୀତ ହୋଇ ରାବଣଙ୍କ ଉପରେ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ବାନର ସେନା ସହ ଲଙ୍କା ଯାତ୍ରାରମ୍ଭ କଲେ । ସେ ବିନ୍ଧ୍ୟ ପର୍ବତ ପାରହୋଇ ଦକ୍ଷିଣ ସାଗର ତଟରେ ପହିଲେ । ସେଠାରେ ସୁଗ୍ରୀବଙ୍କ ଭାଷଣରେ, ବାନର ସେନା ଉଲ୍ଲାସରେ ନାଚି ଉଠିଲେ । ଜାମ୍ବବାନ ସମସ୍ତ ବାନରଙ୍କୁ ଉଚିତ୍ କାର୍ଯ୍ୟ କରିବା ପାଇଁ ବୁଝାଇ ପ୍ରେରଣା ଦେଲେ । ଏହି ସମୟରେ ଆକାଶ ମାର୍ଗରୁ ବିଭୀଷଣ ଆସି ହନୁମାନ ସହ ରାମଚନ୍ଦ୍ରଙ୍କ ସମ୍ମୁଖରେ ଉପସ୍ଥିତ

ହେଲେ ।

ସମୁଦ୍ରକୁ ରାମଚନ୍ଦ୍ର ବହୁ ପ୍ରାର୍ଥନା କରିବା ସତ୍ତ୍ୱେ ସମୁଦ୍ର ବିଚଳିତ ହୋଇନଥିଲା । ଫଳରେ ରାମଚନ୍ଦ୍ର କ୍ରୁଧ୍ ହୋଇ ଧନୁରେ ବାଣ ମାଜିଲେ । ବାଣର ପ୍ରକୋପରେ ସମୁଦ୍ର କ୍ଷୁବ୍ଧ ହେଲା ଏବଂ ସମୁଦ୍ରସ୍ଥିତ ଜୀବଜନ୍ତୁମାନେ ବ୍ୟାକୁଳ ହେବାକୁ ଲାଗିଲେ । ତେଣୁ ବରୁଣ ପ୍ରାର୍ଥନା କଲେ ଓ ସେତୁ ନିର୍ମାଣ ପାଇଁ ସମ୍ମତି ପ୍ରଦାନ କଲେ । ସେତୁ ନିର୍ମାଣପାଇଁ ବଡ଼ ବଡ଼ ପର୍ବତମାନଙ୍କୁ ଅଣାଗଲା ଏବଂ ଏମାନଭ୍‌କୁ ସମୁଦ୍ର ଗର୍ଭରେ ବନ୍ଧ ବାନ୍ଧିବା ଦେଖି ସମୁଦ୍ର ଅତ୍ୟନ୍ତ କ୍ଷୁବ୍ଧ ହୋଇ ଉଠିଲା । ବାନରମାନଙ୍କର ପ୍ରଚେଷ୍ଟା ସତ୍ତ୍ୱେ ସେତୁ ନିର୍ମାଣ ହୋଇ ପାରିଲା ନାହିଁ । ଫଳରେ ବାନରସେନାଗଣ ଅତ୍ୟନ୍ତ ହତୋତ୍ସାହୀ ହେଲେ । ସୁଗ୍ରୀବ, ନଳ ସହ ମନ୍ତ୍ରଣା ଆରମ୍ଭ କଲେ । ଅଳ୍ପ ସମୟ ମଧରେ ସେତୁବନ୍ଧର ନିର୍ମାଣ କାର୍ଯ୍ୟ ଶେଷ ହେଲା ଓ ବାନରସେନା ସମୁଦ୍ର ପାରି ହୋଇ ଲଙ୍କାପୁରୀରେ ପହିଲେ । ଠିକ୍ ସମୟରେ ରାକ୍ଷସମାନେ ମଧ ରାବଣର ଆଜ୍ଞା ଅମାନ୍ୟ କରିବାକୁ ଲାଗିଲେ । ଏଥିରେ ରାମଚନ୍ଦ୍ରଙ୍କ ପ୍ରତାପ ବଢ଼ିବାକୁ ଲାଗିଲା ।

ରାବଣ ସୀତାଙ୍କୁ ସନ୍ତୁଷ୍ଟ କରି ନପାରି ରାମଚନ୍ଦ୍ରଙ୍କ ମାୟା ମୁଣ୍ଡ ଦେଖା, । ସତୀ ସ୍ୱାଧୀ ସୀତା କିନ୍ତୁ ଏଥିରେ ସନ୍ତୁଷ୍ଟ ଲାଭ କରିବାର ପାତ୍ରୀ ନୁହନ୍ତି । ତାଙ୍କର ଏତାଦୃଶ ଶୋକାଭିଭୂତ ଅବସ୍ଥା ଦେଖିବ ତ୍ରିଜା ତାଙ୍କୁ ଆଶ୍ୱାସନା ଦେବାକୁ ଆସେ । ବହୁ ଆଶ୍ୱାସନା ସତ୍ତ୍ୱେ ସୀତା ମାତ୍ର ସନ୍ତୁଷ୍ଟ ହୋଇନଥିଲେ । ପ୍ରାତଃକାଳରେ ବାନରମାନଙ୍କ କଳବର ଶୁଣି ସୀତା ରାକ୍ଷସଙ୍କ ମାୟା ବୁଝିପାରିଲେ । ରାବଣର ଯୁଧ୍‌ଭେରୀ ବାଜି ଉଠିଲା । ରାକ୍ଷସମାନେ ଜାଗ୍ରତ ହେଲେ ଓ ସମ୍ଭୋଗରତ ଲାଳନମାନଙ୍କୁ ଛାଡ଼ି ଯୁଧ୍ କ୍ଷେତ୍ରକୁ ଆସିଲେ । ଉଭୟ ପକ୍ଷ ମଧରେ ଘୋର ସଂଘର୍ଷ ଆରଂଭ ହେଲା । ଯୁଧ୍ କ୍ଷେତ୍ରରେ ରାମଚନ୍ଦ୍ର ରାବଣଙ୍କ ଦେଖାନପାଇ କ୍ଷୁବ୍ଧ ହେଲେ । ରାକ୍ଷସମାନଙ୍କ ଉପରେ ବାଣ ବୃଧି କଲେ । ମେଘନାଦ, ରାମ ଓ ଲକ୍ଷ୍ମଣଙ୍କୁ ନାଗପାଶ ବନ୍ଧରେ ବାନ୍ଧିଲେ । ଏହାଦେଖି ଦେବତାମାନେ ବ୍ୟାକୁଳ ହେଲେ ଓ ବାନର ସେନା କିଂକର୍ତ୍ତବ୍ୟ ବିମୂଢ଼ ହେଲେ । ରାମଚନ୍ଦ୍ରଙ୍କ ଆହ୍ୱାନ କ୍ରମେ ଗରୁଣ ଆସି ନାଗପାଶ ବନ୍ଧନ ଫିଟାଇଲେ ଓ ପରେ ପରେ ରାବଣ ବହୁ ଆତ୍ମୀୟ ସ୍ୱଜନଙ୍କୁ ହରାଇବା ଖବର ପାଇ ଅଟ୍ଟହାସ୍ୟ କରି ରଣାରଙ୍ଗରେ ପ୍ରବେଶ କଲେ । ରାମଙ୍କ ବାଣରେ ଆହତ ହୋଇ ଲଙ୍କାପୁରୀରେ ପ୍ରବେଶ କରି କୁମ୍ଭକର୍ଣ୍ଣଙ୍କୁ ଜଗାଇଲେ । ଅସମୟରେ କୁମ୍ଭକର୍ଣ୍ଣ ନିଦ୍ରାଭାଙ୍ଗି ଯୁଧ୍ ପାଇଁ ଦୌଡ଼ିଲେ । କୁମ୍ଭକର୍ଣ୍ଣଙ୍କ ଉପସ୍ଥିତରେ ପ୍ରଥମେ ପ୍ରଥମେ ବାନର ସେନାମାନେ ଭୀତତ୍ରସ୍ତ ହେଲେ । ପରେ ପରେ ଭୟଙ୍କର ଯୁଧ୍ ଲାଗିଲା ଓ କୁମ୍ଭକର୍ଣ୍ଣ ନିହତ ହେଲେ । ବିଭୀଷଣଙ୍କ ମନ୍ତ୍ରଣାରେ ଲକ୍ଷ୍ମଣ ଇନ୍ଦ୍ରଜିତକୁ ମାରିଲେ । ଇତ୍ୟବସରରେ ରାମଚନ୍ଦ୍ର ଓ ରାବଣଙ୍କ ମଧରେ ମୁହାଁମୁହିଁ ଯୁଧ୍ ଆରମ୍ଭ ହୋଇ ସାରିଥାଏ । ରାମଙ୍କ ଆକ୍ରମଣ ସତ୍ତ୍ୱେ ରାବଣଙ୍କ ଶରୀରର କୌଣସି ଅଙ୍ଗକ୍ଷୟ ହେଉନଥିଲା କିନ୍ତୁ ପରେ ପରେ ଦଶଟିଯାକ ମୁଣ୍ଡକୁ ରାମଚନ୍ଦ୍ର ଗୋଟିଏ ବାଣଷର କାଟି ପକାଇଲେ । ରାବଣ ବଧ ହେଲେ ଓ ରାବଣଙ୍କୁ

ସଂସ୍କାର କରାଗଲା । ସୀତାଙ୍କୁ ଅଗ୍ନିପରୀକ୍ଷା କରି ରାମଚନ୍ଦ୍ର ଅଯୋଧାପୁରକୁ ପ୍ରତ୍ୟାବର୍ତ୍ତନ କଲେ ।

ଏହି ମହାକାବ୍ୟଟିରେ ରାବଣ ବଧ ପର୍ଯ୍ୟନ୍ତ ବର୍ଣ୍ଣନା ରହି ଥିବାରୁ ଏହାକୁ 'ରାବଣ ବଧ୍' ବୋଲି କୁହାଯାଏ । ଅନ୍ୟାନ୍ୟ କେତେକ ସ୍ଥଳରେ ଏହାକୁ 'ଦସମୁହବହ (ଦଶମୁଖ ବଧ୍)' ବୋଲି ମଧ ନାମକରଣ କରାଯାଇଛି । ଏ କୃତିର ପୁର୍ବାଧ୍ରେ ସମୁଦ୍ର, ପର୍ବତ, ସୁର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ ଆଦି ପ୍ରାକୃତିକ ଦୃଶ୍ୟର ବର୍ଣ୍ଣନା ଖୁବ୍ କାବ୍ୟାତ୍ମକ । ଉତ୍ତରାର୍ଦ୍ଧରେ ମାନବ ପ୍ରକୃତିର ଚିତ୍ରଣରେ କବିଙ୍କ ଅନୁଭୁତି, ଗମ୍ଭୀରତା ଏବଂ ବ୍ୟାପକ ଦୃଷ୍ଟି ଭଙ୍ଗୀର ପରିଚୟ ମିଳେ । ଏଥିରେ ରାମଙ୍କ କ୍ଷୋଭ, ରାବଣଙ୍କ ଚିନ୍ତା ସୀତାଙ୍କ ତ୍ରାସ, ବିଭୀଷଣଙ୍କ କୃତଜ୍ଞତା, ରାକ୍ଷାସଗଣଙ୍କ ଭୀତଗ୍ରସ୍ତ ଜନିତ କାର୍ଯ୍ୟକଳାପ ଆଦିର ମାନବିକ ଭାବନାର ସୂକ୍ଷ୍ମ ଚିତ୍ରଣ ରହିଛି । ବାନରସେନା ଓ ରାକ୍ଷସମାନଙ୍କ ମଧରେ ହୋଇଥିବା ସଂଗ୍ରାମ ଓ ଦ୍ୱନ୍ଦ୍ୱ ଯୁଧ୍ର ବର୍ଣ୍ଣନ ଚିତ୍ର ବିସ୍ତୃତମୟୀ ଢ଼ଙ୍ଗରେ ବ୍ୟକ୍ତ । ଏଥିରେ ବୀର ରସର ପ୍ରାଧାନ୍ୟ ରହିଛି । ଅନ୍ୟ ରସର ମଧ ସମାବେଶ ରହିଛି । ଦଶମ ଅଶ୍ୱାସରେ କାମିନୀ କେଳି ତଥା ରାକ୍ଷସୀମାନଙ୍କ ସଂଭୋଗ ବର୍ଣ୍ଣନା ଓ ସେମାନଙ୍କର ରୂପ, ଗୁଣ ସୌନ୍ଦର୍ଯ୍ୟର ଚିତ୍ରଣ ଉଚ୍ଚକୋଟୀର ।

ଏହାର ପରବର୍ତ୍ତୀ କୃତି ମାନଙ୍କ ଅପେକ୍ଷା ଏଥିରେ ସମାସ ଗୁଡ଼ିକର ପ୍ରୟୋଗ ଖୁବ୍ ଅଧିକ । ସମାଲୋଚକମାନଙ୍କ ମତରେ ଏଥିରେ ସଂସ୍କୃତ କାବ୍ୟ ଶୈଳୀର ଗଭୀର ପ୍ରଭାବ ରହିଛି । ଏହି କୃତିଦ୍ୱାରା ପ୍ରାକୃତ ଓ ଅପଭ୍ରଂଶ ସାହିତ୍ୟ ବିଶେଷ ପ୍ରଭାବିତ । ଏହି ଗ୍ରନ୍ଥର ପ୍ରସ୍ତୁତ କେତେକ ଟୀକା ମଧରେ ଆକବରଙ୍କ ସମସାୟିକ ରାମଦାସ କୃତ 'ରାମପ୍ରଦୀପ' ପ୍ରସିଧ୍ ।

ଗଉଡ଼ବହୋ

ଏହା ଏକ ଐତିହାସିକ କାବ୍ୟ । ଏହା ଲୌକିକ ଚରିତ୍ର ଆଶ୍ରୟରେ ଲିଖିତ ଏକ ପ୍ରବନ୍ଧ କାବ୍ୟ । ଏହାର ରଚୟିତା ବପ୍ପୟ ରାଅ (ବାକ୍ ପତିରାଜ) । ପ୍ରାୟ ଖ୍ରୀ. ଅ. ୭୫୦ ରେ ମହାରାଷ୍ଟ୍ରୀ ପ୍ରାକୃତରେ ଏହାକୁ ରଚନା କରିଥିଲେ । ସେ କନୌଜର ରାଜା ଯଶୋବର୍ମାଙ୍କ ଆଶ୍ରୟରେ ରହୁଥିଲେ । ଯଶୋବର୍ମାଙ୍କ ପ୍ରଶଂସାରେ ହିଁ ଏହି କାବ୍ୟ ରଚିତ । ଏଥିରେ ଗୌଡ଼ ଜନୈକ ରାଜାଙ୍କ ବଧର ବର୍ଣ୍ଣନା ମାତ୍ର ଦୁଇଟି ପଦ୍ୟରେ ସମାପ୍ତ ହୋଇଛି । ଏଣୁ କଥାର ଆଖ୍ୟାନ ଦୃଷ୍ଟିରୁ ଗ୍ରଂଥଟିର ନାମ ଗୌଡ଼ବହୋ ରଖାଯାଇଛି । ଭାଷା ଦୃଷ୍ଟିରୁ ଏହା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ଆର୍ଯ୍ୟାଛନ୍ଦରେ ଲିଖିତ ଏହି ଗ୍ରନ୍ଥରେ ଉତ୍ପ୍ରେକ୍ଷା, ଉପମା ଏବଂ ବକ୍ରୋକ୍ତି ଅଳଙ୍କାରର ସୁନ୍ଦର ପ୍ରୟୋଗ ମିଳେ ।

ମଂଗଳାଚରଣରେ ବ୍ରହ୍ମା, ହରି, ନୃସିଂହ, ମହାବରାହ, ବାମନ, କୂର୍ମ, କୃଷ୍ଣ, ବଳାରାମ, ଶିବ, ଗୌରୀ, ଗଣପତି, ଲକ୍ଷ୍ମୀ ଆଦିଙ୍କ ବର୍ଣ୍ଣନା ମିଳେ ।

କବି ପ୍ରଶସ୍ତିରେ ଭବଭୂତି, ବ୍ୟାସ, କାଳିଦାସ, ସୁବନ୍ଧୁ, ଆଦିଙ୍କ ନାମରେ ଉଲ୍ଲେଖ

କରାଯାଇଛି । କବି ପ୍ରାକୃତ ଭାଷା ସମ୍ବନ୍ଧରେ କହିଛନ୍ତି - "ପ୍ରାକୃତ ଭାଷାରେ ନୂତନ ଅର୍ଥର ଦର୍ଶନ ହୋଇଥାଏ । ରଚନାରେ ତାହା ସମୃଦ୍ଧ ଏବଂ କୋମଳତା ହେତୁ ମାଧୁର୍ଯ୍ୟପୂର୍ଣ୍ଣ ଅଟେ । ସମସ୍ତ ଭାଷାର ସନ୍ନିବେଶ ପ୍ରାକୃତ ଭାଷାରେ ହୋଇଛି । ସମସ୍ତ ଭାଷାର ଉଦ୍‌ଭବ ପ୍ରାକୃତ ଭାଷାରୁ ହିଁ ହୋଇଛି, ଯେଉଁପରି 'ଜଳ ସମୁଦ୍ରକୁ ଯାଏ ଓ ସମୁଦ୍ରରୁ ଆସେ' । ଏହାକୁ ଅଧ୍ୟୟନ କଲେ ବିଶେଷ ପ୍ରକାରର ହର୍ଷ, ଉଲ୍ଲାସ, ଜାତ ହେବା ସଂଗେ ସଂଗେ ନେତ୍ର ବିକଶିତ ଓ ଉଜ୍ଜ୍ୱଳିତ ହୁଏ ଏବଂ ହୃଦୟ ପ୍ରଫୁଲ୍ଲିତ ହୁଏ ।

ଯଶୋବର୍ମା ଏକ କୁଳବାନ୍ ରାଜା ଯେ ସମସ୍ତ ପୃଥିବୀର ଦୁଃଖ ବିନାଶ କରି ଇନ୍ଦ୍ରକୁ ପ୍ରସନ୍ନ କରିଛନ୍ତି । ତାଙ୍କର ଗୁଣ ଗାରିମା ପୃଥିବୀର ଚତୁର୍ଦ୍ଦିଗରେ ବ୍ୟାପ୍ତ । ସେ ଯେତେବେଳେ ସେନାବାହିନୀ ସହ ଯାଆନ୍ତି ସେତେବେଳେ ପାଦର ଧୂଳିରେ ସମଗ୍ର ସ୍ୱର୍ଗ ଆଚ୍ଛାଦିତ ହୁଏ ଓ ଭୂ ଭାଗକୁ ଧାରଣ କରିଥିବା ନାଗ କଷ୍ଟ ଅନୁଭବ କରେ । ଏହିପରି ଯଶୋବର୍ମାଙ୍କ ଶକ୍ତି ଓ ସୌନ୍ଦର୍ଯ୍ୟର ସମ୍ୟକ୍ ବର୍ଣ୍ଣନା କରାଯାଇଛି । ତାଙ୍କର ସମର କୌଶଳ ଦେଖି ଦେଶଙ୍ଗନାମାନଙ୍କ ମନରେ ମନ୍ମଥ ବିକାର ଜାତ ହୋଇଚି । ପର୍ବତର ପକ୍ଷ ଛେଦନ କରିଥିବା ଇନ୍ଦ୍ର ମଧ ତାହାଙ୍କ ସହ ଏକାଠି ବସିବା ପାଇଁ ଇଚ୍ଛା ପ୍ରକାଶ କରନ୍ତି । ସେ ଶତ୍ରୁମାନଙ୍କୁ ସ୍ୱ ପରାକ୍ରମରେ ବିନଷ୍ଟ କରିବା ସଂଗେ ସଂଗେ ସେମାନଙ୍କୁ ନିଜ ଅଧୀନରେ ରଖନ୍ତି, ଏବଂ ସେମାନଙ୍କର ଜଳକ୍ରୀଡ଼ା ସ୍ଥାନ ମାନଙ୍କରେ ବାରଙ୍ଗନାମାନଙ୍କ ସହ ଜଳକ୍ରୀଡ଼ା କରନ୍ତି ।

କବି ନିଜ କାବ୍ୟର ନାୟକକୁ ବାଳକ ହରିଙ୍କ ଅବତାର କହି ପ୍ରଳୟ ଅବଶେଷ ରୂପରେ ବର୍ଣ୍ଣନା କରିଛନ୍ତି । ଏଥିରେ ବିଶ୍ୱଦହନର ରୋମାଂଚକାରୀ ବର୍ଣ୍ଣନା ମଧ କରିଛନ୍ତି ।

ଯଶୋବର୍ମାଙ୍କ ଶତ୍ରୁମାନଙ୍କର ବିଧବା ରମଣୀମାନଙ୍କର ଜୀବନ୍ତ ବର୍ଣ୍ଣନା କବି ନିଜ ଗ୍ରନ୍ଥରେ କରିଛନ୍ତି । ସେମାନଙ୍କ ବିଳାପ, ବିକ୍ଷିପ୍ତ କେଶ ଦାସ ଏବଂ ଅବିରତ ଅଶ୍ରୁ ପ୍ରବାହିତ ନୟନର ବର୍ଣ୍ଣନା ହୃଦୟ ବିଦାରକ ମର୍ମସ୍ପର୍ଶୀ ।

ବର୍ଷା ଋତୁ ପରେ ଯଶୋବର୍ମାଙ୍କର ବିଜୟ ଯାତ୍ରା ବର୍ଣ୍ଣନା ଅତ୍ୟନ୍ତ ଆନନ୍ଦ ଦାୟକ । ଏହି ଉତ୍ସବକୁ ସୁନ୍ଦରୀ ଯୁବତୀଗଣ ନିଜ ନିଜ ଗୃହର ବାତାୟନ ମଧ ଦେଇ ଉପଭୋଗ କରନ୍ତି । ଅତିରିକ୍ତ ଆନନ୍ଦ ହେତୁ ନିଜର ପ୍ରସାଧନକୁ ଭୂଲି, ନିଜର ଅଳଂକାରଗୁଡ଼ିକୁ ଅନ୍ୟତ୍ର ପିନ୍ଧଇ ଚାଲିଯାଆନ୍ତି ।

ବିଜୟ ଯାତ୍ରାରେ ବିନ୍ଧ୍ୟବାସୀ, ମହିଷାସୁର ମର୍ଦ୍ଦିନୀ ଶରତକାଳୀନ ପୂଜାର ବର୍ଣ୍ଣନା ଜୀବନ୍ତ । ଦେବୀ ଶ୍ମଶାନରେ ସାଧକଗଣ ମହାମାଂସ ବିକ୍ରୀ କରନ୍ତି । ଗୌଡ଼ ନୃପତି ଯଶୋବର୍ମାଙ୍କ ଭୟରେ ଭୀତଗ୍ରସ୍ତ ହୋଇ ସେଠାରୁ ପଳାୟନ କରନ୍ତି । ଏ ପ୍ରସଙ୍ଗରେ ଗ୍ରୀଷ୍ମ ଓ ବର୍ଷା ଋତୁରେ ବର୍ଣ୍ଣନା ମଧ ଉଲ୍ଲେଖ ଯୋଗ୍ୟ ।

ଶରତକାଳ ଆଗମନରେ ବିଜୟ ଯାତ୍ରା ଆରମ୍ଭ ହୁଏ । କନୌଜରୁ ମଗଧ ପର୍ଯ୍ୟନ୍ତ ବିଜୟ ଯାତ୍ରାରେ ଗଲାବେଳେ ପ୍ରକୃତିର ବିଭିନ୍ନ ଋତୁ ପର୍ଯ୍ୟାୟର ଦୃଶ୍ୟ ଖୁବ୍ ଚିତ୍ତାକର୍ଷକ ।

ଯଶୋବର୍ମା ବିନ୍ଧ୍ୟ ପର୍ବତ ନିକଟରେ ଉପସ୍ଥିତ ହେବାପୂର୍ବରୁ ଗୌଡ଼ଦେଶାଧିପତି ସେଠାରୁ ପଳାୟନ କରନ୍ତି । କିନ୍ତୁ ପରେ ଧରାପଡ଼ି ଏହାଙ୍କ ଦ୍ୱାରା ନିହତ ହୁଅନ୍ତି । ଯଶୋବର୍ମା ପୂର୍ବ ଦିଗରେ ଯାତ୍ରା କରି ବିଜୟ ଶେଷରେ କନୌଜ ପ୍ରତ୍ୟାବର୍ତ୍ତନ କରନ୍ତି ।

ଏ ସମୁଦାୟ ଗ୍ରନ୍ଥରେ ପଦ୍ୟ ସଂଖ୍ୟା ମାତ୍ର ୧୨୦୯ । ବର୍ଣ୍ଣନା ପ୍ରାୟ ଶିଥିଳ ଓ ଅପ୍ରାସଂଗିକ କିନ୍ତୁ ପ୍ରକୃତି ବର୍ଣ୍ଣନା ସୁନ୍ଦର, ସଜୀବ ଓ ଜୀବନ୍ତ । ଗ୍ରାମ୍ୟ ଜୀବନର ଚିତ୍ରଣ ଖୁବ୍ ବିସ୍ତୃତ ଓ ଅନୁଭୂତିପୂର୍ଣ୍ଣ ।

ଲୀଲାବଈ (ଲୀଲାବତୀ)

ଲୀଲାବଈ ଗ୍ରନ୍ଥରେ କବି ନିଜର ପରିଚୟ ଦେଇ ନାମୋଲ୍ଲେଖ କରିନାହାନ୍ତି । ଏ କୃତିର ଅଜ୍ଞାତନାମା ଟୀକାକାରଙ୍କ ଭାଷାରେ - " କୁତୁହଲନାମ୍ନା ବିପ୍ରେଣ ବିରଚିତଂ ଲୀଲାବତୀ ନାମ କଥାରତ୍ନ ଶୃଣୁତ ।" କୋଉହଲ ନାମକ ବ୍ରାହ୍ମଣ ନିଜ ପତ୍ନୀଙ୍କ ଅନୁରୋଧ କ୍ରମେ 'ମହାରାଷ୍ଟ୍ରୀ' ପ୍ରାକୃତରେ ଏହି କାବ୍ୟ ରଚନା କରିନ୍ତି । ଏହି କାବ୍ୟର ରଚନାକାଳ ପ୍ରାୟ ଅଷ୍ଟମ ନବମ ଶତାବ୍ଦୀ (ଖ୍ରୀ) ବୋଲି ଧରାଯାଏ । ଏହାର ରଚୟିତା ଏକ ପଣ୍ଡିତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ଡକ୍ଟ ନେମିଚନ୍ଦ୍ର ଶାସ୍ତ୍ରୀ ଏହାକୁ ଶାସ୍ତ୍ରୀୟ ମହାକାବ୍ୟ କହି ସମୀକ୍ଷା କରିଛନ୍ତି । ଏଥିବରେ ସନ୍ନିବେଶିତ ରୋମାକ କଥାବସ୍ତୁର ସଂଯୋଜନା ନାଟକୀୟ ଶୈଳୀରେ କରାଯାଇଛି । ବସ୍ତୁ ବ୍ୟାପାର ଓ ଭାବାଭିବ୍ୟଞ୍ଜନାର ଗାମ୍ଭାର୍ଯ୍ୟ ଏତେ ବେଶୀ ଯେ ଏହାକୁ ରୋମୀକ୍ ମହାକାବ୍ୟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି କାବ୍ୟରେ କଥାତତ୍ୱ ପୂର୍ଣ୍ଣ ମାତ୍ରାରେ ପରିଲକ୍ଷିତ ବିବିଧ ଘଟଣା ଏବଂ ଅବାନ୍ତର କଥାମାନ ଜାଲପରି ବିଛେଇ ହୋଇ ପଡ଼ିଛି ।

ପ୍ରତିଷ୍ଠାନର ରାଜା ସାତବାହନ ଓ ସିଂହଳ ରାଜକୁମାରୀ ଲୀଳାବତୀଙ୍କ ପ୍ରେମକଥା ଏଥିରେ ବର୍ଣ୍ଣିତ । ଅନୁଷ୍ଟୁପ୍ ଛନ୍ଦରେ ୧୮୦୦ ଗାଥା ଏଥିରେ ରହିଛି । କେତେକ ଗଦ୍ୟ ମଧ ଏଥିରେ ମିଳେ । ଏହାର ଶୈଳୀ ଅଳଂକୃତ ଓ ଭାଷା ପ୍ରବହାପୂର୍ଣ୍ଣ ।

କୁବଳୟାବଳୀ ବୁପଳାଶୟ ରାଜ ଓ ଅପସରା ରମ୍ଭାଙ୍କ କନ୍ୟା । ସେ ଗନ୍ଧର୍ବ କୁମାର ଚିତ୍ରାଙ୍ଗଦଙ୍କ ପ୍ରେମେ ଆସକ୍ତି ହୋଇଥିଲେ । ଦୁହେଁ ଗନ୍ଧର୍ବ ବିବାହ କଲେ । କୁବଳୟାବଳୀର ପିତା ଏବିଷୟ ଜାଣି କ୍ରୋଧରେ ଚିତ୍ରାଙ୍ଗଦକୁ ଶାପ ଦେବାରୁ ସେ ଭୀଷଣାନନ ନାମକ ରାକ୍ଷସ ହୋଇଗଲେ । କୁବଳୟାବଳୀ ନିରାଶ ହୋଇ ଆତ୍ମହତ୍ୟା କରିବାକୁ ବସିଲେ, କିନ୍ତୁ ତାର ମା' ରମ୍ଭା ଉପସ୍ଥିତ ହୋଇ ଉପଦେଶ ଦେଇ ଧୈର୍ଯ୍ୟ ଧରିବାକୁ କହି ତାକୁ ଯକ୍ଷରାଜ ନକୁବେରଙ୍କ ଦାୟିତ୍ୱରେ ରଖିଲେ ।

ବିଦ୍ୟାଧର ହଂସଙ୍କ ବସନ୍ତଶ୍ରୀ ଓ ଶରଦଶ୍ରୀ ନାମରେ ଦୁଇ କନ୍ୟା । ବସନ୍ତଶ୍ରୀ ନଳକୁବେରଙ୍କ ସହ ବିବାହ କରିଥିଲେ । ମହାନୁମତୀ ଏ ଦୁହିଁଙ୍କ କନ୍ୟା । ମହାନୁମତୀ ଓ କୁବଳୟାବଳୀଙ୍କ ମଧରେ ଅତ୍ୟନ୍ତ ପ୍ରୀତି ଥିଲା । ଥରେ ସେ ଦିହେଁ ବିମାନ ଯୋଗେ ମଳୟ

ପର୍ବତକୁ ଗଲେ । ସେଠି ସିଧ୍‌କୁମାରୀମାନଙ୍କ ସହ ଝୁଲଣ ଖେଳ ଖେଳୁ ଖେଳୁ ମହାନୁମତୀ ଓ ସିଧ୍‌କୁମାର ମାଧବାନିଳଙ୍କ ମଧ୍ୟରେ ପ୍ରେମ ହୋଇଗଲା । ଘରକୁ ଫେରି ମହାନୁମତୀ ବିରହ ପୀଡ଼ାରେ ବ୍ୟାକୁଳ ହେବାକୁ ଲାଗିଲେ । ପରେ ଜଣାଗଲା ଯେ ମାଧବାନିଳକୁ କୌଣସି ଶତ୍ରୁ ପାତାଳପୁରକୁ ନେଇ ଯାଇଛି । ମହାନୁମତୀ ଓ ତା'ର ସଖୀ କୁବଳୟାବଳୀ ମନୋରଥ ସିଧ୍ ପାଇଁ ଗୋଦାବରୀ ନଦୀ ତଟରେ ଭବାନୀଙ୍କର ଉପାସନା କରିବାକୁ ଲାଗିଲେ ।

ଏତେବେଳ ଯାଏଁ ଅବାନ୍ତର କଥାର ହିଁ ପ୍ରସାର ଚାଲିଥିଲା । ପ୍ରଧାନ କଥା ସିଂହଳ ରାଜକନ୍ୟା ଲୀଳାବତୀ ଶାରଦଶ୍ରୀଙ୍କ ଗର୍ଭରୁ ଜାତ ହୋଇଥିଲା । ଦିନେ ଲୀଳାବତୀ ରାଜା ସାତବାହାନଙ୍କର ଚିତ୍ର ଦେଖି ମୋହିତ ହୋଇଗଲା ଓ ପରେ ସ୍ୱପ୍ନରେ ମଧ ସେ ତାଙ୍କୁ ଦେଖିଲା । ମା' ବାପାଙ୍କ ଅନୁମତି ନେଇ ସେ ନିଜ ପ୍ରିୟଙ୍କୁ ଖୋଜିବାକୁ ଯାତ୍ରାରମ୍ଭ କଲା । ତାର ସାଙ୍ଗ ସାଥୀମାନେ ଗୋଦାବରୀ ତଟରେ ବସା କଲେ । ସେଠି ସେ ତା ମାଉସୀର ଝିଅ ମହାନୁମତୀକୁ ଦେଖିଲା । ସେ ଦିହେଁ ଏକା ସାଙ୍ଗରେ ସେଠି ରହିଲେ । ଇତି ମଧ୍ୟରେ ରାଜା ସାତବାହାନ ରାଜ୍ୟ ବିସ୍ତାର ଉଦ୍ଦେଶ୍ୟରେ ସିଂହଳ ଦେଶ ଆକ୍ରମଣ କରିବାକୁ ଚାହିଁଲେ । କିନ୍ତୁ ତାଙ୍କୁ ସେନାପତି ବିଜୟାନନ୍ଦ ସିଂହଳ ସହ ମୈତ୍ରୀ ରଖିବାଟା ଭଲ ବୋଲି ପରାମର୍ଶ ଦେଲେ । ସେ ମୈତ୍ରୀ ସଂସ୍ଥାପନର ଆବହାକ ରୂପେ ସାତବାହନ ବିଜୟାନନ୍ଦଙ୍କୁ ସିଂହଳ ଉଦ୍ଦେଶ୍ୟରେ ପଠାଇଲେ । ଗୋଦାବରୀ ନଦୀ ପାରି ହୋଇ ଯାଉଥିବା ସମୟରେ ବିଜୟାନନ୍ଦଙ୍କ ନୌକା ଭାଙ୍ଗିଯିବାରୁ ସେ ଗୋଦାବରୀ ତଟରେ ରୋକି ଗଲେ । ସେଠି ସେ ଜାଣିପାରିଲେ ଯେ ସିଂହଳ ରାଜକୁମାରୀ ସେଠାରେ ରହୁଛନ୍ତି । ସେ ଲୀଳାବତୀଙ୍କ ଅନିନ୍ଦ୍ୟ ରୂପ ବିଭବ କଥା ରାଜା ସାତବାହନଙ୍କୁ ଜଣାଇଲେ । ସାତବାହନ ସେନାପତିଙ୍କ ସହ ସେଠି ଉପସ୍ଥିତ ହୋଇ ଲୀଳାବତୀ ସହ ବିବାହ କରିବାକୁ ଚାହିଲେ । କିନ୍ତୁ ଲୀଳାବତୀ ଗୋଟିଏ ସର୍ତ୍‌ରେ ବିବାହ କରିବାକୁ ଅସ୍ୱୀକାର କଲେ । ତାହା ହେଲା ଯେତେଦିନ ପର୍ଯ୍ୟନ୍ତ ମହାନୁମତୀର ପ୍ରିୟଙ୍କ ସନ୍ଧାନ ନମିଳିଛି ସେ ଯାବତ୍ ସେ ବିବାହ କରିବେ ନାହିଁ । ରାଜା ପାତାଳପୁରରୁ ମାଧବାନିଳକୁ ଉଧାର କଲେ, ଆଘାତ ପାଇ ସେ ପୁଣି ରାଜକୁମାର ହେଲେ । ଦୈବାତ୍ ସେହି ସମୟରେ ଯକ୍ଷରାଜ ନଳକୂବେର, ବିଦ୍ୟାଧର ହଂସ ଓ ସିଂହଳ ଏକତ୍ରିତ ହେଲେ । ସମସ୍ତଙ୍କର ସମ୍ମେଳନରେ ବିବାହ କାର୍ଯ ସମାହିତ ହେଲା ।

ଏଥିରେ ପ୍ରାକତିକ ଦୃଶ୍ୟର କଳାତ୍ମକ ବର୍ଣ୍ଣନା, ପ୍ରେମିକ ଓ ପ୍ରେମିକାଙ୍କ ଦୃଢ଼ତା ପରୀକ୍ଷାନନ୍ତର ବିବାହ ବନ୍ଧନ, ଉଲ୍ଲେଖଯୋଗ୍ୟ ।

କୁମାରପାଲ ଚରିୟ (କୁମାରପାଲ ଚରିତ)

ଏହାକୁ ଦ୍ୟାଶ୍ରୟ କାବ୍ୟ କୁହାଯାଏ । ହେମଚନ୍ଦ୍ର ନିଜ ବ୍ୟାକରଣର ନିୟମାବଳୀକୁ ସ୍ପଷ୍ଟ କରିବା ପାଇଁ ଏହି କାବ୍ୟକୁ ରଚନା କରିଥିଲେ । ଦ୍ୱିତୀୟ ଭାଗ ଆଠ ସର୍ଗରୁ ପ୍ରଥମ ଛ'ଟି ସର୍ଗ ମହାରାଷ୍ଟ୍ରୀ ପ୍ରାକୃତର ଉଦାହରଣାଦିରେ ଓ ଅବଶିଷ୍ଟ ଦୁଇଟି ସର୍ଗରେ ଶୌରସେନୀ,

ମାଗଧୀ ପୈଶାଚୀ, ଚୁଳକାପୈଶାଚୀ ଓ ଅପଭ୍ରଂଶ ଭାଷାରେ ରଚନା କରିଥିଲେ । ସଂସ୍କୃତରେ ଭଟ୍ଟି କାବ୍ୟ ପାଣିନୀଙ୍କ ଅଷ୍ଟାଧ୍ୟାୟୀ ଜ୍ଞାନ ପାଇଁ ଏହା ରଚିତ । ଏହି କାବ୍ୟର ପ୍ରଥମ ଭାଗରେ ସିଧ୍ହେମର ସାତ ଅଧ୍ୟାୟରେ ବର୍ଣ୍ଣିତ ସଂସ୍କୃତ ବ୍ୟାକରଣର ନିୟମ ବୁଝାଇ ସୋଲଂକୀ ବଂଶର ମୂଳରାଜଂକ ଠାରୁ ଆରମ୍ଭ କରି ଜୈନଧର୍ମୋପସାକ କୁମାରପାଳ ପର୍ଯ୍ୟନ୍ତ ଇତିହାସ ୨୩ଟି ସର୍ଗରେ ବର୍ଣ୍ଣିତ । ଏହିପରି ଦୁଇଟି ଉଦ୍ଦେଶ୍ୟ ସାଧିତ ହେଉଥିବାରୁ ଏହାକୁ ଦ୍ୟାଶ୍ରୟ କାବ୍ୟ କହନ୍ତି ।

ଅଣହିଲାପୁର ନଗରରେ ରାଜା କୁମାରପାଳ ଶାସନ କରୁଥିଲେ । ସେ ସ୍ୱୀୟ ବାହୁ ବଳରେ ରାଜ୍ୟର ସୀମା ବିସ୍ତୀର୍ଣ୍ଣ କରିଥିଲେ । ସ୍ତୁତିପାଠକମାନେ ପ୍ରାତଃକାଳରେ ସ୍ତୁତି ପାଠ ଦ୍ୱାରା ରାଜାଙ୍କୁ ଜଗାଇ ଦେଉଥିଲେ । ରାଜା ତତ୍ପରେ ନିତ୍ୟକର୍ମ କରି ତିଳକ ଲଗାଉଥିଲେ, ବ୍ରାହ୍ମଣମାନଙ୍କ ଠାରୁ ଆଶୀର୍ବାଦ ଗ୍ରହଣ କରୁଥିଲେ ଲୋକଙ୍କ ଗୁହାରି ଶୁଣୁଥିଲେ, ମାତୃଗୃହରେ ପ୍ରବେଶ କରି ଲକ୍ଷ୍ମୀଙ୍କ ପୂଜା କରୁଥିଲେ ଓ ଶେଷରେ ହାତୀରେ ବସି ଜିନ ମନ୍ଦିରକୁ ଦର୍ଶନ ପାଇଁ ଯାଉଥିଲେ । ନିୟମାନୁଯାୟୀ ରାଜଦରବାର ବସୁଥିଲା ଓ ସଭା ଭଙ୍ଗ ପରେ ଅଶ୍ୱାରୋହଣ କରି ଧବଳ ଗୃହକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ମଧ୍ୟାହ୍ନ ଅତିବାହିତ ହେବାପରେ ସେ କ୍ରୀଡ଼ାର୍ଥେ ଯାଉଥିଲା । କବିଙ୍କ ବସନ୍ତ ଋତୁର ଶୋଭା ବର୍ଣ୍ଣନା ଖୁବ୍ ରମଣୀୟ । ଏ ପ୍ରସଙ୍ଗରେ କ୍ରୀଡ଼ାରେ ମିଳିତ ନରନାରୀଙ୍କ ବିଭିନ୍ନ ଅବସ୍ଥାର ବର୍ଣ୍ଣନା ଉପଭୋଗ୍ୟ ।

ଗ୍ରୀଷ୍ମଋତୁ ବର୍ଣ୍ଣନାରେ କବି ନିଦାଘର ଦାହର ଉତ୍କଟ ବର୍ଣ୍ଣନା କରିଛନ୍ତି । ଏହି ଋତୁରେ ଜଳକ୍ରୀଡ଼ାରେ ବର୍ଣ୍ଣନା ରହିଛି । ୫ମ ସର୍ଗରେ ବର୍ଷା, ହେମନ୍ତ ଓ ଶିଶିର ଋତୁମାନଙ୍କର ବର୍ଣ୍ଣନା ରହିଛି । ପଦ୍ମାବତୀ ଦେବୀଙ୍କ ପୂଜାର ବ୍ୟବସ୍ଥା କରାଯାଇଛି । ଏହି ପ୍ରସଙ୍ଗରେ ପୁଷ୍ମଦ୍ ଶବ୍ଦର ଏକବଚନ ଓ ବହୁବଚନ ରୂପ ଗୁଡ଼ିକର ଉଦାହରଣ ପ୍ରସ୍ତୁତ କରାଯାଇଛି ।

ତଂ ତୁଂ ତୁବଂ ତୁମଂ ଆଣେହ ନବଇଂ ନୀରବକୁସୁମାଇଂ

ଭେ ତୁବ୍ଭେ ତୁମ୍ହୋୟହେ ତୁୟ୍, ହେ ତୁଜ୍ଝମଣ ଦେହ ।

ହେ ସଖି ! ତୁ, ତୁ, ତୁ, ତୁ, ଓତୁ, (ତଂ ତୁଂ, ତୁବଂ, ତୁହ, ତୁମଂ - ଏଗୁଡ଼ିକ ଯୁଷ୍ମଦ୍ ଶବ୍ଦର ପ୍ରଥମା ଏକ ବଚନର ରୂପ) - ତୁମେ ସମସ୍ତେ ନୂତନ ଦୀପ ପୁଷ୍ପ ଆଣ । ହେ ସଖିମାନେ ତୁମେ, ତୁମେ, ତୁମେ, ତୁମେ ଓ ତୁମେ (ଭେ ତୁବ୍ଭେ, ତୁମ୍ହୋୟ୍ହେ, ତୁୟ୍ହେ ଓ ତୁଜ୍ଝ ଏଗୁଡ଼ିକର ଶବ୍ଦର ବହୁବଚନ ରୂପ) - ତୁମେ ସମସ୍ତେ ଆସନ ଆଣ ।

ଉଦ୍ୟାନରୁ ଫେରି ରାଜା ମହଲକୁ ଆସି ସନ୍ଧ୍ୟାକର୍ମ ସମାପନ କରନ୍ତି । ବିଦ୍ୟାର୍ଥୀଗଣ ସନ୍ଧ୍ୟା ସମୟରେ ନିର୍ଭୟ ଖେଳ ଖେଳି କରନ୍ତି ଚକ୍ରବାକ ଚକ୍ରବାକୀରେ ବିରହ ହୁଏ ।

ଚନ୍ଦ୍ରୋଦୟ ହୁଏ । ରାଜା ମଣ୍ଡପରେ ଆସୀନ ହୁଅନ୍ତି । ପୁରୋହିତ ମନ୍ତ୍ର ପାଠ କରନ୍ତି ବାଜା ବାଜେ ଓ ବାରଙ୍ଗନାଗଣ ଥାଳୀରେ ଦୀପାବଳୀ ରଖି ଉପସ୍ଥିତ ହୁଅନ୍ତି । ରାଜାଙ୍କ

ସମ୍ମୁଖରେ ସେଠ୍, ସାର୍ଥବାହାଦି ମହାଜନମାନେ ଆସନ ଗ୍ରହଣ କରନ୍ତି । ତାପରେ ସନ୍ଧିବିଗ୍ରହକ ରାଜାଙ୍କ ବଳବୀର୍ଯ୍ୟ ବର୍ଣ୍ଣନା ଯଶୋଗାନ କରନ୍ତି 'ହେ ରାଜନ୍ । ଆପଣଙ୍କ ଯୋଧ୍ମାନେ କୋଙ୍କଣ ଦେଶରେ ପହ଼ି ମଲ୍ଲିକାର୍ଜୁନ ନାମକ କୋଙ୍କଣାଧୀଙ୍କ ସେନା ସହ ଯୁଧ୍ କଲେ ଓ ଯୁଧ୍ରେ ମଲ୍ଲିକାର୍ଜୁନ ନିହତ ହେଲେ । ପୁଣି ଦକ୍ଷିଣ ଦିଗରେ ଦିଗ୍ବିଜୟ କଲେ । ପଶ୍ଚିମରେ ସିନ୍ଧୁଦେଶରେ ଆପଣଙ୍କ ଭୟରେ ତାଂବୁଳ ସେବନ ତ୍ୟାଗ କଲେ । ବାରଣାସୀ, ମଗଧ, ଗୌଡ଼, କାନ୍ୟକୁବ୍ଜ, ଚେଦି, ମଥୁରା ଏବଂ ଦିଲ୍ଲୀ ନରେଶଗଣ ଆପଣଙ୍କର ବଶବର୍ତ୍ତୀ ହୋଇଗଲେ ।' ବିଜ୍ଞପ୍ତି ଶ୍ରବଣ ପରେ ରାଜା ଶୟନାର୍ଥେ ଚାଲିଯାଆନ୍ତି । ନିଦ୍ରାରୁ ଉଠି ପରମାର୍ଥ ଚିନ୍ତା କରନ୍ତି । ଏହି ପ୍ରସଙ୍ଗରେ ସଂସାର ପରିଭ୍ରମଣ, ସ୍ତ୍ରୀ ସଂଗ ତ୍ୟାଗ, ସ୍ଥୁଳଭଦ୍ର, ବଜ୍ରର୍ଷି ଗୌଗମସ୍ୱାମୀ, ଅଭୟକୁମାର ଆଦି ମୁନି ମହାତ୍ମାମାନଙ୍କ ପ୍ରଶଂସା, ଜିନବଚନ ହୃଦୟଙ୍ଗମ କରିବା ଦ୍ୱାରା ମୋକ୍ଷ ପ୍ରାପ୍ତି, ୫ପରମେଷ୍ଠିମାନଙ୍କ ନମସ୍କାର, ଶ୍ରୁତଦେବୀ ସ୍ତୁତି ଇତ୍ୟାଦି ବର୍ଣିତ । ଶ୍ରୁତଦେବୀ ରାଜା କୁମାରପାଳଙ୍କୁ ପ୍ରତ୍ୟକ୍ଷ ଦର୍ଶନ ଦିଅନ୍ତି ଓ ରାଜା ତାଙ୍କଠାରୁ ଉପଦେଶ ପ୍ରାର୍ଥନା କରନ୍ତି । ଏହି ଉପଦେଶର ମାଗଧୀ, ପୈଶାଚୀ, ଚୁଳିକାପୈଶାଚୀ ଓ ଅପଭ୍ରଂଶର ଉଦାହରଣ ରହିଛି । ମାଗଧୀ -

"ପୁଞ୍ଞେ ନିଶାଦ - ପଞ୍ଞି ସୁପଞ୍ଜଲେ ଯଦି - ପଧେର ବଞ୍ଜନ୍ତେ ଶୟଲ - ୟୟ-ବଶଲତଂ ଗଶ୍ଚନ୍ତେ ଲହଦି ପଲମପଦଂ ।।"

ଅର୍ଥାତ୍ ପୁଣ୍ୟାତ୍ମା, କୁଶାଗ୍ର ପ୍ରଜ୍ଞାବାନ୍, ସୁପ୍ରାଞ୍ଜଳ, ଯତିମାର୍ଗର ଅନୁସରଣ କରି ସକଳ ସଂସାର ବତ୍ସଳତାର ଆଚରଣ କରି ପରମପଦ ପ୍ରାପ୍ତି ହୁଏ । ପୈଶାଚୀ -

'ୟତି ଅରିହ - ପରମମଂ ତୋ ପଢ଼ୟୟତେ କୀରତେ ନ ଜୀବ ବଧେ ୟାତିସ - ତାତିସ-ଜାତୀ ତତୋ ଜନୋ ନବ୍ବୁଦତଂ ୟାତି ।''

ଅର୍ଥାତ୍, ଯଦି କେହି ଅହର୍ତ୍ତଂକ ପରମମନ୍ତ୍ର ପାଠ କରେ, ଜୀବବଧ କରେ ନାହିଁ, ତାହାହେଲେ ଯେ କୌଣସି ଜାତିର ଲୋକ ହେଉନା କାହିଁକି ମୋକ୍ଷ ପ୍ରାପ୍ତି ହୋଇଥାଏ ।

ଏହି ମହାକାବ୍ୟର କଥାବସ୍ତୁ ମାତ୍ର ଗୋଟିଏ ଦିନକର । ଯଦିଓ କବି କଥାକୁ ବଢ଼ାଇବା ପାଇଁ ଋତୁ ବର୍ଣ୍ଣନା ଓ କ୍ରୀଡ଼ା ବର୍ଣ୍ଣନା କରିଚନ୍ତି, ତଥାପି କଥାବସ୍ତୁ ମହାକାବ୍ୟର ଯୋଗ୍ୟ ହୋଇପାରିନି । ବସ୍ତୁ ବର୍ଣ୍ଣନ ଦୃଷ୍ଟିରୁ ଏହା ଏକ ସଫଳ କୃତି । ଋତୁ, ସନ୍ଧ୍ୟା, ଉଷା, ପ୍ରାତଃ ଏବଂ ଯୁଧାଦିର ବର୍ଣ୍ଣନା ସଜୀବ ହୋଇପାରିଛି । କଥାରେ ଚମତ୍କାରିତା ଓ କମନୀୟତା ଉଲ୍ଲେଖଯୋଗ୍ୟ । ନାୟକର ଚରିତ ଭବ୍ୟ ଓ ଉଦାତ୍ତ । ଉପମା, ଉତ୍ପ୍ରେକ୍ଷା, ଦୃଷ୍ଟାନ୍ତ, ଦୀପକ, ଅତିଶୟୋକ୍ତି, ରୂପକ ପ୍ରଭୃତି ଅଳଂକାରମାନଙ୍କର ସୁନ୍ଦର ପ୍ରୟୋଗ ଏହି କାବ୍ୟର ସୌନ୍ଦର୍ଯ୍ୟ ବୃଧି କରିଛି । ରସ ଦୃଷ୍ଟିରୁ ମଧ ଏହା ଏକ ଉତ୍ତମ କାବ୍ୟ । ଏହା ଶୃଙ୍ଗାର, ବୀର ଓ ଶାନ୍ତ ସମ୍ବନ୍ଧୀୟ ଶ୍ରେଷ୍ଠ ପଦର ସମାହାର ।

ଖଣ୍ଡକାବ୍ୟ

ପ୍ରାକୃତରେ ଖଣ୍ଡକାବ୍ୟ ଗୁଡ଼ିକର ସଂଖ୍ୟା କମ୍ । ସାହିତ୍ୟ ଦର୍ପଣରେ ବିଶ୍ୱନାଥ ମହାପାତ୍ର ଖଣ୍ଡକାବ୍ୟ ସମ୍ବନ୍ଧରେ କହିଛନ୍ତି ଯେ - 'ଖଣ୍ଡକାବ୍ୟଂ ଭବେତ୍ କାବ୍ୟ ସ୍ୟୈକଦେଶାନୁସାରିଚ । ଅର୍ଥାତ୍ କାବ୍ୟର ଏକ ଅଂଶକୁ ଯାହା ଅନୁସରଣ କରେ ତାହା ଖଣ୍ଡ କାବ୍ୟ । ମହାକାବ୍ୟ ପରି ଖଣ୍ଡକାବ୍ୟ ମଧ ପ୍ରବଂଧ ପ୍ରଧାନ କାବ୍ୟ । କେବଳ ଏଥିରେ ଜୀବନର ପୂର୍ଣ୍ଣ ଚିତ୍ର ସ୍ଥାନରେ ଜୀବନ ଗୋଟିଏ ମର୍ମସ୍ପର୍ଶୀ ପକ୍ଷ ଚିତ୍ରଣ ହୋଇଥାଏ । ଅତଏବ ଖଣ୍ଡକାବ୍ୟ ଜୀବନର କୌଣସି ଏକ ମାର୍ମିକ ପକ୍ଷର ଅନୁଭୂତିର କାବ୍ୟାତ୍ମକ ଅଭିବ୍ୟଞ୍ଜନ । ଡ଼କ୍ଟର ନେମିଚନ୍ଦ୍ର ଶାସ୍ତ୍ରୀଙ୍କ ଅନୁସାରେ ପ୍ରାକୃତ ଖଣ୍ଡକାବ୍ୟମାନଙ୍କର ନିମ୍ନଲିଖିତ ତତ୍ୱ ବିଚାର୍ଯ୍ୟା -

୧. ଲୋକ ଜୀବନ ଲୋକ ଜୀବନର ସାମନ୍ୟ ଏବଂ ସହଜ ପ୍ରବୃତ୍ତି ।

୨. ବୀରଭବ - ବୀର ନାଙ୍କ ଆଖ୍ୟାନର ସମାବେଶ, ଫଳରେ ଯୁଧ୍ ଓ ଶୃଙ୍ଗାରେ ସମନ୍ୱୟ କରି ଘୃଣା ଓ କ୍ରୋଧ୍ ଭୟ ଆଦିର ଆନୟନ ।

୩. ପ୍ରେମତତ୍ୱ - ଜନରୁଚି ଅନୁକୂଳ ପ୍ରେମ ତତ୍ୱର ସମାବେଶ ।

୪. ପୌରାଣିକତା -ପୌରାଣିକ କଥାବସ୍ତୁର ଆଶ୍ରୟ ହେତୁ ପୌରାଣିକ ମାନର ସମାବେଶ ।

୫. ଅହିଂସା, ବୀରତ୍ୱ, ତପ, ତ୍ୟାଗ ଇତ୍ୟାଦି ସନ୍ଦୋ ତଥା ନାନା ସାଧନାର ରସମୟ ରୂପ ।

କଂସବହୋ

ଏହା ଏକ ଆଖ୍ୟାନକ କାବ୍ୟ । ଏଥିରେ କଂସ ବଧ ବିଷୟ ବର୍ଣ୍ଣିତ । ଶୈଳୀରେ କାଳିଦାସ, ଭାରବି ଓ ମାଘଙ୍କ ପ୍ରଭାବ ସ୍ପଷ୍ଟ । ଶିଶୁପାଳ ବଧ ଲେଖକଙ୍କୁ କଂସବହୋ ଲେଖିବାର ବିଶେଷ ପ୍ରଭାବ କରିଛି । ମାଲବାର ପ୍ରଦେଶର ନମ୍ବିୟମ୍ ଜାତିର ରାମପାଣିବାଦ (ଖ୍ରୀ. ୧୭୦୭-୧୭୭୫) ଏହି କାବ୍ୟଟି ରଚନା କରିଥିଲେ । ସେ 'ପ୍ରାକୃତ ପ୍ରକାଶ' ଉପରେ 'ପ୍ରାକୃତ ବୃତ୍ତି' ନାମକ ଟୀକା ଓ ଉଷାନିରୁଧ୍ କାବ୍ୟ ରଚନା କରିଥିଲେ ।

କଂସବହୋର କଥାବସ୍ତୁ ଶ୍ରୀମଦ୍ ଭଗବତରୁ ଗୃହୀତ । ଏଥିରେ ଚାରୋଟି ସର୍ଗ । ସଂସ୍କୃତର ବହୁ ଛନ୍ଦ ଓ ଅଳଙ୍କାର ମଧ ପ୍ରଯୁକ୍ତ । ଏହାର ଭାଷା ମହାରାଷ୍ଟ୍ରୀ । ସ୍ଥାନେ ସ୍ଥାନେ ଶୌରସେନୀର ପ୍ରୟୋଗ ମଧ ରହିଛି । ଏହାର ଭାଷା ଶୁଧ୍ ସାହିତ୍ୟିକ ପ୍ରାକୃତ କାଣ ଏହା କୌଣସି ଲୋକଭାଷାର ଆଶ୍ରୟରେ ଲିଖିତ ନୁହେଁ କେବଳ ପ୍ରାକୃତ ବ୍ୟାକରଣ ଅଧ୍ୟୟନ କରି ଭାଷାର ପ୍ରୟୋଗ କରାଯାଇଛି ।

ଅକ୍ରୁର ଗୋକୁଳରେ ପହି କୃଷ୍ଣ ଓ ବଳରାମଙ୍କୁ କଂସର ସନ୍ଦେଶ ଦିଅନ୍ତି । ଧନୁ ଉତ୍ସବ

ପାଇଁ ଦୁଇ ଭଣଜା ଆମନ୍ତ୍ରିତ । ତିନିହେଁ ରଥରେ ବସି ମଥୁରା ଯାତ୍ରା କରନ୍ତି । ଅକ୍ରୁର କୃଷ୍ଣଙ୍କ ବିରହରେ ଦୁଃଖି ଗୋପୀମାନଙ୍କୁ ଉପଦେଶ ଦିଅନ୍ତି । କୃଷ୍ଣ ମଥୁରା କୋଦଣ୍ଡଶାଳାରେ ପହ□ି ଅନାୟାସରେ ଧନୁଭଙ୍ଗ କରିଦିଅନ୍ତି । ଏଠି ମଥୁରା ନଗରୀର ସରସ ବର୍ଣ୍ଣନା କରିଛନ୍ତି ।

ଇହ କଂଚଣ ଗେହ-କଂତି -ଲିତେ୍
ଗଅଣେ ବାଲ-ଦିଣେସମୋହମୋହା ।।
ବିହଡ଼େଇଣ ଦିଗଘିଆସୁ ଦିଗ୍ଘଂ ।
ରଅଣୀଅଂ ପି ରହଂ ଗଣାମ-ଜୁଗ୍ଗଂ ।।

ଅର୍ଥାତ୍ ଏଠି ଆକାଶ ସୋନାରେ ତିଆରି ହୋଇଥିବା ଭବନଗୁଡ଼ିକ କାନ୍ତିରେ ବ୍ୟାପ୍ତ, ଏଣୁ ଚକ୍ରବାକ ଯୁଗଳ ଏହାକୁ ବାଳରବି ଭାବି, ଦୀର୍ଘିକାମାନଙ୍କ (=ତଡ଼ାଗମାନଙ୍କ) ରେ ରାତ୍ରି ସମୟରେ ମଧ ଦୀର୍ଘକାଳ ପର୍ଯ୍ୟନ୍ତ ପୃଥକ୍ ହୁଅନ୍ତି ନାହିଁ ।

ତୃତୀୟ ସର୍ଗରେ ପ୍ରାତଃକାଳରେ ବନ୍ଦିଜନଙ୍କ ବନ୍ଦନାରେ କୃଷ୍ଣ ବଳରାମରେ ଜାଗ୍ରତ ହୋଇ ନଗରୀ ଦ୍ୱାରରେ ଥିବା ଚାଣୁର ଓ ମୁଷ୍ଟିକ ନାମକ ମଲ୍ଲ ସହ ଯୁଧ୍ କରି ତାଙ୍କୁ ସ୍ୱର୍ଗକୁ ପଠାଇ ଦେଲେ । ଏହି ଖବର ପାଇ କ୍ରୋଧ ଜର୍ଜରିତ ହୋଇ ନିଜେ ଢ଼ାଲ, ତରବାରୀ ଧରି ଉଠିଆସିଲା । କୃଷ୍ଣ ସେହି ମୁହୂର୍ତ୍ତରେ କଂସକୁ ଖଡ଼୍ଗରେ ଶେଷ କରିଦେଲେ । ସ୍ୱର୍ଗରୁ ପୁଷ୍ପ ବୃଷ୍ଟି ହେଲା, ଦୁନ୍ଦୁଭି ବାଜି ଉଠିଲା ଓ ଦେବାଙ୍ଗନାମାନେ ଆକାଶରେ ନାଚି ଉଠିଲେ ।

କଂସର ମୃତ୍ୟୁରେ ସମସ୍ତ ଜନତା ସନ୍ତୋଷ ଲାଭ କଲେ । କୁଳଯୁବତୀ ସ୍ୱଚ୍ଛନ୍ଦ ହୋଇ ବିଚରଣ କରି ପାରିଲେ । ଯୁବକଗଣ ଯଥେଚ୍ଛା କ୍ରୀଡ଼ା କରିପାରିଲେ । ଉଗ୍ରସେନ ରାଜା ହେଲେ ଓ କୃଷ୍ଣ ନିଜ ମା-ବାପାଙ୍କୁ କରାଗାରୁ ମୁକ୍ତ କଲେ । କୃଷ୍ଣଙ୍କ ବାଳଲୀଳା ବର୍ଣ୍ଣନା ମଧ ରହିଛି ।

ଭାଷା ସମ୍ବନ୍ଧରେ ଡ଼କ୍ଟର ଏ.ଏନ୍. ଉପାଧାୟଙ୍କ ବିଚାର ଦ୍ରଷ୍ଟବ୍ୟ ମଧବର୍ତ୍ତୀ ଅଳ୍ପପ୍ରାଣ, କ, ଗ, ଇତ୍ୟାଦିର ଲୋପ । ମହାପ୍ରାଣ - ଖ -, - ଫ - >-ହ - ହୁଏ । ପର୍ବକାଳିକ କ୍ରିୟା ଯୂପ - ଉଣ ପ୍ରତ୍ୟୟାନ୍ତ, କାରକ - ସପ୍ତମୀ ଏକବଚନ ମ୍ମି ଇତ୍ୟାଦି ମହାରାଷ୍ଟ୍ରୀର ଲକ୍ଷଣ । ମାଗଧୀର ଦୃଷ୍ଟାନ୍ତ - ଅହକେ ଏବଂର ସ୍ଥାନରେ କ୍ୱଚିତ୍ କ : କାଲଣ < କାରଣ, ମୁହଲ < ମୁଖର । ବହୁ ଶବ୍ଦର ମଧବର୍ତ୍ତୀ - ତ- ଲୋପ ନହୋଇ > -- ହ ହୁଏ : ଅଦିହ < ଅତିଥି : ତଦୋ < ତତଃ, ବାମଦା < ବାତା ଇତ୍ୟାଦି । ଲମ୍ବଦୋ, କରାଦେ, ସୂରାଦୋରେ ପ□ମୀ ବିଭକ୍ତିରେ - ଜୋ ପ୍ରତ୍ୟୟ ମିଳେ । ହୋଦୁ, ଅହିଦେଦୁ ରୂପ ମାନଙ୍କରେ - ତୁ > - ଦୁ ମିଳେ । ଏହା ଶୌରସେନୀର ପ୍ରବୃତି୍ । ଏଥିରେ ମହାରାଷ୍ଟ୍ରୀ, ଶୌରସେନୀ ଓ ମାଗଧୀର ପ୍ରୟୋଗ ରହିଛି ।

ଉସାଣିରୁଧ୍

ରାମାପାଣିବାଦଙ୍କ ଏହି କାବ୍ୟଟି କଂସବହୋର ପୂର୍ବରୁ ରଚିତ । କଂସବହୋର ପୌଢ଼ତା ଏଥିରେ ନାହିଁ । ଚାରି ସର୍ଗ ବିସ୍ତୃତ ଏହି କାବ୍ୟ ମଧମ ଧରଣର ପ୍ରେମ କାବ୍ୟ । ଗଣର କନ୍ୟା ଉଷା ଅନିରୁଧ୍‌କୁ ସ୍ୱପ୍ନରେ ଦେଖିଲା । ପ୍ରଚ୍ଛନ୍ନ ରୂପରେ ଉଷା ଘରକୁ ସେ ଅଣାଯାଇ ଦୁହେଁ କ୍ରୀଡ଼ା କରିବାକୁ ଲାଗିଲେ । ଚାକରମାନେ ଏ ଘଟଣା ଜାଣି ରାଜାଙ୍କୁ ଜଣାଇଲେ । ରାଜା ଅନିରୁଧ୍‌କୁ ଧରାଇ ଜେଲ୍‌ରେ ପକାଇ ଦେଲେ । ଉଷା ତାର ବିରହରେ ବିଳାପ କରୁଥାଏ । କୃଷ୍ଣ ଏ ଖବର ପାଇ ନିଜ ନାତିର ଉଧାର ପାଇଁ ବାଣ ସହ ଯୁଧ୍ କରିବାକୁ ବାହାରିଲେ । ବାଣର ସେନା ପରାଜିତ ହେଲେ ଏବଂ ତାର ସହାୟକ ଶିବ କୃଷ୍ଣଙ୍କୁ ସ୍ତୁତି କଲେ । ବାଣ ନିଜ କନ୍ୟା ଉଷାକୁ ଅନିରୁଧ୍ ସହ ବିବାହ କରିଦେଲେ । ଅନ୍ତିମ ସର୍ଗରେ ନଗରର ନାରୀମାନେ ନିଜ ନିଜ କାମ ଛାଡ଼ି ଉଷା ଓ ଅନିରୁଧ୍‌ଙ୍କୁ ଦେଖିବାକୁ ଦୌଡ଼ିଲେ । ଭୁଲରେ କିଏ କଙ୍କଣ ସ୍ଥାନରେ ଅନ୍ୟ ଅଳଙ୍କାର ପିନ୍ଧି ପକାଇଲେ ଓ କିଏ ଶିଥିଳ ନୀବିକୁ ହାତରେ ଧରି ଚାଲୁଛି । ନାନା କ୍ରୀଡ଼ାରେ ରତ ହୋଇ ଉଷା ଓ ଅନିରୁଧ୍ କାଳଯାପନ କଲେ ।

ଏହି ଖଣ୍ଡକାବ୍ୟରେ ସମସ୍ତ ପ୍ରବଧ୍ କାବ୍ୟର ଗୁଣ ରହିଛି । କଥାବସ୍ତୁ ସରସ ହୋଇପାରିଛି । ଉଷା ସ ଅନିରୁଧ୍‌ର ପ୍ରଣୟର ସୁନ୍ଦର ବର୍ଣ୍ଣନ ଅତ୍ୟନ୍ତ ଆକର୍ଷକ ଓ ରୁଚିସମ୍ପନ୍ନ ହୋଇ ପାରୁଛି । ଉପମା, ରୂପକ, ଉତ୍‌ପ୍ରେକ୍ଷାଦି ଆଳଙ୍କାରର ପ୍ରୟୋଗ କାବ୍ୟର ସୌନ୍ଦର୍ଯ୍ୟ ବୃଧି କରିଛି । ବୀର ଓ ଶୃଙ୍ଗାର ରସର ଭବ୍ୟ ଚିତ୍ରଣ ହୋଇପାରୁଛି ।

ମୁକ୍ତିକ କାବ୍ୟ

ଗାହାସତ୍‌ସଇ (ଗାଥାସପ୍ତଶତୀ)

ଏହି ଗ୍ରନ୍ଥଟିରେ ପ୍ରାକୃତର ଶ୍ରେଷ୍ଠତମ କବିମାନଙ୍କର ବଛା ବଛା ପ୍ରାୟ ସାତ ଶହ ଗାଥା ସଂଗୃହୀତ । ଏହା ୧୯୯୩ ଖ୍ରୀ.ରେ ନିର୍ଣ୍ଣୟସଗାର ପ୍ରେସ୍ ବମ୍ବେରୁ ପ୍ରକାଶିତ । ପ୍ରଥମେ ଏହି ଗ୍ରନ୍ଥ ଗାହାକୋଷ ନାମରେ ପରିଚିତ ଥିଲା । ବାଣଭଟ୍ଟଙ୍କ ହର୍ଷ ଚରିତରେ ଏହି ନାମର ଉଲ୍ଲେଖ ରହିଛି । ଉପମା, ରୂପକ ପ୍ରଭୃତି ଅଳଙ୍କାର ଦ୍ୱାରା ମଣ୍ଡିତ ଧ୍ୱନି ଅର୍ଥ-ପ୍ରଧାନ ଏହି ଗାଥାମାନ ମହାରାଷ୍ଟ୍ରୀ ପ୍ରାକୃତରେ ଆର୍ଯ୍ୟାଛନ୍ଦରେ ଲିଖିତ । କିମ୍ବଦନ୍ତୀରୁ ଜଣାଯାଏ ସଂଗ୍ରହ କର୍ତ୍ତା କୋଟିଏ ଗାଥାରୁ ସାତଶହ ଗାଥା ବାଛି ଏଥବରେ ରଖିଛନ୍ତି । ବାଣ, ରୁଦ୍ରଟ, ମମ୍ମଟ, ବାଗ୍‌ଭଟ୍ଟ, ବିଶ୍ୱନାଥ ପ୍ରଭୃତି କାବ୍ୟ ଓ ଆଳଙ୍କାରିକ ଆଚାର୍ଯ୍ୟଗଣ ଏହି କାବ୍ୟକୁ ମୁକ୍ତ କଣ୍ଠରେ ପ୍ରଶଂସା କରିଛନ୍ତି । ପୁନଶ୍ଚ ଏ ସଂପର୍କରେ ଗୋବର୍ଧନାଚାର୍ଯ୍ୟ କହିଛନ୍ତି ଯେ କେବଳ ପ୍ରାକୃତ କାବ୍ୟରେ ହିଁ ଏତାଦୃଶ ସରସତା ମିଳେ, ସଂସ୍କୃତିରେ ଏହା ମିଳେ ନାହିଁ । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ ଏହିପରି ଉତ୍କୃଷ୍ଟ ଭାବପୂର୍ଣ୍ଣ କାବ୍ୟ ପ୍ରାକୃତରେ ରଚିତ ହୋଇଥିବା ଦେଖି କୌତୁହଳ ଜାତ ହୁଏ । ଏହି ଗ୍ରନ୍ଥର ଅନୁକରଣରେ ସଂସ୍କୃତରେ ଆର୍ଯ୍ୟାସପ୍ତଶତୀ ରଚିତ । ହର୍ଷ ଚରିତରେ ବାଣ ଲେଖିଛନ୍ତି -

ଅବିନାଶନମଗ୍ରାମ୍ୟମକରୋତ୍ ସାତବାହନଃ ।

ବିଶୁଧ୍‌ଜାତିଭିଃ କୋଷ ରତ୍ନୈରିବ ସୁଭାଷିତୈଃ ।।

ଏହି କାବ୍ୟର ପ୍ରତ୍ୟେକ ଗାଥା ସ୍ୱତନ୍ତ୍ର । ଏଥିରେ ଲୋକ ଜୀବନର ବିବିଧ ପଟଳର ଜୀବନ୍ତ ଅଭିବ୍ୟକ୍ତି ହୋଇଛି । ଗାଥା ମାନଙ୍କରେ ବର୍ଣ୍ଣିତ ଦୃଶ୍ୟ ଗ୍ରାମ୍ୟଜୀବନରୁ ନିଆଯାଇଛି । ଗ୍ରାମବାସୀମାନେ ନଗରର ବିଳସ ବ୍ୟସନରୁ ଦୁରରେ ଥିଲେ ସୁଧ୍‌ ସେମାନଙ୍କ ହୃଦୟରେ ପ୍ରେମ, ଦୟା, ସହୃଦୟତା, ଏକ ନିଷ୍ଠତା ପ୍ରଭୃତିର ଆଧିକ୍ୟ ଦୃଷ୍ଟ ହୁଏ । ତତ୍‌କାଳୀନ ସାମାଜିକ ପ୍ରଥାଗୁଡ଼ିକର ସୁନ୍ଦର ଚିତ୍ରଣ ମଧ ମିଳେ । ଶୃଗାରିକ ବର୍ଣ୍ଣନରେ ସଂଯୋଗ ପକ୍ଷରେ ଆଲମ୍ବନ ନାୟକ-ନାୟିକା, ସଖି, ଦୂତୀ, ଷଟ୍‌ଋତୁ ଓ ଅନୁଭାବ, ସାତ୍ୱିକଭାବ, ନାୟିକାମାନଙ୍କ ସ୍ୱଭାବଜ ଅଳଙ୍ଗାର ଇତ୍ୟାଦିର ମନୋହର ବର୍ଣ୍ଣନା ରହିଚି । ବିୟୋଗ ପକ୍ଷରେ ପୂର୍ବରାଗ, ମାନ, ପ୍ରବାସର ସାଧନ, ଗୁଣଶ୍ରବଣ, ଚିତ୍ର ଦର୍ଶନ, ମାନମୋଚନର ଅନେକ ଉପାୟ ଏବଂ ବିୟୋଗଜନିତ କାମଦଶାଦିରେ ବର୍ଣ୍ଣନ ବର୍ଣ୍ଣିତ । ନଖଶିଖ ବର୍ଣ୍ଣନରେ କେବଳ ପରମ୍ପରା ଭୁକ୍ତ ଉପମାନଗୁଡ଼ିକର ପ୍ରୟୋଗ କରାନଯାଇ (ସେଥିରେ) ନିରୂପଣ ଦ୍ୱାରା ରସିଲିପ୍‌ସୁ ଚେତନାର ଏତାଦୃଶ ଅସନ୍ଦିଗ୍‌ଧ ନିରୂପଣ କରାଯାଇଛି ଯେ ଯେଉଁଥିରେ ପ୍ରେମ ବିହ୍ୱଳତା, ଲାଳସା, ଅତୃପ୍ତି, ସମ୍ମିଳନ, ସୁଖ ଜନିତ ଆମ ବିସ୍ମୃତିର ମର୍ମସ୍ପର୍ଶୀ ଚିତ୍ର ଅଙ୍କିତ ରହିଛି । ଶୃଙ୍ଗାର ରସର ଅଭିବ୍ୟକ୍ତି କୌଣସି ନିର୍ଧିଷ୍ଟ ପ୍ରକାରର ନାୟକ ନାୟିକାକୁ ଲକ୍ଷ୍ୟ କରି କରାଯାଏ ନାହିଁ । ବରଂ ସାଧାରଣ ନାୟକ ନାୟିକାମାନଙ୍କର ମାନସିକ ଅବସ୍ଥାର ଚିତ୍ରଣ କରାଯାଇଛି ।

ପ୍ରତ୍ୟେକ ଗାଥାରେ କୌଣସି ନା କୌଣସି ଚମତ୍କାରିତାର ମାଧୁର୍ଯ୍ୟ ଦେଖିବାକୁ ମିଳିବା ସଂଗେ ସଂଗେ ବ୍ୟାଙ୍ଗାତ୍ମକ ଶୈଳୀର ରମଣୀୟ ଛଟା ପରିଲିକ୍ଷିତ ହୁଏ । ଅଳଙ୍କାର ସଂଯୋଜନା ଦ୍ୱାରା କବି ଭାବରାଜିକୁ ଉଦାତ୍‌ କରି ପାରିଛନ୍ତି । ମରକତସୁଚି ଦ୍ୱାରା ଗ୍ରନ୍ଥାଯିବା ମୋତି ପରି, ତୃଣର ଶୀର୍ଷ ଦେଶରେ ଶୋଭା ପାଉଥିବା ଶିଶିରକୁ ମୃଗମାନେ ଚାଟୁଥିଲେ । କେଉଁଠାରେ କଳା ମେଘର ପ୍ରାଣଭଳି ବିଜୁଳୀ ଧୁ ଧୁ କଂପି ଉଠୁଥିଲା । ପୁନଶ୍ଚ କେଉଁଠାରେ କୁମୁଦ ଦଳ ଉପରେ ନିଶ୍ଚଳ ହୋଇଯାଇ ବସିଥିବା ଭ୍ରମରମାନେ ଅନ୍ଧକାର ଗ୍ରନ୍ଥିଭଳି ଜଣା ପଡୁଥିଲେ ।

ଚମତ୍କାର ପୂର୍ଣ୍ଣ ସୁକ୍ତିର ବହୁଳତା ଏଥିରେ ଦେଖିବାକୁ ମିଳେ । ପୁନଶ୍ଚ ଗ୍ରାମ୍ୟ ଜୀବନର ସଜୀବ ଚିତ୍ରଣରେ ଗ୍ରାମ୍ୟ ଦାରିଦ୍ର୍ୟର ଚିତ୍ରଣ ଅତ୍ୟନ୍ତ ହୃଦୟସ୍ପର୍ଶୀ । ଯଥା :

ଦୁଗ୍‌ଗଅ-କୁଟୁମ୍ବଅଟ୍‌ଠୀ କହଂଶୁ ମଏଁ ଧୋଇଏଣ ସୋଢ଼ବ୍‌ବା
ଦସିଓସରନ୍ତ ସଲିଲେଣ ଉଅହ ଉଣ୍ଣଂ ବ ପଏଡ଼ଣ ।।

(ପ୍ରଥମ ଅଷ୍ଟାଦଶ ପଦ)

ଏଥିରେ କୃଷକମାନଙ୍କର ଦୈନନ୍ଦିନ ଜୀବନର ଘଟଣା ଅଘଟଣା ଉପରେ ସନ୍ନିବେଶିତ ଗୁଡ଼ିଏ ଚିତ୍ର ରହିଛି । ବିଭିନ୍ନ ଋତୁରେ କୃଷକଙ୍କର କାର୍ଯ୍ୟ ବର୍ଣ୍ଣନ ସାଙ୍ଗକୁ ତାର ଅନୁଭୂତି

ମଧ ସ୍ପଷ୍ଟ ଭାବେ ବ୍ୟକ୍ତ । ଶରତ୍ କାଳରେ ପ୍ରଚୁର ଶାଳି ଧାନ ଆଦାୟ ପରେ ଚାଷର ମନରେ ଯେଉଁ ପ୍ରକାର ଆନନ୍ଦ ଦେଖାଯାଏ ତାହା ନିମ୍ନୋକ୍ତ ପ୍ରକାରେ -

"ଣିପ୍ପଣ୍ଣ-ସସ୍ସ-ରିଦ୍ଧୀ ପଛନ୍ଦଂ ଚାଇ ପାମରୋ ସରଏ ।
ଦଲିଅ-ଣତ୍-ସାଲି ତଣ୍ଡୁଲ-ଧବଲ-ମିଅଙ୍କାସୁ ରାଈସୁ" ।

(ସପ୍ତମ ୮୯ ପଦ)

ଏତଦ୍ ବ୍ୟତୀତ ମଧାହ୍ନ ସମୟରେ କର୍ମରତ କୃଷକ ବିଲରେ ଭୋଜ କରିବା ବିଷୟରେ ବର୍ଣ୍ଣନା ରହିଛି ।

ଣବ-କମ୍ମି ଏଣ ହଅ-ପାରେଣ ଦଟ୍ଠୂଣ ପାଉ-ହାରୀଓ ।
ମୋତ୍କ୍ ବେ କୋତ୍ଅ ପଗ ଗହମ୍ମି ଅବହାସିଣୀ ମୁକ୍କା ।।

(କୃଷକତା ପତ୍ନୀ ଦ୍ୱାରା ଆନୀତ ଭୋଜନାଦି ସନ୍ଦର୍ଶନରେ ହଳକର୍ମରେ ନିଯୁକ୍ତ ବଳଦମାନଭ୍କ ନାକ-ଦଉଡ଼ିକୁ ଯାଆଳିରୁ ଖୋଲି ଦିଅନ୍ତି) ।

(ସପ୍ତମ ଶତକ-୯୨ ପଦ)

ପୁନଶ୍ଚ ଏଥିରେ ପ୍ରେମ ଏବଂ କରୁଣ ଭାବର ସମ୍ମିଳିତ ଚିତ୍ରଣ ଦେଖିବାକୁ ମିଳେ । ଗୋପାଳ ଓ ଗୋପାଳୁଣୀମାନଙ୍କର ପ୍ରେମ ଗୀତି, ପଲ୍ଲୀ ବଧୂମାନଙ୍କର ଶୃଙ୍ଗାରିକ ଭାବ, ଏବଂ ଚକି ପେଷି ଯିବା ସମୟରେ ସୁନ୍ଦରୀ ଯୁବତୀମାନଙ୍କର ବିଭିନ୍ନ ପ୍ରକାର ଅଙ୍ଗମୁଦ୍ରା, ଚାରା ଗଛମୂଳେ ପାଣି ଦେଉଥିବା ସୁନ୍ଦରୀଙ୍କର ରୂପଶ୍ରୀ ଓ ତନୁଶ୍ରୀ, ଏବଂ ଋତୁ ବର୍ଣ୍ଣନାର ସମାବେଶ ଅତ୍ୟନ୍ତ ସୁନ୍ଦର । ଦୂରରେ ରହୁଥିବା ଅର୍ଥାତ୍ ବାଣିଜ୍ୟ ଉଦ୍ଦେଶ୍ୟରେ ପତି ପତ୍ନୀ ଠାରୁ ବହୁ ଦୂରକୁ ଯାଇଥିବା ସମୟରେ ସେମାନଙ୍କ ମଧରେ ଆଦାନ ପ୍ରଦାନ ପ୍ରେମ ପତ୍ରର ମଧ ଉଲ୍ଲେଖ ମିଳେ :

ବେବିର-ସିଣ୍ଣ-କରଙ୍ଗଲି-ପରିଗ୍ଗହ-କ୍ଖଲିଅ-ଲେହଣୀ ମଗ୍ଗେ ।

ସୋତ୍ଥି ବିବ୍ଅଣ ସମପ୍ପଇ ପିଅସହି ଲେହମ୍ମିଂ କିଂ ଲିହିମୋ ।।

(ତୃତୀୟ ଶତକ : ୪୪ ପଦ)

(ଓ ପ୍ରିୟତମା ! ମୁଁ ମୋ ପ୍ରେମପତ୍ରରେ କଣବା ଲେଖିବି ? ମୁଁ ମୋର ପ୍ରଥମ ଦୁଇଟି ଚିଠି ଶେଷ କରିପାରିବି ନାହିଁ କାରଣ ମୋ ସ୍ୱେଦ ସିକ୍ତ ଓ ଅସ୍ଥିର ଅଂଗୁଳିଗୁଡ଼ିକ ମୋତେ ବାଧା ଦେଉଛନ୍ତି ।

ବାଆଇ କିଂ ଭଣିଜ୍ଜଉକେତ୍ିଅ-ମେତ୍ତଂ ବଲିକ୍ଖଏ ଲେହେ ।
ତୁହ ବିରହେ ଜଂ ଦୁକ୍ଖଂ ତସ୍ସ ତୁମଂ ଚେଅ ରହିଅତ୍ଥୋ ।।

(ଷଷ୍ଠ ଶତକ : ୭୧ ପଦ)

(ଅର୍ଥାତ୍ ବାକ୍ୟାକାରରେ କଣ ବା ବର୍ଣ୍ଣନା କରିବି ? କିମ୍ବା ଆଉ କେତେ ବା ଲେଖିବି ? ତୁମେ ନିଜେ ହିଁ ଜାଣିଥିବ ମୁଁ କେତେ ବା ବ୍ୟଥା ଅନୁଭବ ନକରୁଥିବି ତୁମରି ଅନୁପସ୍ଥିତିରେ ।

ସଂକ୍ଷେପରେ ଗାଥା ସପ୍ତଶତୀର ଗାଥାଗୁଡ଼ିକୁ ନିମ୍ନଲିଖିତ ଭାଗରେ ବିଭକ୍ତ କରାଯାଇପାରେ ।

୧) ନାୟକ-ନାୟିକାଙ୍କ ବିବିଧ ଭାବ ଚିତ୍ରଣ ।
୨) ପ୍ରେମ ପ୍ରସଂଗରେ ସାମୟ୍ କି ରତିନୀତି ଆଦିର ଚିତ୍ରଣ ।
୩) ଗ୍ରାମ୍ୟ ଜୀବନର ମର୍ମସ୍ପର୍ଶୀ ଚିତ୍ରଣ ।
୪) ଋତୁ ବର୍ଣ୍ଣନା ।
୫) ନାରୀ ସୌନ୍ଦର୍ଯ୍ୟର ଅଭିବ୍ୟଂଜନ ।
୬) ଦାମ୍ପତ୍ୟ ଜୀବନର ରୋଚକ କଥା ଭାଷା ।

ଏହି ଗ୍ରନ୍ଥର ସଂଗ୍ରହକର୍ତ୍ତା ହାଲ ସଂସ୍କୃତ ଓ ପ୍ରାକୃତ ସାହିତ୍ୟରେ ଜଣେ ପ୍ରଗାଢ଼ ପଣ୍ଡିତ ଥିଲେ । ହାଳ ସାତବାହନ ବଂଶୀୟ ବୋଲି ହେମଚନ୍ଦ୍ର ସ୍ୱଭାଷା କୋଷରେ ବ୍ୟକ୍ତ କରନ୍ତି (ହାଲଃସ୍ୟାତ୍ ସାତବାହନଃ) । ହାଳ ସାଲହନ ବା ସାତବାହନ କୁଳର ବୋଲି ଦେଶୀନାମମାଳାରେ ଉଲ୍ଲେଖ କରାଯାଇଛି । ସପ୍ତଶତୀର କୌଣସି ଗୋଟିଏ ପାଣ୍ଡୁଲିପିରେ ହାଳଙ୍କୁ କୁନ୍ତଳ ଜନପଦର ଭଗବାନ୍ ବୋଲି କୁହାଯାଇଛି । କୁନ୍ତଳ ବର୍ତ୍ତମାନ ଆନ୍ଧ୍ରପ୍ରଦେଶର ହାଇଦ୍ରାବାଦର ଦକ୍ଷିଣ ପଶ୍ଚିମ ରୂପେ ପରିଚିତ । ଏକଦା ସେଠାରେ ସାତକର୍ଣ୍ଣିର ରାଜା ସାତବାହନ ରାଜୁତି କରୁଥିଲେ । ବାତ୍ସାୟନଙ୍କ କାମସୂତ୍ରରେ କୁହାଯାଇଛି ଯେ ସାତବାହନ କୁନ୍ତଳର ରାଜା ସେ ଆପଣାର ପାଟରାଣୀ ମଳୟବତୀଙ୍କୁ ଛୁରୀକା ସାହାଯ୍ୟରେ ହତ୍ୟା କରିଥିଲେ । ସେ ପ୍ରସଂଗରେ ନିମ୍ନୋକ୍ତ ଉଧୃରଣ ଆବଶ୍ୟକ -

କର୍ତ୍ତର୍ଯ୍ୟା କୁନ୍ତଳଃ ସାତକର୍ଣ୍ଣିଃ ସାତବାହନୋ ।

ମହାଦେବୀମ୍ ମଳୟବତୀମ୍ (ଜଘାନ) ।।

ହାଳ ଆନ୍ଧ୍ରଦେଶୀୟ ରାଜା, ସେ ୫ ବର୍ଷ ନିମିତ୍ ରାଜୁତି କରୁଥିଲେ । ଏହାଙ୍କ ବିଷୟରେ ବାୟୁ, ମତ୍ସ୍ୟ, ବ୍ରହ୍ମାଣ୍ଡ ପୁରାଣରେ ବର୍ଣ୍ଣନା ରହିଛି । ଏହି ଗାଥା ସପ୍ତଶତୀର ମାତ୍ର ୪୪ଟି ଗାଥା ହାଳଙ୍କ ଦ୍ୱାରା ରଚିତ । ଏଥିରେ ଆନ୍ଧ୍ର ଓ ମହାରାଷ୍ଟ୍ରର ଐତିହାସିକ ଓ ସାଂସ୍କୃତିକ ଘଟଣାବଳୀ ସନ୍ନିବିଷ୍ଟ । ତେଣୁ ନିଃସନ୍ଦେହରେ କୁହାଯାଇପାରେ ଯେ ସେ ଦାକ୍ଷିଣାତ୍ୟର ଲୋକ । ଐତିହାସିକମାନଙ୍କ ମତରେ ହାଳ ହେଉଛନ୍ତି ସପ୍ତଦଶ ରାଜା ଯେ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ ରାଜତ୍ୱ କରୁଥିଲେ ।

ପ୍ରଥମରୁ କୁହାଯାଇଛି ଯେ ଗାଥା ସପ୍ତଶତୀ ଏକ ସଂଗ୍ରହ ଗ୍ରଂଥ ମାତ୍ର । ହାଳଙ୍କ ବ୍ୟତୀତ ୨୬୧ ଜଣ କବିଙ୍କ ଗାଥା ଏଥବରେ ସନ୍ନିବିଷ୍ଟ । ଏହି ୨୬୧ ଜଣଙ୍କ ମଧରେ ପ୍ରାୟ ଛ' ସାତ ଜଣ ନାରୀ କବି ମଧ ଅଛନ୍ତି । ସପ୍ତ ସହସ୍ର ଗାଥା ବିଶିଷ୍ଟ ଏ ଗ୍ରଂଥର ସମୁଦାୟ ୩୯୮ ଗାଥାର ଲେଖକ ତଥା କବିଙ୍କ ନାମ ଅଦ୍ୟାବଧି ଜଣାପଡ଼ିଛି । ଷଷ୍ଠ ଶତକର କୌଣସି ଲେଖକଙ୍କ ନାମ ଜଣା ପଡ଼ିନଥିବା ବେଳେ ସପ୍ତମ ଶତକର କେବଳ ଦୁଇ ତିନୋଟି ଗାଥାର ଲେଖକଙ୍କ ନାମ ଜଣାପଡ଼ିଛି ।

ବଜ୍ଜାଲଗ୍‌ଗଂ

ଏହା ଏକ ସୁନ୍ଦର ମୁକ୍ତକ କାବ୍ୟ ସଂଗ୍ରହ । ବହୁ ପ୍ରାକୃତ କବିଙ୍କର ସୁଭାଷିତ ଗାଥା ଏଥିରେ ସଂଗୃହତି । ଏହି ଗ୍ରନ୍ଥରେ ୭୯୫ ଗାଥା ରହିଛି । ଏହା ପ୍ରଫେସର ଜୁଲିୟସ ଲେଓ୍ୱର ଦ୍ୱାରା ସଂପାଦିତ ଓ ୧୯୯୪ ରେ କଲିକତା ଏସିଆଟିକ୍ ସୋସାଇଟି ଅଫ୍ ବେଙ୍ଗାଲ ଦ୍ୱାରା ପ୍ରକାଶିତ ।

"ବଜ୍ଜା' ଶବ୍ଦ ଦେଶୀ ଏବଂ ଏହାର ଅର୍ଥ ହେଉଛି । ଅଧିକାର ବା ପ୍ରସ୍ତାବ । ଏକ ବିଷୟରେ ସମ୍ବନ୍ଧିତ ସମସ୍ତ ଗାଥା ଏକ ବଜ୍ଜାନ୍ତର୍ଗତ । ଏହି ଗ୍ରନ୍ଥର ବର୍ଣ୍ଣିତ ବିଷୟ ହେଲା - ଶ୍ରୋତୃ, ଗାଥା, କାବ୍ୟ, ସଜ୍ଜନ, ଦୁର୍ଜନ, ମିତ୍ର, ସ୍ନେହ, ନୀତି, ଧୀର, ସାହସ, ଦୈବ, ବିଧି, ଦୀନ, ଦାରିଦ୍ର୍ୟ, ପ୍ରଭୁ, ସେବକ, ସୁଭଟ, ଧବଲ, ବିନ୍ଧ୍ୟ, ଗଜ, ସିଂହ, ହରୀଣ , କରଭ, ମାଲତୀ, ଭ୍ରମର, ସୁରତରୁ, ହଂସ, ଚନ୍ଦ୍ର, ବିଦଗ୍ଧଜନ, ୫ମ, ନୟନ, ସ୍ତନଲାବଣ୍ୟ, ସୁରତ, ପ୍ରେମ, ମାନ, ପ୍ରବସିତ, ବିରହ, ଅନଙ୍ଗ, ଶୁରଷୋଲ୍ଲାସ, ପ୍ରିୟାନୁରାଗ, ଦୂତୀ, ବିରହପୀଡ଼ିତା, ପ୍ରବାସିତ, ଧନ୍ୟ, ହୃଦୟସଂବରଣା, ସୁଗୃହିଣୀ, ସତୀ, ଅସତୀ, ଜ୍ୟୋତି ଲେଖକ, ଧାର୍ମିକ, ମାନ୍ତ୍ରିକ, ମୁସଲ, ବାଲାସଂବରଣା, କୁଟ୍ଟିଣୀ, ଶିକ୍ଷା, ବେଶ୍ୟା, କୃପଣ, କେନକ, କୃଷ୍ଣ, ରୁଦ୍ର, ପ୍ରହେଳିକା, ଶଶକ, ବସନ୍ତ, ଗ୍ରୀଷ୍ମ, ପ୍ରାବୃଟ୍, ଶରତ, ହେମନ୍ତ, ଶିଶିର, ଜରା, ମହିଳା, ପୂର୍ବକୃତ କର୍ମ, ସ୍ଥାନ, ଗୁଣ, ଗୁଣନିନ୍ଦା, ଗୁଣଶ୍ଳାଘା, ପୁରୁଷନିନ୍ଦା, କମଳ, କମଳନିନ୍ଦା, ହଂସମାନ, ଚକ୍ରବାକ, ଚନ୍ଦନ, ବଟ, ତାଲ, ପଳାଶ, ବଡ଼ବାନଳ, ରତ୍ନାକର, ସମୁଦ୍ରନିଳା, ସୁବର୍ଣ୍ଣ, ଆଦିତ୍ୟ, ଦୀପକ, ପ୍ରିୟୋଲ୍ଲାସ ଏବଂ ବସ୍ତ୍ର ବ୍ୟବସାୟୀ ।

ଆରମ୍ଭରେ ପ୍ରାକୃତ କାବ୍ୟକୁ ଅମୃତ କୁହାଯାଇଛି - ଯେ ଏହାକୁ ପଢ଼ିବାକୁ ଓ ଶୁଣିବାକୁ ନାଚାହାନ୍ତି ସେମାନେ କାମ ଚର୍ଚ୍ଚା କରି ଲଜ୍ଜା ପାଇଲା ପରି ହୁଏ ।

ଲଲିଏ ମହୁରକ୍‌ଖରଏ ଜୁବଲୟଣ ବଲ୍ଲହେ ସସଂଗାରେ ।

ସନ୍ତେ ପାଇଅ କବ୍‌ବେକୋ ସକ୍‌କଇ ସକ୍‌କୟଂ ପଡିଉଂ ।।

ଅର୍ଥାତ୍ ଲିଳିତ, ମଧୁର ଅକ୍ଷରରଯୁକ, ଯୁବତୀଜନ ପ୍ରିୟ, ଶୃଙ୍ଗାରଯୁକ୍ତ, ପ୍ରାକୃତ କାବ୍ୟ ଥାଉ ଥାଉ ସଂସ୍କୃତକୁ କିଏ ପଢ଼ିବା ।

ଏହି ଗ୍ରନ୍ଥରେ ଜୀବନର ପ୍ରତ୍ୟେର ଅନୁଭୂତି ସମ୍ବନ୍ଧରେ ବର୍ଣ୍ଣନା ରହିଛି । ଏହାର ଗାଥାମାନ କେବଳ ଶୃଙ୍ଗାର ବର୍ଣ୍ଣନାରେ ସୀମିତ ନହୋଇ ମାନବତାର ସତ୍ୟ ସନ୍ଦେଶ ଦେଇଛି । ଏଥିରେ ଲୋକମଙ୍ଗଳର ପ୍ରେରଣା ପୂର୍ଣ୍ଣମାତ୍ରାରେ ଅନୂଭୂତି । ନୀତି ସମ୍ବନ୍ଧରେ :

ଅପ୍‌ପହିୟଂ କାୟଚ୍‌ବଂ ଜଇ ସକ୍‌କଇ ପରିହିୟଂ ଚ କାୟବ୍‌ଚଂ

ଅପ୍‌ପହିୟ୍ ପରହିୟାଣଂ ଅପ୍‌ପହିୟଂ ଚବ କାୟବ୍‌ବଂ ।।

ଅର୍ଥାତ୍, ପ୍ରଥମେ ଆପଣାର ହିତ କରିବା ଉଚିତ୍, ଯଦି ସମ୍ଭବ ହୁଏ ଅନ୍ୟର ହିତ କରିବା ଦରକାର । ଆପଣା ଓ ପରରହିତ ମଧରେ ଆପଣା ହିତ ପ୍ରଧାନ ।

ସଜ୍ଜଣବଜ୍ଜା : କବି ଆଶ୍ଚର୍ଯ୍ୟ ହୋଇ କହିଛନ୍ତି ଯେ ସମୁଦ୍ର ମନ୍ଥନ ଦ୍ୱାରା ଚନ୍ଦ୍ରମା କଳ୍ପବୃକ୍ଷ ଏବଂ ଲକ୍ଷ୍ମୀ ଜାତ ହେଲେ । କିନ୍ତୁ ଏମାନଙ୍କ ଠାରୁ ଅଧିକ ସମ୍ପନ୍ନ ବ୍ୟକ୍ତି ସଜ୍ଜଣଙ୍କ ଉତ୍ପତି୍ କେଉଁଠି ହେଲା ଏହା କହିବା ସମ୍ଭବ ନୁହେଁ । ସଜ୍ଜନର ସ୍ୱଭାବ ଶୁଧ୍‌ପୁତ । ଦୁର୍ଜନ ସଜ୍ଜନର ସ୍ୱଭାବକୁ ମଳିନ କରିବାକୁ ଚାହିଁଲେ ବି ତାହା କାର୍ଯ୍ୟକାରୀ ହୁଏନି ବରଂ ଅଧିକ ତେଜପୂର୍ଣ୍ଣ ହୋଇଥାଏ । ସଜ୍ଜନ କ୍ରୋଧାନ୍ୱିତ ହେଲେ ବି ପାପ କଥା ଚିନ୍ତା କରେନି । ପାପ କଥା ଯଦି କେତେବେଳେ ଚିନ୍ତା କରେ ସୁଖରେ ତାହା ଉଚ୍ଚାରଣ କରି ବ୍ୟକ୍ତି କରେନି ଏବଂ ବ୍ୟକ୍ତ କଲେ ଲଜ୍ଜିତ ହୁଏ । ଚନ୍ଦ୍ରମା ରାହୁ ଦ୍ୱାରା ଗ୍ରାସିତ ହେଲେ ବି ଯେପରି ସୁଧା ବୃଷ୍ଟି କରିଥାଏ ସେହିପରି ଅନ୍ୟମାନଙ୍କ ଦ୍ୱାରା ପୀଡ଼ିତ ହେଲେ ବି ସଜ୍ଜନ ଅନ୍ୟମାନଙ୍କୁ ସୁଖ ଦେଇଥାଏ । ସଜ୍ଜନ କାହାରିକୁ ଅଗା କରେନି କିମ୍ବା ଆତ୍ମଶ୍ଳାଘା ମନେ କରେନି । ସଜ୍ଜନ ଅପ୍ରିୟର ଉପକାର କରେ । ଏହା ତାର ସ୍ୱଭାବ । ସଜ୍ଜନର କ୍ରୋଧ ବିଜୁଳିର ଚମକ ପରି ଅସ୍ଥିତର ଓ ମିତ୍ରତା ପଥରରେ ଗାର ପରି । ଦୀନ ଜନଙ୍କ ଉଧ୍‌ାର, ଶରଣ, ରକ୍ଷଣ ଏବଂ ଅପରାଧୀର ଅପରାଧ କ୍ଷମା କରିବା ବେଳେ ସଜ୍ଜନ ବ୍ୟକ୍ତି ହିଁ ଜାଣେ । ଦୁଇ ଜଣ ଏହି ପୃଥ୍ୱୀକୁ ଧାରଣ କରିଛନ୍ତି କିମ୍ବା ସେହି ଦୁଇଜଣ ପୃଥ୍ୱୀକୁ ଧାରଣ କରିବାକୁ ଯୋଗ୍ୟ ଅଟନ୍ତି । ପ୍ରଥମ ବ୍ୟକ୍ତି ଜଣକ ହେଲେ ଯାହାର ବୁଧି୍ ଉପକାର କରିବାକୁ ପ୍ରବୃତ୍ ଏବଂ ଦ୍ୱିତୀୟ ଜଣକ ହେଲେ ଯେ ଅନ୍ୟ ଦ୍ୱାର କୃତ ଉପକାରକୁ ମନେରଖେ । ଦୁଃଖେ ବା ବିପତି୍ ବେଳେ ସଜ୍ଜନ ବଦଳେନି, ପାଷାଣ ଲେଖା ପରି ସେ ଅଟଳ ରହେ । ପ୍ରଳୟ କାଳରେ ପର୍ବତ ବିଚଳିତ ହୁଏ, ସମୁଦ୍ର ମଧ ସ୍ୱୀୟ ମର୍ଯ୍ୟଦା ଲଂଘନ କରିପକାଏ । କିନ୍ତୁ ସଜ୍ଜନ ସେହି ସମୟରେମଧ ସ୍ୱୀକୃତ ପ୍ରତିଜ୍ଞାକୁ ଛାଡ଼େ । ଚନ୍ଦନ ବୃକ୍ଷପରି ଫଳ ରହିତ ହେଲେ ବି ସଜ୍ଜନ ନିଜ ଶରୀର (ଦାନ କରି) ଦ୍ୱାରା ପରୋପକାର କରିଥାଏ । ସଜ୍ଜନ ସ୍ୱଭାବର ଏତାଦୃଶ ବର୍ଣ୍ଣନା ସଂସ୍କୃତ ସାହିତ୍ୟରେ ବି ବିରଳ ।

ଧୀର ପୁରୁଷ ସମ୍ବନ୍ଧରେ କବିଙ୍କ ଉକ୍ତି ଦ୍ରଷ୍ଟବ୍ୟ ହେ ମାନିନି ! ଏହି ଭୂମଣ୍ଡଳରେ ଅଭିମାନୀ ପୁରୁଷଙ୍କ ପାଇଁ କେବଳ ଦୁଇଟି ପନ୍ଥା ରହିଛି - ହୁଏତ ସେମାନେ ଶ୍ରୀପ୍ରାପ୍ତ କରନ୍ତି ଅଥବା ଭ୍ରମଣ କରି କରି ଶେଷ ହୋଇଯାଆନ୍ତି ।

ଆଦର୍ଶ ଗୃହିଣୀର ହୃଦୟସ୍ପର୍ଶୀ ଚିତ୍ରଣ ସୁଘରିଣୀ ବଜ୍ଜାରେ ଦ୍ରଷ୍ଟବ୍ୟ । ଭାରତୀୟ ନାରୀର ସନାତନ ଆଦର୍ଶ ରହିଛି । ସେ ଦେବୀ ପରି ପୂଜନୀୟା ବୋଲି ଧରାଯାଇଛି । ଏହିବ ବଜ୍ଜାରେ ତାର ପ୍ରକୃତ ରୂପ ପ୍ରତିଫଳିତ ।

ଦାରିଦ୍ଦିୟ ତୁଜ୍ଝ ନମୋ ଜସ୍ସ ପସାଏଣ ଏରିସୋରିଧି

ପେଚ୍ଛାମି ସୟଲଲୋଏ ତେ ମହାଲୋୟା ନପେଚ୍ଛନ୍ତି ।।

ଅର୍ଥାତ୍, ହେ ଦରିଦ୍ରତା ତୋତେ ନମସ୍କାର କରୁଛି, ତୋର କୃପାର ମୋତେ ଏହି ଋଦ୍ଧି ମିଳିଛି ଯେ ମୁଁ ସଭିଙ୍କୁ ଦେଖି ପାରୁଛି ଓ ମୋତେ କେହି ହେଲେ ଦେଖିପାରୁନାହାନ୍ତି ।

ପରବର୍ତ୍ତୀ ଯୁଗର କାବ୍ୟରେ ବଜ୍ଜାଲଗ୍ଗର ପ୍ରଭାବ ଦେଖାଯାଏ ।

ପ୍ରାକୃତ ଚରିତ କାବ୍ୟ

ପଉମ ଚରିୟ (ପଦ୍ମ ଚରିତ)

ଏହି ଗ୍ରନ୍ଥରେ ରାମଚରିତ ବର୍ଣ୍ଣିତ । ପଦ୍ମ ରାମଙ୍କ ଅନ୍ୟ ନାମ । ଏହାର ଆଧାର ବାଲ୍ମିକୀ ରାମାୟଣ ହେ କେତେକ ସ୍ଥଳରେ ଭିନ୍ନତା ଦ୍ରଷ୍ଟବ୍ୟ । ଦଶରଥଙ୍କ ଚାରି ରାଣୀ ହେଉଛନ୍ତି କୌଶଲ୍ୟା ଅଥବା ଅପରାଜିତା, ସୁମିତ୍ରା, କୈକେୟୀ ଓ ସୁପ୍ରଭା । ବନବାସରେ ରାମ ଓ ଲକ୍ଷ୍ମଣ କେତେଥର ବିବାହ କରିଥିଲେ । ରାମ ଗନ୍ଧର୍ବ ରାଜାଙ୍କ ତିନି କନ୍ୟାଙ୍କ ସହ ଓ ଲକ୍ଷ୍ମଣ ବଜ୍ରକର୍ଣ୍ଣଭ୍କ ଆଠ କନ୍ୟାଙ୍କ ସହ ବିବାହ କରିଥିଲେ । ପରେ ପରେ ସୁଗ୍ରୀବଙ୍କ ତେର ଜଣ କନ୍ୟାଙ୍କର ପାଣିଗ୍ରହଣ କରିଥିଲେ । ଲକ୍ଷ୍ମଣ ଲଙ୍କା ନିକର୍ଟୀ ସମୁଦ୍ର ରାଜର କନ୍ୟାର ଓ ଶକ୍ତିଘାତ ସମୟରେ ଚିକିତ୍ସା କରିଥିଲେ । ଅଯୋଧାର ରାଜା ରାମଙ୍କର ଆଠ ଶହ ଓ ଲକ୍ଷ୍ମଣଙ୍କର ତେରଶହ ରାଣୀ ଥିଲେ । ରାବଣର ୬୦୦ ରାଣୀ ଥିଲେ । ସୂପର୍ଣାଖର ନାମ ଚନ୍ଦ୍ରନଖା ଏବଂ ତାର ପତି ଖରଦୂଷଣ। ରାବଣ ଭଗିନୀ ଅନଙ୍ଗକୁସୁମା ସହ ହନୁମାନର ବିବାହ ହୋଇଥିଲା । କଥାର ଶେଷାଂଶ ଜୈନ କଳ୍ପନା ରହିଛି । ସୀତା ଅଗ୍ନି ପରୀକ୍ଷାରେ ସଫଳ ହୋଇ ଜୈନଦୀକ୍ଷା ଗ୍ରହଣ କରିଥିଲେ ଓ ପରେ ସ୍ୱର୍ଗଲାଭ କରିଥିଲେ । ସୀତାଙ୍କ ପୁତ୍ରମାନଙ୍କ ନାମ ଥିଲା ଲବଣ ଓ ଅଙ୍କୁଶ । ଲକ୍ଷ୍ମଣ ମଲାପରେ ନର୍କକୁ ଗଲେ କାରଣ ରାବଣକୁ ସେ ବଧ କରିଥିବେ । ରାମ ଅହିଂସା ବ୍ରତଧାରୀ ଥିଲେ । ସେ ଦୀକ୍ଷା ଗ୍ରହଣ କରିଥିଲେ ଓ ସାଧନା ଦ୍ୱାରା ମୁକ୍ତି ପାଇଲେ ।

ଏହା ପ୍ରାକୃତରେ ସର୍ବପ୍ରଥମ ଚରିତ୍ର ମହାକାବ୍ୟ । ବିଦ୍ୟାଧର ଲୋକ, ରାକ୍ଷସ ଲୋକ,

ବାନର କଥାଦିର ବର୍ଣ୍ଣନା ମିଳେ । ନଗର, ନଦୀ, ପୁଷ୍କରିଣୀର ବର୍ଣ୍ଣନା ସ୍ଥାନେ ସ୍ଥାନେ ରହିଛି ।

ଭାଷା : ମହାରାଷ୍ଟ୍ରୀ ପ୍ରାକୃତ ସହ ସଂସ୍କୃତ ଓ ଅପଭ୍ରଂଶର ରୂପ ମିଳେ । ଏହାର ଭାଷା ସରଳ, ଓଜ ପୂର୍ଣ୍ଣ ଓ ପ୍ରବାହମୟୀ । ଏହା ମହାକାବ୍ୟ ଶୈଳୀରେ ଲିଖିତ । ଗାଥାଛନ୍ଦ ବହୁମାତ୍ରାରେ ବ୍ୟବହୃତ । ଛନ୍ଦ, ଅଳଙ୍କାର, ସେ ପ୍ରତ୍ୟେକ ଦୃଷ୍ଟିରୁ କାବ୍ୟର ଯଥେଷ୍ଟ ମହତ୍ୱ ରହିଛି । ଏହି କାବ୍ୟର ରଚୟିତା ବିମଳ ସୁରୀଙ୍କ ଅନୁସରେ ଏହାର ସମୟ ୬୦ ଖ୍ରୀଷ୍ଟାବ୍ଦ ବୋଲି ଜଣାଯାଏ । ଏହି ଗ୍ରନ୍ଥର ଅନୁକରଣରେ ସ୍ୱୟମ୍ଭୁ 'ଉତ୍ମ ଚରିତ୍ର' ଗ୍ରନ୍ଥ ଅପଭ୍ରଂଶରେ ରଚନା କରିଛନ୍ତି ।

ସୁରସୁନ୍ଦରୀ ଚରିୟଂ

ଏହା ଏକ ପ୍ରେମୋପାଖ୍ୟାନ ମହାକାବ୍ୟ । ସାଧୁ ଧନେଶ୍ୱର ୧୦୩୮ ଖ୍ରୀଷ୍ଟାବ୍ଦରେ ଏହି ଗ୍ରନ୍ଥ ରଚନା କରିଥିଲେ । ଏଥିରେ ଷୋହଳ ପରିଚ୍ଛଦ ଓ ପ୍ରତ୍ୟେକ ପରିଚ୍ଛେଦରେ ୨୫୦ ଟି ଲେଖାଏଁ ପଦ୍ୟ ରହିଛି । ଶବ୍ଦାଳାଙ୍କାର ଓ ଉପମାଳାଙ୍କାରାଦିର ସୁନ୍ଦର ପ୍ରୟୋଗ ଏଥିରେ ମିଳେ । ରସ ବିବିଧତା କବିଙ୍କ କଳା କୁଶଳ ତାର ପରିଚୟ ଦିଏ ।

ଧନସେଠ ଏକ ଦିବ୍ୟମଣି ସାହାଯ୍ୟରେ ଚିତ୍ରବେଗ ନାମକ ବିଦ୍ୟାଧରକୁ ନାଗପାଶ ମୁକ୍ତ କଲା । ଦୀର୍ଘକାଳ ବିରହ ପରେ ଚିତ୍ରବେଗର ବିବାହ ପ୍ରିୟତମା ସହ ହେଲା । ସେ ସୁରସୁନ୍ଦରୀ ଓ ନିଜ ପ୍ରେମ ତଥା ବିରହ ମିଳନର କଥା ଶୁଣାଉଛି । ସୁରସୁନ୍ଦରୀର ମକରକେତୁ ସହ ବିବାହ ହୁଏ । ଶେଷରେ ଦୁହେଁ ଦୀକ୍ଷା ଗ୍ରହଣ କରନ୍ତି । ଏହି ଗ୍ରନ୍ତର ଭୀଷଣ ଅଟବୀ, ଭୀଲ ଆକ୍ରମଣ, ବର୍ଷାକାଳ, ବସନ୍ତ ଋତୁ, ମଦନ ମହୋତ୍ସବ, ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ, ପୁତ୍ରଜନ୍ମୋତ୍ସବ, ବିବାହ , ଯୁଧ୍, ବିରହ, ମହିଳାମାନଙ୍କ ସ୍ୱଭାବ, ସମୁଦ୍ର ଯାତ୍ରା ଓ ଜେନ ସାଧୁମାନଙ୍କ ଉପଦେଶ ଦାନ, ଜୈନଧର୍ମ ତତ୍ୱାଦିର ସରସ ବର୍ଣ୍ଣନା ମିଳେ ।

ଯୌବନ ପ୍ରାପ୍ତ ସ୍ତ୍ରୀ ସମ୍ବନ୍ଧରେ କୁହାଯାଇଛି ଯେ - ଯୁବା ବସ୍ଥାକୁ ପ୍ରାପ୍ତ କରି ରହିତ କୁଳୀନ ଘରେ ରହୁଥିବା କନ୍ୟା ଯାହା କିଛି କରୁନା କାହିଁକ ତଦ୍ୱାରା କୁଳରେ କଳଙ୍କ ଲାଗିବ ।

ସ୍ତ୍ରୀ ମାନଙ୍କ ସ୍ୱଭାବ ବର୍ଣ୍ଣନାରେ କୁହାଯାଇଛି ଯେ ଚଳମତି ସ୍ତ୍ରୀମାନଙ୍କ କାପୁରୁଷ ଚାହିଁଥାନ୍ତି । ସଜ୍ଜନ କେବେହେଲେ ତାହା ଚାହାନ୍ତି ନାହିଁ । ନିଜ ମନରେ ସେମାନେ କିଛି ଭାବନ୍ତି ଓ କାହାକୁ ଦେଖନ୍ତି ତଥା ଆଉ କାହା ସହ ସମ୍ବନ୍ଧ ରଖନ୍ତି, ଚଳମତି ଏ ଧରଣର ସ୍ତ୍ରୀମାନଙ୍କୁ କିଏ ବା ପ୍ରିୟ ହୋଇପାରେ ? ଗମ୍ଭୀର ନାମକ ସମୁଦ୍ର ତଟର ସୁନ୍ଦର ବର୍ଣନା ଏହି କାବ୍ୟରେ ରହିଛି । ଉଦ୍ୟାନରେ କ୍ରୀଡ଼ାରତ ସୁରସୁନ୍ଦରୀ ଓ ମନ୍ଦରତେକୁଙ୍କ ବିନୋଦପୂର୍ଣ୍ଣ ପ୍ରଶ୍ନୋତ୍ର ଦ୍ରଷ୍ଟବ୍ୟ - ସବୁ ପ୍ରଶ୍ନର ଉତ୍ର 'ସଫଳ'

୧. ପୂର୍ଣ୍ଣଚନ୍ଦ୍ର କାହାକୁ ଧାରଣ କରେ ? ଶଶ-ହରିଣ ।

୨. କୃଷକ ଖେତରେ କାହାକୁ ଚାହାନ୍ତି ? ଜଳକୁ

୩. ଅନ୍ତ ଗୁରୁ କିଏ ? ସ (ଗଣ)

୪. ସୁଖ କ'ଣ ? ଶାନ୍ତ ବା କଷାୟର ଶମନ ।

୫. ପୁଷ୍ପ ସମୂହ କାହାକୁ ଦେଖି ବିକଶିତ ହୁଅନ୍ତି । ଶଶାଙ୍କ - ଚନ୍ଦ୍ରମା

୬. ପରସ୍ତ୍ରୀ ଜାରପୁରୁଷ ସହ କିପରି ରମଣ କରେ ? ସଂଶଂକ - ଶଙ୍କିତ ହୋଇ ।

ସୁପାସନାହ ଚରିୟଂ (ସୁପାର୍ଶ୍ୱନାଥ ଚରିତଂ)

ଏହି କାବ୍ୟର ରଚୟିତା ଲକ୍ଷ୍ମଣଗଣି । ଏହି କାବ୍ୟର ନାୟକ ସପ୍ତମ ତୀର୍ଥଙ୍କର ସୁପାର୍ଶ୍ୱନାଥ । ଏଥିରେ ପ୍ରାୟ ଆଠ ହଜାର ଗାଥା ରହିଛି । ପୂର୍ବଭବ ଓ ବର୍ତ୍ତମାନ ଜୀବନର ବର୍ଣ୍ଣନ ରହିଛି ।

ପୂର୍ବଭବରେ ସୁପାର୍ଶ୍ୱନାଥଙ୍କ ମନୁଷ୍ୟ ଓ ଦେବଭବମାନଙ୍କର ବିସ୍ତୃତ ବର୍ଣ୍ଣନ ମିଳେ । ମନୁଷ୍ୟ ସମ୍ୟକ୍ ତତ୍ତ୍ୱ ଓ ସଂଯମ ହିଁ ନିର୍ବାଣ ପଥ ଆଡ଼କୁ ଅଗ୍ରସର ହୋଇଥାଏ । ଅନେକ ଜନ୍ମ ସଂଯମ ଓ ଦାଚାର ପାଳନ କରି ସତ୍ ସଂସ୍କାର ଅର୍ଜନ କଲେ ଓ ତୀର୍ଥଙ୍କର ପ୍ରକୃତିର ହୋଇ ସପ୍ତମ ତୀର୍ଥଙ୍କର ହେଲେ । ଦ୍ୱିତୀୟ ପ୍ରସ୍ତାବରେ ତୀର୍ଥଙ୍କରଙ୍କ ଜନ୍ମୋତ୍ସବ ଓ ବିବାହାଦିର ବର୍ଣ୍ଣନା ରହିଛି ।

ତୃତୀୟ ପ୍ରସ୍ତାବରେ ଛଟ୍ଠ, ଅଟ୍ଠମ ଆଦି ତୀବ୍ର ତପର କଥା ରହିଛି । ଏଥିରେ ଧର୍ମତତ୍ତ୍ୱ ପ୍ରାଧାନ୍ୟ ହେତୁ କାବ୍ୟତତ୍ତ୍ୱରେ ସରସତା ନାହିଁ । ବହୁ ଘଟଣା ହେତୁ ବର୍ଣ୍ଣନା ମଧ ସଂକ୍ଷିପ୍ତ ।

ଭାଷାରେ ଅପଭ୍ରଂଶର ପ୍ରଭାବ ରହିଛି ।
ଅଳଙ୍କାରାଦିର ସୁନ୍ଦରି ପ୍ରୟୋଗ ମିଳେ । ଏହି କାବ୍ୟରେ ସାଂସ୍କୃତି ଚିତ୍ରଣ ମଧ ରହିଛି ।

ସିରି ବିଜୟ ଚନ୍ଦ୍ର କେବଲି ଚରିୟଂ

ଖ୍ରିଷ୍ଟୀୟ ୧୦୭୦ ଅବ୍ଦରେ ଶ୍ରୀ ଚନ୍ଦ୍ରପ୍ରଭା ମହତ୍ର ଏହି କାବ୍ୟଟି ରଚନା କରିଥିଲେ । ଏହାର ଉଦ୍ଦେଶ୍ୟ ଜିନ ପୂଜାର ମହାତ୍ମ୍ୟ ପ୍ରକଟ କରିବା । ଅଷ୍ଟ ଦ୍ରବ୍ୟର ପୂଜା କରିବାର ଉଲ୍ଲେଖ ମିଳେ । ଏଥିରେ ଅନେକ କଥା ରହିଛି । ଏହାକୁ ରଚିତ କାବ୍ୟ ଅଥବା କଥା ସଂଗ୍ରହ କୁହାଯାଇପାରେ । ଉଦାହରଣ ସ୍ୱରୂପ -

ଭରତ କ୍ଷେତ୍ରରେ ରତ୍ନପୁର ନଗରୀର ରିପୁମର୍ଦ୍ଦନ ନାମକ ଜଣେ ରାଜା ରାଜତ୍ୱ କରୁଥିଲେ । ଏହାର ଭାର୍ଯ୍ୟାର ନାମ ଅନଙ୍ଗରତି । ଏହି ଦମ୍ପତିର ପୁତ୍ର ବିଜୟ ଚନ୍ଦ୍ର । ସେ ଚନ୍ଦ୍ରମା ପରି ସମସ୍ତଙ୍କ ମନକୁ ପ୍ରସନ୍ନ କରି ପାରୁଥିଲେ । ତାହାର ଦୁଇ ପତ୍ନୀର ଦୁଇ ପୁଅ କୁରୁଚନ୍ଦ୍ର ଓ ହରିଚନ୍ଦ୍ର । ଥରେ ଜଣେ ଆଚାର୍ଯ୍ୟଙ୍କ ଦର୍ଶନାର୍ଥେ ଗଲେ । ଧର୍ମୋପଦେଶ ଶୁଣି ସେ ସଂସାର ପ୍ରତି ବିରକ୍ତ ହୋଇ ପୁତ୍ର ବିଜୟଚନ୍ଦ୍ରଙ୍କୁ ରାଜ୍ୟ ଭାର ଦେଇ ପ୍ରବ୍ରଜିତ ହେଲେ ।

ବିଜୟ ଚନ୍ଦ୍ର କେତେ ସମୟ ପରେ ନିଜ ପୁଅ ଦୁହିଁଙ୍କୁ ଦୁଇଟି ପୁରର ଅଧିକାର ଦେଇ ଦୀକ୍ଷା ଗ୍ରହଣ କଲେ । ବିଜୟ ଚନ୍ଦ୍ର ଘୋର ତପସ୍ୟା କରି ଜ୍ଞାନ ପ୍ରାପ୍ତ କଲେ ।

ବିଜୟ ଚନ୍ଦ୍ର କେବଳୀ ବିହାର କରି ହରିଚନ୍ଦ୍ରଙ୍କ କୁସୁମ ପୁରକୁ ଆସିଲେ । ନଗର ବାହାରେ ସମବଶରଣ ସଭା ହେଲା । ନାଗରିକମାନଙ୍କ ସହ ରାଜା ହରିଚନ୍ଦ୍ର ମଧ କେବଳୀ ବନ୍ଦନା ପାଇଁ ଆସିଲେ । ସେ କେବଳୀଙ୍କ ଆଠ ପ୍ରକାରର ପୂଜାର ମାହାତ୍ମ୍ୟ ପଚାରିଲେ । କେବଳୀ ପ୍ରତ୍ୟେକ ଦ୍ରବ୍ୟ ଦ୍ୱାରା କରାଯାଉଥିବା ପୂଜାର ନିରୂପଣ କଥା ଦ୍ୱାରା କଲେ ।

ମହାବୀର ଚରିୟଂ

ନେମିଚନ୍ଦ୍ର ସୂରୀ ୧୦୮୪ ଖ୍ରୀଷ୍ଟାବ୍ଦରେ ଏହି କାବ୍ୟ ରଚନା କରିଥିଲେ ।

ବଲାହିବପୁର (ବିଦେହ) ନଗରରେ ଜଣେ ଦାନୀ ଦୟାଳୁ ଓ ଧର୍ମାତ୍ମା ଶ୍ରାବକ ରହୁଥିଲେ । ଥରେ ସେ ରାଜାଙ୍କ ଆଜ୍ଞାରେ ଅନେକ ଲୋକଙ୍କ ସହ କାଠ ଆଣିବାକୁ ବନକୁ ଗଲେ । ଭୟଙ୍କର ଜଙ୍ଗଲରେ ସେ କାଠ କାଟିବାକୁ ଲାଗିଲେ । ଭୋଜନ ସମୟରେ ଜଣେ ଆଚାର୍ଯ୍ୟ ଅନେକ ସାଧୁ ସହ ରାସ୍ତା ଭୂଲି ସେଠି ଆସି ପହିଲେ । ମୁନିମାନଙ୍କୁ ଦେଖି ସେ ଭାବିଲେ ଯେ ତାଙ୍କର ବଡ଼ ସୌଭାଗ୍ୟ ହେତୁ ସେ ମହାତ୍ମାମାନଙ୍କର ଦର୍ଶନ ଲାଭ କଲେ । ସେ ମୁନିମାନଙ୍କୁ ଅର୍ଚ୍ଚନା ବନ୍ଦନା କରି ପଚାରିଲେ - ଭଗବାନ୍ । ଆପଣ କେଉଁଠୁ ଆସିଲେ ଓ କେଉଁ ଉଦ୍ଦେଶ୍ୟରେ ଏ ଭୟଙ୍କର ବନ ଦେଶରେ ବିଚରଣ କରୁଛନ୍ତି ? ଧର୍ମଲାଭର ଆଶୀର୍ବାଦ ଦେଇ ଆଚାର୍ଯ୍ୟ କହିଲେ ସେମାନେ ଭିକ୍ଷାଚାର୍ଯ୍ୟ ପାଇଁ ଗାଁ ଗାଁକୁ ଯାଉଥିଲେ ଓ ରାସ୍ତା ଭୁଲି ସେଠାଯାଇ ପହିଲେ । ଆଚାର୍ଯ୍ୟଙ୍କ ବଚନ ଶୁଣି ସେହି ଶ୍ରାବକ ତାଙ୍କୁ ଗ୍ରାମାନ୍ତରରେ ପହାଇ ଦେଲେ । ଆତ୍ମଶୋଧନ ପାଇଁ ସେ ଆଚାର୍ଯ୍ୟଙ୍କ ଠାରୁ ଅହିଂସା ଧର୍ମର ଉପଦେଶ ଗ୍ରହଣ କଲେ । ସେ ଉପଦେଶରେ କହିଲେ ଯେ ଯେଉଁ ବ୍ୟକ୍ତି ଜୀବନର ନୀତି, ଧର୍ମ ଓ ମର୍ଯ୍ୟଦା ପାଳନ କରେ ନାହିଁ, ସେ ପରେ ପଶ୍ଚାତାପ କରେ । ଦାନ, ଶୀଳ, ତପ ଓ ସଦ୍‌ଭାବନା ବ୍ୟକ୍ତିକୁ ବ୍ୟକ୍ତିଗତ ଓ ସାମାଜି ଜୀବନରେ ସମସ୍ତ ପ୍ରକାର ସଫଳତା ପ୍ରଦାନ କରେ । ସେ ଆଚାର୍ଯ୍ୟଙ୍କ ଏହି ଉପଦେଶରେ ପ୍ରଭାବିତ ହୋଇ ଧର୍ମାଚରଣ କଲା । ଫଳରେ ଆୟୁ କ୍ଷୟ କରି ଅଯୋଧା ନଗରୀରେ ଷଟ୍‌ଖଣ୍ଡାଧିପତି ଭାରତ ଚକ୍ରବର୍ତ୍ତୀର ପୁତ୍ର ହୋଇ ଜନ୍ମ ଗ୍ରହଣ କଲେ । ଋଷଭଦେବ ସମବିଶରଣରେ ଭରତ ପଚାରିଲେ ଯେ ତାଙ୍କ ବଂଶରେ କିଏ ତୀର୍ଥଙ୍କର ହେବ ? ଉତ୍‌ରରେ ସେ କହିଲେ - ଇକ୍ଷାକୁ ବଂଶରେ ମାରୀଚ ନୀର୍ଥଙ୍କର ପଦ ପାଇବ । ମାରୀଚ ଅନେକ ମତମତାନ୍ତର ବଦଳାଇ ଶେଷରେ ୨୬ ତମ ତୀର୍ଥଙ୍କର ତଥା ମହାବୀର ହେଲେ ।

ଡ଼କ୍ଟର ନେମିଚନ୍ଦ୍ର ଶାସ୍ତ୍ରୀଙ୍କ ମତ ଅନୁସାରେ ଏଡି ଚରିତ କାବ୍ୟରେ ମନୋରଂଜନର ତତ୍ୱ ଅପେକ୍ଷା ମାନସିକ ତୃପ୍ତିର ସାଧନାମାନ ବିଦ୍ୟମାନ । ଶ୍ରୀବକର ଜୀବନର ପରୋପକାର ଉତ୍‌ଥାନ ଆଣି ଦେଇଛି । ଏଥବରେ ମାର୍ମିକ ବର୍ଣ୍ଣନା ମଧ ରହିଛି । ବର୍ଣ୍ଣନା ସଜୀବ ଓ

ଗତିମୟ । ଭାଷା ସରଳ ଓ ପ୍ରବାହମୟ ।

ପ୍ରାକୃତରେ ଚରିତ କାବ୍ୟ ଆହୁରି ଅନେକ ରହିଛି । ସ୍ଥାନାଭାବରୁ ସେଗୁଡ଼ିକରୁ ନାମ ମାତ୍ର ଉଲ୍ଲେଖ କରି ଏହି ଅଧ୍ୟାୟଟିକୁ ଶେଷ କରାଯାଇଛି । ସୁନ୍ଦଂମଣା ଚରିୟ ରଚୟିତା ଦେବେନ୍ଦ୍ର ସୂରି (ତ୍ରୟୋଦଶ ଶତାବ୍ଦୀ) । କବି ଏଥିରେ ଜୀବନର କେତେଗୁଡ଼ିଏ ତଥ୍ୟ ଉଦ୍‌ଘାଟନ କରିଛନ୍ତି । କୁମାପୁତ୍ ଚରିୟଂ, ରଚୟିତା ଅନନ୍ତ ହଂସ (ଷୋଡ଼ଶ ଶତାବ୍ଦୀ) । ଦାନ, ଶୀଳ, ପତାଦିର ମହତ୍ ବର୍ଣ୍ଣିତ ।

ଗଦ୍ୟ ପଦ୍ୟ ମିଶ୍ରିତ ଚରିତ କାବ୍ୟମାନଙ୍କରେ ଚଉପନ୍ନ ମହାପୁରସି - ଚରିୟଂ ଜମ୍ବୁ ଚରିୟଂ, ରାୟଣଚୂଡ଼ା ଚରିୟଂ, ସରିପାସନାହ ଚରିୟଂ, ମହାବୀର ଚରିୟଂ ଇତ୍ୟାଦି ପ୍ରସିଧ୍ ।

୬

ନାଟ୍ୟସାହିତ୍ୟ

ନାଟ୍ୟସାହିତ୍ୟରେ ପ୍ରଭୂତ ଜ୍ଞାନାର୍ଜନ କରିଥିବା ନାଟ୍ୟ ଶାସ୍ତ୍ରବିତ୍‌ମାନେ ନାଟ୍ୟ ସାହିତ୍ୟରେ ଦଶ ପ୍ରକାର ରୂପକ ଏବଂ ଅଠର ପ୍ରକାରଣ ଉପରୂପକ ବର୍ଣ୍ଣନା କରିଛନ୍ତି ।

ଏଥିରେ ଭାଣ, ଡ଼ିମ, ବାଥୀ, ତ୍ରୋଟକ, ସଟ୍ଟକ, ଗୋଷ୍ଠୀ, ପ୍ରେଙ୍ଖଣ, ରାସକ, ହଲ୍ଲୀଷକ ଏବଂ ଭାଣିକା ଇତ୍ୟାଦି ଲୋକନାଟ୍ୟର ବିଭିନ୍ନ ବିଭାବର ବର୍ଣ୍ଣନା ମଧ ରହିଛି । ଉପରୋକ୍ତ ଶବ୍ଦମାନ ପ୍ରାକୃତର ଅଟନ୍ତି । ପ୍ରହସନର ପ୍ରଚାର ମଧ ଜନସାଦାରଣରେ ଅଧିକ ପରିମାଣରେ ରହିଥିବ । ଭାଣରେ ଧୂର୍ତ୍ତ, କିମ୍ବା ବିଟ, ପ୍ରହସନରେ ପାଷଣ୍ଡୀ, ଚେଟୀ, ବିଟ, ନୀଚପାତ୍ର ଏବଂ ନପୁଂସକ, ଡ଼ିମ୍ବରେ ଗନ୍ଧର୍ବ, ଯକ୍ଷ, ରାକ୍ଷସ ଭୂତ, ପ୍ରେତ, ପିଶାଚ ଏବଂ ଭାଣିକାରେ ମୁର୍ଖପାତ୍ର ହୁଅନ୍ତି । ପ୍ରେଙ୍ଖଣର ନାୟକ ମଧ ହୀନପୁରୁଷ ହୋଇପାରେ । ହଲ୍ଲୀଶରେ ଜଣେ ମାତ୍ର ପୁରୁଷ ଓ ସ୍ତ୍ରୀ ଆଠ ଦଶ ଜଣ ଥାଆନ୍ତି । ରାସକର ଲୋକ ପରମ୍ପରା ଅତି ପ୍ରାଚୀନ । ଏହି ଗୁଡ଼ିକର ଉଦାହରଣ କେବଳ ସଂସ୍କୃତରେ ହିଁ ମିଳେ । ଏହି ଗୁଡ଼ିକରେ ମାତ୍ର ଗୋଟିଏ ଦୁଇଟି ରୂପ ହିଁ ଉପଲବ୍ଧ । ଯେହେତୁ ନାଟକଗୁଡ଼ିକର ଅଭିନୟ ରାଜଦରବାର ମାନଙ୍କରେ ଅଧିକାଂଶ ଦୃଷ୍ଟିରୁ ହେଇଥିଲା । ଏବଂ ସଂସ୍କୃତକୁ ରାଜକୀୟ ଶୁଭ ଦୃଷ୍ଟି ମିଳିଥିଲା । ଏଣୁ ରାଜଦରବାରମାନଙ୍କରେ ସଂସ୍କୃତ ନାଟମାନ ସଂରକ୍ଷିତ ହୋଇପାରିଥିଲା । ପଣ୍ଡିତମାନଙ୍କ ମତ ଯେ ପ୍ରାକୃତରେ ବହୁସଂଖ୍ୟକ ନାଟକ ରଚିତ ହୋଇଥିଲା । ସମ୍ଭବତଃ ଏହି ପ୍ରକାରର ନାଟକ କେତେକାଂଶରେ ସଂସ୍କୃତରେ ରୂପାନ୍ତରିତ ହୋଇଗଲା । ପରେ ପରେ ସେଗୁଡ଼ିକର ସ୍ୱତନ୍ତ୍ର ଅସ୍ତିତ୍ୱ ହିଁ ଅନୁପଯୋଗୀ ହୋଇ ପଡ଼ିଲା । "ମୃଚ୍ଛକଟିକ', ସ୍ତ୍ରୀ ପ୍ରକରଣ', ତ୍ରିପୁରବାହ', 'ଡ଼ିମ', 'ରତ୍ନାବେଲୀ' ଏବଂ "ବିଧିଶାଳ ଭଞ୍ଜିକା' ନାଟିକା "ବିକ୍ତ ଗୋବଂଶୀୟ ତ୍ରୋଟକ, ବୈତ ମଦିନିକା' ଗୋଷ୍ଠି "ବିଲାସବତୀ, ନାଟ୍ୟରସକ, ମେନକ ହିତ ରାସକ ଏବଂ ବିଂଦୁମତୀ ଦୁମିଲିକା' ପ୍ରଥମେ ପ୍ରାକୃତରେ ହିଁ ହୋଇଥିବାର ଅନୁମାନ କରାଯାଏ । ଏବଂ ତତ୍‌ପରେ ସଂସ୍କୃତ ଛାୟାର ବ୍ୟବହାର ବୃଧି ହେତୁ ମିଶ୍ରିତ ଭାଷାରେ ଲେଖାଯାଇଥିବା ବିଚିତ୍ର ମଧ

ନୁହେଁ । ଅନେକ ସମୟରେ ଦେଖାଯାଏ ଯେ ସଂସ୍କୃତ ନାଟକର ପ୍ରାକୃତ ଅଂଶକୁ ନଦେଖି ସଂସ୍କୃତ ଛାୟାକୁ ପାଠ କରି ପାଠକମାନେ କାମ ଚଳାଇ ଦିଅନ୍ତି ।

ଭରତମୁନି ନାଟ୍ୟ ଶାସ୍ତ୍ରରେ ଧୀରୋଦାତ୍ ଏବଂ ଧୀର ପ୍ରଶାନ୍ତ ନାୟକ ରାଜପତ୍ନୀ,ଗଣିକା ଏବଂ ଶ୍ରୋତ୍ରୀୟ ବ୍ରାହ୍ମଣାଦିଙ୍କ ପାଇଁ ସଂସ୍କୃତ ତଥା ଶ୍ରମଣ ତପସ୍ୱୀ, ଭିକ୍ଷୁ, ଚକ୍ରଧର, ତାପସ, ଉନ୍ମତ୍, ବାଳନୀଚ ଗ୍ରହାଦି ଦ୍ୱାରା ପୀଡ଼ିତ ବ୍ୟକ୍ତି, ସ୍ତ୍ରୀ, ନୀଚଜାତି ଏବଂ ନପୁଂସକ ମାନଙ୍କ ପାଇଁ ପ୍ରାକୃତ ବୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଭିନ୍ନ ଭିନ୍ନ ପାତ୍ରଙ୍କ ପାଇଁ ଭିନ୍ନ ଭିନ୍ନ ପ୍ରାକୃତ ଭାଷାମାନଙ୍କର ବ୍ୟବହାରର ଉଲ୍ଲେଖ ମିଳେ । ନାୟିକା ଓ ତାର ସଖୀଗଣ ଶୌରସେନୀ, ବିଦୂଷକାଦି ପ୍ରାଚ୍ୟା (ପୂର୍ବଶୌର), ଧୂର୍ତ୍ତମାନଙ୍କ ଦ୍ୱାରା ଅବନ୍ତିକା (ଅବନ୍ତୀରେ କଥିତ) ଚେଟ, ରାଜପୁତ୍ର ଏବଂ ଶ୍ରେଷ୍ଠିମାନଙ୍କ ଦ୍ୱାରା ଅର୍ଦ୍ଧ ମାଗଧୀ, ରାଜାଙ୍କ ଅନ୍ତଃପୁରରେ ରହୁଥିବା ଲୋକେ ସୁଡ଼ଙ୍ଗ ଖୋଳିବ ଲୋଚକ, ସିଧ୍ ଖୋଳିବା ଲୋକେ ଘୋଡ଼ା ଜଗୁଆଳ ଏବଂ ଆପତ୍ତିଗ୍ରସ୍ତ ନାୟିକାମାନେ ମାଗଧୀ ଇତ୍ୟାଦିର ଉଲ୍ଲେଖ ନାଟ୍ୟଶାସ୍ତ୍ରରେ ମିଳେ ।

ମୃଚ୍ଛକଟିକରେ ବିଦୂଷକ ମୁହଁରେ ଶୁଦ୍ରକ କହିଛନ୍ତି ଯେ ଦୁଇଟି ବିଷୟ ହାସ୍ୟରସ ସୃଷ୍ଟି କରେ । ଯଥା ସ୍ତ୍ରୀର ସଂସ୍କୃତ କହିବା ଏବଂ ପୁରୁଷର ନିମ୍ନସ୍ୱରରେ ଗାଇବା । କେତେକ ସ୍ଥଳରେ ସୁତ୍ରଧାର ସଂସ୍କୃତ କହିବାର ଦେଖାଯାଏ । କିନ୍ତୁ ସ୍ତ୍ରୀମାନଙ୍କୁ ସମ୍ବୋଧନ କଲାବେଳେ ପ୍ରାକୃତର ପ୍ରୟୋଗ କରିଥାଏ । ଏକାଦଶ ଶତାବ୍ଦୀ ପର୍ଯ୍ୟନ୍ତ ରଚିତ ନାଟକମାନଙ୍କରେ ଜନସାଧାରଣଙ୍କ ଭାଷା ପାଇଁ ପ୍ରାକୃତର ପ୍ରୟୋଗ ଖୁବ୍ ସ୍ୱଭାବିକ । କାରଣ ପ୍ରାକତ ଥିଲା ସେକାଳର "ଗଣଭାଷା' ।

ନାଟକରେ ସର୍ବପ୍ରଥମେ ପ୍ରାକୃତରେ ପ୍ରୟୋଗ ଅଶ୍ୱଘୋଷଙ୍କ ନାଟକରେ ମିଳେ (ସମୟ ପ୍ରାୟ ୧୦୦ ଖ୍ରୀଷ୍ଟାବ୍ଦ) । ଏଗୁଡ଼ିକର ମାଗଧୀ ଏବଂ ଶୌରସେନୀର ପ୍ରାଚୀନ ରୂପ ମିଳେ । ଲୁଡ଼ର୍ସଙ୍କ ଅନୁସାରେ ଦୁଷ୍ଟ ମାଗଧୀରେ ଗଣିକା, ବିଦୂଷକ ଶୌରସେନୀରେ ଏବଂ ତାପସ ଅର୍ଦ୍ଧମାଗଧୀରେ ବୋଲୁଛନ୍ତି । ଏହି ପ୍ରାକୃତ ଭାଷାମାନେ ଅଶୋକୀୟ ଶିଳାଲେଖ ପ୍ରାକୃତ ସହ ସାମଞ୍ଜସ୍ୟ ଦର୍ଶାଏ । ଯାହା ପରବର୍ତ୍ତୀ କାଳର ପ୍ରାକୃତ ଭାଷାମାନଙ୍କୁ ବୁଝିବାରେ ଯଥେଷ୍ଟ ସାହାଯ୍ୟ କରିଛି । ସାରୀପୁତ୍ର ପ୍ରକରଣ ଓ ଅନ୍ୟ ଦୁଇଟି ଅପୂର୍ଣ୍ଣ ନାଟକ ମଧ ମିଳିଛି । 'ସାରିପୁତ୍ର ପ୍ରକରଣ' ରେ ଗୌତମ ବୁଧ୍ ଦ୍ୱାରା ମେଦଲୟନ ଏବଂ ଶାରିପୁତ୍ରଙ୍କୁ ବୌଧ୍ ଧର୍ମରେ ଦୀକ୍ଷିତ କରାଯାଇଥିବା କଥା ବର୍ଣ୍ଣିତ ।

ଭାଷ (୩୫୦ ଖ୍ରୀଷ୍ଟାବ୍ଦ ପୂର୍ବେ) ଙ୍କ ସ୍ୱପ୍ନବାସଦତ୍, ପ୍ରତିଜ୍ଞା ଯୌଗନ୍ଧରାୟଣ, ଅବିମାରକ, ଚାରୁଦତ୍, ପ୍ରତିମା, ଅଭିଷେକ ନାଟକ, ୫ରାତ୍ର, ମଧମବ୍ୟାୟୋଗ, ଦୂତବାକ୍ୟ, ଦୂତଘଟୋତ୍କଚ, କର୍ଣ୍ଣଭାର, ଉରୁଭଂଶ ଏବଂ ବାଲଚରିତ ଆଦି ୧୩ ଟି ନାଟକ । ଏଗୁଡ଼ିକ ମଧରୁ 'ଅବିମାରକ' ଏବଂ 'ଚାରୁଦତ୍' ପ୍ରାକୃତ ଭାଷା ଦୃଷ୍ଟିରୁ ଖୁବ୍ ମହତ୍ୱପୂର୍ଣ୍ଣ । ଅବିମାରକରେ ଅବିମାରକ ଏବଂ ତାର ମାମୁଁ ଝିଅ ଗୁରଂଗୀର ପ୍ରେମକଥା ଓ ବିବାହ ସୂତ୍ରରେ

ଆବଧ୍ କଥା ବର୍ଣ୍ଣିତ ।

'ଚାରୁଦତ୍' ରେ ଚାରୁଦତ୍ ଏବଂ ଗୁଣଗ୍ରାହିଣୀ ବେଶ୍ୟା ବସନ୍ତସେନାର ପ୍ରକୃତ ପ୍ରେମର ମର୍ମସ୍ପର୍ଶୀ ବର୍ଣ୍ଣନା ରହିଛି । ଏହି ନାଟକର ଦ୍ୱିତୀୟ ଅଙ୍କରେ ସଂସ୍କୃତ ନାହିଁ, ଚତୁର୍ଥ ଅଙ୍କରେ ଜଣେ ପାତ୍ର ମାତ୍ର ସଂସ୍କୃତ କହେ । ଅନ୍ୟ ଦୁଇଟି ଅଙ୍କରେ ପ୍ରାକୃତର ପ୍ରୟୋଗ ଖୁବ୍ ବେଶୀ । ପରବର୍ତ୍ତୀ କାଳରେ ଏହା ଅବଲମ୍ବନରେ 'ମୃଚ୍ଛକଟିକ' ପ୍ରକରଣ ଲେଖା ହୋଇଥିବା ଜଣାଯାଏ । ଦୂତ କାବ୍ୟ ଓ ୫ରାତ୍ର ବ୍ୟତୀତ ଅନ୍ୟ ନାଟକ ମାନଙ୍କରେ ପ୍ରାକୃତରେ ପ୍ରୟୋଗ୍ ମିଳେ ।

ଶୂଦ୍ରକଙ୍କ ମୃଚ୍ଛକଟିକ (ସମୟ ପ୍ରାୟ ଖ୍ରୀ. ଅ. ୫ମ ଶତାବ୍ଦୀ) ଏକ ସାମାଜିକ ନାଟକ । ଏଣୁ ଏଥିବରେ ସମାଜର ଯଥାର୍ଥ ଚିତ୍ର ରହିଛି । ଏଥିରେ ସଂସ୍କୃତ ଅପେକ୍ଷା ପ୍ରାକୃତର ପ୍ରୟୋଗ ବେଶୀ । ପାତ୍ର ସଂଖ୍ୟା ୩୦ ରୁ ବିବୃତି୍କାର ପୃଥ୍ୱୀଧରଙ୍କ ଅନୁସାରେ ସୂତ୍ରଧାର, ନଟୀ, ରଦନିକା, ମଦନିକା, ବସନ୍ତସେନା, ତାର ମା', ଚେଟୀ, କର୍ଣ୍ଣପୁରକ, ଚାରୁଦତ୍ର ବ୍ରାହ୍ମଣୀ ଶୋଧନକ ଏବଂ ଶ୍ରେଷ୍ଠୀ ଶୌରସେନୀରେ ବୀର ଏବଂ ଚନ୍ଦନକ ଅବନ୍ତୀରେ ବିଦୂଷକ ପ୍ରାତ୍ୟରେ ସଂବାହକ, ସ୍ଥାବରକ, କୁମ୍ଭୀଲକ, ବର୍ଦ୍ଧମାନକ, ଭିକ୍ଷୁ ଏବଂ ରୋହସେନ ମାଗଧୀରେ, ଶିକାର ଶକରୀରେ ଚଣ୍ଡାଳ, ଚାଣ୍ଡଳୀରେ, ମାଧୁର ଏବଂ ଦ୍ୟୁତକର ଚକ୍କୀରେ ତଥା ଶକାର, ସ୍ଥାବରକ ଏବଂ କୁମ୍ଭୀଲକ ଇତ୍ୟାଦି ମାଗଧୀରେ କଥାବାର୍ତ୍ତା କରନ୍ତି । ଏହାର ଭାଷା ଭରତଙ୍କ ନାଟ୍ୟଶାସ୍ତ୍ର ଅନୁସାରେ ଲିଖିତ । ଶୌରସେନୀ ଓ ମଗାଧୀର ପ୍ରୟୋଗ ବେଶୀ । ଏଥିରେ ଭାଷା ବୈଚିତ୍ର ଏବଂ ବୈଭବ ଲକ୍ଷଣୀୟ । ଏହି ନାଟକଟି ପ୍ରାକୃତ ଭାଷା ଅଧ୍ୟୟନ ଦୃଷ୍ଟିରୁ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ।

ମହାକବି କାଳିଦାସ (ଖ୍ରୀ. ଅ. ଚତୁର୍ଥ ଶତାବ୍ଦୀ) ମଧ ପ୍ରାକୃତ ଭାଷାର ଜଣେ ମହାନ୍ ପ୍ରେମୀ ଥିଲେ । ତାଙ୍କ ରଚନାରେ ଗଦ୍ୟ ପାଇଁ ଶୌରସେନୀ ଓ ପଦ୍ୟ ପାଇଁ ପ୍ରାୟତଃ ମହାରାଷ୍ଟ୍ରୀ ବ୍ୟବହାର କରିଥିଲେ । ନପୁଂସକ, ଜ୍ୟୋତି ଏବଂ ବିକ୍ଷିପ୍ତ ଶୌରସେନୀର କଥାବାର୍ତ୍ତା ହେଉଥିଲା । ସ୍ତ୍ରୀ ଏବଂ ଶିଶୁ ମହାରାଷ୍ଟ୍ରୀ, ପୋଲିସ୍ କର୍ମଚାରୀ ଏବଂ କେଉଟମାନେ ମାଗଧୀରେ କହୁଥିଲେ । ପ୍ରାକୃତ ସମାସାନ୍ତ ପଦାବଳୀରେ ସଂସ୍କୃତର ପ୍ରଭାବ ପରିଲକ୍ଷିତ ହୁଏ । ପ୍ରାକୃତର ସୁକୁମାର ଶବ୍ଦବିନ୍ୟାସ ଓ ଅପର୍ଯ୍ୟାପ୍ତ ପ୍ରବାଦ ଓ ପ୍ରବଚନାଦି ହେତୁ ନାଟକ ରମଣୀୟ ହୋଇପାରିଛି । ମାଳବିକାଗ୍ନି ମିତ୍ର ଏବଂ ବିକ୍ରମୋବଂଶୀୟରେ ପ୍ରାକୃତରେ ପ୍ରୟୋଗ ପ୍ରଚୁର ମାତ୍ରାରେ ଉପଲବ୍ଧ । ମାଳରେ ଚେଟୀ, ବକୁଳାବଳିକା, କୌମୁଦିକା, ପାଟରାଣୀ, ମାଳବିକା, ପରିଚାରିକା ଏବଂ ବିଦୂଷକ ପ୍ରାକୃତ କହନ୍ତି । ପ୍ରାକୃତର ସମ୍ବାଦ ଅତି ସୁନ୍ଦର ଓ ମର୍ମସ୍ପର୍ଶୀ ହୋଇଛି । ବିକ୍ରରେ ରମ୍ଭା, ମେନକା, ଚିତ୍ରଲେଖା, ଉର୍ବଶୀ ଆଦି ଅପସ୍ରାମାନେ ରାଜମହିଷୀ, କିରାତୀ, ତାପସୀ ଆଦି ସ୍ତ୍ରୀ ପାତ୍ର ପ୍ରାକୃତ କହନ୍ତି । ରାଜା ଓ ତାଙ୍କ

ସାଥୀମାନଙ୍କର ଭାଷା ସଂସ୍କୃତ ହେଲେ ମଧ ନାଟକର ବାତାବରଣ ପ୍ରାକୃତପୂର୍ଣ୍ଣ ହୋଇପାରିଛି ।

ଶ୍ରୀ ହର୍ଷ (ଖ୍ରୀ. ଅ. ୬୦୦-୬୪୦) 'ପ୍ରିୟଦର୍ଶିକା', 'ରତ୍ନାବଳୀ' ଏବଂ 'ନାଗାନନ୍ଦ' ରେ ପ୍ରାକୃତ ପ୍ରଚୁର ପରିମାଣରେ ବ୍ୟବହାର କରିଛନ୍ତି । ପୁରୁଷ ପାତ୍ର କମ୍ ଏବଂ ସ୍ତ୍ରୀ ପାତ୍ର ଏବଂ ବିଦୂଷକ ଇତ୍ୟାଦି ପ୍ରାକୃତରେ କଥାବାର୍ତ୍ତା ହୁଅନ୍ତି । ପଦ୍ୟରେ ମହାରାଷ୍ଟ୍ରୀ ସହ ଶୌରସେନୀର ମଧ ପ୍ରୟୋଗ ମିଳେ । ଦୁରୁହ ଶବ୍ଦ ଓ କଠିନ ସମାସର ଅଭାବ ପରିଲକ୍ଷିତ ହୁଏ । 'ନାଗାନନ୍ଦ'ରେ ସଂସ୍କୃତର ପ୍ରାଧାନ୍ୟ ରହିଛି । ଏଥିରେ ବି ନଟୀ, ବିଦୂଷକ, ଚେଟୀ, ନାୟିକା, ମଲୟବତୀ, ବିଟକିଙ୍କର ବୃଧା, ପ୍ରତିହାରି ଆଦି ପ୍ରାକୃତ କହନ୍ତି ।

ଭବଭୂତି (ଖ୍ରୀଷ୍ଟାବ୍ଦ ୭ ମ ଶତାବ୍ଦୀ) ଙ୍କ ତିନୋଟି ନାଟକରେ ସଂସ୍କୃତର ପ୍ରାଧାନ୍ୟ ପରିଲକ୍ଷିତ ହେଉଥିଲେହେଁ ମହାନାଟକରେ ପ୍ରାକୃତର ପ୍ରୟୋଗ ମିଳେ । ସଂସ୍କୃତ ଆଦର୍ଶରେ ହିଁ ଶୌରସେନୀର ପ୍ରୟୋଗ ।

ବିଶାଖଦତ୍ (ଖ୍ରୀଷ୍ଟାବ୍ଦ ୫ ମ ଶତାବ୍ଦୀ) ଙ୍କ 'ମୁଦ୍ରାରାକ୍ଷସ' ରେ ସଂସ୍କୃତର ପ୍ରାଧାନ୍ୟ ରହିଥିଲେ ହେଁ ଅନେକ ଦୃଶ୍ୟରେ ପ୍ରାକୃତର ପ୍ରୟୋଗ ରହିଛି । ଶୌରସେନୀ, ମହାରାଷ୍ଟ୍ରୀ ଏବଂ ମାଗଧୀର ପ୍ରୟୋଗ ଏଥିରେ ମିଳେ ।

ମହାଦେବ କବିଙ୍କ 'ଅଭଭୂତ ଦର୍ପଣ'ରେ କବି ଜୟଦେବଙ୍କ ପ୍ରଭାବ ପରିଲକ୍ଷିତ ହୁଏ । ଏଥିରେ ଅଙ୍ଗଦ ଦ୍ୱାରା ରାବଣ ନିକଟକୁ ଖବର ନେବା ଠାରୁ ରାମଚନ୍ଦ୍ରଭକ୍ତ ରାଜ୍ୟାଭିଷେକ ପର୍ଯ୍ୟନ୍ତ ଘଟଣାବଳୀର ବର୍ଣ୍ଣନା ମିଳେ । ରାକ୍ଷସୁଣୀଙ୍କ ସୂପର୍ଣାକୁ ଭର୍ତ୍ସନା ଦ୍ରଷ୍ଟବ୍ୟ :-

ଅୟି ମୂଢ଼େ । ଅଣତ୍ଥଆରିଣି ସୁପଣହେ । ଭକଖଣିମିତ୍ତଂ ମାରିଦା ଜାଣଇ ତି । ପରିକୁବିଦୋ ଭଟ୍ଟା ଜୀବନ୍ତୀ ଓ ଏକ ଅମ୍ହେ କୁକ୍କୁ ରାଣଂ ଉକଖଣଂ କାରିସ୍ସଦି । ତା ସମରଗ ଅସ୍ସ ଉତ୍ତୁଣୋ ପୁରଦୋ ଏବଂ ଜାଣଇଉତ୍ତଂ ଣିବେଦମ୍ହ । ରଦୋ ଜଂ ହୋଇ ତଂ ହୋଦୁ ।

ଏ ମୁଢ଼ା, ଅନର୍ଥକାରିଣୀ ସୁର୍ପଣଖା, ତୁ ନିଜର ଖାଦ୍ୟ ପାଇଁ ଜାନକୀକୁ ମାରି ପକାଇଛୁ । ସ୍ୱାମୀ କ୍ରୋଧିତ ହୋଇ ଆମ୍ଭମାନଙ୍କୁ କୁକ୍କୁରାଙ୍କୁ ଖୁଆଇ ଦେବ । ଏଣୁ ଯୁଦ୍ଧକୁ ଯିବା ପୂର୍ବରୁ ହିଁ ସ୍ୱାମୀଙ୍କ ଆଗରେ ଚାଲ ଜାନକୀ ସମାଚାର ଜଣାଇ ଦେବା । ତେବେ ଯାହା ହେବାକୁ ଥିବ ହେବ ।

ସଟ୍ଟକ

ଅଭିନବ ଗୁପ୍ତ (ଖ୍ରୀଷ୍ଟାବ୍ଦ ୧୦ ମ ଶତାବ୍ଦୀ)ଙ୍କ ନାଟ୍ୟ ଶାସ୍ତ୍ରର ଟୀକାରେ ସର୍ବପ୍ରଥମେ କୋହଲ ଇତ୍ୟାଦି ଦ୍ୱାରା ଲକ୍ଷ୍ୟ ତୋଟକ, ସଟ୍ଟକ ଏବଂ ରାସକର ପରିଭାଷା ଦେଲାବେଳେ

ସଟ୍ଟକକୁ ନାଟିକା ସହ ସମାନ ବୋଲି କୁହାଯାଇଛି । ହେମଚନ୍ଦ୍ରଙ୍କ ଅନୁସାରେ ସଟ୍ଟକ ଗୋଟିଏ ଭାଷାରେ ରଚିତ । କିନ୍ତୁ ନାଟିକାରେ ସଂସ୍କୃତ ଓ ପ୍ରାକୃତ ଭାଷାରେ ରଚିତ । କିନ୍ତୁ ନାଟିକାରେ ସଂସ୍କୃତ ଓ ପ୍ରାକୃତ ଉଭୟର ପ୍ରୟୋଗ ହୋଇଥାଏ ।'କର୍ପୂର ମଂଜରୀ' ଅନୁସାରେ

ସୋ ସଟ୍ଟଓ ତି ଭଣଇ ଦ୍ୱାରଂ ଜୋ ଣାଡ଼ିଆଇ ଅଣ୍ଣୁ ହରଇ ।
କିଂ ଭଣପବେ ସବିକ୍‌ଖୟ୍ କାଂଇଂ କେବଲଂଣ ଦୀସନ୍ତି ।।

ଯେଉଁଥିରେ ଅଙ୍କ, ପ୍ରଙ୍କେ ଏବଂ ବିଷ୍କମ୍ଭକ ନଥାଏ ସେହି ନାଟିକାକୁ ସଟ୍ଟକ କହନ୍ତି । ଅଙ୍କଗୁଡ଼ିକୁ 'ଜବନିକା' କୁହାଯାଏ । ଏଥବରେ ସନ୍ଧି ନଥାଏ । ପ୍ରଧାନ ରସ ହେଉଛି ଶୃଙ୍ଗାର ।ଅନ୍ୟ ରସ ଗୌଣ ଭାବରେ ଆସେ ।ରୌଦ୍ର ରସର ସ୍ଥାନ ଏଥିରେ ନାହିଁ ।ବୀର ଭୟାନକ ଏବଂ ବୀଭତ୍ସର କମ୍ ପ୍ରୟୋଗ ମିଳେ । ଅଦ୍ଭୁତ ରସ ଅବଶ୍ୟ ରହିଥାଏ । କଥା କବି କଳ୍ପନା ପ୍ରସ୍ତୁତ । ନାୟକ, ରାଜା ଓ ନାୟିକା ରାଣୀ କିମ୍ବା ହଂସପୁର ସହ ସମ୍ବନ୍ଧ ରଖୁଥିବା କିମ୍ବା ରାଜବଂଶ ଅଥବା ସଂଗୀତ ଶାଳାର କୌଣସି ଅତ୍ୟନ୍ତ ଗୁଣବତୀ ଏବଂ ଦୁତୀ ମଧ ଆସନ୍ତି ।ନାୟକ, ନାୟିକା ସଦଦେବୀ ସାହାଯ୍ୟ ଅଥବା ଅନୁମତିରେ ବିବାହ କରେ । ନାୟକ ଧୀରୋଦାତ୍ ଏବଂ ନାୟିକା ମୁଗ୍ଧା ଦିବ୍ୟାଏବଂ ମନୋହର ହୁଏ । ସଟ୍ଟକରେ ନୃତ୍ୟର ଆବଶ୍ୟକତା ରହିଛି । ଦ୍ରାବିଡ଼ ଭାଷାରେ ଆଟ୍ଟ (ମ)ର ଅର୍ଥ ହେଉଛି 'ନୃତ୍ୟ, ଅଭିନୟ ଯାହା ଅଡ୍ଡୁଡ଼ ବା ଆଡ୍ଡୁ ଧାତୁର ବ୍ୟୁତ୍ପନ୍ନ ଏବଂ ଯାହାର ଅର୍ଥ ହେଉଛି ନାଚିବା କିମ୍ବା ହାବ-ଭାବ ଦେଖାଇବା । ସଟ୍ଟକ ସମ୍ଭବତଃ ସଂ+ଅଟ୍ଟ+କ ରୁ ଗଠିତ । 'ସଟ୍ଟକ' ର ନାମ ନାୟିକାର ନାମରେ ହିଁ ନାମିତ । କର୍ପୁରଂମଂଜରୀ, ବିଲାସବତୀ, ଲୀଲାବତୀ, ରମ୍ଭା ମଂଜରୀ ଚନ୍ଦଲେହା, ଶୃଙ୍ଗାର ମଂଜରୀ ଆନ୍ଦ ସୁନ୍ଦରୀ ଇତ୍ୟାଦି ।

୧. କର୍ପୁର ମଂଜରୀ

ଏହା ସଟ୍ଟକମାନଙ୍କ ମଧରେ ସର୍ବାପେକ୍ଷା ଉତ୍ମ । ଏହାର ରଚୟିତା ହେଉଛନ୍ତି ସଂସ୍କୃତର ପ୍ରସିଧ୍ କବି ରାଜଶେଖର ।ସେ ଯାଯାବର ବ୍ରାହ୍ମଣ ଥିଲେ ଓ କନୌଜ ନରପତି ମହେନ୍ଦ୍ର ପାଳଙ୍କ ଉପାଧ୍ୟାୟ ଓ ରାଜକବି ଥିଲେ ।ଏହାଙ୍କ ପିତା କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ ଥିଲେ । ଏହାଙ୍କ ପତ୍ନୀ ଅବନ୍ତୀସୁନ୍ଦରୀ ମଧ ଜଣେ ବିଦୂଷୀ ଓ କବିୟତ୍ରୀ ଥିଲେ । ଏହାଙ୍କ ମନୋରଂଜନାର୍ଥେ ରାଜଶେଖର 'କର୍ପୂରମଂଜରୀ' ଲେଖିଲେ । 'କାବ୍ୟ ମୀମାଂସା' ଏହାଙ୍କ ଅନ୍ୟତମ କୃତି । ଏହାଙ୍କ ସମୟ ସନ୍ ୮୬୪ ରୁ ୯୨୫ ମଧରେ ବୋଲି କୁହାଯାଏ । ରାଜଶେଖର କାବ୍ୟଶାସ୍ତ୍ରର ଚଣେ ବିଖ୍ୟାତ ଆଚାର୍ଯ୍ୟ ଥିଲେ ।କର୍ପୁରମଂଜରୀରେ ପ୍ରାୟତଃ ଶୌରସେନୀ ପ୍ରାକୃତ ବ୍ୟବହୃତ । କେତେକ ସ୍ଥଳରେ ପଦ୍ୟରେ ମହାରାଷ୍ଟ୍ରୀ ପ୍ରାକୃତ ଲେଖିବାର ମନବଳାଇଛନ୍ତି ।

ପରିସୀ ସକ୍‌କ ଅବନ୍ଧା ପାଉ ଅବନ୍ଧୋ ବି ହୋଇ ସୁଭାମାରେ

ପୁରିସ ମହିଲାଣଂ ଜେତ୍ ଅମହନ୍ତରଂ ତେତ୍ ଅମିମାଣଂ ।।

ସଂସ୍କୃତର ରଚନା ପୁରୁଷ ଏବଂ ପ୍ରାକୃତର ରଚନା ସୁକୁମାର । ପୁରୁଷ ଏବଂ ମହିଳାମାନଭ୍‌କର ଯେତିକି ଅନ୍ତର, ଠିକ୍ ସେତିକ ଅନ୍ତର ସଂସ୍କୃତ ଓ ପ୍ରାକୃତ କାବ୍ୟରେ ବୋଲି ବୁଝିବାକୁ ହେବ ।' ଏଥିରେ ଚାରୋଟି ଜବନିକାନ୍ତରରେ କୁଂତଳକୁମାରୀ, କର୍ପୁର ମଂଜରୀ ଏବଂ ରାଜା ଚନ୍ଦ୍ରପାଲଙ୍କ ପ୍ରଣୟ କାହାଣୀ ବର୍ଣ୍ଣିତ । ରାଣୀ ଭ୍ରମଲେଖାଂକ ଇର୍ଷା ହେତୁ ନାୟକ ନାୟକାଂକ ପ୍ରେମରେ ବହୁ ବାଧା ଉପସ୍ଥିତ ହୁଏ । ଦିହେଁ ଗୁପ୍ତଭାବରେ ମିଶୁଥାନ୍ତି । ଏଥିରେ ବାଧା ସୃଷ୍ଟି ଏବଂ ନାୟକ ନାୟିକାଂକ ମିଳନ ବାହାନାରେ ନାଟ୍ୟକାର ସ୍ୱୀୟ କଳ୍ପନାର ମୌଳିକତା ଦେଖାଇଛନ୍ତି । ରାଣୀ ସୁଡ଼ଙ୍ଗ ବନ୍ଦ କରାଇ ଦେବାରୁ ଭୈରବାନନ୍ଦ ତାନ୍ତ୍ରୀକଂକ ସହାୟତାରେ ନୂତନ ରାସ୍ତା ବାହାର କରାଇ ଶେଷରେ ବାଟ ସାବିତ୍ରୀ ମହୋତ୍ସବରେ ରାଣୀ ନିଜ ପତିଂକ ମଙ୍ଗଳ କାମନାରେ ପ୍ରେରିତ ହୋଇ ବିବାହ ପାଇଁ ଅନୁମତି ଦେଇ ଦିଅନ୍ତି । କାରଣ ଏହି ବିବାହ ଦ୍ୱାରା ରାଜ୍ୟ ବିସ୍ତାରର ଆଶା କରାଯାଇଛି ।

ବସନ୍ତ, ସନ୍ଧ୍ୟା, ଚନ୍ଦ୍ରୋଦୟ, ଋତୁସୌନ୍ଦର୍ଯ୍ୟ, ରୂପସଜ୍ଜା ଆଦି ବର୍ଣ୍ଣନା କବି କର୍ମ ସୁଲଭ । ଏହାର ପ୍ରେମଗୀତ ବହୁତ ସୁନ୍ଦର ହୋଇପାରିଛି । ବିରହ ବର୍ଣ୍ଣନାରେ ନାଟ୍ୟକାର ସ୍ୱୀୟ ପ୍ରାକୃତ କାବ୍ୟ ପ୍ରତିଭାର ପରିଚୟ ଦେଇଛନ୍ତି । ଏହାର ଗୀତି ସୌନ୍ଦର୍ଯ୍ୟ ଅନୁପ୍ରାସ ମାଧୁର୍ଯ୍ୟ ଏବଂ ପଦ୍ୟ ଲାଳିତ୍ୟ ଦର୍ଶନୀୟ । ତତ୍‌କାଳୀନ ଭାଷାଶୈଳୀର ସୁନ୍ଦର ଚିତ୍ର ମିଳେ । ଏହାର ବିଶେଷତ୍ୱ ଛନ୍ଦର ବୈବିଧ୍ୟରେ ଦର୍ଶନୀୟ । ଗଦ୍ୟରେ ରୁଢ଼ ଓ ପ୍ରବଚନାଦିରେ ପ୍ରୟୋଗ ମିଳେ । ଆର୍ଯ୍ୟ, ଶାର୍ଦ୍ଦୁଳ ବିକ୍ରିଡ଼ିତ, ବସନ୍ତଲତିକା, ତ୍ରିଷ୍ଟୁପ୍ ଶୋକ ଏବଂ ସ୍ରଗ୍‌ଧାରା ଉଲ୍ଲେଖଯୋଗ୍ୟ ।

୨. ବିଲାସବତୀ

ବିଳାସବତୀର ଲେଖକ ପ୍ରାକୃତ ବ୍ୟାକରଣ 'ପ୍ରାକୃତ ସର୍ବସ୍ୱ'ର ରଚୟିତା ମାର୍କଣ୍ଡେୟ (ପ୍ରାୟଃ ସପ୍ତଦଶ ଶତାବ୍ଦୀ) । ଏହି ରଚନାଟି ଅପ୍ରାପ୍ୟ । ସାହିତ୍ୟ ଦର୍ପଣର ରଚୟିତା ବିଶ୍ୱନାଥ ବିଳାସବତୀ ନାମକ ଏକ 'ନାଟ୍ୟରାସକ'ର ଉଲ୍ଲେଖ କରିଛନ୍ତି । ପ୍ରାକୃତ ସର୍ବସ୍ୱରେ ନିମ୍ନଲିଖିତ ଗାଥା ପ୍ରାପ୍ତ - ପାଆଣ ଗଓ ଉମରୋ ଲବଭଇ ଦୁକଖଂ ଗଇନ୍ଦେସୁ ସୁହାଅ ରଜ୍ଜିକର ହୋଇ ରଣ୍ଣେଣ ।

୩. ଲୀଲାବତୀ

ମାଲବଗର ପ୍ରସିଧ୍ ପ୍ରବଂଧ କବି ରାମପଣିବାଦଙ୍କ ଏହା ବୀଥ ଅଟେ । ଏଥିରେ ମାତ୍ର ଗୋଟିଏ ଅଙ୍କହିଁ ଥାଏ । ଏକ, ଦୁଇଁ କିମ୍ବା ଅତି ଅଧିକରେ ତିନୋଟି ମାତ୍ର ପାତ୍ର ଥାଆନ୍ତି । ଏଥିରେ ଶୃଙ୍ଗାର ରସର ପ୍ରାଧାନ୍ୟ ଖୁବ୍ ବେଶୀ ଉପଲବ୍‌ଧ ହୁଏ । ଏହି କାରଣରୁ ଏହାର

ରାଜା ଦେବ ନାରାୟଣଙ୍କ ସମ୍ମୁଖରେ ଅଭିନୀତ ହୋଇଥିଲା । ବୀଥିର ଭାଷା ସାଧାରଣତଃ କୃତ୍ରିମ ।

୪. ଚନ୍ଦ୍ରଲେହା

ଏହି ସଟ୍ଟକଟି ୧୬୬୦ ଖ୍ରୀଷ୍ଟାବ୍ଦରେ ରଚିତ । ଏହାର ଲେଖକ କାଲିବଟ ନିବାସୀ ରୁଦ୍ର ଦାସ ପାରଣବ ବଂଶରେ ଜନ୍ମ ଗ୍ରହଣ କରିଲେ ।

ଚାରୋଟି ଜବନିକାନ୍ତର ବିଶିଷ୍ଟ ଏହି ସଟ୍ଟକରେ ମାନ ଦେବ ଓ ଚନ୍ଦ୍ରଲେଖାର ବିବାହ ବର୍ଣ୍ଣନା ମିଳେ । ଏଥିବରେ ଶୃଙ୍ଗାରର ପ୍ରାଧାନ୍ୟ ରହିଛି । ଏହାର ଶୈଳୀ ଓଜପୂର୍ଣ୍ଣ । କଥାବାର୍ତ୍ତା ଅତ୍ୟନ୍ତ ସୁନ୍ଦର । ଚିନ୍ତାମଣି ଦେବଙ୍କ କୃପାରୁ ସୁସାରର ସୁନ୍ଦରତମ ଯୁବତୀ ଅଙ୍ଗରାଜ ଚନ୍ଦ୍ରବର୍ମାଙ୍କ କନ୍ୟା ଚନ୍ଦ୍ରଲେଖା ମାନଦେବଙ୍କ ନିକଟକୁ ଆସିଲା । ତାକୁ ଦେଖିବା ମାତ୍ରେ ହିଁ ରାଜା ମୋହିତ ହୋଇଗଲେ । ପଟ୍ଟମହିଷୀଙ୍କ ଭୟରେ ଆଶଙ୍କିତ ରାଜା ଲୁକ୍କାୟିତ ଭାବରେ ଚନ୍ଦ୍ରଲେଖା ସହି ଦେଖା କରୁଥିଲେ । ପାଟରାଣୀ ଏହି ଗୁପ୍ତପ୍ରେମ ରହସ୍ୟକୁ ଜାଣିପାରିଲେ ଓ ଚନ୍ଦ୍ରଲେଖା ରାଣୀଙ୍କ ମାଉସୀର ଝିଅ, ରାଣୀ ଏ କଥା ଆଦୌ ଜାଣି ନଥିଲେ । ଚନ୍ଦ୍ରଲେଖାଙ୍କ ଭାଇ ଚନ୍ଦ୍ରକେତୁ ତାକୁ ଖୋଜି ଖୋଜି ପରିଶେଷରେ ସେଠି ପହଲେ । ରାଣୀ ତାଙ୍କ ଭାଇର ଦୁଃଖଜନିତ ଅବସ୍ଥା ଦେଖି ସେ ଚନ୍ଦ୍ରକେତୁଙ୍କ ଭଉଣୀଙ୍କୁ ଖୋଜିବାକୁ ରାଜାଙ୍କୁ ବିନୀତ ଅନୁରୋଧ କଲେ । ଚିନ୍ତାମଣି ଦେବତାଙ୍କ ସାହାଯ୍ୟରେ ଚନ୍ଦ୍ରଲେଖାଙ୍କୁ ଉଦ୍ଧାର କଲେ ଓ ଚନ୍ଦ୍ରଲେଖା ସଭିଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ପରିଶେଷରେ ଦେବତାଙ୍କ ନିର୍ଦ୍ଦେଶରେ ରାଜା ଓ ଚନ୍ଦ୍ରଲେଖାର ବିବାହ ପାଇଁ ରାଣୀଙ୍କ ଅନୁମତି ନେଲେ । କାରଣ ଚନ୍ଦ୍ରଲେଖା ସହିତ ବିବାହ ଫଳରେ (ଦେବତା କହିଲେ ଯେ) ରାଜା ଚକ୍ରବର୍ତ୍ତୀ ସମ୍ରାଟ ହୋଇ ପାରିବେ ।

ଏହି ସଟ୍ଟକର ପ୍ରାରମ୍ଭରେ ଚକ୍ରବର୍ତ୍ତୀ, ହବାର ମହତାକାଂକ୍ଷା ଦ୍ରଷ୍ଟବ୍ୟ । ଶୈଳୀ କର୍ପୁରାମଂଜରୀର ଶୈଳୀ ସହ ସାମଞ୍ଜସ୍ୟ ରଖେ । ଏହା ଗୋଟିଏ ସୁନ୍ଦର ରଚନା । ଶବ୍ଦାଳଙ୍କାର ଓ ସମାସାନ୍ତ ପାଦବୀଳୀ ବାହୁଲ୍ୟ ହେତୁ କୃତ୍ରିମ ଜଣାପଡ଼େ । ପଦ୍ୟଗୁଡ଼ିକରେ ପ୍ରାକୃତିକ ଦୃଶ୍ୟ ବର୍ଣ୍ଣନା ଅତି ସୁନ୍ଦର ହୋଇ ପାରିଛି । ନବଚନ୍ଦ୍ରର ଚିତ୍ରଣ ନିମ୍ନରେ ପ୍ରଦତ୍ତ ।

ଚଦଣ - ଚଚ୍ଚିଅ - ସଦ୍ଧ - ଦିସନ୍ତେ ।
ଗରୁ - ଚଓର - ସୁହାଇ - କୁଣନ୍ତେ ।
ଦୀହ - ପସାରିଅ - ପୀହିଇ - ବୁନ୍ଦେ ।
ଦୀସଇ - ଦିଣ୍ଣରସୋ ଟୀବ - ତନ୍ଦେ ।୩୨୧। ।।

ଅର୍ଥାତ୍, ସବୁ ଦିଗ ଦିଗନ୍ତକୁ ଚନ୍ଦନ ଚର୍ଚ୍ଚିତ କରି, ସୁନ୍ଦର ଚକୋର ପକ୍ଷୀଗୁଡ଼ିକୁ ସୁଖ ପ୍ରଦାନ କରି, ନିଜ କରିଣ ସମୂହକୁ ଦୂର ଦୂରାନ୍ତକୁ ପ୍ରସାର କରି ସରସ ନବଚନ୍ଦ୍ରମା

ଦେଖାଯାଏ ।

୫. ରମ୍ଭାମଞ୍ଜରୀ

ଏହାର ଲେଖି ନୟଚନ୍ଦ୍ର (୧୪ଶ ଶତାବ୍ଦୀ) ଭାଷାରେ କବିତାକରି ରାଜାମାନଙ୍କୁ ମନୋରଂଜନ କରିବାରେ ନିପୁଣ ଥିଲେ । ନିଜେ ନାଟ୍ୟକାରଙ୍କ ଉକ୍ତି ଯେ - ଏହା 'କର୍ବୁର ମଂଜରୀ' ଠାରୁ ଅଧିକ ସୁନ୍ଦର । ବାସ୍ତବରେ ଏହା ଯେମିତି କିଛି ଉଚ୍ଚକୋଟୀର ନୁହେଁ । ଯଦିଓ କଥାରେ ଅଛି ମୌଳିକତା ରହିଛି । କିନ୍ତୁ ସେତେ ରୁଚିକର ନୁହଁ । ପଦ୍ୟ ମଧ ଅପେକ୍ଷାକୃତ ସେତେ ଭଲ ନୁହଁ । ଏହା ତିନି ଜବନିକାନ୍ତର ବିଶିଷ୍ଟ ସଟ୍ଟକ । ଏଥିରେ ସଂସ୍କୃତର ପ୍ରୟୋଗ ମିଳେ ।

ବନାରସ ରାଜା ଜୈତଚନ୍ଦ୍ରଙ୍କ ସାତ ରାଣୀ । ତାଂକ ଲଟନରେଶ ଦେବରାଜଙ୍କ କନ୍ୟା ରମ୍ଭା ସହ ପ୍ରେମ ଥିଲା ଏବଂ ତାର ସହ ସେ ବିବାହ କରିବାକୁ ଚାହୁଁଥିଲେ । ରାଜା ମଦନ ଜ୍ୱରରେ ପୀଡ଼ିତ ହୋଇ ରମ୍ଭାର ଖବର ଜାଣିବାକୁ ନାରୟଣ ଦାସଙ୍କୁ ପଠାଇଲେ । ନାରାୟଣ ରମ୍ଭାକୁ ସଂଙ୍ଗରେ ନେଇ ଆସିଲେ । ରମ୍ଭା ଅନ୍ୟତ୍ର ବିବାହ କରି ସୁଧି ଜୈତଚନ୍ଦ୍ରଙ୍କ ପ୍ରେମରେ ଆନନ୍ଦ ଲାଭ କରିବାକୁ ଲାଗିଲା । କର୍ପୂରିକା (ପାଟ୍ଟରାଣୀଙ୍କ ସଖୀ) ସାହାଯ୍ୟରେ ରମ୍ଭା ଜୈତଚନ୍ଦ୍ର ସହ ମିଶିପାରିଲା । ମହାଦେବୀଙ୍କ ଭୟରେ ରମ୍ଭାକୁ ସ୍ୱସ୍ଥାନକୁ ପଠାଇ ଦିଆଗଲା । ପରେ କର୍ପୂରିକା ସହ ନିଦ୍ରାସୁଖ ଚାହିଁବା ସଂଗେ ରାଜାଙ୍କୁ ରମ୍ଭ ସୁଖ କରିବାକୁ କହିଲେ । ତା'ପରେ ରମ୍ଭା ଆସିଲା ଓ ରାଜାଙ୍କୁ ତା କୋଳରେ ବସାଇ ମନୋବିନୋଦନ କଲା । ବହୁ ସମୟ ପରେ ବି ସେହ ସମୟ କ୍ଷଣାର୍ଧି ପରି ଜଣାଗଲା । ପରେ ସେ ରମ୍ଭାକୁ ଅପହଣ କରାଇ ବିବାହ କରାଇଥିଲେ ।

ଏହି ସଟ୍ଟକଟି ଅପୂର୍ଣ କିମ୍ବା ଏହାର କିଛି ଅଂଶ ବିନଷ୍ଟ ହୋଇଥିବା ଜଣାଯାଏ । କାରଣ ଏହାର ଉଦ୍ଦେଶ୍ୟ କିଛି ବୁଝି ହେଉନାହିଁ । ନାୟମ ସାମନ୍ତବାଦୀ, ଯାହାର ସାତୋଟି ସ୍ତ୍ରୀ ଥାଇ ସୁଧି ପର କଳତ୍ର ରମ୍ଭା ସହ କାମକ୍ରୀଡ଼ା ପାଇଁ ମନ ବଳାଇ ଥିଲେ ଏବଂ ତାକୁ ଅପହରଣ କରି ଆଣି ତା ସହ ବିବାହ କରିବା ଆଭିଜାତ୍ୟ ସଂସ୍କାର ଅନୁକୂଳ ନୁହେଁ । କବିତା ଖୁବ୍ ସୁନ୍ଦର । ବର୍ଣ୍ଣନା ରସାତ୍ମକ, ଭାବଯୁକ୍ତ ଓ ବିବାହ ଜନିତ ମିଳନର ରସାତ୍ମକ ବର୍ଣ୍ଣନା କାବ୍ୟିକ ହୋଇ ପାରିଛି ।

୬. ସିଙ୍ଗାରମଂଜରୀ

ଆଲମୋଡ଼ା ନିବାସୀ ବିଶ୍ୱେଶ୍ୱର (୧୧ ଶ ଶତାବ୍ଦୀ ପୂର୍ବାଧି) ଙ୍କ ଶୃଙ୍ଗାର ମଞ୍ଜରୀ ପ୍ରାକୃତ ସାହିତ୍ୟର ଦ୍ୱିତୀୟ ସଟ୍ଟକ ।

ରାଜା ରାଜଶେଖର ସ୍ୱପ୍ନରେ ଜଣେ ସୁନ୍ଦରୀକୁ ଦେଖିବା ପରେ ବିବାହରେ ବ୍ୟାକୁଳ ହୋଇଗଲେ । ରାଣୀ ରୂପରେକାଙ୍କ ଦାସୀ ବସନ୍ତିତଲକାକୁ ସେହି ସୁନ୍ଦରୀର ଚିତ୍ର ଆଙ୍କିବାକୁ

କହିଲା । ଚିତ୍ରକୁ ଦେଖିବ ଦାସୀ କହିଲା - ସେ ତାର ସଖି ଓ ସେ ବି ରାଜାଙ୍କ ପାଇଁ ବିକଳ । ରାଣୀରାଜାଙ୍କୁ ମଦନ ପୂଜାକୁ ଡ଼ାକିଲେ । ଏଣେ ଉଦ୍ୟାନରେ ବସନ୍ତତିଲକା କଳି ତୁଟାଇ ରାଜାଙ୍କୁ କହିଲେ । ଏହି ଅବସରରେ ରାଜା ନିଜ ନାୟିକାକୁ ଦେଖିଲେ । ରାତିରେ ବସନ୍ତତିଲକା ରାଜାଙ୍କୁ ସୂଚନା ଦେଲେ ଯେ ସେହି ସୁନ୍ଦରୀ ସିଙ୍ଗାର ମଞ୍ଜରୀ ବିରହ ବ୍ୟଥାରେ ଅତ୍ୟନ୍ତ ପୀଡ଼ିତ ହୋଇ ଆତ୍ମହତ୍ୟା କରିବାକୁ ଯାଉଛି । ରାଜା ନାୟିକାକୁ ବାଇବାକୁ ଯାଇ ତାର ପ୍ରେମରେ ମଜ୍ଜିଗଲେ । ଏଣେ ମହାରାଣୀ ଏହି ପ୍ରେମବ୍ୟାପାର ଜାଣି ପାରି ସପତ୍ନୀ ଇର୍ଷା ହେତୁ ବିଦୂଷିକା ବସନ୍ତତିଲକା ଓ ସିଙ୍ଗାର ମଞ୍ଜରୀକୁ ବଂଦୀ କରାଇ ରଖିଲେ । ପାର୍ବତୀ ମନ୍ଦିରରେ ପୂଜାରିତ ରାଣୀ ଦିବ୍ୟ ରାଣୀ ଶୁଣି ରାଜାଙ୍କ ପ୍ରତି ର୍କ୍ତବ୍ୟପାଳନ ଉଦ୍ଦେଶ୍ୟରେ ସମସ୍ତଙ୍କୁ ମୁକ୍ତ କରିଦେଲେ । ରାଜା ସିଂଗାର ମଂଜରୀକୁ ବିବାହ କଲେ । ପରେ ଜଣାଗଲା ଯେ ସିଂଗାର ମଂଜରୀ ଅବନ୍ତୀ ରାଜା କଟାଳେତୁଙ୍କ କନ୍ୟା ।

ଏହି ସଟ୍ଟକର ଶିଳ୍ପ ପୁରାତନ ହେଲେ ବି ଏହାର ଗଠନ ଓ ବର୍ଣ୍ଣନାରେ ମୌଳିକତା ଦେଖାଯାଏ । ଭାଷା ଶୈଳୀ ପ୍ରସାଦଗୁଣ ସଂପନ୍ନା କବିତା ଖୁବ୍ ଉଚ୍ଚକୋଟୀର ।

୭. ଆନନ୍ଦ ସୁନ୍ଦରୀ

ଏହାର ରଚୟିତା କବି ଘନଶ୍ୟାମ, ମହାରାଷ୍ଟ୍ରରେ ୧୭୦୦ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ । ଏହି ସଟ୍ଟକରେ କର୍ପୂର ମଂଜରୀର ପ୍ରଭାବ ଆଦୌ ନାହିଁ ।

ଏହି ସଟ୍ଟକରେ ମୌଳିକତା ରହିଛି । ହାସ୍ୟ ଓ ବ୍ୟଙ୍ଗର ଉପାଦାନ ପ୍ରଚୁର ମାତ୍ରାରେ ମିଳେ । ଏଥିରେ ଦୁଇଟି ଗର୍ଭ ନାଟକ ରହି କଥାକୁ ଗତିଶୀଳ କରିଛି । ଏହାର କଥାକୁ ବିଶ୍ଳେଷଣ କଲେ ଜଣାଯାଏ ଯେ ଏହାକୁ କବି ସଂସ୍କୃତରେ ଭାବି ପ୍ରାକୃତରେ ଅନୁବାଦ କରିଥିଲେ । ଏଣୁ କୃତ୍ରମିତା ଦେଖାଯାଏ । ବରରୁଚିଙ୍କ 'ପ୍ରାକୃତ ପ୍ରକାଶ'ର ଅବଲମ୍ବନରେ ଭାଷାର ରୂପ ଗଢ଼ାଯାଇଛି । ରାଜାଶେଖରଙ୍କ ପ୍ରାକୃତିକ ନୈସର୍ଗିକ ରୂପ ଏଥିରେ ନାହିଁ । ଏହି ନାଟକରେ ବିଦୂଷକର ଉକ୍ତିର ଅଶ୍ଳୀଳ ହାସ୍ୟ ହେତୁ ଶିଥିଳତା ଆସିଛି । ଏଥିରେ ସାଗରର୍ଭକ ସମ୍ବାଦ ଗୁଡ଼ିକର ସଂଯୋଜନା ଖୁବ୍ ଉଚ୍ଚକୋଟୀର ।

ଚାରୋଟି ଜବନିକା ପ୍ରାକୃତେ କିନ୍ତୁ ପ୍ରଥମରେ ଦୁଇଥର ଏବଂ ଚତୁର୍ଥରେ ଥରେ ସଂସ୍କୃତର ପ୍ରୟୋଗ ମିଳେ । କବିତା ଦୃଷ୍ଟିରୁ ଏହା ଉତ୍ତମ ଶ୍ରେଣୀର ସଟ୍ଟକ ।